ରାହୁଲ ଗାନ୍ଧୀଙ୍କ ବ୍ୟାଗ୍ ଯାଞ୍ଚ |୬

ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store

ପୁଣି ବାପା ହେଲେ ରୋହିତ ଶର୍ମା |୭

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୨୮ Vol. 21 No-228 17 NOVEMBER 2024 SUNDAY BHUBANESWAR ରବିବାର, ୧୭ ନଭେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦

ସଂକ୍ଷେପରେ...

୫ ନକ୍ସଲ ନିହତ

ମାଲକାନଗିରି,୧୬।୧୧(ଭାସ୍କର ନ୍ୟୁଜ): ମାଲକାନଗିରି ସୀମାନ୍ତ ଛତିଶଗଡ଼ରେ ସୁରକ୍ଷା କର୍ମୀଙ୍କୁ ଏକ ବଡ଼ଧରଣର ସଫଳତା ମିଳିଛି। କମ୍ବିଂ ଅପରେସନ ସମୟରେ ଯବାନଙ୍କ ଗୁଳିରେ ନିହତ ହୋଇଛନ୍ତି ୫ ନକ୍ସଲ। ଛତିଶଗଡ଼ର କାଙ୍କେର-ନାରାୟଣପୁର ସୀମାନ୍ତ ଜଙ୍ଗଲରେ ଏହି ଏନକାଉଣ୍ଟର ହୋଇଛି। ସୁରକ୍ଷାକର୍ମୀ ଏକ ମାଓବାଦୀ ଶିବିର ଠାବ କରିବା ସହ ସେଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ପୋଷାକ ଜବତ କରିଛନ୍ତି। ଏହି ଘଟଣାରେ ୨ଜଣ ଯବାନ ମଧ୍ୟ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଏୟାରଲିफ्ट ଜରିଆରେ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ତଦନ୍ତ କମିଶନଙ୍କ କାର୍ଯ୍ୟକାଳ ବୃଦ୍ଧି

ଭୁବନେଶ୍ୱର,୧୬।୧୧(ଭାସ୍କର ନ୍ୟୁଜ): ଭୁବନେଶ୍ୱର ଭରତପୁର ଥାନାରେ ସେନା ଅଧିକାରୀ ଓ ଥାନା ଅଧିକାରୀଙ୍କ ମଧ୍ୟରେ ହୋଇଥିବା ଗଣ୍ଡଗୋଳର ତଦନ୍ତ କରୁଥିବା ଜଷ୍ଟିସ ଚିତ୍ତରଞ୍ଜନ ଦାସ କମିଶନଙ୍କ କାର୍ଯ୍ୟକାଳକୁ ଶନିବାର ରାଜ୍ୟ ସରକାର ବୃଦ୍ଧି କରିଛନ୍ତି। ତାଙ୍କ କାର୍ଯ୍ୟକାଳ ୨୦୨୫ ଜାନୁଆରୀ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏ ନେଇ ରାଜ୍ୟ ଗୃହବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ସିଙ୍ଗାପୁର ଗସ୍ତରେ ମୁଖ୍ୟମନ୍ତ୍ରୀ

ଶିଳ୍ପପତିଙ୍କ ପ୍ରଥମ ପସନ୍ଦ ହେବ ଓଡ଼ିଶା

- ଶିକ୍ଷାୟନ ପାଇଁ ପ୍ରସିଦ୍ଧ ସିଙ୍ଗାପୁର
- ଓଡ଼ିଶାକୁ ବିଦେଶରୁ ଆସିବ ନିବେଶ
- ଉତ୍କର୍ଷ ଓଡ଼ିଶା ପାଇଁ ହେବ ରୋଡ ଶୋ'
- ନିବେଶକଙ୍କୁ ଓଡ଼ିଶା ଆମନ୍ତ୍ରଣ କରିବେ
- ନିବେଶ ପାଇଁ ଓଡ଼ିଶା ସଂପୂର୍ଣ୍ଣ ପ୍ରସ୍ତୁତ

ଭୁବନେଶ୍ୱର,୧୬।୧୧(ଭାସ୍କର ନ୍ୟୁଜ): ଓଡ଼ିଶାକୁ ବିଦେଶରୁ ଆସିବ ନିବେଶ। ସିଙ୍ଗାପୁରରେ ଶିଳ୍ପ ଜଗତର ଶୀର୍ଷ ନେତୃତ୍ୱଙ୍କୁ ଭେଟି ଓଡ଼ିଶା ଆସିବା ପାଇଁ ଆମନ୍ତ୍ରଣ ଜଣାଇବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥିପାଇଁ ଶନିବାର ସକାଳୁ ୬ଦିନିଆ ସିଙ୍ଗାପୁର ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ଓ ବରିଷ୍ଠ ପ୍ରତିନିଧିମଣ୍ଡଳୀ। ସିଙ୍ଗାପୁର ଗସ୍ତ ପୂର୍ବରୁ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ବରିଷ୍ଠ ପ୍ରତିନିଧିମଣ୍ଡଳୀ ସହ ସିଙ୍ଗାପୁର ଯାଉଛି। ମୁଁ ଆଶା କରୁଛି, ଯେତେବେଳେ ସାରା ବିଶ୍ୱରୁ ନିବେଶକମାନେ ଭାରତରେ ନିବେଶ କରିବା ପାଇଁ ଚାହିଁବେ, ସେତେବେଳେ ଓଡ଼ିଶା ସେମାନଙ୍କ ପ୍ରଥମ ପସନ୍ଦ ହେବ। ସେ ଆହୁରି କହିଥିଲେ ଯେ ଶିକ୍ଷାୟନ ପାଇଁ ସିଙ୍ଗାପୁର ପ୍ରସିଦ୍ଧ। ସେଠାରେ କେମିକାଲ୍ସ, ପେଟ୍ରୋ କେମିକାଲ୍ସ, ଗ୍ରୀନ୍ ଏନର୍ଜୀ, ସେମିକଣ୍ଡକ୍ଟର, ଖାଦ୍ୟ ପ୍ରକ୍ରିୟାକରଣ ଆଦି କ୍ଷେତ୍ରରେ ବିଶ୍ୱର ବଡ଼ବଡ଼ କମ୍ପାନୀ କାମ କରୁଛନ୍ତି। ସେହି କମ୍ପାନୀର ଶୀର୍ଷ ନେତୃତ୍ୱଙ୍କ ସହ ମୁଁ ଆଲୋଚନା କରିବି। ପୁଞ୍ଜିପତିଙ୍କୁ ଆମ ରାଜ୍ୟର ପ୍ରାକୃତିକ ସମ୍ପଦ, ଦକ୍ଷ ମାନବସମ୍ବଳ ଏବଂ ଉନ୍ନତ ଶିଳ୍ପନୀତି ସଂପର୍କରେ ଅବଗତ କରାଇବି। ନିବେଶ ପାଇଁ ଓଡ଼ିଶା ସଂପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି। ଏଣୁ ଓଡ଼ିଶାରେ ନିବେଶ କରି ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ନିବେଶକଙ୍କୁ ଆମନ୍ତ୍ରଣ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସୂଚନାଯୋଗ୍ୟ ଯେ ରାଜ୍ୟରେ ଶିଳ୍ପର ବିକାଶ ପାଇଁ ସିଙ୍ଗାପୁର ଯାଇଥିବା ମୁଖ୍ୟମନ୍ତ୍ରୀ ସିଙ୍ଗାପୁରର ଉପପ୍ରଧାନମନ୍ତ୍ରୀ, ବୈଦେଶିକ ମନ୍ତ୍ରୀ, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟର ଅଧିକାରୀଙ୍କୁ ଭେଟିବେ। ଶିଳ୍ପ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ସିଙ୍ଗାପୁରରେ ଏକ ରୋଡ୍ ଶୋ' ଏବଂ ଭାବ ବିନିମୟ ଅଧିବେଶନର ଆୟୋଜନ କରାଯିବ। ଓଡ଼ିଶା ଟିମ୍ ସେଠାକାର ବିଭିନ୍ନ ଶିଳ୍ପସଂଘ ଓ ଓଡ଼ିଆ ଲୋକମାନଙ୍କ ସହ ଅର୍ଥନୈତିକ ଓ ସାଂସ୍କୃତିକ ସମ୍ପର୍କକୁ ସୁଦୃଢ ପାଇଁ ଆଲୋଚନା କରିବେ। ଓଡ଼ିଶାର ଧାମରା, ପାରାଦୀପ, ଗୋପାଳପୁର ବନ୍ଦର ଜରିଆରେ ଆମଦାନି ଓ ରପ୍ତାନୀ କାରବାରକୁ ନେଇ ରହିଥିବା ସମ୍ଭାବନା ବିଷୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନିବେଶକଙ୍କୁ ଅବଗତ କରାଇବେ। ରାଜ୍ୟର ନିବେଶ ପରିବେଶ ଓ ରପ୍ତାନୀ ସମ୍ଭାବନା ମଧ୍ୟ ଜଣାଇବେ। ସିଙ୍ଗାପୁରରେ ରହିଥିବା ଉନ୍ନତ ପ୍ରଯୁକ୍ତି ବିଦ୍ୟାକୁ ଓଡ଼ିଶା ଆଣିବା ପାଇଁ ପ୍ରୟାସ କରିବେ। ଏଥିସହ ଦକ୍ଷତାବିକାଶ ଓ ବୈଷୟିକ ଶିକ୍ଷାଭଳି କ୍ଷେତ୍ରରେ ସିଙ୍ଗାପୁର ସହିତ ସହଯୋଗିତା ବୃଦ୍ଧି ପାଇଁ ଶ୍ରୀ ମାଝୀ ଗୁରୁତ୍ୱ ମଧ୍ୟ ଦେବେ। ରାଜ୍ୟକୁ ବିଶ୍ୱମଞ୍ଚରେ ଉପସ୍ଥାପନ କରିବା ଲାଗି ଏହା ହେବ ପ୍ରଥମ ଅନ୍ତର୍ଜାତୀୟ ଗସ୍ତ ବୋଲି ଶ୍ରୀ ମାଝୀ କହିଥିଲେ। ସୂଚନାଯୋଗ୍ୟ ଯେ ୨୦୨୫ ଜାନୁଆରୀ ୨୮ ଓ ୨୯ ତାରିଖରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟର ପ୍ରମୁଖ ନିବେଶକ ସମ୍ମିଳନୀ ଉତ୍କର୍ଷ ଓଡ଼ିଶା-୨୦୨୫ରେ ଅଂଶଗ୍ରହଣ କରିବା ପାଇଁ ସେ ସିଙ୍ଗାପୁରର ନିବେଶକମାନଙ୍କୁ ଆମନ୍ତ୍ରଣ କରିବାର କାର୍ଯ୍ୟକ୍ରମ ରହିଛି।

ଆତଙ୍କବାଦକୁ ନେଇ ମୋଦୀଙ୍କ କଡ଼ା ଆଭିମୁଖ୍ୟ

ନିଜ ଘରେ ବି ସୁରକ୍ଷିତ ରହିପାରିବେନି

ନୂଆଦିଲ୍ଲୀ,୧୬।୧୧: ଆତଙ୍କବାଦକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ହିନ୍ଦୁସ୍ତାନ ଟାଇମ୍ସର ଲିଡରସିପ୍ ସମିଟିରେ ଯୋଗଦେଇ ମୋଦୀ ଆତଙ୍କବାଦ ଉପରେ ଶନିବାର ଏକ ବଡ଼ ବିବୃତି ରଖିଛନ୍ତି। ସେ କହିଛନ୍ତି, ପୂର୍ବରୁ ଏପରି ଏକ ସମୟ ଥିଲା, ଯେତେବେଳେ ପଡ଼ୋଶୀ ରାଷ୍ଟ୍ରରୁ ଆତଙ୍କବାଦୀ ଆମ ଦେଶ ଭିତରେ ପ୍ରବେଶ କରି ହିଂସା ଭିଆଉଥିଲେ। ଫଳରେ ଆମ ଲୋକମାନେ ନିଜ ଘରେ ଓ ସହରରେ ଅସୁରକ୍ଷିତ ଭାବେ ରହି ଆସୁଥିଲେ। କିନ୍ତୁ ବର୍ତ୍ତମାନ ସ୍ଥିତିରେ ପରିବର୍ତ୍ତନ ଘଟିଛି। ଏବେ ଆତଙ୍କବାଦୀମାନେ ସେମାନଙ୍କ ଘରେ ମଧ୍ୟ ସୁରକ୍ଷିତ ନୁହନ୍ତି। ପ୍ରଧାନମନ୍ତ୍ରୀ ଆହୁରି କହିଥିଲେ ଯେ ମୁଁ ୨୬/୧୧ ମୁମ୍ବାଇ ଆକ୍ରମଣର ରିପୋର୍ଟ ଦେଖିଛି। ସେତେବେଳେ ଆତଙ୍କବାଦ ପାଇଁ ଲୋକେ ନିଜ ଘରେ ମଧ୍ୟ ନିଜକୁ ଅସୁରକ୍ଷିତ ମନେ କରୁଥିଲେ। କିନ୍ତୁ ବର୍ତ୍ତମାନ ସମୟ ବଦଳି ଯାଇଛି। ସେ ଆହୁରି କହିଥିଲେ ଯେ ତାଙ୍କ ସରକାର ଭୋଟବ୍ୟାଙ୍କ ରାଜନୀତିଠାରୁ ଦୂରରେ ରହିଛନ୍ତି। ଦେଶ ଓ ଦେଶବାସୀଙ୍କ ବିକାଶ ପାଇଁ ତାଙ୍କ ସରକାର କାର୍ଯ୍ୟ କରୁଛି। ସେ କହିଥିଲେ ଯେ ମହାରାଷ୍ଟ୍ରର ● ପୃଷ୍ଠା ୫ ଦେଖନ୍ତୁ

ଶ୍ରୀଜଗନ୍ନାଥଙ୍କ ଜମି ଜାଲିଆତି, ଥାନାରେ ଏତଲା

ବରଦାସ୍ତ କରାଯିବନି: ମୁଖ୍ୟ ପ୍ରଶାସକ

ପୁରୀ,୧୬।୧୧(ଭାସ୍କର ନ୍ୟୁଜ) : ପୁରୀ ମାଟିତୋଟା ମୌଜାରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଥିବା ଜମି ବେଆଇନ୍ ଭାବରେ ଜବରଦଖଲ କରି ହସ୍ତାନ୍ତର ଉଦ୍ୟମ ହୋଇଥିବା ଶ୍ରୀମନ୍ଦିର ପ୍ରଶାସନ ନଜରକୁ ଆସିଛି । ଏ ନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବାସେଳୀସାହି ଥାନାରେ ଏତଲା ଦାଖଲ କରାଯାଇଛି। ମୌଜା- ମାଟିତୋଟା ୟୁନିଟ୍ ନଂ-୧, ଖାତା ନମ୍ବର-୩୮ର ସମୁଦାୟ ୧୦୯ ଟି ପ୍ଲଟର ଏହି ଜମିକୁ ବେଆଇନ୍ ଭାବେ ହାତେଇବାକୁ ହୋଇଥିବା ଉଦ୍ୟମକୁ କଦାପି ବରଦାସ୍ତ କରାଯିବ ନାହିଁ । ଏହା ଉପରେ ତୁରନ୍ତ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ● ପୃଷ୍ଠା ୫ ଦେଖନ୍ତୁ

PATANJALI®

ଶ୍ରେଷ୍ଠତମ ବାଛନ୍ତୁ

ପତଞ୍ଜଳିର ଔଷଧଠାରୁ ଆରମ୍ଭ କରି ଫୁଡ୍ ଏବଂ ପର୍ସନାଲ କେୟାର ପର୍ଯ୍ୟନ୍ତ ଉତ୍ପାଦନ କାପାସିଟି ୧୦୦% ଇନ ହାଉସ୍‌ରେ କରାଯାଉଛି। ନ୍ୟାସନାଲ ପ୍ରାକୃତିକ ସାମଗ୍ରୀ ପ୍ରସ୍ତୁତ କରିବାରେ **ବିଶ୍ୱର ୧ ନମ୍ବର** ରିସର୍ଚ୍ଚ ଫାଉଣ୍ଡେସନ ଆମ ପାଖରେ ଉପଲବ୍ଧ, ଯେଉଁଥିରେ ୨୫୦୦ ବୈଜ୍ଞାନିକ ଏବଂ ଡାକ୍ତର ସେବାରତ। ୫୦୦୦ରୁ ଅଧିକ ରିସର୍ଚ୍ଚ ପ୍ରୋଟୋକଲ ଅନୁସରଣ କରି ୫୦୦ରୁ ଅଧିକ ରିସର୍ଚ୍ଚ ପେପର ଅନ୍ତର୍ଜାତୀୟ ଜର୍ଣ୍ଣାଲରେ ପ୍ରକାଶିତ।

ପିଆରଏଫ୍ ଦ୍ୱାରା କରାଯାଇଥିବା ଗବେଷଣାର ସଂପୂର୍ଣ୍ଣ ବିବରଣୀ ଜାଣିବା ପାଇଁ ସ୍କାନ କରନ୍ତୁ।

Patanjali Research Foundation

ଯୋଗ, ଆୟୁର୍ବେଦ, ପ୍ରକୃତି ଏବଂ ସନାତନ ସଂସ୍କୃତିକୁ ଆପଣାନ୍ତୁ

PATANJALI® wellness
Yoga, Ayurveda & Naturopathy

ଯୋଗଗ୍ରାମ, ନିରାମୟମ ଏବଂ ୱେଲନେସ୍‌ରେ ୭ଦିନ ଆବାସିକ ଇଣ୍ଟିଗ୍ରେଟେଡ୍ ଟ୍ରିଟ୍‌ମେଣ୍ଟ କରାଇ ସମସ୍ତ ରୋଗରୁ ମୁକ୍ତି ପାଆନ୍ତୁ, ରୋଗକୁ ଦୂରାନ୍ତୁ।

ଟ୍ରିଟମେଣ୍ଟ ପାଇଁ କଲ୍ କରନ୍ତୁ

8954666111, 8954666222, 8954666333

ପତଞ୍ଜଳି ବାଛନ୍ତୁ

ପତଞ୍ଜଳିରେ ଆମର ଉପଚାର ଏବଂ ଉପକାର ଭାବନା, ଦେଶକୁ ପରିବାର ଭାବନା, ଅର୍ଥ ଉପାର୍ଜନ ପାଇଁ ନୁହେଁ, ଉତ୍ତମ ସାମଗ୍ରୀ ପ୍ରସ୍ତୁତ କରୁଛୁ। ଆପଣଙ୍କଠାରୁ ପାଉଥିବା ଲାଭ ୧୦୦% ବିଭିନ୍ନ ସେବା କାର୍ଯ୍ୟରେ ବିନିଯୋଗ। ଏହି ଅର୍ଥ ପରମାର୍ଥଙ୍କ ସଂସ୍ଥାନ, ଦେଶର ସ୍ୱାଭିମାନ ଅଟେ। ଶିକ୍ଷା ଏବଂ ଚିକିତ୍ସାର ଗୁଲାମୀ, ଆର୍ଥିକ ଏବଂ ବୈଚାରିକ ଗୁଲାମୀ ଇତ୍ୟାଦିରୁ ମୁକ୍ତ। ସୁସ୍ଥ, ସମୃଦ୍ଧ, ପରମ ବୈଭବଶାଳୀ ଭାରତ ନିର୍ମାଣ ଲକ୍ଷ୍ୟରେ ଆମେ ଲକ୍ଷେ-କୋଟିଏ ଭାରତମାତାର ସେବା କାର୍ଯ୍ୟରେ ବିନିଯୋଗ କରୁଛୁ।

ଶରୀର ଭିତରେ କମଜୋର ସବୁ ରୋଗର କାରଣ ହୋଇଥାଏ, ତଥା ରୋଗ ଆୟୁର୍ବେଦ ଦ୍ୱାରା ପୂର୍ଣ୍ଣ ନିବାରଣ ହୋଇଥାଏ।

ସିନ୍ଥେଟିକ୍ (ଏଲୋପାଥିକ) ଔଷଧରେ ଆପଣ କମଜୋର, ଲିଭର, କିଡନୀ, ହାର୍ଟ, ବ୍ରେନ୍, ଶିରାପ୍ରଶିରା, ହାଡ ଇତ୍ୟାଦିର ପୁନଃ ସଂସ୍ଥାପନ ସଂପୂର୍ଣ୍ଣ ସୁସ୍ଥ ହୋଇପାରିବେନି, ଯେଉଁଠି ଯୋଗ, ଆୟୁର୍ବେଦ, ନେଚୁରପାଥି ଦ୍ୱାରା ଆପଣଙ୍କ ଶରୀରର ସବୁ ଅଙ୍ଗର ପୁନଃ ସଂସ୍ଥାପନ ସହ ସଂପୂର୍ଣ୍ଣ ଶକ୍ତିଶାଳୀ ଏବଂ ସୁସ୍ଥ ରଖିଥାଏ। ଏଠାରେ ଆମେ ଏହା ଗବେଷଣା ସହ ପ୍ରମାଣ କରି ଦେଖାଇପାରିଛୁ।

କମଜୋର ଥିବା ଲିଭରକୁ ପୂର୍ବ ଅବସ୍ଥାକୁ ଫେରାଇ ଆଣିବା ସହ ସୁସ୍ଥ ଓ ଶକ୍ତିଶାଳୀ କରିବା ପାଇଁ ଗବେଷଣା ଏବଂ ପ୍ରାମାଣିକ ତଥ୍ୟ ଆଧାରରେ ସର୍ବୋତ୍ତମ ଔଷଧ ଅଟେ- **ଲିଭୋଗ୍ରୀଟ୍ ଏବଂ ଲିଭୋଗ୍ରୀଟ୍ ବାଇଟଲ୍।**

ଦୁର୍ବଳ କିଡନୀକୁ ପୂର୍ବ ଅବସ୍ଥାକୁ ଫେରାଇ ଆଣି କ୍ରିୟାଶୀଳ ଏବଂ ସଶକ୍ତ କରିବାପାଇଁ ଗବେଷଣା ଏବଂ ପ୍ରମାଣିକ ତଥ୍ୟରେ ପ୍ରସ୍ତୁତ ସର୍ବୋତ୍ତମ ଔଷଧ- **ରିନୋଗ୍ରୀଟ୍।**

ଦୁର୍ବଳ ପାକସ୍ଥଳୀର ପୂର୍ବ ଅବସ୍ଥା ଏବଂ ଶିରା ପ୍ରଶିରାକୁ ସଠିକ କରିବା ପାଇଁ ପ୍ରାକୃତିକ ଭାବେ ସୁସ୍ଥ ରଖିବା ପାଇଁ ରିସର୍ଚ୍ଚ ଏବଂ ପ୍ରାମାଣିକ ତଥ୍ୟ ଅନୁଯାୟୀ ଉତ୍ତମ ଔଷଧ- **ମଧୁନାଶିନୀ, ମଧୁଗ୍ରୀଟ୍, ପେନକୋଗ୍ରୀଟ୍।**

ସହରରୁ ଆରମ୍ଭ କରି ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପ୍ରଦୂଷଣ ଯୋଗୁ କମଜୋର, ସର୍ଦ୍ଦି, ଶ୍ୱାସ, କଫ, ଥଣ୍ଡାରେ କୋଟି କୋଟି ଲୋକ ପୀଡ଼ିତ ହେଉଥିବାରୁ ଏଥିପାଇଁ ଶ୍ରେଷ୍ଠତମ ଅଟେ- **ଶ୍ୱାସରୀ ପ୍ରବାହୀ, ବ୍ରୋକୋମ, ଶ୍ୱାସରୀ ବଟି ଏବଂ ଶ୍ୱାସରୀ ଗୋଲ୍ଡ।**

ବାତ ରୋଗୀମାନଙ୍କର ଶୀତଦିନେ ଥଣ୍ଡା, ସର୍ଦ୍ଦି ବୃଦ୍ଧି ପାଇଥାଏ। ଏଥିପାଇଁ ଗବେଷଣା ଏବଂ ପ୍ରାମାଣିକ ତଥ୍ୟ ଅନୁଯାୟୀ ବେଷ୍ଟ ଆୟୁର୍ବେଦିକ ଔଷଧ ଉପଲବ୍ଧ- **ପିଡାନିଲ ଗୋଲ୍ଡ, ଆର୍ଥୋଗ୍ରୀଟ୍, ଅଶ୍ୱଶୀଳା, ଯୋଗରାଜ ଗୁଗୁଳ, ଚନ୍ଦ୍ରପ୍ରଭା ବଟି, ତ୍ରୟୋଦଶାଙ୍ଗ ଗୁଗୁଳ ଆଦି।**

ପତଞ୍ଜଳିର ସମସ୍ତ ଔଷଧ ପତଞ୍ଜଳି ମେଗାଷ୍ଟୋର, ପତଞ୍ଜଳି ଚିକିତ୍ସାଳୟ ଏବଂ ଦେଶର ମୁଖ୍ୟ ଷ୍ଟୋରଗୁଡ଼ିକରେ ଉପଲବ୍ଧ। ବୈଦ୍ୟଙ୍କ ସହ ନିଃଶୁଳ୍କ ପରାମର୍ଶ କରି ଆପଣ ଘରେ ରହି ସମସ୍ତ ରୋଗରୁ ମୁକ୍ତି ପାଇବା ପାଇଁ ଆପଣଙ୍କ ନିକଟସ୍ଥ ପତଞ୍ଜଳି ଷ୍ଟୋରକୁ ଅବଶ୍ୟ ଯାଆନ୍ତୁ। ଅଧିକ ଜାଣିବା ପାଇଁ ସ୍କାନ କରନ୍ତୁ।

Shop Online- www.patanjaliayurved.net | Customer Care Number - 18001804108

The usage of the medicine mentioned above is suggestive in nature and it is the choice of the treatment in the management of above-mentioned diseases. Avoid self-medication and always take the medicines under medical supervision.

କେନ୍ଦୁଝର(ଭାସ୍କର ନ୍ୟୁଜ୍): ଶୁକ୍ରବାର ସଦର ବ୍ଲକ ଅନ୍ତର୍ଗତ ନେଲୁଙ୍ଗ ପଞ୍ଚାୟତ ସ୍ଥିତ ଆଦିବାସୀ ବହୁଳ ଜଡିଖୁଣ୍ଟା ଗ୍ରାମରେ 'ବିର୍ସା ମୁଣ୍ଡା'ଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ଓ କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ ମିଳିତ ସହଯୋଗରେ ଗ୍ରାମର କୁନି କୁନି ଶିଶୁ ଓ ଅଭିଭାବକଙ୍କୁ ନେଇ ବିର୍ସା ମୁଣ୍ଡାଙ୍କ ଦେଶପ୍ରେମର ବଳିଦାନକୁ ମନେ ପକାଇ ସଭିଙ୍କୁ ତାଙ୍କ ଭଳି ଦେଶ ଓ ଜାତିର ଉନ୍ନତି ମୂଳକ କାର୍ଯ୍ୟର ମୂଲ୍ୟବୋଧକୁ ଉପଲବ୍ଧି କରାଇ ଆଦିବାସୀ ଜନଜାତିର ଉନ୍ନତି ନିମନ୍ତେ ଆଲୋକପାତ କରାଯଇଥିଲା । କୁନି କୁନି ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ସଚେତନତା ଭାବନା ନେଇ ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ ପକ୍ଷରୁ ଡ଼. ବିମ୍ବାଧର ବେହେରା ଓ ଭକ୍ତ ବତ୍ସଳ ମହାନ୍ତି ଯୋଗଦେଇଥିଲେ । ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ ସଭାପତି ମନୋଜ କୁମାର ମହାନ୍ତ, ସମ୍ପାଦକ ରଣଜିତ କୁମାର ମହାନ୍ତ, ସୁଶାନ୍ତ କୁମାର ମହାନ୍ତ, ଅଜୟ କୁମାର ମହାନ୍ତ , ଗ୍ରାମର ରଶ୍ମିତା ମୁଣ୍ଡା, ସୁଭାଷିନୀ ମୁଣ୍ଡା ପ୍ରମୁଖ କାର୍ଯ୍ୟକ୍ରମଟିକୁ ଆୟୋଜନ କରି ସଫଳ କରିଥିଲେ ।

ଉପଖଣ୍ଡସ୍ତରୀୟ ୩ଦିନିଆ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ

ଚାଷୀଙ୍କ ଆୟ ୨ ଗୁଣା ବୃଦ୍ଧି ହେବା ପ୍ରଧାନମନ୍ତ୍ରୀ ଚାହାଁନ୍ତି: ସାଂସଦ

ଭଞ୍ଜନଗର(ଭାସ୍କର ନ୍ୟୁଜ): ସ୍ଥାନୀୟ କବି ସମ୍ରାଟ ଷ୍ଟାଡିୟମ ପରିସରରେ ଚାଲିଥିବା ୩ ଦିନିଆ ଉପଖଣ୍ଡସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଅନ୍ତିମ ଦିବସରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଗ୍ରାମାଞ୍ଚଳ ଚାଷୀଙ୍କ ଅର୍ଥନୈତିକ ବିକାଶ ହେଲେ ରାଜ୍ୟ ତଥା ଦେଶର ବିକାଶ ହେବ ବୋଲି ଉଲ୍ଲେଖ କରିଥିଲେ । ଆଧୁନିକ ପ୍ରଣାଳୀ ରେ ନିର୍ମିତ ସମସ୍ତ ପ୍ରକାର କୃଷି ଯନ୍ତ୍ରପାତିକୁ ସରକାର ରିହାତି ଦରରେ ଚାଷୀ ମାନଙ୍କୁ କୃଷି ବିଭାଗ ମାଧ୍ୟମରେ ଯୋଗାଇ ଦେଉଛନ୍ତି । ପ୍ରକୃତ ହିତାଧିକାରୀଙ୍କ ନିକଟରେ ସରକାରଙ୍କ ସମସ୍ତ ଯୋଜନା ପହଞ୍ଚିଲେ କୃଷି ଓ କୃଷକର ବିକାଶ ହେବ ଏକଥା ଆମ ପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚାହାନ୍ତି । ଚାଷୀ ର ଆୟ ୨ ଗୁଣା ବୃଦ୍ଧି ପାଇଲେ ଦେଶର ଅଭିବୃଦ୍ଧି ହାର ବଢିବ । ଏଣୁ ନିଜ ନିଜ ଅଞ୍ଚଳର ଚାଷ ଓ ଚାଷୀଙ୍କ ତାଲିକା ପ୍ରସ୍ତୁତ କରି ସେମାନେ ଯେପରି ବହୁମୁଖୀ ଚାଷ ପ୍ରଣାଳୀ ଆପଣାଇ ନିଜର ବିକାଶ ସହ ଦେଶର ବିକାଶ ରେ ଯୋଗଦାନ ଦେଇପାରିବେ ସେ ଦିଗରେ ସଭିଏଁ କାର୍ଯ୍ୟ କରିବାକୁ ସାଂସଦ ପାଣିଗ୍ରାହୀ ଆହ୍ୱାନ ଦେଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭଞ୍ଜନଗର କୃଷି ଜିଲ୍ଲା ଅଧିକାରୀ ବ୍ୟୋମକେଶ ମିଶ୍ର ଅଧ୍ୟକ୍ଷତା କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଓ ଜୟନ୍ତୀ ପଢିଆରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ତିନିଦିନ ଧରି ଚାଲିଥିବା ଏହି ମେଳାରେ ଟ୍ରାକ୍ଟର,ପାୱାର ଟିଲର, ଧାନ ଅମଳ, ଧାନ ରୁଆ,ମଞ୍ଜି ସଫା,ରୋଟାଭେଟର,ଘାସ ଛେଦନ, କୋଡାଖୁସା,ଘାସ କଟା,ଗାତ ଖୋଳା,ଧାନ କଳ,ମକା ଛଡା,ଡାଲି କଳ,ତେଲ କଳ,ମୁଢି ମିଲ୍,ବିହନ ବୁଣା,ସାର ବୁଣା ଓ ଔଷଧ ସିଞ୍ଚନ ଭଳି ବିଭିନ୍ନ କୃଷି ଯନ୍ତ୍ରପାତି ରିହାତି ବିକ୍ରି ସହ ପ୍ରଦର୍ଶନ କରାଯାଇଥିଲା । ଏହା ସହ ଅଞ୍ଚଳର ଚାଷୀମାନଙ୍କୁ ନେଇ କୃଷି ପାଠଶାଳା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହି ମେଳାରେ ବିଭିନ୍ନ ପ୍ରକାର ଅତ୍ୟାଧୁନିକ କୃଷି ଯନ୍ତ୍ରପାତି,ବିଭିନ୍ନ ମହିଳା ଏସଏଚଜି ଗୋଷ୍ଠୀର ଉତ୍ପାଦିତ ଦ୍ରବ୍ୟ ବିକ୍ରି ସହ ସରକାରଙ୍କ ବିଭିନ୍ନ ବିଭାଗର ୨୫ ଷ୍ଟଲ ମେଳାରେ ଖୋଲା ଯାଇଥିଲା । ଭଞ୍ଜନଗର ଉପଖଣ୍ଡ ଅଧିନ ୮ଟି ବ୍ଲକର ଚାଷୀ ଯୋଗ ଦେଇଥିଲେ । ସହକାରୀ କୃଷି ଅଧିକାରୀ ଦିବ୍ୟରଞ୍ଜନ ମାଝୀ ଶେଷରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସାଂସଦ ପାଣିଗ୍ରାହୀ ଓ ବିଧାୟକ ନାୟକ ବିଭିନ୍ନ ଷ୍ଟଲ୍ ବୁଲି ଦେଖିବା ସହ ଶେଷରେ ତାମନାଡ ମହିଳା ଉତ୍ପାଦିକା ସଂଘ ପକ୍ଷରୁ ଖୋଲା ଯାଇଥିବା କତା କଣ୍ଢେଇ ଷ୍ଟଲ୍ ଦେଖି ବେଶ କିଛି ମୁହୂର୍ତ୍ତ ସେଠାରେ ଅଟକି ଏହି କତା କଣ୍ଢେଇ ର ବଜାର ଚାହିଦା ପୂରଣ ପାଇଁ ସରକାରୀ ସହାୟତା ରେ ଭଞ୍ଜନଗର ସହର ରେ ଏକ ବଜାର ଗୃହ ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଥିଲେ ।

ଜନଜାଗରଣ ସମାବେଶ

ଗନ୍ଧମାର୍ଦ୍ଦନ ପାହାଡ଼ର ସୁରକ୍ଷା ପାଇଁ ଏକ ହେବାକୁ ଆହ୍ୱାନ

ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ହାଇସ୍କୁଲ ପଡିଆ ଠାରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଓ ଆଦିବାସୀ କଲ୍ୟାଣ ସଂଘ୍ ର ମିଳିତ ଉଦ୍ୟମରେ ବିର୍ସା ମୁଣ୍ଡା ଜୟନ୍ତୀ ଅବସରରେ ଜନଜାଗରଣ ସମାବେଶ ଅନୁଷ୍ଠିତ ହୋଇଯାଇଛି । ସମାବେଶରେ ପୂର୍ବତନ ସାଂସଦ ଭବାନୀଶଙ୍କର ହୋତା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ପଦ୍ମପୁର ବିଧାୟକ ବର୍ଷା ସିଂ ବରିହା, ସମ୍ମାନିତ ଅତିଥି ରୂପେ ପାଟଣାଗଡ ପୂର୍ବତନ ବିଧାୟକ ସରୋଜ ମେହେର,କୋଶଳ ବାଦି ନେତା ପ୍ରମୋଦ କୁମାର ମିଶ୍ର,ଏଲ ଡି ଏ ପ୍ରତିଷ୍ଠାତା ଲବସୁନା, ଆଇନଜୀବୀ ପ୍ରଶାନ୍ତ କୁମାର ମାଝୀ, ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ଆବାହକ ସୁଶିଲ କୁମାର ଗୁରୁ, ନିୟମ ଗିରି ସୁରକ୍ଷା ଆନ୍ଦୋଳନ ନେତା ଲିଙ୍ଗରାଜ ଆଜାତ, ଗିରିରାଜ ସିଂ ମାଝୀ, ଡାକ୍ତର ଗୌତମ ବିଶ୍ୱାଳ, ହେମନ୍ତ ଦଳପତି, ଗୌତମ କ୍ଷେତି ପ୍ରମୁଖ ବକ୍ତବ୍ୟ ରଖି ଗନ୍ଧମାର୍ଦ୍ଦନ ପାହାଡ଼ର ସୁରକ୍ଷା ପାଇଁ ସଙ୍ଗଠିତ ହେବାକୁ ଆହ୍ୱାନ ଦେଇଥିଲେ । ସେହି ପରି ରାଜ୍ୟ ସରକାର ପାହାଡକୁ ଆଦାନୀ କମ୍ପାନୀକୁ ଦେବାକୁ ଷଡ଼ଯନ୍ତ୍ର ଚାଲିଥିବା ଅଭିଯୋଗ କରିବା ସହିତ ଦୁର୍ବାର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଥିଲେ । ପରେ ଏକ ବିକ୍ଷୋଭ ଶୋଭାଯାତ୍ରାରେ ଆନ୍ଦୋଳନକାରୀ ମାନେ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଙ୍କୁ ପ୍ରଦାନ କରିଥିଲେ । ଏହି ଅବସରରେ ଆଦିବାସୀ ନେତା ବିପ୍ରବିଶି, ରଘୁନାଥ ସିଂ ବରିହା, ଅନୁପ ସାହୁ, ସୁଶିଲ ନାଏକ, ନୀଳମାଧବ ପାଣିଗ୍ରାହୀ, ଥବିର ମେହେର, ଟେକେନ୍ଦ୍ର ଜାଲ ସମେତ ଶତାଧିକ ମହିଳା ପୁରୁଷ ଯୋଗଦେଇଥିବା ବେଳେ ଅଭିଳାଷ ଭୋଇ ଓ ରାଜକୁମାର ସେଠ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଜନଜାତୀୟ ଗୌରବ ଦିବସ ପାଳିତ

ମାଲକାନଗିରି (ଭାସ୍କର ନ୍ୟୁଜ): ପଞ୍ଚାୟତ ସମିତି ଅଧିନସ୍ଥ ଶିଖପାଲ୍ଲୀ ପଞ୍ଚାୟତ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ଜନଜାତୀୟ ଗୌରବ ଦିବସ ପ୍ରଧାନଶିକ୍ଷୟିତ୍ରୀ ମନୋରମା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଭାର ପ୍ରାରମ୍ଭରେ ଜଗତର ନାଥ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ଅତିଥିଙ୍କ ଦ୍ୱାରା ପୁଷ୍ପମାଲ୍ୟ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ଓଡିଶା ସରକାରଙ୍କ ଅନୁସୂଚିତ ଜନଜାତି / ଜାତି ସଂଖ୍ୟାଲଘୁ ଉନ୍ନୟନ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଅଭିଭାବକ ମାନଙ୍କର ଏକ ସମାରୋହ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଜିଲ୍ଲା ଯୁବ ରେଡ଼କ୍ରସର ଆବାହକ ତଥା ସମ୍ପାଦକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ଯୋଗଦାନ କରି ଅଭିଭାବକଙ୍କର ଭୂମିକା ଏବଂ ଜନଜାତି ଗୌରବ ଦିବସର ମହାନତା ବିଷୟରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଭ୍ରମରବର ମଲ୍ଲିକ ୧୫୦ତମ ଜନଜାତି କ୍ରାନ୍ତିକାରୀ ମହାନ ବିପ୍ଳବୀ ଭଗବାନ ବିର୍ସା ମୁଣ୍ଡାଙ୍କ ବଳିଦାନ ପାଇଁ ଆଜି ଆମର ସଂସ୍କୃତି, ପରମ୍ପରା, ଜଳ, ଜମି, ଜଙ୍ଗଲ ଓ ନ୍ୟାୟ ବିଷୟରେ ପୁଙ୍ଖାନୁପୁଙ୍ଖ ଟିପ୍ପଣୀ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ପ୍ରଶାନ୍ତ ପୂଜାରୀ ସାମାଜିକ କର୍ମୀ, ଅଭିଭାବକ ପ୍ରତିନିଧି ସନିଆ ଦୁରୁଆ ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ବରିଷ୍ଠ ହିନ୍ଦୀ ଶିକ୍ଷୟିତ୍ରୀ ଝରଣା ଶତପଥି ମଞ୍ଚାସୀନ ରହି ଭାରତୀୟ ଆଦିବାସୀ ବିପ୍ଳବୀ ଜନନାୟକଙ୍କ ଅବଦାନ ସ୍ୱରୂପ ଆମେ ଆଜି ଭାରତର ସ୍ୱାଧୀନତା ପାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଜ୍ୟୋତ୍ସ୍ନାରାଣୀ ଦୋରା, ସଂଯୁକ୍ତା ମହାନ୍ତି,ସୋନାଲି ଦାସ, ଆନନ୍ଦ କୁମାର ଦାସ, ଜସ୍ମିନ ସାମଲ, ରୁପାଲୀ ରାୟ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ୩୦୦ଛାତ୍ରୀ ଏବଂ ସେମାନଙ୍କର ଅଭିଭାବକ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଶିଶୁ ଦିବସ ଉପଲକ୍ଷେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀମାନଙ୍କୁ ମାନପତ୍ର ସହ ପୁରସ୍କାର ବିତରଣ କରାଯାଇଥିଲା । ଛାତ୍ରୀମାନଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ସଭାଶେଷରେ ଝରଣା ଶତପଥୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଓ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା ।

ଆଶ୍ରମ ବିଦ୍ୟାଳୟରେ 'ଜନଜାତୀୟ ଗୌରବ ଦିବସ'

କୋରୁକୋଣ୍ଡା(ଭାସ୍କର ନ୍ୟୁଜ୍: ଖଇରପୁଟ ବ୍ଲକ ଅନ୍ତର୍ଗତ କୁଡୁମୁଲୁଗୁମ୍ମା ଗ୍ରାମ ପଞ୍ଚାୟତର ପରକନମାଳା ଓ ଓରିଙ୍ଗି ଆଶ୍ରମ ବିଦ୍ୟାଳୟ ପରିସରରେ 'ଜନଜାତୀୟ ଗୌରବ ଦିବସ' ପାଳିତ ହୋଇଯାଇଛି । ଏହି ଅବସରରେ ଓରିଙ୍ଗି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସବିତା ପଟ୍ଟନାୟକ ସଭାପତିତ୍ୱ କରିଥିଲେ ଓ ଅତିଥି ଭାବେ ରାସବେଡ଼ା ସିଆରସିସି ରଞ୍ଜିତ କୁମାର ଦାସ ଯୋଗଦେଇଥିଲେ । ସମଭାବରେ ପୁରୁଣାଗୁମ୍ମା ଆଶ୍ରମ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପ୍ରଦୀପ କୁମାର ବିଶ୍ୱାଳ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଗଣେଶ ପ୍ରସାଦ ଦାସ, ମୁଖ୍ୟ ବକ୍ତା ଭଗବାନ ସାହୁ, ସମାଜସେବୀ ଜ୍ୟୋତି ରଞ୍ଜନ ବେହେରା ଓ କୁଡୁମୁଲୁଗୁମ୍ମା ସିଆରସିସି ଚିତ୍ତ ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ସର୍ବ ପ୍ରଥମେ ଜଗତର ନାଥ ଜଗନ୍ନାଥଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପୂଜାର୍ଚ୍ଚନା କରିଥିଲେ ଓ ଏହା ପରେ ସ୍ୱାଧୀନତା ସଂଗ୍ରାମୀ ସହୀଦ ବିର୍ଷା ମୁଣ୍ଡା ଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଛାତ୍ରଛାତ୍ରୀମାନେ ସହୀଦ ବିର୍ଷା ମୁଣ୍ଡା ଙ୍କ ଉଦ୍ଦେଶ୍ୟରେ ଏକ ସଙ୍ଗୀତ ଗାନ କରିଥିଲେ । ସମସ୍ତ ଅତିଥି ମାନେ ସହୀଦ ବିର୍ଷା ମୁଣ୍ଡାଙ୍କ ତ୍ୟାଗ ଓ ବଳିଦାନ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇବା ସହ ତାଙ୍କ ଭଳି ନିର୍ଭୀକ ଓ ସାହସିକ ହେବା ପାଇଁ ଆହ୍ୱାନ ଦେଇଥିଲେ । ସର୍ବ ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ପରିବେଷଣ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନଙ୍କ ଅଭିଭାବକ ଓ ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ଥିଲେ ।

ଜାତୀୟ ପ୍ରେସ ଦିବସ ପାଳିତ

ଚିକିଟ(ଭାସ୍କର ନ୍ୟୁଜ): ପ୍ରେସ କ୍ଲବ ପକ୍ଷରୁ ୧୩ତମ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ପ୍ରଥମେ ଚିକିଟିର ଆରାଧ ଦେବୀ ବାଳକୁମାରୀଙ୍କ ଫଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମ ଚାଲୁ କରାଯାଇଥିଲା । ଏହି ଅବସରରେ ସାମ୍ବାଦିକମାନଙ୍କ ଦେଶ ଗଠନରେ କିଭଳି ଭୂମିକା ରହିଛି ତାହାଉପରେ ଆଲୋଚନା କରାଯାଇଥିଲା । ଉକ୍ତ ଆଲୋଚନା ଚକ୍ରରେ ସଂଘ ସଭାପତି ସୁରେନ୍ଦ୍ର ନାଥ ପଣ୍ଡା ବୋଲି କହିଥିଲେ । ଏଥିସହ ସଂଘର ସମ୍ପାଦକ ତିରୁପତି ସାହୁ ଜାତୀୟ ପ୍ରେସଡେ ପାଳନର ମୁଖ୍ୟ ଲକ୍ଷ୍ୟ ଉପରେ ନିଜର ଆଭିମୁଖ୍ୟ ବ୍ୟକ୍ତ କରିଥିଲେ । ଏଥିସହ ସମସ୍ତ ସାମ୍ବାଦିକମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରହିଲେ ସଂଘ ଆଗେଇବ ବୋଲି ଉପ ସଭାପତି ଈଶ୍ୱର ମହାରଣା ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅକ୍ଷୟ ସାହୁ କୋଷାଧ୍ୟକ୍ଷ, ହରିଶ୍ଚନ୍ଦ୍ର ସେଠୀ, ନଳାଦ୍ରି ବିହାରୀ ନାୟକ, ଅରୁଣ ଉଦୟ ସାହୁ, ରବି ବାଡତ୍ୟା,କୃଷ୍ଣଚନ୍ଦ୍ର ସାହୁ, ଉପଦେଷ୍ଟା ନଳିନୀକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦାନ କରିଥିଲେ । ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ଯାଇ ଜଣେ ସାମ୍ବାଦିକ ନିଜର ଦାୟିତ୍ୱ ନିର୍ଭିକ ଭାବରେ ତୁଲାଇବା ଦରକାର

ବ୍ଲକସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ

ସଙ୍କଁତଲା(ଭାସ୍କର ନ୍ୟୁଜ): ସାମ୍ବାଦିକମାନେ ନିର୍ଭୀକ ହୋଇ ଘଟଣା ଦୁର୍ଘଟଣା ସହ ବିଭିନ୍ନ ସମସ୍ୟାମାନଙ୍କୁ ଲୋକଲୋଚନ ଆଣନ୍ତୁ ବୋଲି ଶନିବାର ଜାତୀୟ ପ୍ରେସ ଦିବସ ଉପଲକ୍ଷେ ଅତିଥିମାନେ ମତ ପ୍ରକାଶ କରଥିଲେ । ସ୍ଥାନୀୟ ବିବେକାନନ୍ଦ ପାଠାଗାର ପରିସରରେ ସଙ୍କଁତଲା କାର୍ଯ୍ୟାରତ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ଜାତୀୟ ପ୍ରେସ ଦିବସ ପାଳନ ହୋଇଯାଇଛି । ଉକ୍ତ ବୈଠକରେ ସଂଘ ମୁଖ୍ୟ ପରାମର୍ଶ ଦାତା ପ୍ରମୋଦ କୁମାର ସେଲମାଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ସଙ୍କଁତଲା ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ ଯୋଗଦାନ କରି ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦଘାଟନ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବରେ ସଙ୍କଁତଲା ଥାନା ଅଧିକାରୀ ସୁଶାନ୍ତ କୁମାର ବଢ଼େଇ, ସରପଞ୍ଚ ସଂଘ ସଭାପତି ଅଶୋକ କୁମାର ସାହୁ, ସଂଘର ଆଇନପରାମର୍ଶ ଦାତା ସୁବୋଧ କୁମାର ମିଶ୍ର, ମାନଭଞ୍ଜନ ପାଣିଗ୍ରାହୀ ଓ ମୁଖ୍ୟବକ୍ତା ଭାବରେ ସାମ୍ବାଦିକ ମନୋଜ କୁମାର ଶତପଥି ପ୍ରମୁଖ ଯୋଗଦାନ କରି ସାମ୍ବାଦିକମାନେ ନିର୍ଭୀକ ରହି ସମସ୍ୟାଗୁଡିକ ଲୋକଲୋଚନ ଆଣିବା ପାଇଁ ଉପସ୍ଥିତ ସାମ୍ବାଦିକମାନଙ୍କୁ ପରାମର୍ଶ ଦେଇଥିଲେ । ଏହା ସହିତ ଏକଜୁଟ ହୋଇ ସାମ୍ବାଦିକମାନେ ଦୁର୍ନୀତି, ଅନ୍ୟାୟ ବିରୋଧ ସ୍ୱର ଉତ୍ତୋଳନ କରନ୍ତୁ ବୋଲି ଅତିଥିମାନେ ପ୍ରକାଶ କରିଛନ୍ତି । ପ୍ରଥମେ ସଂଘ ସଭାପତି ନାରାୟଣ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ପରିପେକ୍ଷାରେ ଚିକ୍ରାପଡାର ସାମ୍ବାଦିକ ରମାକାନ୍ତ ରାଜପଲିଆ ଓ ବେଲଗାଁ ସାମ୍ବାଦିକ ରୁଦ୍ରଧର ଦଣ୍ଡସେନାଙ୍କୁ ସଂଘ ତରଫରୁ ଚଳିତ ବର୍ଷ ୨୦୨୪-୨୫ ଭାବରେ ଶ୍ରେଷ୍ଠ ସାମ୍ବାଦିକ ଭାବରେ ସମ୍ମାନିତ କରାଯାଇଛି । ଶେଷରେ ସଂଘର କୋଷାଧ୍ୟକ୍ଷ ଅଜିତ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ସଂଘ ସାଧାରଣ ସମ୍ପାଦକ ବିଶାଳ ଅଗ୍ରୱାଲ, ଉପ ସଭାପତି ପ୍ରଦୀପ ବାଗ, ସହ ସମ୍ପାଦକ ଭଗବାନ ରାଜପଲିଆ ସହ ସଦସ୍ୟ ସୁଶାନ୍ତ ମେହେର, ଅଶ୍ୱିନୀ ସାହୁ, ଲକ୍ଷ୍ମୀକାନ୍ତ ସାହୁ, ରାମନାରାୟଣ ବାଗ, ପୃଥ୍ୱୀରାଜ ବକୁଳ, ଚନ୍ଦ୍ରଭାନୁ ପ୍ରଧାନ, ଚୌଧୁରୀ ସାହୁ, ରଞ୍ଜନ ବାଗ ଓ ରାକେଶ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

ଶାନ୍ତିସ୍ରୋତ ଭବନରେ ଶିଶୁଦିବସ ପାଳିତ

ଭଞ୍ଜନଗର(ଭାସ୍କର ନ୍ୟୁଜ): ପବିତ୍ର ଶିଶୁ ଦିବସ ତଥା ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୟନ୍ତୀ ବ୍ରହ୍ମାକୁମାରୀସ୍ , ନିଳାଦ୍ରୀ

ଓଡ଼ିଶା ଭାସ୍କର
ODISHA BHASKAR

ମହାନଗର

ପୃଷ୍ଠା-୩
Page-3
ଭୁବନେଶ୍ୱର
Bhubaneswar
୧୭.୧୧.୨୦୨୪
17.11.2024

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗମନା ଗମନର ସୁଦୃଢ଼ୀକରଣ ଏବଂ ନିର୍ମାଣ ଜନିତ ପ୍ରତିବନ୍ଧକକୁ ଦୂର କରି ରାଜ୍ୟରେ ରାସ୍ତା ନିର୍ମାଣ ନେଇ ଏକ ସ୍ୱତନ୍ତ୍ର ନୀତି ପ୍ରଣୟନ ନେଇ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ଏହି କ୍ରମରେ ଆଜି ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାତୀୟ ରାଜପଥ, ରାଜ୍ୟ ରାଜପଥକୁ ମିଶାଇ ପୂର୍ତ୍ତ, ଗ୍ରାମ୍ୟ ଉନ୍ନୟନ, ନଗର ଉନ୍ନୟନ, ପଞ୍ଚାୟତିରାଜ ଏବଂ ବିଭିନ୍ନ ମହାନଗର ନିଗମ ଅଧୀନରେ ଅନେକଗୁଡ଼ିଏ ରାସ୍ତା ରହିଛି । ଅନେକ ସମୟରେ ସମନ୍ୱୟ ଅଭାବ ଯୋଗୁଁ ରାସ୍ତା ନିର୍ମାଣ ଓ ମରାମତି ନେଇ ସମସ୍ୟା ଉତ୍ପନ୍ନ ହେଉଛି । ତେଣୁ ଏହାର ନିରାକରଣ ସହିତ ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି ଏକ ରାସ୍ତାନିର୍ମାଣ ନେଇ ସ୍ୱତନ୍ତ୍ର ନୀତି ପ୍ରଣୟନର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ଏବଂ ପୂର୍ତ୍ତ ବିଭାଗ ଇଆଇସି ଇନ୍ ଚିଫ୍ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ନୀତି ପ୍ରଣୟନ ନେଇ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା।

ଭଟ୍ଟା ପଡ଼ିଲା ଛାଡ଼ଖାଇ
ଆମିଷ ବଜାର ଖାଁ ଖାଁ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ଚଳିତବର୍ଷ ଛାଡ଼ଖାଇ ଭଟ୍ଟା ପଡ଼ିଛି। ଧର୍ମମାସ କାର୍ତ୍ତିକ ଶେଷ ହେବାର ପରଦିନ ଛାଡ଼ଖାଇ ପାଳନ ହୋଇଥାଏ। ତେବେ ଚଳିତବର୍ଷ ଛାଡ଼ଖାଇ ଶନିବାର ପଡ଼ିବା ସହ ଏହିଦିନ ସଂକ୍ରାନ୍ତି ମଧ୍ୟ ହୋଇଥିଲା। ତେଣୁ ଚଳିତବର୍ଷ ଛାଡ଼ଖାଇ ପାଳନ ହୋଇପାରିନାହିଁ। ଫଳରେ ଆମିଷ ବଜାର ଖାଁ ଖାଁ ହୋଇପଡ଼ିଥିଲା। କାଁଭାଁ ଲୋକ ଆମିଷ ଖାଇଥିବାବେଳେ ସମସ୍ତେ ରବିବାର ଛାଡ଼ଖାଇ ପାଳନ କରିବାକୁ ମନ ସ୍ଥିର କରିସାରିଛନ୍ତି। ବ୍ୟବସାୟୀମାନେ ନିଜ ପାଖରେ କୁକୁଡ଼ା, ମାଛ, ଛେଳି, ଅଣ୍ଡା, କଙ୍କଡ଼ା ଆଦିକୁ ମହଜୁଦ୍ ରଖିଥିବାବେଳେ ସେମାନେ ମଧ୍ୟ ଦୁଇପଇସା ରୋଜଗାର ଆଶାରେ ରବିବାର ସକାଳକୁ ଚାହିଁରହିଛନ୍ତି। ଚଳିତବର୍ଷ ଆମିଷ ବଜାରରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହେବ ବୋଲି ବ୍ୟବସାୟୀମାନେ ଆଶା ବାନ୍ଧିଛନ୍ତି। ଏଥର ମଟନ୍ କିଲୋ ପ୍ରତି ୮୫୦ଟଙ୍କା ହେବ ବୋଲି କିଛି ବ୍ୟବସାୟୀ କହୁଥିବାବେଳେ କୁକୁଡ଼ା, ମାଛରେ ମଧ୍ୟ ସାମାନ୍ୟ ଦର ବୃଦ୍ଧି ହେବ ବୋଲି କୁହାଯାଉଛି। ତଥାପି ଲୋକେ ଏହାକୁ ଖାତିର୍ ନକରି ରବିବାର ନିଜ ମନପସନ୍ଦର ସମସ୍ତ ଆମିଷ ସାମଗ୍ରୀକୁ ବୋହି ନେବେ ବୋଲି ଅନୁମାନ କରାଯାଉଛି। ଚଳିତବର୍ଷ ଲକ୍ଷ୍ମୀସାଗର କଂସେଇଖାନା ଠାରୁ ଆରମ୍ଭ କରି ଚାରିନମ୍ବର ମାଛ ମାର୍କେଟ୍, ରସୁଲଗଡ଼ ଅଳସୁଆ ହାଟ, ସହିଦନଗର ହାଟ, ବାପୁଜୀନଗର ଆମିଷ ମାର୍କେଟ୍‌ରେ ବହୁମାତ୍ରାରେ ବହୁମାତ୍ରାରେ ଗ୍ରାହକଙ୍କ ଭିଡ଼ ଜମିବ ବୋଲି ଜଣାପଡ଼ିଛି।

ଡଙ୍ଗାଭସା ବେଳେ ନାବାଳକ ନିଖୋଜ
ମଧୁପାଟଣାରେ ଉତ୍ତେଜନା ଓ ରାସ୍ତାରୋକ

କଟକ(ଭାସ୍କର ନ୍ୟୁଜ୍): ସ୍ଥାନୀୟ ମଧୁପାଟଣାରେ ଡଙ୍ଗା ଭସେଇବାକୁ ଯାଇ କେନାଲରେ ବୁଡ଼ି ଯାଇଥିବା ନାବାଳକର ଏଯାଏ କୌଣସି ପତ୍ତା ମିଳିନାହିଁ। ଯାହାକୁ ନେଇ ନିଖୋଜ ବାଳକର ପରିବାର ଓ ସ୍ଥାନୀୟ ଲୋକ ଜାତୀୟ ରାଜପଥ ଅବରୋଧ କରିଥିଲେ। ଗତକାଲି ସ୍ଥାନୀୟ ନୂଆବଜାର ସ୍କୁଲରେ ପଢୁଥିବା ଅଷ୍ଟମ ଶ୍ରେଣୀ ଛାତ୍ର ରୁଦ୍ର ପ୍ରକାଶ ପରିଡ଼ା କେନାଲରେ ବୁଡ଼ି ଯାଇଥିଲେ। ଖବର ପାଇ ଦମକଳ ଟିମ ଘଟଣା ସ୍ଥଳରେ ପହଞ୍ଚି ଖୋଜାଖୋଜି କରିବା ପରେ ବି ରୁଦ୍ରଙ୍କର କୌଣସି ପତ୍ତା ମିଳି ନାହିଁ । ଏହାପରେ ସ୍ଥାନୀୟ ଲୋକଙ୍କ ପକ୍ଷରୁ ୫ ନମ୍ବର ଜାତୀୟ ରାଜପଥ ଅନ୍ତର୍ଗତ ସମ୍ରାଟ ସିନେମା ସମ୍ମୁଖରେ ରାସ୍ତାରୋକ କରାଯାଇଥିଲା । ଫଳରେ ଉଭୟ ପଟେ ଯାନବାହନର ଲମ୍ବା ଲାଇନ ଲାଗି ରହିଥିଲା । ପ୍ରଶାସନିକ ଅଧିକାରୀ ଓ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ବୁଝାବୁଝି କରିବା ପରେ ରାସ୍ତାରୋକ ହଟିଥିଲା । ସୂଚନାଯୋଗ୍ୟ, କଲ୍ୟାଣୀ ନଗରରେ ଭଡ଼ାରେ ରହୁଥିବା ୧୪ ବର୍ଷୀୟ ନାବାଳକ ରୁଦ୍ର ପ୍ରସାଦ ସ୍ୱାଇଁ ଗତକାଲି ଡଙ୍ଗାରୁ ପଇସା ଆଣିବାକୁ ଯାଇ ତାଳଦଣ୍ଡା କେନାଲ ଭିତରକୁ ପଶି ଯାଇଥିବାବେଳେ ପାଣିରେ ବୁଡ଼ି ଯାଇଥିଲେ ।

ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟସ୍ତରୀୟ ଜାତୀୟ ପ୍ରେସ ଦିବସ-୨୦୨୪ ଶନିବାର ପୂର୍ବାହ୍ନରେ ଜୟଦେବ ଭବନ ଏବଂ ଲୋକସମ୍ପର୍କ ଭବନ ଠାରେ ସମାରୋହରେ ପାଳିତ ହୋଇଯାଇଛି। ଶନିବାର ଜୟଦେବ ଭବନ ପ୍ରଦର୍ଶନୀ କକ୍ଷରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଏବଂ ପେପର ମ୍ୟାନ ଇଣ୍ଡିଆ ଶଶାଙ୍କ ଶେଖର ଦାଶଙ୍କ ସହଯୋଗରେ ସର୍ବ ପୁରାତନ, ପୁରାତନ ଓ ନୂତନ ଦୈନିକ, ସାପ୍ତାହିକ, ପାକ୍ଷିକ, ମାସିକ ଓଡ଼ିଆ, ଇଂରାଜୀ, ହିନ୍ଦୀ, ବିଦେଶୀ ଖବର କାଗଜ ସାମ୍ବାଦପତ୍ର, ମାଗଜିନ ପ୍ରଦର୍ଶନୀକୁ ସଂଜୟ କୁମାର ସିଂହ, ଭା.ପ୍ର.ସେ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦର୍ଶନୀକୁ ଉଦଘାଟନ କରିଥିଲେ । ଭାରତ ବର୍ଷକୁ ସ୍ୱାଧୀନତା ଆଣିବାରେ ଏବଂ ପରବର୍ତ୍ତୀ ସମୟରେ ସାମ୍ବାଦପତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସୁଛି । ଗଣମାଧ୍ୟମ କଣ୍ଠ ମୁକ୍ତ ହୋଇ କାର୍ଯ୍ୟ କରି ସମାଜକୁ ଦିଗଦର୍ଶନ ଦେବାପାଇଁ ଶ୍ରୀ ସିଂହ ପରାମର୍ଶ ଦେବାସହ ସାମ୍ବାଦିକ ମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ । ପରେ ସୂଚନା ଓ ଲୋକସମ୍ପର୍କ ଭବନ ସମ୍ମିଳନୀ କକ୍ଷରେ ବିଭାଗୀୟ ନିର୍ଦ୍ଦେଶକ ସରୋଜ କୁମାର ସାମାଲ ଙ୍କ ଅଧ୍ୟକ୍ଷତାରେ ସାଧାରଣ ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥିଭାବେ ଅଖିଳ କୁମାର ମିଶ୍ର, ଅତିରିକ୍ତ ମହାନିର୍ଦ୍ଦେଶକ, ପତ୍ରସୂଚନା କାର୍ଯ୍ୟାଳୟ, ଭାରତ ସରକାର, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, ଓଡିଶା, ଭୁବନେଶ୍ୱର ଯୋଗଦେଇ କହିଲେ ଗଣମାଧ୍ୟମର ସ୍ୱାଧୀନତା ଜନସାଧାରଣଙ୍କ କଲ୍ୟାଣରେ ବିନିଯୋଗ ହୁଏ । ଗଣମାଧ୍ୟମର ସ୍ୱାଧୀନତା ଜନସାଧାରଣଙ୍କ ଚେତନାକୁ ଜାଗ୍ରତ କରାଇ କର୍ତ୍ତ୍ୟ ଓ ଦାଇତ୍ୱ ମୂଲ୍ୟବୋଧତା ବଜାୟ ରଖିବା ଦିଗରେ ପ୍ରେରଣା ଦିଏ । ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଏସିଆନ ଏଜ ଓ ଇନ୍ଦୁସ ଭାଲି ଟାଇମ୍ସ ବରିଷ୍ଠ ସାମ୍ବାଦିକ ଅକ୍ଷୟ କୁମାର ସାହୁ କହିଲେ ଗଣମାଧ୍ୟମ ସାମ୍ବାଦ ପରିବେଷଣ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିଛି। ଦିବସ ପାଳନ ଅବସରରେ ସାମ୍ବାଦିକତା ଓ ଗଣ ଯୋଗାଯୋଗ କୃତିତ୍ୱ ପ୍ରତିଯୋଗୀ ଲିପ୍ସିତା ପରିଡା, ରେଶମା ନାଏକ, ଜ୍ୟୋତିର୍ମୟୀ ମିଶ୍ର ଓ ଚ୍ରାମିନ ଗଣ୍ଡବା ଚେଞ୍ଜଜିଙ୍ଗ ନେଚର ଅଫ ପ୍ରେସ ଶିର୍ଷକ ପ୍ରସଙ୍ଗ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାପତିତ୍ୱ ଭାଷଣରେ ନିର୍ଦ୍ଦେଶକ ସରୋଜ କୁମାର ସାମଲ କହିଲେ ଯେ ଗଣତନ୍ତ୍ରରେ ଲୋକମାନଙ୍କର ଲୋକମାନ ଙ୍କଦ୍ୱାରା ଏବଂ ଲୋକମାନଙ୍କ ପାଇଁ ଶାସନ ବ୍ୟବସ୍ଥାକୁ ବୁଝାଏ। ତତ୍କାଳୀନ ନଅଙ୍କ ଦୁର୍ଭିକ୍ଷ ଓ ଦୁର୍ଦ୍ଦଶ ବ୍ରିଟିଶ ସରକାରଙ୍କ ସାମ୍ରାଜ୍ୟର ପତନ ପାଇଁ ଉତ୍କଳ ଦୀପିକା ଅନେକ ପରିବର୍ତ୍ତନ ଆଣିଥିଲା ସେହିପରି ସାମ୍ବାଦ ପତ୍ର ପ୍ରଦର୍ଶନୀରେ ସହଯୋଗ କରିଥିବା ଶଶାଙ୍କ ଶେଖର ଦାଶ ପେପରମ୍ୟାନ ଇଣ୍ଡିଆଙ୍କୁ ମୁଖ୍ୟ ଅତିଥି ମାନପତ୍ର, ଟ୍ରଫି ଓ ଶାଲ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବିଭାଗର ଉପନିର୍ଦ୍ଦେଶିକା ସୁଚେତା ପ୍ରିୟଦର୍ଶିନୀ ଅତିଥି ପରିଚୟ, ସ୍ୱାଗତ ଭାଷଣ ଓ ସଭା କାର୍ଯ୍ୟ ସଂଯୋଜନା କରିଥିବା ବେଳେ ସୁରେନ୍ଦ୍ର ନାଥ ପରିଡା, ନିର୍ଦ୍ଦେଶକ,ବୈଶୟିକ ଧନବାଦ ପ୍ରଦାନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତଶାସନ ସଚିବ ବିଷ୍ଣୁପ୍ରିୟା ସାହୁ, ଅତିରିକ୍ତ ନିର୍ଦ୍ଦେଶକ ଗୁରବୀର ସିଂ, ଯୁଗ୍ମ ନିର୍ଦ୍ଦେଶକ ବିଶ୍ୱଜିତ ଦାଶ, ଉପଶାସନ ସଚିବ ସେକ କଳାମୁଦ୍ଦିନ,ସହକାରୀ ଅର୍ଥ ପରାମର୍ଶ ଦାତା ତଥା ଅନୁଶାସନ ସଚିବ ପୃଥ୍ୱୀରାଜ ପାଣି, ପ୍ରାକ୍ତନ ଉତ୍କଳ ପ୍ରସଙ୍ଗ ଓ ଓଡିଶା ରିଭ୍ୟୁ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର, ଉପ ନିର୍ଦ୍ଦେଶିକା, ଜୟଦେବ ଭବନ, ଦିପ୍ତିମୟୀ ସାମନ୍ତରାୟ, ବରିଷ୍ଠ ସାମ୍ବାଦିକ ସନତ ମିଶ୍ରଙ୍କ ସମେତ ଗଣମାଧ୍ୟମ ପ୍ରତିନିଧିବୃନ୍ଦ, ସୂଚନା ଅଧିକାରୀ, ଲୋକସମ୍ପର୍କ ଧିକାରୀ, ଛାତ୍ରଛାତ୍ରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଭୁବନେଶ୍ୱର ଲକ୍ଷ୍ମଣ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ।

ଦାୟିତ୍ୱ ବିନା ସ୍ୱାଧୀନତାର କୌଣସି ମୂଲ୍ୟ ନାହିଁ: ପିଆଇବି ଅତିରିକ୍ତ ମହାନିର୍ଦ୍ଦେଶକ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ମଣିଷ ଜୀବନରେ ସ୍ୱାଧୀନତାର ବିଶେଷ ଗୁରୁତ୍ୱ ରହିଛି। ସ୍ୱାଧୀନତାର ସହ ବଞ୍ଚିଲେ ମଣିଷ ଜୀବନର ପ୍ରକୃତ ଆନନ୍ଦ ଲାଭ କରିପାରିବ। ତେବେ ଦାୟିତ୍ୱ ବିନା ସ୍ୱାଧୀନତାର କୌଣସି ମୂଲ୍ୟ ନାହିଁ । ନିରଙ୍କୁଶ ସ୍ୱାଧୀନତା ଭିତରେ ବି ଦାୟିତ୍ୱବୋଧ ଥାଏ। ଅନୁରୂପ ଭାବେ ଗଣମାଧ୍ୟମ ପାଇଁ ସ୍ୱାଧୀନତା ଯେତିକି ଜରୁରୀ, ଦାୟିତ୍ୱବୋଧତା ମଧ୍ୟ ସମପରିମାଣରେ ଆବଶ୍ୟକ। ଶନିବାର ଏହା କହିଛନ୍ତି ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି)ର ଓଡ଼ିଶା ପ୍ରାନ୍ତ ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର। ଭୁବନେଶ୍ୱର ଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ମିଶ୍ର କହିଛନ୍ତି, ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଦର୍ଶନରେ ସ୍ୱାଧୀନତାର ଜରୁରୀ ଆବଶ୍ୟକତା ଉପରେ ଦାର୍ଶନିକମାନେ ଆଲୋକପାତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବରିଷ୍ଠ ସାମ୍ବାଦିକ ଅକ୍ଷୟ ସାହୁ କହିଥିଲେ, ବିଗତ ଦଶନ୍ଧିରେ ଗଣମାଧ୍ୟମ ପରିଦୃଶ୍ୟରେ ଅନେକ ପରିବର୍ତ୍ତନ ଆଣିଛି। ମୂଦ୍ରିତ ଗଣମାଧ୍ୟମର କ୍ରମବିକାଶ ସହିତ ବୈଦ୍ୟୁତିକ ଗଣମାଧ୍ୟମର ଉଦ୍ଭବ ହୋଇଛି ଏବଂ ବର୍ତ୍ତମାନ ଆମେ ସମସ୍ତେ ଡିଜିଟାଲ ମିଡିଆର ଯୁଗରେ ପହଁଞ୍ଚିଛୁ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ସରୋଜ ସାମଲ ଜାତୀୟ ପ୍ରେସ ଦିବସ କାର୍ଯ୍ୟକ୍ରମର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିବା ସହିତ ଭାରତୀୟ ଗଣତନ୍ତ୍ରରେ ଅଭିବ୍ୟକ୍ତିର ସ୍ୱାଧୀନତା ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ବିଭାଗର ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

ଆଦିବାସୀଙ୍କ ସାମଗ୍ରୀକ ବିକାଶ ନବୀନ ସରକାରଙ୍କ ସମୟରେ ହୋଇଛି
ଏହି ବିକାଶମୂଳକ କାର୍ଯ୍ୟକୁ ବିଜେପି ସରକାର ଆଗେଇ ନିଅନ୍ତୁ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଗତକାଲି ପାଳିତ ହୋଇଥିବା ବେଳେ ଶଙ୍ଖଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ମିଡିଆ ସଂଯୋଜକ ଡଃ ପ୍ରିୟବ୍ରତ ମାଝୀ, ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି ଏହି ମହାନ ଆଦିବାସୀ ଜନ ନେତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ରାଜ୍ୟର ଆଦିବାସୀଙ୍କ ସାମଗ୍ରୀକ ବିକାଶ ପାଇଁ ସମର୍ପିତ ଥିଲା ବୋଲି କହିଥିଲେ। ବିର୍ସା ମୁଣ୍ଡାଙ୍କ ନାମରେ ରାଉରକେଲା ଠାରେ ବିଶ୍ୱର ସର୍ବବୃହତ ହକି ଷ୍ଟାଡିୟମ ନିର୍ମାଣ ସହିତ ଆଦିବାସୀ ସମ୍ପ୍ରଦାୟର ପ୍ରିୟ ଖେଳ ହକିକୁ ସ୍ଥାନୀୟ ଠାରୁ ଅନ୍ତର୍ଜାତୀୟ ସ୍ତରରେ ପ୍ରୋତ୍ସାହନ ଦିଆଯାଇଥିଲା । ଶିକ୍ଷା କ୍ଷେତ୍ରରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରାଥମିକ ସ୍ତରରୁ କଲେଜ ପର୍ଯ୍ୟନ୍ତ ସ୍ୱତନ୍ତ୍ର ବ୍ୟବସ୍ଥା ସହିତ ଅନ୍ୱେଷା ଯୋଜନା ମାଧ୍ୟମରେ ସେମାନଙ୍କ ପାଇଁ ହଷ୍ଟେଲର ବ୍ୟବସ୍ଥା କରାଯାଇଛି । ସାକ୍ଷରତା ପହଁଞ୍ଚି ନଥିବା ବଣ୍ଡା ଜନଜାତି ମାନଙ୍କର ଶିକ୍ଷାର ବିକାଶ ହୋଇ ସେମାନେ ମଧ୍ୟ ସଫଳତା ଆଡ଼କୁ ଅଗ୍ରସର ହୋଇଛନ୍ତି । ନିକଟରେ ବଣ୍ଡା ଜନଜାତି ସମ୍ପ୍ରଦାୟରୁ ଜଣେ ଝିଅ ଓଏଏସ ପାଇବା ଏଇ ସଫଳତାର ଏକ ଉଦାହରଣ ବୋଲି ଶ୍ରୀ ମିଶ୍ର କହିଥିଲେ । ସ୍ୱାସ୍ଥ୍ୟ କ୍ଷେତ୍ରରେ, ରାଜ୍ୟରେ ଅତି କମ୍ରେ ୮ଟି ନୂଆ ମେଡିକାଲ କଲେଜ ସ୍ଥାପନ ହୋଇଥିବା ବେଳେ, ୩ଟି ମେଡିକାଲ କଲେଜର ନାମ ଆଦିବାସୀ ବରପୁତ୍ର ମାନଙ୍କ ନାମରେ ନାମିତ କରାଯାଇଛି । ତେଣୁ ରାଜ୍ୟର ବିଜେପି ସରକାର ଯଦି ପ୍ରକୃତରେ ରାଜ୍ୟର ଆଦିବାସୀ ମାନଙ୍କ ବିକାଶ ଚାହୁଁଛନ୍ତି, ନବୀନଙ୍କ ସମୟରେ ନିଆଯାଇଥିବା ଲୋକାଭିମୁଖୀ ପଦକ୍ଷେପ ଗୁଡିକୁ ମଧ୍ୟ ଆଗକୁ ନେବାର ଆବଶ୍ୟକ ରହିଛି ବୋଲି ସେ କହିଥିଲେ ।

ଜନଜାତିଙ୍କୁ ଶୋଷଣ ପାଇଁ ସବୁବେଳେ ଷଡ଼ଯନ୍ତ୍ର ରଚିଛି ବିଜେଡି: କୁସୁମ୍ ଟେଟେ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେପି ସରକାର ସବୁବେଳେ ଆଦିବାସୀଙ୍କ ଶିକ୍ଷା, ସଂସ୍କୃତି, ଭାଷା ଓ ଜୀବିକାର ଉନ୍ନତି ପାଇଁ ବଦ୍ଧପରିକର । ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱ ବିଜେପି ସରକାରରେ ପ୍ରଥମ ଥର ପାଇଁ ଆଦିବାସୀ କଲ୍ୟାଣ ମନ୍ତ୍ରଣାଳୟ ଗଠନ ହୋଇଥିଲା ଏବଂ ଓଡିଆ ପୁଅ ଜୁଏଲ୍ ଓରାମଙ୍କୁ ଉକ୍ତ ମନ୍ତ୍ରାଳୟର ଦାୟୀତ୍ୱ ପ୍ରଦାନ କରିଥିଲେ । ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ କେନ୍ଦ୍ର ସରକାରରେ ମଧ୍ୟ ଜୁଏଲ ଓରାମଙ୍କୁ ସମାନ ଦାୟୀତ୍ୱ ମିଳିଛି। ଓଡ଼ିଆ ଝିଅ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ହୋଇଛନ୍ତି । ବିଜେପି ରାଜ୍ୟରେ ଏକାକୀ ସରକାର ଗଠନ କରିବା ପରେ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱ କେନ୍ଦ୍ର ସରକାର ଜନଜାତି ବର୍ଗର ସାମୁହିକ ବିକାଶ ପାଇଁ ଅନେକ କାର୍ଯ୍ୟ କରିଛନ୍ତି । ଓଡ଼ିଶା ଭଳି ଜନଜାତିବହୁଳ ରାଜ୍ୟକୁ ସର୍ବଦା ପ୍ରାଧାନ୍ୟ ଦେଇ ଆସୁଛନ୍ତି ମୋଦିଜୀ । ଅପରପକ୍ଷେ ଆଦିବାସୀଙ୍କ ବିକାଶକୁ ନେଇ ରାଜନୀତି କରୁଥିବା ବିଜେଡି ସରକାର ଗତ ୨୪ ବର୍ଷର ଶାସନରେ ଜନଜାତିଙ୍କୁ କେବଳ ପ୍ରତାରଣା ଦେଇଛି ବୋଲି ରାଜ୍ୟ ଉପସଭାନେତ୍ରୀ ତଥା ପୂର୍ବତନ ବିଧାୟିକା କୁସୁମ୍ ଟେଟେ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଟେଟେ କହିଛନ୍ତି ଯେ, ଆଦିବାସୀଙ୍କ ବିକାଶ ପାଇଁ ମୋଦି ସରକାର ହଜାର ହଜାର କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଜନ ଜାତୀୟ ଗ୍ରାମ ଉତ୍କର୍ଷ ଯୋଜନା ଅଧୀନରେ ଗତକାଲି ଯଶସ୍ୱୀ ପ୍ରଧାନମନ୍ତ୍ରୀ ଅନେକ କଲ୍ୟାଣକାରୀ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ବାସ୍ତବରେ ବିଜେଡି ସରକାର ଅମଳରେ ଜନଜାତିଙ୍କ ବିକାଶକୁ କେବେହେଲେ ଅଗ୍ରାଧିକାର ଦିଆଯାଇନାହିଁ, ବରଂ ସେମାନଙ୍କୁ ଶୋଷଣ କରିବା ପାଇଁ ସବୁବେଳେ ଷଡଯନ୍ତ୍ର ରଚାଯାଇଛି । ଜନଜାତିଙ୍କ ବିକାଶ ପାଇଁ ଆସୁଥିବା ଟଙ୍କାକୁ ଚକ୍ରାନ୍ତ କରି ହଡ଼ପ କରିଛି ବିଜେଡି ସରକାର ବୋଲି ଶ୍ରୀମତୀ ଟେଟେ କହିଛନ୍ତି । ଏହି ଅବସରରେ ଏସ୍‌ଟି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଧ୍ରୁବ ଚରଣ କାଲୋ ଉପସ୍ଥିତ ଥିଲେ।

ରାଜ୍ୟରେ ସାମ୍ବାଦିକମାନଙ୍କୁ ପେନ୍‌ସନ୍ ପ୍ରଦାନ ପାଇଁ ଉଦ୍ୟମ ହେବ: ରାଜ୍ୟପାଳ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ସାମ୍ବାଦିକମାନଙ୍କ ପାଇ

ଓଡ଼ିଶା ଭାସ୍କର
ଦୃଷ୍ଟିପାତ

"ମାତୃଭୂମି ମାତୃଭାଷାରେ ମମତା ଯା'ହୃଦେ
ଜନମି ନାହିଁ, ତାକୁ ଯଦି ଜ୍ଞାନୀ ଗୁଣିରେ
ଗଣିବା ଅଜ୍ଞାନୀ ରହିବେ କାହିଁ ।"
- ସ୍ୱଭାବ କବି ଗଙ୍ଗାଧର ମେହେର

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡିଥାଉ ଜଗତ ଉଦ୍ଧାର ହେଉ ।"
-ସନ୍ଥକବି ଭୀମଭୋଇ

କୋଡ଼ିଏ ବିଲିଅନ୍ ଡଲାରର କୋହିନୂର ଫେରିବ !

ସୁଜାତା ପ୍ରହରାଜ
ଭୁବନେଶ୍ୱର
ମୋ : ୮୨୪୯୭୦୫୪୨୧

ମୁଦ୍ରା କାହାଣୀ

ବିଶ୍ୱବିଦିତ କୋହ-ଇ-ନୂର (କୋହିନୂର) - ପ୍ରଚ୍ଛଦପଟରେ କେତେ କାହାଣୀ । କାହାଣୀ ଯୁଦ୍ଧର, ପ୍ରତାରଣାର, ଲୁଣ୍ଠନର, ରହସ୍ୟର, ଷଡ଼ଯନ୍ତ୍ର । କାହାଣୀ ହିଂସା ଓ ରକ୍ତପାତର, ଆଶଙ୍କାର, ମର୍ମଜ୍ୱାଳାର, ବିଶ୍ୱାସଘାତକତା ଆଉ ପରାଜୟର ଗ୍ଲାନିର । କେତେବେଳେ ମୁହଁରେ କେତେବେଳେ ବାଜୁରେ, କେତେବେଳେ ମୁକୁଟରେ, କେତେବେଳେ ସିଂହାସନରେ ଆଉ କେତେବେଳେ ସଂଗ୍ରହାଳୟର କାଚ ଭିତରେ । ପ୍ରାୟ ସାତଶ' ବର୍ଷ ଧରି ଏ ହାତରୁ ସେ ହାତ ହେଇଥିବା କୋହିନୂରର ଯାତ୍ରା ଆର୍ଯ୍ୟାବର୍ତ୍ତ ଭାରତରୁ ଆରମ୍ଭ ହୋଇ ଶେଷ ହୋଇଛି ଇଂଲଣ୍ଡର ରାଣୀ ଏଲିଜାବେଥଙ୍କ ମୁକୁଟରେ ।

ଇତିହାସର ପୃଷ୍ଠା ମଣ୍ଡନ କରୁଥିବା କୋହିନୂର ନିଜର ଅସ୍ତିତ୍ୱ ଓ ଯାତ୍ରାକୁ ନେଇ ସବୁବେଳେ ପୃଥିବୀବାସୀଙ୍କର ଉତ୍ସୁକତାର ଖୋରାକ ପାଲଟିଛି । ଯଦିଓ ଏହାର ଉତ୍ପତ୍ତି ସମୟ ବାବଦରେ ସଠିକ୍ ସୂଚନା ନାହିଁ ତଥାପି ଅଧିକାଂଶ ଐତିହାସିକ ଏହାର ଉତ୍ପତ୍ତି ୧୧୦୦ ରୁ ୧୩୦୦ ଖ୍ରୀଷ୍ଟାବ୍ଦ ଭିତରେ ଦକ୍ଷିଣ ଭାରତରେ ରାଜୁତି କରୁଥିବା କାକତୀୟ ରାଜବଂଶ ସମୟରେ ହୋଇଥିବାର ବର୍ଣ୍ଣନା କରନ୍ତି । ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲ୍ଲାସ୍ଥିତ କୋଲୁର୍ ଖଣିରୁ ଏହା ନିଷ୍କାସିତ ବୋଲି ଧରାଯାଏ । ପ୍ରଥମେ କୋହିନୂରର ଓଜନ ୭୯୩ କାରେଟ୍ ଥିଲା, କାକତୀୟ ରାଜବଂଶର ୱାରଙ୍ଗଲସ୍ଥିତ ଆରାଧ୍ୟଦେବତାଙ୍କ ନୟନ ଭାବରେ ଏହା ଶୋଭା ପାଉଥିଲା । ୧୩୧୦ ଖ୍ରୀଷ୍ଟାବ୍ଦରେ ଦିଲ୍ଲୀ ସୁଲତାନ ଆଲାଉଦ୍ଦିନ୍ ଖିଲଜୀଙ୍କର ଦକ୍ଷିଣ ଭାରତ ଆକ୍ରମଣ ସମୟରେ କାକତୀୟ ରାଜା ପ୍ରତାପରୁଦ୍ରଦେବଙ୍କର ଶାସନ ଥିଲା । ଆଲାଉଦ୍ଦିନ୍ ଖିଲଜୀଙ୍କର ସେନାପତି ମଲିକ କାଫୂର୍ ୱାରଙ୍ଗଲରୁ ଅମିତ ଧନରତ୍ନ ସହିତ କୋହିନୂର ନେଇଯାଇଥିଲେ । ଏହିପରି କୋହିନୂର ଦିଲ୍ଲୀ ଶାସକଙ୍କର ସମ୍ପତ୍ତି ହୋଇଗଲା ।

୧୫୨୬ ମସିହାରେ ପ୍ରଥମ ପାନିପଥ ଯୁଦ୍ଧରେ ଇବ୍ରାହିମ୍ ଲୋଦୀଙ୍କୁ ହରାଇବା ପରେ ମୁହମ୍ମଦ ବାବର ଦିଲ୍ଲୀ ସିଂହାସନ ସହିତ କୋହିନୂର ହୀରାର ମାଲିକ ହୋଇଗଲେ । କେତେକ ଐତିହାସିକଙ୍କ ମତରେ ବାବରଙ୍କୁ ଏହି ହୀରା ଗ୍ୱାଲିଅରର ରାଜା ଉପହାର ରୂପେ ପ୍ରଦାନ କରିଥିଲେ । ନିଜର ଆତ୍ମଜୀବନୀ 'ବାବରନାମା 'ରେ ଏହାକୁ ବାବର 'ବାବର ହୀରା' ନାମରେ ଉଲ୍ଲେଖ କରିଛନ୍ତି । ହୀରାର ଆକାର ଓ ଗୁଣରୁ ଏହାର ମୂଲ୍ୟାୟନ କରି ବାବର କରିଥିଲେ ଯେ ସାରା ପୃଥିବୀର ଲୋକଙ୍କୁ ଦୁଇଦିନର ଖାଦ୍ୟ ଯୋଗାଇବାକୁ ଏହା ସକ୍ଷମ । ବଂଶାନୁକ୍ରମେ ହୀରା ଶାହ ଜାହାଁଙ୍କ ପାଖକୁ ଆସିଲା । ଅତ୍ୟନ୍ତ ସୌଖୀନପ୍ରିୟ ଶାହ ଜାହାଁ ଏହାକୁ ଦୁର୍ମୂଲ୍ୟ ରତ୍ନପଥରଖଚିତ ଅତ୍ୟନ୍ତ ସୁନ୍ଦର ମୟୂର ସିଂହାସନର ମୟୂରର ମସ୍ତକରେ ଖଞ୍ଜାଇଥିଲେ । କୁହାଯାଏ ମୟୂର ସିଂହାସନ ତିଆରି କରିବାକୁ ସାତ ବର୍ଷ ସମୟ ଲାଗିଥିଲା । ଏଥିରେ ଚାରିଟି ତାଜମହଲ ନିର୍ମାଣର ସମ୍ବଳ ଖର୍ଚ୍ଚ ହୋଇଥିଲା । ଏହାପରେ ତାଙ୍କ ପୁତ୍ର ଔରଙ୍ଗଜେବଙ୍କ ସମୟରେ କୋହିନୂରକୁ ଦୁର୍ଗତିର ସମ୍ମୁଖୀନ ହେବାକୁ ପଡ଼ିଥିଲା । ପ୍ରଥମେ ସେ ଏହାର ଚିତ୍ର ଫ୍ରେଞ୍ଚ ପରିବ୍ରାଜକ ତାଭେନିଅରଙ୍କୁ ଆଙ୍କିବାର ଅନୁମତି ପ୍ରଦାନ କରିଥିଲେ । ହୀରାକୁ କାଟି ମସୃଣ କରି ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ଔରଙ୍ଗଜେବ ଭେନିସର ରତ୍ନଶିଳ୍ପୀ ହୋର୍ଟେଞ୍ଜୋ ବୋର୍ଗିତାଙ୍କୁ ନିଯୁକ୍ତ କରିଥିଲେ । କୂଟବୁଦ୍ଧିସମ୍ପନ୍ନ ବୋର୍ଗିତାଙ୍କ ହାତର ସ୍ପର୍ଶରେ ହୀରାର ଓଜନ ୭୯୩ କାରେଟରୁ ୧୮୬ କାରେଟକୁ ଖସି ଆସିଲା ।

ଔରଙ୍ଗଜେବଙ୍କ ପରେ ମୋଗଲ ସାମ୍ରାଜ୍ୟର ପତନ ଆରମ୍ଭ ହୋଇଥିଲା । ଦୁର୍ବଳ ମହମ୍ମଦ ଶାହଙ୍କ ଶାସନ କାଳରେ ପାରସ୍ୟ ଶାସକ ନାଦିର ଶାହ ୧୭୩୯ ମସିହାରେ ଦିଲ୍ଲୀ ଆକ୍ରମଣ କଲେ ଯାହାର ବର୍ଣ୍ଣନାତୀତ ବର୍ବରତାରେ ଇତିହାସ ରକ୍ତରଞ୍ଜିତ । ଅପରିମିତ ଧନସମ୍ପଦ ସହିତ ନାଦିର ଶାହ ମୟୂର ସିଂହାସନ ନେଇଗଲେ । ହୀରାକୁ କିନ୍ତୁ ପାଇପାରି ନ ଥିଲେ । କାରଣ ମହମ୍ମଦ ଶାହ ହୀରାକୁ ସବୁବେଳେ ନିଜ ପଗଡ଼ି ଭିତରେ ଲୁଚେଇ ରଖୁଥିଲେ ଯାହା ଅଳ୍ପ କିଛି ବିଶ୍ୱସ୍ତ ଲୋକଙ୍କୁ ଜଣାଥିଲା । କିନ୍ତୁ ବିଶ୍ୱାସରେ ବିଷ ଦେବାର ଉଦାହରଣ କିଛି କମ୍ ନାହିଁ ଇତିହାସରେ । ସେ କଥା ନାଦିର ଶାହଙ୍କ କାନରେ ପହଞ୍ଚିଲା । ଏକ ବନ୍ଧୁତ୍ୱପୂର୍ଣ୍ଣ ଭୋଜି ଆୟୋଜନ କରି ନାଦିର ଶାହ ମହମ୍ମଦ ଶାହଙ୍କୁ ନିମନ୍ତ୍ରଣ କରି ପଗଡ଼ି ବଦଳେଇବାର ଅନୁରୋଧ କଲେ । ପରାଜିତ ମହମ୍ମଦ ଶାହଙ୍କ ପାଖରେ ଅନ୍ୟ ଉପାୟ ନ ଥିଲା । ପଗଡ଼ି ବଦଳେଇ ନାଦିର ଶାହ ନିଜ ବିଶ୍ରାମକକ୍ଷରେ ପଗଡ଼ିରୁ ହୀରା କାଢ଼ି ରଖିଦେଲେ । ହୀରାର ସୌନ୍ଦର୍ଯ୍ୟ ଓ ଔଜ୍ଜ୍ୱଲ୍ୟରେ ବିମୁଗ୍ଧ ନାଦିର୍ ଶାହ ହୀରାର ନାମ ରଖିଲେ କୋହ୍- ଇ- ନୂର୍ (ପାର୍ସୀ ଭାଷାରେ ଯାହାର ଅର୍ଥ 'ଆଲୋକର ପର୍ବତ'; କୋହ = ପର୍ବତ ଏବଂ ନୂର୍ = ଆଲୋକ) । ସେ ପର୍ଯ୍ୟନ୍ତ ବେନାମ ଥିବା ହୀରାକୁ ନାମପ୍ରାପ୍ତି ହେଲା ।

ନାଦିର ଶାହଙ୍କର ଶାସନ ବେଶୀ ଦିନ ତିଷ୍ଠି ପାରି ନ ଥିଲା । ୧୭୪୭ ମସିହାରେ ତାଙ୍କୁ ପାରସ୍ୟ (ଇରାନ)ରେ ହତ୍ୟା କରାଗଲା । ହୀରାର ମାଲିକାନା ଚାଲିଗଲା ସେନାପତି ଅହମ୍ମଦ ଶାହଙ୍କ ହାତକୁ ଯିଏ ଆଫଗାନିସ୍ଥାନରେ ଦୁର୍ରାନୀ ରାଜବଂଶର ପ୍ରତିଷ୍ଠା କରିଥିଲେ । ଦୁର୍ରାନୀ ରାଜବଂଶ ଯେତେବେଳେ ଶାହ ସୂଜାଙ୍କ ସମୟରେ ଦୁର୍ବଳ ହୋଇ ଆସିଲା ପଞ୍ଜାବର ରାଜା ରଞ୍ଜିତ ସିଂହଙ୍କ ଆକ୍ରମଣରୁ ନିଜ ସାମ୍ରାଜ୍ୟର ସୁରକ୍ଷା ପାଇଁ ଶାହ ସୂଜା ରଞ୍ଜିତ ସିଂହଙ୍କୁ କୋହିନୂର ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ରଣଜିତ ସିଂହ ହୀରାକୁ ବାଜୁବନ୍ଧରେ ଖଞ୍ଜି ବିଶେଷ ଅନୁଷ୍ଠାନମାନଙ୍କରେ ବ୍ୟବହାର କରୁଥିଲେ । ପଞ୍ଜାବକେଶରୀ ଏହି ହୀରାକୁ ଉତ୍କଳର ପ୍ରାଣର ଦେବତା ଜଗନ୍ନାଥଙ୍କୁ ସମର୍ପଣ କରିଦେବାକୁ ଇଚ୍ଛା କରିଥିଲେ । କିନ୍ତୁ ଅଭିଶପ୍ତ କୋହିନୂରର ସେ ସୌଭାଗ୍ୟ ନ ଥିଲା ।

୧୮୩୯ ମସିହାରେ ମହାରାଜା ରଣଜିତ ସିଂହଙ୍କ ମୃତ୍ୟୁ ପରେ ପଞ୍ଜାବ ରାଜସିଂହାସନରେ ଚାରିବର୍ଷରେ ଚାରିଜଣ ରାଜା ଅଧିଷ୍ଠିତ ହେଲେ । ସେତେବେଳକୁ ଉତ୍ତରଭାରତ ଇଂରେଜ ଶାସନାଧୀନ ହୋଇ ସାରିଥିଲା । ପଞ୍ଜାବ ସିଂହାସନରେ ଏଗାରବର୍ଷର ବାଲୁତ ରାଜା ଦୁଲୀପ ସିଂହ ମା' ଜିନ୍ଦନଙ୍କ ନେତୃତ୍ୱରେ ରାଜ୍ୟ ଶାସନ କରୁଥିଲେ । ଇଂରେଜମାନଙ୍କ କାନରେ କୋହିନୂରର ଖବର ପହଞ୍ଚି ସାରିଥିଲା । ବୀରଭୂମି ପଞ୍ଜାବ ଓ କୋହିନୂରର ଲାଳସା ନେଇ ଇଂରେଜ ପଞ୍ଜାବ ଆକ୍ରମଣ କଲେ । ରାଣୀ ଜିନ୍ଦନ ବନ୍ଦୀ ହେଲେ । ଏହାପରେ ବାଲୁତ ଦୁଲୀପ ସିଂହ ନାମକୁ ମାତ୍ର ରାଜା ହୋଇ ଇଂରେଜମାନଙ୍କର ସହଯୋଗୀ ଜାମ୍ମୁକାଶ୍ମୀରର ପ୍ରଥମ ଶାସକ ଗୁଲାବ ସିଂହଙ୍କ ଛତ୍ରଛାୟାରେ ଶାସନ କଲେ । ଚତୁର ଭାଇସରାୟ ଲର୍ଡ ଡାଲହାଉସୀ ପଞ୍ଜାବ ରାଜ୍ୟର ସମସ୍ତ ସମ୍ପତ୍ତି ଇଂରେଜ ସରକାରଙ୍କୁ ହସ୍ତାନ୍ତର ପାଇଁ ବାଲୁତରାଜାଙ୍କ ସହିତ ୧୮୪୯ ମସିହାରେ ଲାହୋର ଚୁକ୍ତି ସ୍ୱାକ୍ଷର କଲେ । ସେଥିରେ କୋହିନୂରର ନାମ ବିଶେଷ ଭାବରେ ଉଲ୍ଲେଖ କରାଗଲା । କୋହିନୂର ସବୁଦିନ ପାଇଁ ବ୍ରିଟିଶ ସରକାରଙ୍କ ହାତକୁ ଚାଲିଗଲା ।

୧୮୫୦ ମସିହା ଏପ୍ରିଲ୍ ମାସ ୬ ତାରିଖରେ ଏଚ୍ ଏମ୍ ଏସ୍ ମିଡିଆ ନାମକ ଜାହାଜରେ ଅତି ଗୁପ୍ତ ଭାବରେ ହୀରାକୁ ଇଂଲଣ୍ଡ ପଠେଇ ଦିଆଗଲା । ସେହି ବର୍ଷର ଜୁଲାଇ ମାସରେ ଏକ ଭବ୍ୟ ସମାରୋହରେ ମହାରାଣୀ ଭିକ୍ଟୋରିଆଙ୍କୁ କୋହିନୂର ଅର୍ପଣ କରାଗଲା । ୧୮୫୧ ମସିହାରେ କୋହିନୂରକୁ ଲଣ୍ଡନରେ ଏକ ବଡ଼ ପ୍ରଦର୍ଶନୀରେ ପ୍ରଦର୍ଶିତ କରାଗଲା । ରାଣୀ ମୋଗଲ ଢାଞ୍ଚାରେ କରାଯାଇଥିବା ହୀରାକୁ ପସନ୍ଦ କରୁ ନ ଥିବାରୁ ହୀରାକୁ ପୁଣି କଟାଗଲା । ୧୮୬ କାରେଟର ହୀରା ୧୦୫, ୬ କାରେଟ୍ ଓଜନବିଶିଷ୍ଟ (ଏକ ପିଙ୍ଗ୍ ପଙ୍ଗ୍ ବଲ୍ ପରି) ହୋଇଗଲା । ରାଣୀ ଏହାକୁ ବାଜୁବନ୍ଧରେ ବ୍ୟବହାର କଲେ । ଏହାପରେ କୋହିନୂର ମହାରାଣୀ ଆଲେକ୍ସାନ୍ଦ୍ରା ଏବଂ ମହାରାଣୀ ମେରୀଙ୍କ ମୁକୁଟର ଶୋଭାବର୍ଦ୍ଧନ କଲା । ଶେଷରେ ଏହା ରାଜମାତା ଦ୍ୱିତୀୟ ଏଲିଜାବେଥଙ୍କ ମୁକୁଟର ମଧ୍ୟଭାଗରେ ଶୋଭା ପାଇଲା । ୧୯୩୭ ମସିହାରେ ତାଙ୍କର ରାଜ୍ୟାଭିଷେକ ସମୟରେ ସେ ଏହାକୁ ପରିଧାନ କରିଥିଲେ । ବର୍ତ୍ତମାନ ଏହା ରାଜବଂଶର ଅନ୍ୟାନ୍ୟ ମୂଲ୍ୟବାନ ରତ୍ନପଥର ସହିତ ଟାୱାର୍ ଅଫ୍ ଲଣ୍ଡନର ଜିଓ୍ୱେଲ୍ ହାଉସରେ ସଂରକ୍ଷିତ ।

ପୃଥିବୀର ଅନ୍ୟ ବିଖ୍ୟାତ ରତ୍ନ ପଥର ପରି କୋହିନୂର ସହିତ ମଧ୍ୟ ଅନେକ କାହାଣୀ ଜଡ଼ିତ । ବିଶେଷକରି ଏହାକୁ ଧାରଣ କରିଥିବା ରାଜପୁରୁଷମାନଙ୍କର ଅକାଳମୃତ୍ୟୁ ବା ସାମ୍ରାଜ୍ୟର ପତନର କାରଣ ଭାବରେ ଏହା ବିବେଚିତ ଯାହା ସଂଯୋଗବଶତଃ ଘଟିଛି । ୧୩୦୬ ମସିହାରେ ଏହାର ଆବିର୍ଭାବ ସମୟରୁ ଏକ ହିନ୍ଦୁ ପୁସ୍ତକରେ ଏହା ବିଷୟରେ ଉଲ୍ଲେଖ ଥିବାର ଇତିହାସକାରମାନେ କହନ୍ତି । ଏହି ରତ୍ନକୁ ପ୍ରାପ୍ତ କରିଥିବା ପୁରୁଷ ଦୁନିଆର ସର୍ବଶ୍ରେଷ୍ଠ ବଳଶାଳୀ ବ୍ୟକ୍ତି ହୋଇ ରାଜ୍ୟ ଅଧିକାର କରିବ କିନ୍ତୁ ତା' ସହିତ ତା'ର ଜୀବନ ମଧ୍ୟ ଅଭିଶପ୍ତ ହେବ । ସଂଯୋଗବଶତଃ ମୋଗଲ ଶାସନ, ମହାରାଜା ରଣଜିତ ସିଂହ, ରାଜା ଦୁଲୀପ ସିଂହଙ୍କ କ୍ଷେତ୍ରରେ ଏହା ପରିଲକ୍ଷିତ ହୋଇଛି । ନାଦିର୍ ଶାହ ଏହାକୁ ନେଇ ଯିବା ପରେ ଅଳ୍ପ ଦିନରେ ତାଙ୍କୁ ହତ୍ୟା କରାଯାଇଥିଲା । କିନ୍ତୁ ଏହା ମହିଳାଙ୍କ ପାଇଁ ଶୁଭଙ୍କର ବୋଲି କୁହାଯାଇଛି ।

କେବଳ ଭାରତରେ ନୁହେଁ ବିଦେଶରେ ମଧ୍ୟ ଏହା ସହିତ ଜଡ଼ିତ ଅନେକ ଆଲେଖ୍ୟ ପ୍ରକାଶିତ । ଆମେରିକାର ପ୍ରଖ୍ୟାତ ଲେଖକ ରିଚାର୍ଡ କୁରିନ୍ ତାଙ୍କ ପୁସ୍ତକ 'ହୋପ୍ ଡାଇମଣ୍ଡ୍ : ଦି ଲେଜେଣ୍ଡାରୀ ହିଷ୍ଟ୍ରି ଅଫ୍ ଏ କର୍ସଡ୍ ଜେମ୍' ରେ ଉଲ୍ଲେଖ କରିଛନ୍ତି ଯେ ଏହି ହୀରାକୁ ପାଇବା ପାଇଁ ଯେତେ ଷଡ଼ଯନ୍ତ୍ର ଓ ରକ୍ତପାତ ହୋଇଛି, ନିରୀହଲୋକଙ୍କୁ ଯେମିତି ଅକଥନୀୟ ଯନ୍ତ୍ରଣାର ଶିକାର କରାଯାଇଛି ତଜ୍ଜନିତ ମାନସିକ ଯନ୍ତ୍ରଣା ଓ ଅଭିଶାପର ପ୍ରଭାବ ଏହା ଉପରେ ନିଶ୍ଚିତ ରହିବ । ହୀରା ସହିତ ଜଡ଼ିତ କାହାଣୀ ଶୁଣି ଆଜି ପର୍ଯ୍ୟନ୍ତ ଇଂଲଣ୍ଡ ରାଜପରିବାରର କୌଣସି ପୁରୁଷ ଏହି ହୀରାକୁ ପରିଧାନ କରି ନାହାନ୍ତି । ହୀରା ସବୁବେଳେ ରାଜ ପରିବାରର ମହିଳାମାନଙ୍କ ଶରୀରରେ ଶୋଭା ପାଇଛି ।

ବର୍ତ୍ତମାନର ଆକଳନରେ କୋହିନୂରର ମୂଲ୍ୟ କୋଡ଼ିଏ ବିଲିଅନ୍ ଆମେରିକୀୟ ଡଲାର ବା ୧.୬୪ ଲକ୍ଷ କୋଟି ଟଙ୍କା । ନିଜର ଅମୂଲ୍ୟ ସଂପଦ ଫେରାଇ ଆଣିବାକୁ ଭାରତ ତରଫରୁ ସ୍ୱାଧୀନତା ପର ଠାରୁ ଅନେକ ଚେଷ୍ଟା କରାଯାଇଛି । ସରକାର, ସାଂସଦ, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଏବଂ ବ୍ୟକ୍ତିବିଶେଷ - ସବୁ ସ୍ତରରେ ଚେଷ୍ଟା ଅବ୍ୟାହତ ରହିଛି । କିନ୍ତୁ ବ୍ରିଟିଶ୍ ସରକାର ସବୁଥର କୋହିନୂରକୁ ନିଜର 'ପ୍ରାଇଜ୍ଡ ପଜେସନ୍' ଭାବରେ ଅଭିହିତ କରି ଶେଷ ଲାହୋର ଚୁକ୍ତି ଅନୁସାରେ ଏହା ବୈଧତାର ସହ ଲାଭ କରାଯାଇଛି କହି ଏହା ଉପରେ ଭାରତର ଦାବିକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଏ ଭିତରେ ଘଟଣା ଆହୁରି ବିବାଦାସ୍ପଦ ହୋଇଛି ଯେତେବେଳେ ପାକିସ୍ତାନ (ରାଜା ଦୁଲୀପ ସିଂହଙ୍କ ସ୍ଥାନ), ଇରାନ (ନାଦିର ଶାହଙ୍କ ସ୍ଥାନ) ଓ ଆଫଗାନିସ୍ଥାନର ତାଲିବାନ (ଶାହ ସୂଜା ଦୁରାନୀଙ୍କ ସ୍ଥାନ) କୋହିନୂରକୁ ନିଜ ଦେଶର ସମ୍ପତ୍ତି ବୋଲି ଦର୍ଶାଇ ତାକୁ ଫେରି ପାଇବାକୁ ଦାବି ଉପସ୍ଥାପନ କରିଛନ୍ତି । ଏ ବାବଦରେ ନ୍ୟାୟିକ ମାମଲା ମଧ୍ୟ ଚାଲିଛି ।

ପୃଥିବୀର ସମସ୍ତ ଦେଶ ଭଲଭାବରେ ଅବଗତ କୋହିନୂର କାହାର । ନିକଟରେ ପ୍ରକାଶିତ ଐତିହାସିକ ଡ୍ୱିଲିଅମ୍ ଡାଲରିମ୍ପଲ୍ ଏବଂ ଅନୀତା ଆନନ୍ଦ ତାଙ୍କ ଦ୍ୱାରା ରଚିତ ପୁସ୍ତକ 'କୋହ- ଇ- ନୂର : ଦି ହିଷ୍ଟ୍ରି ଅଫ୍ ଦି ୱାର୍ଲ୍ଡସ୍ ମୋଷ୍ଟ୍ ଇନଫେମସ୍ ଡାଇମଣ୍ଡ୍' ରେ ଦର୍ଶେଇଛନ୍ତି ଯେ ୧୭୭୫ ମସିହାରେ ବ୍ରାଜିଲରେ ହୀରାଖଣି ଆବିଷ୍କୃତ ହେବା ପର୍ଯ୍ୟନ୍ତ କେବଳ ଭାରତ ହିଁ ଶହଶହ ବର୍ଷ ଧରି ହୀରାର ଏକମାତ୍ର ଉତ୍ସ ଥିଲା । ଥରେ ନିଜ ଅକ୍ତିଆରକୁ ଆସିବା ପରେ ଇଂଲଣ୍ଡ ପରି ଦେଶ ଯେ ଏହାକୁ ଛାଡ଼ିବନି ଏକଥା ସହଜରେ ଅନୁମେୟ । ଭାରତ ମଧ୍ୟ ଜାଣିସାରିଛି କୋହିନୂର ଅଣଲେଉଟା । ୨୦୨୧ ମସିହାରେ ସୂଚନା ଅଧିକାର ଆଇନ ବଳରେ ମଗାଯାଇଥିବା ପ୍ରଶ୍ନର ଉତ୍ତରରେ କେନ୍ଦ୍ରୀୟ ସଂସ୍କୃତି ମନ୍ତ୍ରଣାଳୟ କହିଛନ୍ତି ଯେ ଆଣ୍ଟିକ୍ୱିଟିଜ୍ ଆଣ୍ଡ୍ ଆର୍ଟ ଟ୍ରେଜର ଆକ୍ଟ, ୧୯୭୨ ଆଧାରରେ ସ୍ୱାଧୀନତା ପରେ ବିଦେଶକୁ ଅବୈଧ ଭାବରେ ଚାଲିଯାଇଥିବା ପ୍ରାଚୀନସାମଗ୍ରୀ ଫେରାଇ ଆଣିବାର ଦାୟିତ୍ୱ ନ୍ୟସ୍ତ ହୋଇଛି ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା ଉପରେ । କିନ୍ତୁ କୋହିନୂର ଭାରତ ସ୍ୱାଧୀନତା ପୂର୍ବରୁ ଅନ୍ୟର ଅଧୀନ ହୋଇସାରିଥିବାରୁ ଏହାକୁ ଅଣାଯାଇପାରିବ ନାହିଁ । ତେଣୁ ଭାରତକୁ କୋହିନୂର ଫେରିବାର ସମ୍ଭାବନା ସୁଦୂର ପରାହତ ।

ହାଇବ୍ରିଡ଼ ୱାର୍କ ଟ୍ରେଣ୍ଡ

ସୌମ୍ୟସାଇ ସିଦ୍ଧାର୍ଥ
ସେକ୍ଟର-୯, ସିଡିଏ, କଟକ
ମୋ- ୯୦୯୦୦୫୧୫୪୩

ପୂର୍ବରୁ ନିହାତି ଜରୁରୀ ନଥିଲେ ଘରେ ରହି କାମ କରିବା ବା ୱାର୍କ ଫ୍ରମ ହୋମ ସୁବିଧା କୌଣସି କର୍ମଚାରୀଙ୍କୁ ମିଳୁ ନଥିଲା । ହେଲେ କରୋନା ମହାମାରୀ ସମୟରେ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ଅଧିକାଂଶ କାର୍ଯ୍ୟାଳୟ ପକ୍ଷରୁ ଏହି ସୁବିଧା ଦିଆଯାଇଥିଲା । ସେବେଠାରୁ ଏହା ଯେମିତି ଏକ ୱାର୍କ କଲଚର ବା ଧାରା ପାଲଟି ଯାଇଛି । ଏବେ ବି କେତେକ ଅନୁଷ୍ଠାନ ପକ୍ଷରୁ କର୍ମଚାରୀଙ୍କୁ ସପ୍ତାହରେ ଦିନେ କିମ୍ବା ଦୁଇ ଦିନ ୱାର୍କ ଫ୍ରମ ହୋମ ସୁବିଧା ଦିଆଯାଉଛି । ତେବେ ଏହି କାର୍ଯ୍ୟଶୈଳୀ ପାଇଁ କିଭଳି ଉଭୟ ସଂସ୍ଥା ଏବଂ କର୍ମଚାରୀ ଉପକୃତ ହେଉଛନ୍ତି ଜାଣିବା ସେ ସମ୍ପର୍କରେ ।

ହାଇବ୍ରିଡ ୱାର୍କ ସିଷ୍ଟମରେ ଏମ୍ପ୍ଲୋଇମାନଙ୍କୁ ସକାଳ ୯ରୁ ସଂଧ୍ୟା ୫ କିମ୍ବା ଅନ୍ୟ କୌଣସି ନିର୍ଦ୍ଦିଷ୍ଟ ଟାଇମ ପିରିୟଡ଼ ଭିତରେ ଆବଦ୍ଧ ରହିବ କାମ ସାରିବାର ଟେନସନ ରହୁନାହିଁ । ତେଣୁ ସେମାନେ ନିଜ ସୁବିଧା ଅନୁସାରେ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ କରିପାରୁଛନ୍ତି । ଯେମିତିକି କେହି ସକାଳୁ ଅଧିକ କାମ କରିପାରୁଥିବା ବେଳେ କେହି ସଂଧ୍ୟା କିମ୍ବା ରାତିରେ କାମ କରିବାକୁ ଭଲପାଆନ୍ତି । ଖାଲି ଏତିକି ନୁହେଁ କେବଳ ଅଫିସ ଅବା ଘରେ ନୁହେଁ କୌଣସି ଜରୁରୀ କାର୍ଯ୍ୟରେ ବାହାରକୁ ଯାଇଥିଲେ କାମ ସାରି ସେଠାରେ ମଧ୍ୟ ଲଗଇନ କରି କାମ କରିପାରୁଛନ୍ତି । ବିଶେଷକରି ସଫ୍ଟୱେର ଭଳି କମ୍ପାନୀଗୁଡ଼ିକରେ ଏହି ସିଷ୍ଟମ ଅଧିକ ପ୍ରଚଳିତ ହେଉଥିବାର ଦେଖିବାକୁ ମିଳୁଛି । ଏମ୍ପ୍ଲୋଇଙ୍କୁ ଏହି ସୁବିଧା ଦେବା ଫଳରେ ଅନୁଷ୍ଠାନ ମଧ୍ୟ ଅଳ୍ପ ସମୟରେ ଅଧିକ କାର୍ଯ୍ୟ ହାସଲ କରିପାରୁଛି ।

ପୂର୍ବରୁ ଅଫିସରେ ମିଟିଂ ହେଲେ ଗୋଟିଏ ସମୟରେ ସବୁ ଶିଫ୍ଟର ଏମ୍ପ୍ଲୋଇମାନଙ୍କ ଗହଳି ଜମୁଥିଲା । ବେଳେ ବେଳେ କୌଣସି ସମସ୍ୟାକୁ ନେଇ ଯୁକ୍ତିତର୍କ ହୋଇ ଅପ୍ରୀତିକର ପରିସ୍ଥିତି ବି ଉପୁଜୁଥିଲା । ହେଲେ ହାଇବ୍ରିଡ ସିଷ୍ଟମରେ ଗୋଟିଏ ଶିଫ୍ଟର ଏମ୍ପ୍ଲୋଇ ମିଟିଂରେ ପ୍ରେଜେଣ୍ଟ ରହିଲେ ଅନ୍ୟମାନେ ଗୁଗୁଲ ମିଟ, ଜୁମ ଆଦିରେ ଅନଲାଇନ ଜୋଡ଼ି ହୋଇ ପାରୁଛନ୍ତି ଯଦ୍ୱାରା ବିନା ଗହଳିରେ ମଧ୍ୟ ସୁରୁଖୁରୁରେ ସମସ୍ତଙ୍କୁ ନେଇ ମିଟିଂ ହୋଇପାରୁଛି ।

ଏହି ଧାରା ପ୍ରଚଳନ ହେବା ପରଠାରୁ ଏମ୍ପ୍ଲୋଇମାନଙ୍କ କାର୍ଯ୍ୟ ଦକ୍ଷତା ସେମାନଙ୍କ ଅଫିସରେ ରହୁଥିବା ସମୟ ଆଧାରରେ କରାଯାଉନାହିଁ, ବରଂ କେତେ କମ ସମୟରେ ସେମାନେ କେତେ ଅଧିକ କାମ କରିପାରୁଛନ୍ତି, ଅର୍ଥାତ୍ ସେମାନଙ୍କ ପ୍ରଡକ୍ଟିଭିଟି ଉପରେ ନିର୍ଭର କରୁଛି । ଏହାଦ୍ୱାରା ପ୍ରତିଦିନ ଅଫିସ ଯିବା ଆସିବାରେ ହେଉଥବା ଖର୍ଚ୍ଚ ମଧ୍ୟ କମିଯାଉଛି । ମାନସିକ ଚାପ ହ୍ରାସ ପାଉଛି । କାରଣ ପର୍ସନାଲ ଏବଂ ପ୍ରଫେସନାଲ ଲାଇଫରେ ବାଲାନ୍ସ ମେଣ୍ଟେନ କରିହେଉଛି । ଗୋଟିଏ ଅଫିସରେ ଅଧିକରୁ ଅଧିକ ଟ୍ୟାଲେଣ୍ଟେଡ କର୍ମଚାରୀଙ୍କୁ ରଖିବା ଲାଗି ହାଇବ୍ରିଡ ୱାର୍କସିଷ୍ଟମ ବେ

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର

କେନ୍ଦୁଝର(ଭାସ୍କର ନ୍ୟୁଜ): ଶନିବାର କେନ୍ଦୁଝର ସହରର ଭାଲୁକିପତଳା ଗ୍ରାମ (ଶ୍ରୀବିହାର କଲୋନୀ)ରେ ଅବସ୍ଥିତ ଶ୍ରୀ ଶ୍ରୀ ବିଶ୍ୱେଶ୍ୱର ମହାଦେବ ମନ୍ଦିରରେ କାର୍ତ୍ତିକ ଉତ୍ସବ ପାଳନ କରାଯାଇଥିଲା । ବଡ଼ି ଭୋରରୁ ବହୁ ସଂଖ୍ୟକ ଭକ୍ତ ମହାଦେବଙ୍କ ଦର୍ଶନ କରିବା ସଙ୍ଗେ ସଙ୍ଗେ ମହାପ୍ରଭୁଙ୍କ କୃପା ଭିକ୍ଷା କରିଥିଲେ । ମଧ୍ୟାହ୍ନରେ ମନ୍ଦିର ପରିଚାଳନା କମିଟି ତରଫରୁ ପ୍ରାୟ ପାଞ୍ଚ ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ପରିଚାଳନା କମିଟିର ସମ୍ପାଦକ ଅନନ୍ତ କୁମାର ଦେ, ସଭାପତି ହୃଷୀକେଶ ମହାନ୍ତି, ଉପଦେଷ୍ଟା କ୍ଷୀରୋଦ କୁମାର ରାଉତ, ନରେନ୍ଦ୍ର କୁମାର ମିଶ୍ର, ରବିନାରାୟଣ ରାୟ, ପ୍ରକାଶ ଚନ୍ଦ୍ର ସାହୁ, ଅଭୟ କୁମାର ରାଉଳ, ଉପେନ୍ଦ୍ର ଘଣା, ରଣଜିତ କୁମାର ବାରିକ, ସଦାଶିବ ସାମଲ, ପ୍ରଶାନ୍ତ କୁମାର ପଣ୍ଡା, ଘନଶ୍ୟାମ ସାମଲ, ମଖମଲ ବାରିକ, ବୁଲୁ ସାହୁ, ପ୍ରାଣବନ୍ଧୁ ସାହୁ, ସନ୍ତୋଷ କୁମାର ଦାଶ, ଅନିଲ କୁମାର ତିୱାରି, ଚର୍ଚ୍ଚିଲ ବେହେରା, ସୁବାସ ଜେନା, ଅଲେଖ ନାଏକ ତଥା କଲୋନୀର ସମସ୍ତ ସଦସ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରସାଦ ସେବନ କାର୍ଯ୍ୟ ସମ୍ପନ୍ନ କରାଯାଇଥିଲା ।

ଚାରିଛକ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ଚାରିଛକ ସାମ୍ବାଦିକ ସଂଘ ତରଫରୁ ଶନିବାର ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ସାମ୍ବାଦିକ ସଂଘ ସଭାପତି ପ୍ରଫୁଲ୍ଲ କୁମାର କରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ସମୀର ରଂଜନ ଦାଶ, ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର, ସମ୍ମାନୀତ ଅତିଥି ଭାବେ ଉପ-ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଶ୍ୟାମସୁନ୍ଦର ନାୟକ, ନିମାପଡ଼ା ବ୍ଲକ୍ ଅଧ୍ୟକ୍ଷ ଶଙ୍କର ଭୋଇ, ଦିଲ୍ଲୀର ଯୁଟି ମିରର ଏଡ଼ିଟର ସନ୍ତୋଷ କୁମାର ପାଣ୍ଡେ, ପୁରୀ ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ଗୋପ ବ୍ଲକ୍ ଉପାଧ୍ୟକ୍ଷ ବନରଂଜନ ପଟ୍ଟନାୟକ, ଜଗତସିଂହପୁର ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ପୂର୍ବତନ ଆରକ୍ଷୀ ଅଧୀକ୍ଷକ ମାଧବଚନ୍ଦ୍ର ସାହୁ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରଫେସର ଗୋପିନାଥ କର, ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଡ଼ଃ ସନ୍ତୋଷ କୁମାର ମିତ୍ର ପ୍ରମୁଖ ଯୋଗ ଦେଇଥିଲେ । ସମସ୍ତ ସାମ୍ବାଦିକ ବନ୍ଧୁମାନେ ସତ୍ୟ, ନିରପେକ୍ଷ ଓ କଲମ ମୁନକୁ ଟାଣ କରି ଖବର ପରିବେଷଣ କରିବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ । ବିଭିନ୍ନ ସମୟରେ ସାମ୍ବାଦିକଙ୍କୁ ଆକ୍ରମଣକୁ ଦୃଢ଼ ନିନ୍ଦା କରିବା ସହ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ମୁଖ୍ୟବକ୍ତା ଶ୍ରୀ କର କହିଛନ୍ତି । ଏହି ଅବସରରେ ବିଭିନ୍ନ ଅଞ୍ଚଳର ୨୦ରୁ ଊର୍ଦ୍ଧ୍ୱ ସାମ୍ବାଦିକ ଓ ସ୍ଥାନୀୟ ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକ, ୧୦ ଜଣ ଖବର କାଗଜ ବିତରକ, ଚାରିଛକ ଥାନା ଅଧିକାରୀ, ୨ ଜଣ ଡ଼ାକ୍ତର, ସମାଜସେବୀ, ଶିକ୍ଷାବିତ୍ ଓ ବିଭିନ୍ନ ସାମାଜିକ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଅସ୍ତରଙ୍ଗ, କାକଟପୁର, କୋଣାର୍କ, ଗୋପ, ନିଆଳି, ନିମାପଡ଼ା, ବଳଙ୍ଗା ଆଦି ଅଞ୍ଚଳରୁ ଶତାଧିକ ସାମ୍ବାଦିକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସାମ୍ବାଦିକ ସଂଘର ଉପଦେଷ୍ଟା, ସଭାପତି, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ସଂପାଦକ ବସନ୍ତ ଦାସ ଓ ସହ ସଂପାଦକ ବିଜୟ ବେହେରା, କୋଷାଧ୍ୟକ୍ଷ ସୌମ୍ୟରଂଜନ ତ୍ରିପାଠୀ, ସମାଜସେବୀ ବନବିହାରୀ ଦାସଙ୍କ ସମେତ ସମସ୍ତ ସଦସ୍ୟ ପୂର୍ଣ୍ଣ ସହଯୋଗ କରିଥିଲେ । ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

କଳିଙ୍ଗ ବାଲିଯାତ୍ରାରେ ମୁଖ୍ୟମନ୍ତ୍ରୀଙ୍କୁ 'ପାରାଦୀପ ବନ୍ଦର ୨୦୨୪' ସ୍ମରଣିକା ପ୍ରଦାନ

ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପରେ ଅନୁଷ୍ଠିତ ହେଉଥିବା କଳିଙ୍ଗ ବାଲିଯାତ୍ରା ଉଦ୍‌ଘାଟନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଭାତ ମହାନ୍ତିଙ୍କ ସଂଯୋଜିତ ବନ୍ଦର ଇତିହାସର ଏକ ସଂକଳନ 'ପାରାଦୀପ ବନ୍ଦର ୨୦୨୪' ପ୍ରଦାନ କରାଯାଇଥିଲା । ପାରାଦୀପ ବନ୍ଦରର ଅବସରପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ସଂକଳିତ ଏହି ସ୍ମରଣିକା ଟିରେ ଅତୀତର ପାରାଦୀପ ବନ୍ଦରର ସାମାଜିକ-ଅର୍ଥନୈତିକ ସ୍ଥିତି ଓ ପ୍ରଶାସନିକ ବ୍ୟବସ୍ଥାଠାରୁ ଆରମ୍ଭକରି ସାମ୍ପ୍ରତିକ ସମୟର ଚିତ୍ର-ଧର୍ମ, ସଂସ୍କୃତି, ଶିଳ୍ପାୟନ, ସହରୀକରଣ ଇତ୍ୟାଦି ବହୁବିଧ ଦିଗକୁ ଏଥିରେ ଉପସ୍ଥାପିତ କରାଯାଇଛି । ଏତଦ୍‌ବ୍ୟତୀତ ଏହି ପୁସ୍ତକରେ ବିରଳ ଫଟୋଚିତ୍ର ସହ ଏହି ସଂକଳନଟି ପାରାଦୀପ ଇତିହାସ ଭଣ୍ଡାରରେ ଏକ ଦସ୍ତାବିଜ୍ ଭାବେ ସଂରକ୍ଷିତ ହୋଇ ରହିବ । ସୁଦୃଶ୍ୟ କଳେବର ଓ ଉଚ୍ଚକୋଟିର ଲେଖାରେ ସମୃଦ୍ଧ ପୁସ୍ତକଟିକୁ ପାରାଦୀପ ବନ୍ଦର ଅବସରପ୍ରାପ୍ତ କର୍ମଚାରୀଙ୍କ ସଭାପତି କ୍ୟାପଟେନ୍ ଉମେଶ ଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ବସନ୍ତ ନାୟକ ଓ ସହ ସମ୍ପାଦକ ଫକୀର ପ୍ରଧାନ ପ୍ରମୁଖ ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସାଂସଦ ବିଭୁ ପ୍ରସାଦ ତରାଇ ଏବଂ ଉପସ୍ଥିତ ମାନ୍ୟଗଣ୍ୟ ଅତିଥିଙ୍କୁ ପ୍ରଦାନ କରିଥିଲେ ।

ସୂର୍ଯ୍ୟମନ୍ଦିର ପରିଦର୍ଶନ କଲେ ୨୪ ଦେଶର ରାଷ୍ଟ୍ରଦୂତ

କୋଣାର୍କ(ଭାସ୍କର ନ୍ୟୁଜ): ଶନିବାର ପୂର୍ବାହ୍ନରେ ଏସିଆନ ଓ ବିମଷ୍ଟିକ ଦେଶର ୨୪ଜଣ ରାଷ୍ଟ୍ରଦୂତ ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସିଥିଲେ । କଡ଼ା ସୁରକ୍ଷା ବଳୟରେ ସ୍ୱତନ୍ତ୍ର ବସରେ ପହଞ୍ଚିବା ପରେ ଆଇଓଏଫ୍ ବ୍ୟାଖ୍ୟାନ କେନ୍ଦ୍ରରେ ସ୍ୱାଗତ କରାଯାଇଥିଲା । ବ୍ୟାଖ୍ୟାନ କେନ୍ଦ୍ର ବୁଲି ସାରିବା ପରେ ସୂର୍ଯ୍ୟମନ୍ଦିର ବୁଲିଥିଲେ । ପର୍ଯ୍ୟଟନ ବିଭାଗର ସ୍ୱୀକୃତିପ୍ରାପ୍ତ ଗାଇଡ୍ ସୂର୍ଯ୍ୟମନ୍ଦିରର ଐତିହାସିକ ତଥ୍ୟ ବୁଝାଇ ଦେଖାଇଥିଲେ । ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇପଡ଼ିଥିଲେ । ଏହି ଅବସରରେ ମୋବାଇଲରେ ସେଲଫି ନେଉଥିବା ଦେଖିବାକୁ ମିଳିଥିଲା । ରାଷ୍ଟ୍ରଦୂତଙ୍କ ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ, ଅତିରିକ୍ତ ଏସ୍‌ପି ବିଷ୍ଣୁ ପ୍ରସାଦ ପତି, ନିମାପଡ଼ା ଏସ୍‌ଡିପିଓ ପ୍ରଭାତ ମଲ୍ଲିକ, କୋଣାର୍କ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, କୋଣାର୍କ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ, ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ପ୍ରମୁଖ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ ।

ନାବାଳିକାକୁ ଅପହରଣ ଅଭିଯୋଗ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଗୋପାଳପୁର ଗ୍ରାମପଞ୍ଚାୟତ ବେଗୁନିଆପଦା ଗ୍ରାମର ଜଣେ ନା ବାଳିକାକୁ ଅପହରଣ କରିନିଆଯାଇଥିବା ଥାନାରେ ଅଭିଯୋଗ ହୋଇଛି । ଏଠାରେ ସୂଚନାଯୋଗ୍ୟ ଯେ ସମ୍ପୃକ୍ତା ନାବାଳିକାକୁ ନିକଟରେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଅପହରଣ କରି ନେଇଥିଲେ । ଏ ସମ୍ପର୍କରେ ତାଙ୍କ ପରିବାର ତରଫରୁ ଥାନାରେ ଅଭିଯୋଗ କରାଯିବା ପରେ ପୋଲିସର ତତ୍ପରତା ପ୍ରକାଶ ପାଇଥିଲା । ଭଦ୍ରେଶ୍ୱର ଥାନା ପୋଲିସ କେନ୍ଦ୍ରାପଡାରୁ ନାବାଳିକାକୁ ଉଦ୍ଧାର କରିବା ସହ ଯୁବକକୁ ଧରିଥିଲା । ତେବେ ରାଜନୈତିକ ଚାପରେ ପୋଲିସ ଏହି ନାବାଳିକାକୁ ଡାକ୍ତରୀ ମାଇନା କରିନଥିଲା । ପୋଲିସ ନାବାଳିକାକୁ ତାର ପରିବାର ଜିମା ଦେଇଥିଲା ବେଳେ ସମ୍ପୃକ୍ତ ଯୁବକକୁ ବେନିୟମ ଭାବେ ଛାଡି ଦେଇଥିଲା । ଯାହା ଫଳରେ ଉଦ୍ଧାରର ମାତ୍ର ୧୫ ଦିନ ପରେ ପୁନର୍ବାର ନାବାଳିକାକୁ ଅପହରଣ କରିନିଆଯାଇଥିବା ତାଙ୍କ ପରିବାର ତରଫରୁ ଭଦ୍ରେଶ୍ୱର ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଯାହାକୁ ନେଇ ପୋଲିସର ଚିନ୍ତା ଓ ମୁଣ୍ଡବ୍ୟଥାର କାରଣ ପାଲଟିଛି ।

ପୋକ୍‌ସୋ ମାମଲାରେ ଫେରାର ଯୁବକ ଗିରଫ

ବଡ଼ଚଣା(ଭାସ୍କର ନ୍ୟୁଜ): ପୋକ୍‌ସୋ ମାମଲାରେ ଛନ୍ଦି ହୋଇ ଗତ ଏକବର୍ଷ ଧରି ଫେରାର ଥିବା ଜଣେ ଅଭିଯୁକ୍ତ ଯୁବକକୁ ପୋଲିସ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି । ଗିରଫ ଅଭିଯୁକ୍ତ ହେଉଛି ବଡ଼ଚଣା ଥାନା ତଥା ଚଣ୍ଡିଖୋଲ ଫାଣ୍ଡି ଅନ୍ତର୍ଗତ ଖୋସାଲିପୁର ମାଙ୍କଡିଆ ସାହିର ସୁରେନ୍ଦ୍ର ସାମଲଙ୍କ ପୁଅ ରାକେଶ ସାମଲ । ସୂଚନା ମୁତାବକ ଗିରଫ ରାକେଶ ଗତ ବର୍ଷକ ପୂର୍ବରୁ ଜଣେ ନାବାଳିକା ଝିଅ ସହ ଖରାପ ସମ୍ପର୍କ ରଖିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଏନେଇ ପୋକ୍‌ସୋ ମାମଲା ରୁଜୁ ହୋଇଥିବା ବେଳେ ଅଭିଯୁକ୍ତ ସେହିଦିନ ଠାରୁ ଫେରାର ଥିଲା । ସେ ଗତ ୧୪ ତାରିଖରେ ନିଜ ଘରେ ଥିବା ଖବର ପାଇ ଚଣ୍ଡିଖୋଲ ଫାଣ୍ଡି ଅଧିକାରୀ ଅସିତ କୁମାର ବଳବନ୍ତରାୟ ଚଢ଼ାଉ କରି ଗିରଫ କରିଥିଲେ ।

ଭାରତରେ ସନାତନ ବୋର୍ଡ ଗଠନ ଦାବିରେ ଦାବିପତ୍ର

ଜଗତସିଂହପୁର(ଭାସ୍କର ନ୍ୟୁଜ): ଆମ ଦେଶ ଧର୍ମ ନିରପେକ୍ଷ ରାଷ୍ଟ୍ର । ଆମ ଦେଶରେ ସମ୍ବିଧାନ ଲାଗୁହେବା ପରଠାରୁ ସର୍ବଧର୍ମକୁ ସମ୍ମାନ ଦେଇଆସୁଛି । ସନାତନ ଧର୍ମ ପୁରାତନ ସର୍ବଶ୍ରେଷ୍ଠ ଧର୍ମ । ଆମ ଦେଶର ଆଇନ ପରିଭାଷାରେ ୱାକଫ୍‌ବୋର୍ଡ ପକ୍ଷରୁ ସନାତନ ଧର୍ମର ପ୍ରଚାର ପ୍ରସାର ପାଇଁ କୌଣସି ସୁବିଧା ସୁଯୋଗ ଦିଆଯାଇନାହିଁ । ୱାକଫ ବୋର୍ଡ ମାଧ୍ୟମରେ ସନାତନୀ ହିନ୍ଦୁ ମାନଙ୍କୁ ସମାନ ସୁବିଧା ସୁଯୋଗ ଓ ଅଧିକାର ଦିଆଯିବା ପାଇଁ ଜଗତସିଂହପୁର ଜିଲ୍ଲାପାଳଙ୍କ ଜରିଆରେ ଅଖିଳ ଭାରତ ହିନ୍ଦୁ ମହାସଭା ପକ୍ଷରୁ ଶରତ କୁମାର ମହାପାତ୍ର, ଓଡିଶା ବ୍ରାହ୍ମଣ ମହାସଭା ସଭାପତି ଅଜୟ କୁମାର ରଥ,ବିଶ୍ୱ ହିନ୍ଦୁ ପରିଷଦ ଜିଲ୍ଲା ସଭାପତି ପ୍ରଫୁଲ୍ଲ କୁମାର ସାହୁ, ଉପ ସଭାପତି ମାନସ ରଞ୍ଜନ ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ସୁରେଶ କୁମାର ଚୌଧୁରୀ, ଅଶୋକ କୁମାର ମହାରଣା ଓ ନିହାର ରଞ୍ଜନ ଶତପଥୀ ପ୍ରମୁଖ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ।

ପାରାଦୀପରେ କାର୍ଯ୍ୟରତ ସାମ୍ବାଦିକ କଲ୍ୟାଣ ଟ୍ରଷ୍ଟର ଜାତୀୟ ପ୍ରେସ୍ ଦିବସ ପାଳିତ

ପାରାଦୀପ(ଭାସ୍କର ନ୍ୟୁଜ): ଜାତୀୟ ପ୍ରେସ ଦିବସ ଅବସରରେ ପାରାଦୀପ କାର୍ଯ୍ୟରତ ସାମ୍ବାଦିକ ସହକାରୀ ସାମାଜିକ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ ଜାତୀୟ ପ୍ରେସ ଦିବସ ସ୍ଥାନୀୟ ପୋର୍ଟ କ୍ଲବ୍ ପରିସରରେ ଶନିବାର ମହାଆଡମ୍ବର ସହକାରେ ପାଳିତ ହୋଇଯାଇଛି । ଟ୍ରଷ୍ଟର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ସଭ୍ୟ ରତ୍ନାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ତଥା ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ଶୁକଦେବ ଜେନା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଟ୍ରଷ୍ଟର ସଭାପତି ଶଶାଙ୍କ ଶେଖର ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ପୂର୍ବତନ ସାମ୍ବାଦିକ ପ୍ରତାପରୁଦ୍ର ନାୟକଙ୍କ ବିୟୋଗରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଶ୍ରୀ ବିଶ୍ୱାଳ ସମାଜରେ ସାମ୍ବାଦିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରି ସାମ୍ବାଦିକଙ୍କ କଲ୍ୟାଣ ଯୋଜନା ଆଭିମୁଖ୍ୟକୁ ଭୁୟସୀ ପ୍ରଶଂସା କରିଥିଲେ । ସେହିପରି ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀ ସ୍ୱାଇଁ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ସେମାନଙ୍କୁ ସହାୟତା ପାଇଁ ଏହି ଟ୍ରଷ୍ଟ କାର୍ଯ୍ୟ କରିବ ବୋଲି କହିଥିଲେ । ସେହିପରି ମୁଖ୍ୟ ବକ୍ତା ଶ୍ରୀ ଜେନା ଜାତୀୟ ପ୍ରେସ ଦିବସ ପାଳନ ଏବଂ ସାମ୍ବାଦିକଙ୍କ କର୍ତ୍ତବ୍ୟ ବିଷୟରେ ନିଜର ବକ୍ତବ୍ୟ ରଖିଥିଲେ ଏବଂ ସମ୍ମାନିତ ଅତିଥି ଶ୍ରୀ ଆଚାର୍ଯ୍ୟ ସାମ୍ବାଦିକଙ୍କ ସ୍ୱାର୍ଥ ହାସଲ ପାଇଁ ସମସ୍ତେ ଏକ ମନ ଓ ପ୍ରାଣରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମକୁ ଟ୍ରଷ୍ଟର ଆଇନ ପରାମର୍ଶଦାତା ରବିନ୍ଦ୍ର କୁମାର ଜେନା ପରିଚାଳନା କରିଥିବା ବେଳେ ଟ୍ରଷ୍ଟ ସମସ୍ତ ଟ୍ରଷ୍ଟିଙ୍କ ନାମ ଓ ପଦବୀ ଘୋଷଣା କରିଥିଲେ । ଏହି କ୍ରମରେ ପାରାଦୀପ କାର୍ଯ୍ୟରତ ସାମ୍ବାଦିକ ସହକାରୀ ସାମାଜିକ କଲ୍ୟାଣ ଟ୍ରଷ୍ଟର କାର୍ଯ୍ୟକାରି ସଭାପତି ଭାବେ ସୁଧାଂଶୁ ନାୟକ, ଯୁଗ୍ମ କାର୍ଯ୍ୟକାରୀ ସଭାପତି ରାକେଶ କୁମାର ପଟ୍ଟନାୟକ, ଉପସଭାପତି ବିଜଜା ପ୍ରସାଦ ତ୍ରିପାଠୀ, ଉପସଭାପତି ଦୀପକ ବେହେରା, ସାଧାରଣ ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, କାର୍ଯ୍ୟକାରୀ ସମ୍ପାଦକ ନାରାୟଣ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାକର ସାହୁ, ସମ୍ପାଦକ ରଶ୍ମି ରଞ୍ଜନ ରାଉତରାୟ, ସମ୍ପାଦକ ମନୋଜ କୁମାର ସାହୁ, ଶହ ସମ୍ପାଦକ ବରଦା ପ୍ରସନ୍ନ ବିଶ୍ୱାଳ, କୋଷାଧ୍ୟକ୍ଷ ସନ୍ତୋଷ ଭାରତୀ, ଉପଦେଷ୍ଟା ରତ୍ନାକର ଜେନାଙ୍କ ସହିତ ପ୍ରୀତି ରଂଜନ ମହାପାତ୍ର, ଆଲୋକ ମହାପାତ୍ର, ସୁରେଶ ଚନ୍ଦ୍ର ସ୍ୱାଇଁ, ପୁରୁଷୋତ୍ତମ ଶତପଥୀ, ଲକ୍ଷ୍ମୀ ନାରାୟଣ ସାହୁ, ସଂଗ୍ରାମ ରାଉତ, ସଦାନନ୍ଦ ବେହେରା, ବିନୟ କୁମାର ରାଏ, ବିରଜା ସେଠି, ଦୀପକ କୁମାର ଦାସ, ଏ.ଭାସ୍କର ଆଚାରୀ, ସଞ୍ଜୟ ରାଉତ, ସନ୍ତୋଷ ସ୍ୱାଇଁ ପ୍ରମୁଖଙ୍କ ନାମ ଘୋଷଣା ହୋଇଥିଲା । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ସାଲ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଟ୍ରଷ୍ଟ ପକ୍ଷରୁ ସମସ୍ତ ଉପସ୍ଥିତ ଟ୍ରଷ୍ଟି ଓ ସଦସ୍ୟଙ୍କୁ ଶୀତ ବସ୍ତ୍ର ଉପହାର ଭାବେ ପ୍ରଦାନ କରାଯାଇଥିଲା ।

ଭୁବନରେ ଜାତୀୟ ସାମ୍ବାଦିକ ଦିବସ ପାଳିତ

ଭୁବନ(ଭାସ୍କର ନ୍ୟୁଜ): ଭୁବନ ସାମ୍ବାଦିକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ଜାତୀୟ ସାମ୍ବାଦିକ ଦିବସ ପାଳିତ ହୋଇଯାଇଛି । ସାମ୍ବାଦିକ ସଂଘ ସଭାପତି ମଧୁପ ରଞ୍ଜନ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭୁବନ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ତଥା ସଂଘ ଉପଦେଷ୍ଟା ଦିଲ୍ଲୀପ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ସାମ୍ବାଦିକ ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିବା ସହ ଗଣମାଧ୍ୟମ ଗଣଙ୍କ ସ୍ୱର ହେଉ ବୋଲି କହିଥିଲେ । ଗରିବ, ଅବହେଳିତ, ନିଷ୍ପେସିତ ଲୋକଙ୍କ ସମସ୍ୟା ସମାଧାନ ପାଇଁ କଲମ ଚାଳନା କରିବା ସହ ସରକାରଙ୍କ ଦୋଷ ଦୁର୍ବଳତା ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ 'ଭୁବନ' ପତ୍ରିକା ସମ୍ପାଦକ ତଥା ସଂଘ ଉପଦେଷ୍ଟା ଚିତ୍ତ ରଞ୍ଜନ ମିଶ୍ର ଯୋଗଦେଇ ସାମ୍ବାଦିକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ସାମ୍ବାଦିକ ସଞ୍ଜୟ କୁମାର ନାୟକ, ମନୋଜ କୁମାର ପୋଥାଳ, ବିଶ୍ୱଜିତ୍ ସାହୁ, ଅବିନାଶ ସାଥୁଆ ମହାପାତ୍ର, ଅଶୋକ ଗୁରୁ, କମଳ ଲୋଚନ ମହାରଣା, ଦେବାନନ୍ଦ ସାହୁ, ପ୍ରମୋଦ ମଲ୍ଲିକ, ମାତାଜୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସଂଘ ସମ୍ପାଦକ ସୁଶାନ୍ତ କୁମାର ପୋଥାଳ ଧନ୍ୟବାଦ ଅର୍ପଣ କରିଥିଲେ ।

୩୦ ବ୍ୟକ୍ତିବି

ଓଡ଼ିଶା ଭାସ୍କର
ODISHA BHASKAR
ରାଜ୍ୟ ଖବର

ଏରସମା, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଚଟୁଆ ପଞ୍ଚାୟତର ଗରାଦେଇପୁର ଗ୍ରାମର ଗାଦି ମହାପୁରୁଷ ପୀଠରେ ୧୬ ତମ ନୃସିଂହ ପୁରାଣ ଶନିବାର ଠାରୁ ଶୁକ୍ରବାର ପର୍ଯ୍ୟନ୍ତ ୭ ଦିନ ବ୍ୟାପି ପଠନ ସହିତ ନାମଯଜ୍ଞ ପୂର୍ଣ୍ଣାହୁତି ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଆୟୋଜିତ କାର୍ଯ୍ୟକ୍ରମରେ ଚଟୁଆ ପଞ୍ଚାୟତର ସରପଞ୍ଚ ପ୍ରକାଶ ଚନ୍ଦ୍ର ସୁନ୍ଦରାୟ, ପୂର୍ବତନ ସରପଞ୍ଚ ତଥା ଚଟୁଆ ସେବା ସମବାୟ ସମିତିର ସଭାପତି ସଞ୍ଜୟ କୁମାର ମହାନ୍ତି ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର ପ୍ରଧାନ ପ୍ରମୁଖ ପୂର୍ଣ୍ଣାହୁତିରେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୂଜକ ଚିନ୍ମୟ ଷଡଙ୍ଗୀ, ବନମାଳୀ ଷଡଙ୍ଗୀ, କର୍ତ୍ତା ବିକ୍ରମ କେଶରୀ ସ୍ୱାଇଁ, ଯୁବ ସମାଜସେବୀ ଗଣେଷ ରାଉତ, ବିକ୍ରମ ରାଉତ, ଦିଲ୍ଲୀପ ସ୍ୱାଇଁ, ଅମର ନାୟକ, ବାସୁଦେବ ପ୍ରଧାନ, ମାନସ ସ୍ୱାଇଁ, ଉପନେଶ୍ୱର ସାହୁ, ନାରାୟଣ ସ୍ୱାଇଁ, ସନ୍ତୋଷ ଦାସ, ତପନ ସ୍ୱାଇଁ, ଶଶାଙ୍କ ଶେଖର ସେଠି, ଲିଟୁନା ସ୍ୱାଇଁ, ପ୍ରକାଶ ସ୍ୱାଇଁ, ହରେକୃଷ୍ଣ ନାୟକ, ଅରକ୍ଷିତ ସ୍ୱାଇଁ, ସୁଜିତ୍ ସ୍ୱାଇଁ, ବିଭୁ ରଞ୍ଜନ ବିଶ୍ୱାଳ, ରଞ୍ଜନ ସାହୁ, ବିକାଶ ପ୍ରଧାନ, ରଞ୍ଜନ ନାୟକ, ବିନୋଦ ଦାସ, ଦୀପକ ସ୍ୱାଇଁ, ବିକାଶ ସ୍ୱାଇଁ, ଗୋବିନ୍ଦ ନାୟକ, ସୁମନ ପାଇଟାଳ, ଟହଲି ପ୍ରଧାନ, ସୁତ୍ରଜିତ୍ ସ୍ୱାଇଁ ଓ ସୁଶାନ୍ତ ରାଉତ ପ୍ରମୁଖଙ୍କ ସମେତ ଗ୍ରାମବାସୀମାନେ ସହଯୋଗ କରିଥିଲେ । ଗାଦି ମହାପୁରୁଷ ପୀଠରେ ଶତାଧିକ ଭକ୍ତ ଯୋଗଦେଇ ପ୍ରସାଦ ସେବନ କରିଥିଲେ ।

ଜିଲ୍ଲାରେ ଧରାପଡ଼ିଲେ ଭୂତ ଚାଷୀ

ମାଲକାନଗିରି, (ଭାସ୍କର ନ୍ୟୁଜ): ଜିଲ୍ଲାରେ ଦଲାଲମାନେ ସକ୍ରିୟ ହୋଇ ପ୍ରତିବର୍ଷ ଏଭଳି ଫେକ୍ ଜମି ଦେଖାଇ ନିଜ ନାମ ପଞ୍ଜୀକରଣ କରି ମଣ୍ଡିରେ ଧାନ ବିକ୍ରି କରୁଥିଲେ । ଜିଲ୍ଲାରେ ଚଳିତ ୨୦୨୪-୨୫ ଖରିଫ ମଣ୍ଡି ଆସନ୍ତା ଡିସେମ୍ବର ୧୬ତାରିଖରୁ ୨୦୨୫ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଘୋଷଣା ହୋଇଛି । ଜିଲ୍ଲାରେ ଖରିଫ ଧାନ ବିକ୍ରି ପାଇଁ ଚାଷୀ ନିଜ ନାମ ପଞ୍ଜୀକରଣ କରିଥିଲେ । ପ୍ରଥମେ ୩୮୨୫୭ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ଏମାନଙ୍କ ମଧ୍ୟରୁ ୭୫୯ ଜଣ ଚାଷୀ ବିଭିନ୍ନ କାରଣରୁ କଟିଥିଲେ । ମୋଟ ୩୭,୪୯୮ ଜଣ ଚାଷୀ ରହିଥିଲେ । ଏଥିରୁ ପୁଣି ସାଟେଲାଇଟ ସର୍ଭେ ପରେ ଜିଲ୍ଲାରେ ୧୬,୪୮୨ ଜଣ ଫେକ୍ ଚାଷୀ ବାହାରିଛନ୍ତି । ଜିଲ୍ଲାର ବଣ୍ଡା ଲ୍ୟାମ୍ପସରେ ୨୩୫ ଜଣ ଫେକ୍ ଚାଷୀ ବାହାରିଥିବା ବେଳେ କୋରକୋଣ୍ଡା ଲ୍ୟାମ୍ପସ ଅଧୀନରେ ୨୦୨୨ଜଣ, କାଲିମେଳା ଲ୍ୟାମ୍ପସ ଅଧୀନରେ ୩୪୫୪ଜଣ, କୁଡୁମୁଲୁଗୁମ୍ପା ଲ୍ୟାମ୍ପସ ଅଧୀନରେ ୧୪୭୮ଜଣ, ମାଲକାନଗିରି ଲ୍ୟାମ୍ପସ ଅଧୀନରେ ୧୪୭୮ ଜଣ, ମାଥିଲି ଲ୍ୟାମ୍ପସ ଅଧୀନରେ ୧୮୮୫ ଜଣ, ପଡିଆ ଲ୍ୟାମ୍ପସ ଅଧୀନରେ ୨୫୬୫ ଜଣ, ସିଖପାଲୀ ଲ୍ୟାମ୍ପସ ଅଧୀନରେ ୧୨୯୨ ଜଣ, ଜୟ ମା' କାଳୀ ସ୍ୱୟଂ ସହାୟକ ଗୋଷ୍ଠୀ ଅଧୀନରେ ୪୨୪ ଜଣ, ମାଳତୀ ସ୍ୱୟଂ ସହାୟକ ଗୋଷ୍ଠୀ ଅଧୀନରେ ୩୦୦ ଜଣ, ଓମ୍ ଶାନ୍ତିମାତା ସ୍ୱୟଂ ସହାୟକ ଗୋଷ୍ଠୀ ଅଧୀନରେ ୪୮୯ ଜଣ, ଶିବପାର୍ବତୀ ସ୍ୱୟଂ ସହାୟକ ଗୋଷ୍ଠୀ ଅଧୀନରେ ୫୦୭ ଜଣ ଏବଂ ସିରଡି ସାଇ ସ୍ୱୟଂ ସହାୟକ ଗୋଷ୍ଠୀ ଅଧୀନରେ ୨୮୯ ଜଣ ଚାଷୀ ସାଟେଲାଇଟ ସର୍ଭେରେ ଧରାପଡିଛନ୍ତି । ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ୯ ଲକ୍ଷ ୨୩ ହଜାର କ୍ୱିଣ୍ଟାଲ ଖରିଫ ଧାନ କ୍ରୟ କରାଯିବାର ଲକ୍ଷ୍ୟ ରଖାଯାଇଛି । ବର୍ତ୍ତମାନ ଜିଲ୍ଲାରେ ଧାନ କଟା ଏକ ପ୍ରକାର ସରିଥିବା ବେଳେ ଗାଁ ଗାଁରେ ଦଲାଲ ସକ୍ରିୟ ହୋଇଯାଇଛନ୍ତି । ମଣ୍ଡି ଖୋଲିବାକୁ ଆଉ ମାସେ ଥିବା ବେଳେ ଦଲାଲ ମଣ୍ଡି ପୂର୍ବରୁ ଧାନ ଛତିଶଗଡ଼ ଏବଂ ଆନ୍ଧ୍ରକୁ ପ୍ରତିଦିନ ଚାଲାଣ କରୁଛନ୍ତି । ଚାଷୀ କମ୍ ଦରରେ ଏହା ବିକ୍ରି କରୁଥିବା ବେଳେ ଦଲାଲ ମାଲାମାଲ୍ ହେବେ । ବିଭାଗ ପକ୍ଷରୁ ସଚେତନତା କରାଗଲେ ଚାଷୀ ନିଜର ବର୍ଷ ଯାକର କଷ୍ଟର ଉଚିତ ମୂଲ୍ୟ ପାଇପାରିବେ ବୋଲି ଚାଷୀ ସଂଘ ପକ୍ଷରୁ ମତ ପ୍ରକାଶ ପାଇଛି ।

ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ୍

ବାମରା, (ଭାସ୍କର ନ୍ୟୁଜ): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଗୋବିନ୍ଦପୁର ଥାନା ଗଡପୋଷ ଫାଣ୍ଡି ଅନ୍ତର୍ଗତ ସାନ ଡୁମେରମୁଣ୍ଡା ଗାଁରେ ୬ଜଣ ମୁଖାପିନ୍ଧି ଡକାୟତ ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କାର ସୁନା ଗହଣା ଓ ନଗଦ ଟଙ୍କା ଲୁଟି ନେଇ ଦୁର୍ବୃତ୍ତମାନେ ଫେରାର ମାରିଥିବା ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁସାରେ, ସାନ ଡୁମେରମୁଣ୍ଡା ଗାଁ ପୂର୍ବତନ ସେନା କର୍ମଚାରୀ ସରୋଜ ନାଏକଙ୍କ ଘରେ ଭଡାରେ ରହୁଥିବା ପ୍ରଥମ ମହଲାରେ ଡକାୟତମାନେ ପଶିଥିଲେ । ସେଠାରେ ଥିବା ଚାରୋଟି କୋଠରୀ ମଧ୍ୟରୁ ଗୋଟିଏ କୋଠରୀ ରହୁଥିବା ଉଆପ କସ୍ ଲିମିଟେଡ୍ ପ୍ରୋଜେକ୍ଟ ମ୍ୟାନେଜର ଲଳିତ ବେଦ୍ୟାଲ ଓ ବିଶ୍ୱଜିତ ଦାସଙ୍କ କବାଟ ଭାଙ୍ଗି ବନ୍ଧୁକ ଦେଖାଇ ତାଙ୍କୁ ଭୟଭୀତ କରିଥିଲେ । ଏହି ସମୟରେ ଅନ୍ୟ ଏକ କୋଠରୀରେ ରହୁଥିବା ଫର୍ଚୁନ ଗ୍ରୁପର ମଳୟ ରଞ୍ଜନ ସାହୁ ଓ ଶୁଭାଶିଷ ବେହୁରା ଶବ୍ଦ ଶୁଣି ଇବାଟ ଖୋଲିବା ମାତ୍ରେ ତାଙ୍କୁ ମଧ୍ୟ ବନ୍ଧୁକ ମୁନରେ କାବୁ କରିନେଇଥିଲେ । ଏହି ସମୟରେ ତଳେ ଏକା ରହୁଥିବା ସରୋଜ ନାଏକଙ୍କ ପତ୍ନୀଙ୍କୁ ନିଜ କବାଟ ଖୋଲିବାରୁ ଉପର ମହଲାରୁ ଦୁଇ ଜଣ ଡକାୟତ ଚାଳିଆସି ତାଙ୍କୁ ମଧ୍ୟ ଉପରମହଲାକୁ ନେଇ ଯାଇଥିଲେ । ଡକାୟତ ମାନେ ଚାରିଜଣଙ୍କ ହାତ ବାନ୍ଧି ଦେଇଥିଲେ । ଭଡାରେ ରହୁଥିବା ସୁନା ବ୍ୟବସାୟୀ ଅବିନାଶ ବର୍ମା କେଉଁ କୋଠରୀରେ ରୁହନ୍ତି ବୋଲି ପଚାରିଥିଲେ । ପରେ ଅବିନାଶ ରହୁଥିବା କୋଠରୀ ଭାଙ୍ଗି ସେଠାରୁ ପ୍ରାୟ ୪୦ ଗ୍ରାମର ସୁନା ଗହଣା ବାହାର କରିଥିଲେ । ଅନ୍ୟ କୋଠରୀରେ ଭଡାରେ ରହୁଥିବା ଜଣେ ଶିକ୍ଷୟିତ୍ରୀଙ୍କ କବାଟ ଭାଙ୍ଗି ତାଙ୍କ ଆଲମୀରାକୁ ଭାଙ୍ଗାରୁଜା କରିଥିଲେ । ତଳ ମହଲାରେ ଥିବା ଶ୍ରୀ ନାଏକଙ୍କ ପତ୍ନୀଙ୍କ ଦୁଇଟି କୋଠରୀରେ ପଶି ସେଠାରୁ ସେମାନେ ପ୍ରାୟ ୪୦ ଗ୍ରାମ ଓଜନର ସୁନା କାନଫୁଲ, ଚେନ, ମୁଦି, ଚୁଡି ଓ ନଗଦ ଟଙ୍କା ଲୁଟି ନେଇଥିଲେ । ପରେ ଡକାୟତ ଦଳ ସମସ୍ତଙ୍କ ମୋବାଇଲ ଫୋନ ଲୁଟି ନେଇ ଯାଇଥିଲେ । ଖବରପାଇ କୁଟିଣ୍ଡା ଏସ୍ଡିପିଓ ଅମିତାଭ ପଣ୍ଡା ଓ ଗୋବିନ୍ଦପୁର ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ଡକାୟତି ସମୟରେ ଘର ମାଲିକ ସରୋଜ ନାଏକ ଅନୁପସ୍ଥିତ ଥିବା ଜଣାପଡ଼ିଛି ।

ପିପଳପଦରରେ 'ପରବ' ଅନୁଷ୍ଠିତ

ଲକ୍ଷ୍ମୀପୁର, (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକରେ ଆଦିବାସୀ ସଂସ୍କୃତିର ପଞ୍ଚାୟତସ୍ତରୀୟ ଲୋକ ମହୋତ୍ସବ ପରବ ୨୦୨୪ ଆରମ୍ଭ ହୋଇଯାଇଛି । ଲକ୍ଷ୍ମୀପୁର ବ୍ଲକ ପିପଳପଦର ପଞ୍ଚାୟତ ଅନ୍ତର୍ଗତ କୁଟିଙ୍ଗଗୁଡା ଗ୍ରାମରେ ସରପଞ୍ଚ ଚିନ୍ତାମଣ୍ଡିଙ୍କାଙ୍କ ସଭାପତିତ୍ୱ ପଞ୍ଚାୟତସ୍ତରୀୟ ପରବ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ପବିତ୍ର ସାଉଁତା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ କୈଳାସ ଚନ୍ଦ୍ର କୁଲେସିକା, ପଞ୍ଚାୟତ ସମିତି ଅଧକ୍ଷା ସୁଆଇ କୁଲେସିକା, ବିଡ଼ିଓ ଗୁରେଶ୍ୱର ଭୋଇ, ସାଂସଦ ପ୍ରତିନିଧି କୈଳାସ ଖସଲା, ବିଧାୟକ ପ୍ରତିନିଧି ମଣ୍ଟି ଖରା, ଜିଲ୍ଲା ପରିଷଦ ସଭ୍ୟା ପିଙ୍କି ହିମେରିକା, ବିଜେପି ନେତା ମନୋଜ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଉପସ୍ଥିତ ଅତିଥିମାନେ କୋରାପୁଟିଆ ଆଦିବାସୀଙ୍କ ପରମ୍ପରାକୁ କିପରି ବଜାଇ ରଖିବା ସହ ଗ୍ରାମାଞ୍ଚଳରେ ରହିଥିବା ଲୁକ୍କାୟିତ ପ୍ରତିଭା କିପରି ଲୋକଲୋଚନକୁ ଅଣା ଯାଇପାରିବ ସେ ଉପରେ ନିଜ ନିଜ ମନ୍ତବ୍ୟ ପରିପ୍ରକାଶ କରିଥିଲେ । ଢେମସା ନାଚର ତାଳେ ତାଳେ ସ୍କୁଲ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ମଞ୍ଚ ଦୁଲୁକାଇଥିଲେ । ଭଲିବଲ, ଢେମସା ଓ ଝୋଟି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ ପରିଚାଳନା କରିଥିବା ବେଳେ ସରପଞ୍ଚ ପ୍ରତିନିଧି ନାମ ମାଣ୍ଡିଙ୍ଗା ମଞ୍ଚ ପରିଚାଳନା କରିଥିଲେ । ସମିତିସଭ୍ୟ ସିର ପ୍ରାସ୍କା, ବିଏଫଟି ରଞ୍ଜନ କୁମାର ସୂଚେନ, ଗ୍ରାମ ରୋଜଗାର ସେବକ ବିଜୟ ଲକ୍ଷ୍ମୀ କନ୍ଦପାଣି, ଏଡିଓ ଶେଖର ନାଲା ପ୍ରଭୃତି ଉପସ୍ଥିତ ରହି ସହଯୋଗ କରିଥିଲେ ।

ବନବିଭାଗର ଚଢ଼ାଉ

ଚୋରା କାଠ ସହ ପିକ୍‌ଅପ୍ ଜବତ

ଭଞ୍ଜନଗର, (ଭାସ୍କର ନ୍ୟୁଜ): ବନବିଭାଗ ଯେତିକି ଚଢ଼ାଉ କରୁଛି, ସେତିକି ଚୋରାକାଠ ଚାଲାଣ ଘଟଣା ନଜରକୁ ଆସୁଛି । ଉତ୍ତର ଘୁମୁସର ବନଖଣ୍ଡ ଗାଲେରୀ ବନାଞ୍ଚଳରେ ଗତ ଦିନରେ କାଠ ମାଫିଆ ସକ୍ରିୟ ହୋଇଥିବା ଘଟଣା ସ୍ପଷ୍ଟ ହୋଇଥିଲା । ବନ ବିଭାଗ ଚଢାଉ କରି ଚୋରା କାଠ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ସେହି କ୍ରମରେ ଶନିବାର ପୁଣି କାଠ ମାଫିଆମାନେ ଚୋରାକାଠ ଚାଲାଣ କରୁଥିବା ବେଳେ ଭଞ୍ଜନଗର ନିକଟ ସରସ୍ୱତୀ ଶିଶୁମନ୍ଦିରଠାରେ ଚଢ଼ାଉ କରି ୯୩ଟି ଶାଳ ସାଇଜ୍ କାଠ ସହ ପିକଅପ୍ ଭ୍ୟାନକୁ ଜବତ କରିଛି । ହେଲେ ଘଟଣା ସ୍ଥଳରୁ କାଠ ମାଫିଆମାନେ ଚମ୍ପଟ୍ ମାରିଛନ୍ତି । ସଂପୃକ୍ତ କାଠକୁ ବନବିଭାଗ ଜବତ କରିଥିବା ବେଳେ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ାଉ ଜାରି ରଖିଛି । ସୂଚନା ପ୍ରକାରେ ଗାଲେରୀ ବନାଞ୍ଚଳର ଦୋମୁହାଣି ଅଞ୍ଚଳରୁ ଏହି କାଠ ଚାଲାଣ ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହୋଇଥିବା ବେଳେ ବନବିଭାଗ ତରଫରୁ ତଦନ୍ତ ଜାରି ରହିବା ବନଖଣ୍ଡ ଅଧିକାରୀ କହିଛନ୍ତି । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବନ ବିଭାଗ ଚଢ଼ାଉ କରି ସଫଳତା ପାଇଥିଲା । ହେଲେ ଏହି ଘଟଣା ସ୍ପଷ୍ଟ କରୁଛି ଯେ, ଅଧିକାଂଶ କାଠ ଗାଲେରୀ ବନାଞ୍ଚଳରୁ ଚୋରା ଚାଲାଣ ହେଉଥିବା ଜଣାପଡ଼ିଛି । ଗାଲେରୀ ବନାଞ୍ଚଳରୁ କାହିଁକି ଏଭଳି ଚୋରାକାଠ ଚାଲାଣ ହେଉଛି, ଏଥିରେ ମାଷ୍ଟର ମାଇଣ୍ଡ କିଏ ଏବଂ ସ୍ଥାନୀୟ ବନାଞ୍ଚଳ ମୁଖ୍ୟଙ୍କ ପାଖରେ ଏସବୁ ଖବର ରହିଛି କି ନାହିଁ, ଏନେଇ ବିଭାଗୀୟ ଉଚ୍ଚ କତୃପକ୍ଷ ତଦନ୍ତ କରିବା ଜରୁରୀ ହୋଇଛି । ଚଢ଼ାଉରେ ଡହ ବନପାଳ ଅନୁପ ବିଷୋୟୀ, କେନ୍ଦ୍ରୀୟ ବନାଞ୍ଚଳ ବନପାଳ ଜୀବନ ତ୍ରିପାଠୀ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ ପୃଥୀରାଜ ପ୍ରଧାନ ମୁଜାଗଡ଼ ବନାଞ୍ଚଳ ଅଧିକାରୀ ବିମ୍ବାଧର ସାହୁ ଓ ସ୍ୱାର୍ଡ କର୍ମଚାରୀ ସାମିଲ ଥିଲେ ।

ଜାତୀୟ ପ୍ରେସ ଦିବସ ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ

କୋଦଳା, (ଭାସ୍କର ନ୍ୟୁଜ): ଗଞ୍ଜାମ ଜିଲ୍ଲା କୋଦଳା ଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି । ପ୍ରଗତି ସାମ୍ବାଦିକ ସଂଘ କୋଦଳା ଅଞ୍ଚଳ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ଅବସରରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କୋଦଳା ଉପକାରାଗାର ପରିସରକୁ ସଫେଇ କରିଥିଲେ ବହୁ ସାମ୍ବାଦିକ । ସ୍ୱଚ୍ଛତା ହିଁ ସେବା ଆଧାରରେ କାରାଗାର ଚତୁପାର୍ଶ୍ୱ ଓ ମୁଖ୍ୟ ରାସ୍ତାରେ ସଫେଇ କରାଯାଇଥିଲା । କୋଦଳା ଉପକାରାଗାର ଅଧୀକ୍ଷକ ତାରିଣୀ ସେନ୍ ଦେଉରୀ ଏଥିରେ ସହଯୋଗ କରିବା ସହ ସାମ୍ବାଦିକମାନଙ୍କୁ ଉତ୍ସାହିତ କରିଥିଲେ । ସଂଘର ସଭାପତି ବିଜୟ କୁମାର ନାୟକଙ୍କ ଅଧକ୍ଷତାରେ ସାମ୍ବାଦିକ ସୁଶାନ୍ତ କୁମାର ପଟ୍ଟନାୟକ, ଗଣେଶ ଡାକୁଆ, କୃଷ୍ଣଚନ୍ଦ୍ର ପଲେଇ, ଟୁକୁନା ପ୍ରଧାନ, ବାପୁନି କୁମାର ମାଲୁ, ରାଘବ ବିଷୋୟୀ, ଉମାକାନ୍ତ ମହାରଣା, ଗୁଲସନ୍ କୁମାର କର, ଶିବରାମ ମାଝୀ, ଶାନ୍ତନୁ ପ୍ରଧାନ, ବାଦଲ ପଟ୍ଟନାୟକ, ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ସଫେଇ କରିଥିଲେ । ପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଆଗାମୀ ଦିନରେ ସଂଘର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯିବା ସହ ଜାତୀୟ ସାମ୍ବାଦିକ ଦିବସର ତାତ୍ପର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ସାମ୍ବାଦିକଙ୍କ ସୁରକ୍ଷା ପାଇଁ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଆଇନ ଆଣିବା ଆବଶ୍ୟକ ଏବଂ ସାମ୍ବାଦିକମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଯୋଜନା କରାଯିବା ଆବଶ୍ୟକ ବୋଲି ମତ ଦେଇଥିଲେ ସାମ୍ବାଦିକ । ଖବର ପ୍ରସାରଣ କ୍ଷେତ୍ରରେ ସବୁ କିଛି ବିଶ୍ଳେଷଣ କରି ନିଜ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିବା ପୂର୍ବରୁ ପ୍ରକୃତ ସତ୍ୟାସତ୍ୟ ଅନୁସନ୍ଧାନ କରି ତାହାକୁ ପ୍ରକାଶନ କରିବା ନିମନ୍ତେ ସମସ୍ତ ସାମ୍ବାଦିକମାନଙ୍କୁ ଆହ୍ୱାନ ଦିଆଯାଇଥିଲା ।

ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଝରିଗାଁ, (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ଝରୀଗାଁ ଠାରେ ସନାତନୀ ବୋର୍ଡ ଗଠନକୁ ସମର୍ଥନ ଜଣେଇ ଝରିଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ଜଣାଯାଇଛି । ପ୍ରକାଶ ଥାଉକି ଦିଲ୍ଲୀଠାରେ ସନାତନୀ ବୋର୍ଡ ଗଠନ ଲାଗି ବାବା ବାଗେଶ୍ୱର ପିଠର ଧୀରେନ୍ଦ୍ର କୃଷ୍ଣ ଶାସ୍ତ୍ରୀ ଜୀ ଏବଂ ପ୍ରବଚକ ଶ୍ରୀ ଦେବକୀ ନନ୍ଦନ ଠାକୁରଜୀ ଧାରଣାରେ ବସିଥିବା ବେଳେ ଏହାକୁ ସମର୍ଥନ ଜଣେଇ ଝରିଗାଁ ଠାରେ ମଧ୍ୟ ଏକ ପଦଯାତ୍ରାରେ ବାହାରି ଝରିଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଦାବି ପତ୍ରରେ ୯ଟି ଦାବି ସହିତ ସନାତନୀ ବୋର୍ଡ ଗଠନ ଲାଗି ମଧ୍ୟ ଦାବି ଜଣାଯାଇଛି । ସନାତନୀ ବୋର୍ଡ ଗଠନ, ସନାତନୀ ମନ୍ଦିର ଉପରୁ ସରକାରୀ ନିୟନ୍ତ୍ରଣ ଉଠାଯାଉ, ମନ୍ଦିର ହୁଣ୍ଡିର ଅର୍ଥ ଉପରେ ମନ୍ଦିରର ଅଧିକାର ରହୁ ଏବଂ ଏହା କେବଳ ମନ୍ଦିର ପାଇଁ ଖର୍ଚ୍ଚ କରାଯାଉ, ଧର୍ମାନ୍ତରଣ ବନ୍ଦ କରାଯାଉ, ଗୋହତ୍ୟା ବନ୍ଦ କରାଯାଉ, ଅନୁପ୍ରବେଶକାରୀଙ୍କୁ ବାହାର କରାଯାଉ, ଧର୍ମ ନିରପେକ୍ଷ ଆଳରେ ବହୁସଂଖ୍ୟକଙ୍କ ପ୍ରତି ହେଉଥିବା ଅତ୍ୟାଚାର ବନ୍ଦ କରାଯାଉ, ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା କରାଯାଉ ଏବଂ ସରକାରୀ ଶିକ୍ଷାରେ ଗୁରୁକୁଳ ଶିକ୍ଷା ପଦ୍ଧତି ସାମିଲ ଇତ୍ୟାଦି । ଏହିସବୁ ଦାବିକୁ ନେଇ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁମହାସଂଘର ରାଷ୍ଟ୍ରୀୟ ଅଧକ୍ଷ ଜୟନ୍ତ ପାତ୍ର, ବିଶ୍ୱହିନ୍ଦୁ ପରିଷଦର ସୋମେନ୍ଦ୍ର କୁମାର ଦାସ, କୃପାରାମ ସାହୁ, ବଜରଙ୍ଗ ଦଳର ଅଶୋକ ପାତ୍ର, ଗଣେଶ ରାୟ, ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ସଭାପତି, ବାଳକୃଷ୍ଣ ପଟ୍ଟନାୟକ, ପ୍ରଫୁଲ୍ଲ ପ୍ରଧାନମନ୍ତ୍ରୀ, ବିଶ୍ୱହିନ୍ଦୁ ପରିଷଦର ବ୍ଲକ ସଭାପତି, ପିଣ୍ଟୁ ଠାକୁର ବିକି ରଥ, ସୁରେନ୍ଦ୍ର ସାହୁ ଅଭିଷେକ ନନ୍ଦ, ରମେଶ ବଦତାୟକ୍ଷ, ଉପେନ୍ଦ୍ର ନାଗ, ମିଟୁ ଦାସ, ଅନିଲ ଯେନ, ରମେଶ ବକ୍ଷଡ଼ତିଆ ପବନ ରାଓ, ଗଗନ ବେହେରା ପ୍ରମୁଖ ଯୋଗ ଦେଇଥିଲେ ।

ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

ମାଲକାନଗିରି, (ଭାସ୍କର ନ୍ୟୁଜ): ସ୍ୱଚ୍ଛ ସମ୍ବାଦ ପରିବେଷଣ ଦ୍ୱାରା ସମାଜରେ ନ୍ୟାୟ ପ୍ରତିଷ୍ଠା ସମ୍ଭବ ହୋଇପାରୁଛି । ତେଣୁ ସାମ୍ବାଦ ପରିବେଷଣ ସମୟରେ ସତ୍ୟର ଅନୁସନ୍ଧାନ କରିବାର ଆବଶ୍ୟକତା ରହିଛି ବୋଲି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଜାତୀୟ ପ୍ରେସ ଦିବସ ଅବସରରେ ଯୋଗଦେଇ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ମତବ୍ୟକ୍ତ କରିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ସମାଜର ଜାଗ୍ରତ ପ୍ରହରୀ ତଥା ଚତୁର୍ଥ ସ୍ତମ୍ଭ ଭୂମିକା ନିର୍ବାହ କରୁଥିବା ଗଣମାଧ୍ୟମକୁ ନୈତିକତା ବଜାୟ ରଖିବାର ଆବଶ୍ୟକତା ରହିଛି । ଏହି ଅବସରରେ ମୁଖ୍ୟବକ୍ତା ଭାବେ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅର୍ଥ ପରିଚାଳକ ମାନସ ମିଶ୍ର ଯୋଗ ଦେଇଥିଲେ । ଉପଜିଲ୍ଲାପାଳ କହିଥିଲେ ଯେ ଏକ ସୁସ୍ଥ ଗଣତନ୍ତ୍ର ରାଷ୍ଟ୍ର ପାଇଁ ସ୍ୱଚ୍ଛ ତଥ୍ୟଭିତ

କେନ୍ଦୁଝର,(ଭାସ୍କର ନ୍ୟୁଜ): କାର୍ତ୍ତିକ ମାସ ହବିଷ୍ଯ ମାସ ହୋଇଥିବା ବେଳେ ଗତକାଲି ମାସର ପୂର୍ଣ୍ଣମୀ ଦିନରେ ନରଣପୁର ଘଡଘଡି ପାହାଡ଼ ଉପରେ ଥିବା ବାବା କପିଳେଶ୍ୱର ମହାଦେବ ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଭକ୍ତଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା । ସକାଳୁ ସକାଳୁ ଶହ ଶହ ଭକ୍ତ ଡଙ୍ଗା ଭସେଇବା ପାଇଁ ଘଡଘଡି ମନ୍ଦିର ପୁଷ୍କରିଣୀରେ ପହଞ୍ଚିଥିଲେ । ସେଠାରେ ବୁଡ଼ ପକାଇ ଭକ୍ତି ଭାବର ସହ ବାବା କପିଳେଶ୍ୱରଙ୍କ ଲିଙ୍ଗରେ ପାଣି ଢାଳି ପୂଜାର୍ଚ୍ଚନା କରିଥିଲେ। ପ୍ରବଳ ଭକ୍ତ ଗହଳିକୁ ଆଖି ଆଗରେ ରଖି ମନ୍ଦିର କମିଟି ତରଫରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ନିୟୋଜିତ ହୋଇଥିଲେ। ଭକ୍ତମାନଙ୍କ ସୁରକ୍ଷିତ ତଥା ସୁସଙ୍ଗଠିତ ଦର୍ଶନ ପାଇଁ ବ୍ୟାରିକେଟର ବ୍ୟବସ୍ଥା କରାଯାଇଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ କମିଟିର ସଦସ୍ୟମାନେ ନିୟୋଜିତ ଥିଲେ । କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମନ୍ଦିର ମଣ୍ଡପରେ ଗୀତାଯଜ୍ଞ କରାଯାଇଥିଲା। ଏଥିରେ ବୃନ୍ଦାବନ ସାହୁ କର୍ତ୍ତା ଓ ତାଙ୍କ ପତ୍ନୀ କର୍ତ୍ତି ଭାବେ ଯଜ୍ଞରେ ଆହୁତି ପ୍ରଦାନ କରିଥିଲେ । ବେଦମନ୍ତ୍ର ଧ୍ୱନି ଓ ଗୀତା ଯଜ୍ଞରେ ମନ୍ଦିର ପରିସର ପ୍ରକମ୍ପିତ ହେଉଥିଲା । ହଜାର ହଜାର ଭକ୍ତଙ୍କ ସମାଗମକୁ ଆଖିରେ ଆଗରେ ରଖି ସେମାନଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା କରାଯାଇଥିଲା।

ଇପିଏଫ୍ ପେନସନର୍ସ ଆସୋସିଏସନ୍ ପକ୍ଷରୁ ଧାରଣା

କେନ୍ଦୁଝର, (ଭାସ୍କର ନ୍ୟୁଜ): ଅଲ୍ ଓଡିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍ ଆହ୍ୱାନରେ ଏହାର କେନ୍ଦୁଝର ଜିଲ୍ଲା ଶାଖା ପକ୍ଷରୁ ଶନିବାର ୪ ଦଫା ଦାବି ବାବଦରେ କେନ୍ଦୁଝରଠାରେ ଥିବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପେନ୍‌ସନଭୋଗୀ ବରିଷ୍ଠ ନାଗରୀକାମାନେ ଧାରଣାରେ ବସିଥିଲେ । ଏହି ଉପଲକ୍ଷେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଶତାଧିକ ଇପିଏଫ୍ ପେନ୍‌ସନଭୋଗୀ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଦିନ ଘ୧୧.୦୦ଟିକା ଠାରୁ ଅପରାହ୍ନ ଘ୦୧.୦୦ଟିକା ଯାଏ ଧାରଣାରେ ବସିବା ସହ ବିଭିନ୍ନ ଦାବି ସମ୍ବଳିତ ସ୍ଲୋଗାନ୍ ଦେଇଥିଲେ । କେନ୍ଦୁଝର ଜିଲ୍ଲା ଉପସଭାପତି ଶ୍ୟାମସୁନ୍ଦର ନାଏକଙ୍କ ଅଧକ୍ଷତାରେ ସେଠାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଆସୋସିଏସନ୍‌ର ଜିଲ୍ଲା ସମ୍ପାଦକ ରମେଶ ଚନ୍ଦ୍ର ଘଡ଼େଇ, ପ୍ରମୋଦ କୁମାର ସ୍ୱାଇଁ, ମାନଗୋବିନ୍ଦ ମଲ୍ଲିକ, ପ୍ରଫୁଲ୍ଲ କୁମାର ମିଶ୍ର, ଦୟାନିଧି ସିଂ, ପ୍ରଫୁଲ୍ଲ କୁମାର ବାରିକ, ଲୋକନାଥ ସାହୁ, ଅକ୍ରୁର ଚରଣ ସେଠି, କାଳି ଚରଣ ସିଂହ, ଲମ୍ବୋଦର ରାଉତ, ରାଧାକୃଷ୍ଣ ରାଉତରାୟ, ରଣଜିତ କୁମାର ସିଂହ, ବାବଜୀ ଚରଣ ମହାନ୍ତି, ମଧୁସୁଦନ ଦାସ, ବ୍ରହ୍ମାନନ୍ଦ ରାଉତ, ଜଗନ୍ନାଥ ଦେହୁରୀ, ତାରାପଦ ଜେନା, ପ୍ରେମଚନ୍ଦ ଜେନା, ସନ୍ତୋଷ କୁମାର କର, ଜ୍ଞ୍ୟାନ ରଞ୍ଜନ ଦାଶ, ସ୍ୱାଭିମାନ ମିଶ୍ର, ବ୍ରହ୍ମାନନ୍ଦ ନାୟକ, ସନ୍ତୋଷ କୁମାର ବେହେରା, ଲିପିକା ରାଉତ ଓ ଶ୍ରୀମତୀ ଅଳକା ବାରିକ ପ୍ରମୁଖ ଅନେକ ପେନ୍‌ସନ୍ ଭୋଗୀ ଯୋଗଦେଇ ଇପିଏଫ୍

ପେନ୍‌ସନ୍‌ଭୋଗୀମାନଙ୍କର ବହୁବିଧ ସମସ୍ୟା ତଥା ସେ ସବୁର ସମାଧାନ ଦିଗରେ କେନ୍ଦ୍ର ସରକାରଙ୍କ ଚରମ ଉଦାସିନତା ବାବଦରେ ଆଲୋକପାତ କରିଥିଲେ । କେନ୍ଦ୍ର ସରକାର ଏସବୁ ସମସ୍ୟାର ତୁରନ୍ତ ସମାଧାନ ନକଲେ ଆଗମୀ ଦିନରେ ରାଜ୍ୟରେ ଥିବା ପ୍ରାୟ ଦୁଇ ଲକ୍ଷରୁ ଊର୍ଦ୍ଧ୍ୱ ଓ ସମଗ୍ର ଦେଶର ୮୦ ଲକ୍ଷରୁ ଅଧିକ ପେନ୍‌ସନ୍‌ଭୋଗୀ ବରିଷ୍ଠ ନାଗରିକ ଓ ସେମାନଙ୍କ ପରିବାରମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ବକ୍ତାମାନେ ଚେତାବନି ଦେଇଥିଲେ । ସର୍ବନିମ୍ନ ମାସିକ ପେନ୍‌ସନ୍ ଟ.୯୦୦୦.୦୦ (ନଅ ହଜାର ଟଙ୍କା) ଧାର୍ଯ୍ୟ କରିବା ସହିତ ମହଙ୍ଗା ଭାତା ପ୍ରଦାନ କରିବା, ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କ ତା୦୪.୧୧.୨୦୨୨ରିଖ ନିର୍ଦ୍ଦେଶ ଆଧାରରେ ବର୍ଷୀତ ପେନ୍‌ସନ୍ ଏବଂ ସମସ୍ତ ଇପିଏଫ୍ ପେନ୍‌ସନ୍ ଭୋଗୀଙ୍କୁ ସରକାରୀ ଯୋଜନାରେ ମାଗଣା ସ୍ୱାସ୍ଥ୍ୟ ସୁବିଧା ପ୍ରଦାନ ଦାବୀର ସମାଧାନ ପାଇଁ ପେନ୍‌ସନଭୋଗୀମାନଙ୍କର ଆଜିର ଧାରଣା ଅନୁଷ୍ଠିତ ହୋଇଥିଲା। ଆସନ୍ତା ଡିସେମ୍ବର ୧୮ ତାରିଖରେ ଦିଲ୍ଲୀର ଜନ୍ତରମନ୍ତର ଠାରେ ହେବାକୁ ଥିବା ଦିନିକିଆ ସର୍ବଭାରତୀୟ ଆନ୍ଦୋଳନରେ ଜିଲ୍ଲା ସହିତ ରାଜ୍ୟରୁ ଅନେକ ପେନ୍‌ସନ୍‌ଭୋଗୀ ଯୋଗ ଦେବାର ପ୍ରସ୍ତାବ ରହିଛି । ଶେଷରେ ଉପସଭାପତି ଶ୍ୟାମସୁନ୍ଦର ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ ।

ଭୋକର ବିକଳ ଦୃଶ୍ୟ

ଅଇଁଠାପତ୍ରରେ ପୂରୁଛି ପେଟ

ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ): ଦେଶରେ କେହି ଯେପରି ଭୋକିଲା ନ ରୁହନ୍ତି ସେଥିପାଇଁ କେନ୍ଦ୍ର ସରକାର ଆଣିଛନ୍ତି ଖାଦ୍ୟ ନିରାପତ୍ତା ଆଇନ । ରାଜ୍ୟ ସରକାର ମଧ୍ୟ ଗରିବଗୁରୁବାଙ୍କ ପେଟ ପାଇଁ ଅନେକ ଯୋଜନା କରିଛନ୍ତି । ଇତିମଧ୍ୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଆଳସାହି ଭିମା ଛକଠାରୁ ଅଳ୍ପ କିଛି ଦୂରରେ ଅବସ୍ଥିତ କଳ ଘର ନିକଟରେ ଗତ କିଛି ଦିନ ତଳେ ଭୋଜିର ଅଇଁଠା ପତ୍ର ପଡିଥିବା ବେଳେ ଶନିବାର ସକାଳେ ରାସ୍ତା ପାର୍ଶ୍ୱରେ ଅଇଁଠା ପତ୍ରରୁ ଭୋକ ବିକଳରେ ସାଉଣ୍ଡୁଛନ୍ତି ଅଇଁଠା ପତ୍ରରୁ ଖାଦ୍ୟ ଦେଖିବାକୁ ମିଳିଛି ଏକ ଅଭାବନୀୟ ଦୃଶ୍ୟ । ଭୋକ ବିକଳରେ ଜଣେ ଅସହାୟ ବ୍ୟକ୍ତି ଅଇଁଠା ପତ୍ରରୁ

ଖାଦ୍ୟ ଗୋଟାଇ ଖାଉଥିବା ଦେଖିବାକୁ ମିଳିଥିଲା । ଅନେକ ସମୟ ଅଇଁଠା ପତ୍ର ସବୁ ଖୋଜିଲା ପରେ ଗୋଟିଏ ପତ୍ରରେ କିଛି ଖାଦ୍ୟ ଥିବା ଦେଖି ଖୁସି ତାଙ୍କର କହିଲେ ନସରେ । ସଙ୍ଗେସଙ୍ଗେ ସେହି ପତ୍ରରେ ଥିବା ଅଇଁଠା ବଳକା ଖାଦ୍ୟକୁ ସେ ତରତର ହୋଇ ଖାଇବାକୁ ଲାଗିଥିଲେ । ଦେଶ ତଥା ଜନତାଙ୍କ ମଙ୍ଗଳ ପାଇଁ ସରକାର ନାନାଦି ଯୋଜନା ଆଣୁଥିବା ବେଳେ ଭୋକ ବିକଳରେ ଅସହାୟ ବ୍ୟକ୍ତି ବାସି ଅଇଁଠା ଖାଇବାର ଦୃଶ୍ୟ ବାସ୍ତବରେ ଦୁଃଖର ବିଷୟ ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

ମା 'ଫୁଲଖାଇ ବିଦ୍ୟାଳୟରେ ଶିଶୁ ମହୋତ୍ସବ

ଏରସମା, (ଭାସ୍କର ନ୍ୟୁଜ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ମା 'ଫୁଲଖାଇ ଉ. ପ୍ରା. ବିଦ୍ୟାଳୟ, ଢ଼ିଙ୍କିଆରେ ଶିଶୁ ଦିବସ ଅବସରରେ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ପ୍ରଧାନଶିକ୍ଷକ ପ୍ରକାଶ ଚନ୍ଦ୍ର ମଲ୍ଲ ପଣ୍ଡିତ ଜବାହାରଲାଲ ନେହୁରୁଙ୍କ ଫୋଟୋ ଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରଙ୍ଗୋଲି, ବକୃତା, ଗୀତ ଓ ନୃତ୍ୟ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ । ଏହି ପ୍ରତିଯୋଗୀତାରେ ବିଚାରପତି ଭାବରେ ଜୁଇତା ଚୌଧୁରୀ, ଶିବାନୀ ମାତାମ ଓ ଶିକ୍ଷକ ବଳରାମ ନାୟକ କୃତି ପ୍ରତିଯୋଗୀ ଚୟନ କରିଥିଲେ । ପିଲାମାନଙ୍କ ମଧ୍ୟାନ୍ନ ଭୋଜନ ବିରତି ପରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସଭପତିତ୍ୱରେ ଏକ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଶିକ୍ଷକ ତଥା ସମାଜସେବୀ ରମେଶ କୁମାର ବେହେରା ଅତିଥି ପରିଚୟ ପ୍ରଦାନ

କରିବା ସହିତ ପ୍ରାରମ୍ଭିକ ସମ୍ଭାଷଣ ରଖିଥିଲେ । ଏହି ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସେବିକା ପ୍ରେମଲତା ବାରିକ, ମୁଖ୍ୟବକ୍ତା ଭାବରେ ସମାଜସେବୀ ସଂଜୀବ ଦାଶ, ସମ୍ମାନିତ ଅତିଥି ଭାବରେ କପ୍ତେଶ୍ୱର ବିଦ୍ୟାପୀଠ ଢ଼ିଙ୍କିଆର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଭାତ କୁମାର ବାରିକ, ଆଦର୍ଶ ମା 'ରଶ୍ମିତା ସାମଲ ଓ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଶିଶିର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ଛଳରେ ସମୟାନୁବର୍ତ୍ତୀ, କର୍ତ୍ତବ୍ୟନିଷ୍ଠ, ଅଧବସାୟୀ ସର୍ବୋପରି ଜଣେ ଜଣେ ଭଲ ମଣିଷ ହେବାର ଉପଦେଶ ପ୍ରଦାନ କରିଥିଲେ । ପ୍ରତିଭା ସମ୍ମାନ ଆଧାରରେ ପାରାଦ୍ୱୀପର ବିଷ୍ଣୁୟ ବାଳକ ଭଗବତ ଗୀତା ପ୍ରଚାରକ ତିନି ବର୍ଷର କୁନି ଶିଶୁକୁ ଅତିଥିମାନଙ୍କ ଦ୍ୱାରା 'ଆଦର୍ଶ ଶିଶୁ -୨୦୨୪' ସମ୍ମାନରେ ସମ୍ମାନିତ ଓ ସମ୍ବର୍ଦ୍ଧନା କରାଯାଇଥିଲା । ବିଦ୍ୟାଳୟର ପ୍ରତିଯୋଗୀତାରେ କୃତି ଛାତ୍ରମାନଙ୍କୁ ପ୍ରମାଣ ପତ୍ର, ଟ୍ରଫି, ମେଡାଲ ପ୍ରଦାନ କରାଯିବା ସହିତ ସମସ୍ତ ପିଲାମାନଙ୍କର ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରାଯାଇଥିଲା । ସର୍ବ ଶେଷରେ ଶିକ୍ଷକ ସନାତନ ବେହେରା ସମସ୍ତ ଅତିଥି ଓ ଛାତ୍ରଛାତ୍ରୀମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଭାଗବତ ପାରାୟଣ, ନାମ ସଂକୀର୍ତ୍ତନ ଓ ହରିହାଟର ଆଧ୍ୟାତ୍ମିକତାରେ ଭକ୍ତ ବିଭୋର

ରାଜନଗର(ଭାସ୍କର ନ୍ୟୁଜ):କେନ୍ଦ୍ରାପଡା ଜିଲ୍ଲା ରାଜନଗର ସଦର ମହକୁମାରେ କାର୍ତ୍ତିକ ପୂର୍ଣ୍ଣମୀ ଉପଲକ୍ଷେ ସାହି ସାହିରେ ନାମ ସଂକୀର୍ତ୍ତନ ନିଶି ପ୍ରହରୀ ହେଉଥିବାବେଳେ ଆଠଟି କାର୍ତ୍ତିକଶ୍ୱର ପୂଜା ପାଉଛନ୍ତି ।ଏହି ଅବସରରେ ରାଜନଗର ଗଳିଦାଣ୍ଡର ଗ୍ରାମବାସୀଙ୍କ ତରଫରୁ ବୁଧବାର ଠାରୁ ଗଳିଦାଣ୍ଡର ଆରାଧ ଦେବୀ ମା' ବୁଢୀମଙ୍ଗଳାଙ୍କ ପୀଠରେ ଭାଗବତ ପାରାୟଣ ଆରମ୍ଭ ହୋଇଥିଲେ ମଧ୍ୟ ଗୁରୁବାର ଦିନ ଅନୁଷ୍ଠିତ ନାମ ସଂକୀର୍ତ୍ତନ ପର୍ବ ଗତକାଲି ପୂର୍ଣ୍ଣିମାରେ ଭାଗତ ପାରାୟଣ ସହ ନଗରକୀର୍ତ୍ତନ ପୂର୍ଣ୍ଣାହୁତି ହୋଇଯାଇଛି। ପରେ ସଂକଳ୍ପ କରିଥିବା ଟୁକୁନା ଓଝାଙ୍କ ନୈଷ୍ଠିକତାରେ ପୂଜକ ବୈକୁଣ୍ଠ ରଥ ଏବଂ ଅଧିକାରୀଙ୍କ ପୂଜାର୍ଚ୍ଚନାରେ ଦଧିହାଣ୍ଡି ଭଙ୍ଗାଯାଇଥିବା ବେଳେ ଉପସ୍ଥିତ ନରନାରୀ ଭକ୍ତମାନେ କୁଢକୁଢ ଚକ୍ଲେଟ ଆନନ୍ଦରେ ବାଣ୍ଟିଥିଲେ। ଆରାଧ ଦେବୀ ମା'ବୁଢ଼ୀମଙ୍ଗଳାଙ୍କ ପୂଜକ ଶ୍ରୀ ରବିନାରାୟଣ ପତିଙ୍କ ଦ୍ୱାରା



ଆୟୋଜିତ ଅନ୍ନ ପ୍ରସାଦକୁ ଶତାଧିକ ଲୋକ ମହୋତ୍ସବରେ ଯୋଗ ଦେଇ ସେବନ କରିଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ଦାଣ୍ଡର ସମସ୍ତ ଗ୍ରାମବାସୀଙ୍କ ଅବଦାନରେ ବରିଷ୍ଠ ମୁରବୀ ଦାଶରଥି ଲେଙ୍କା, ପିତାମ୍ବର ଲେଙ୍କା ବୈକୁଣ୍ଠ ବଳ, ଭିକାରୀ ବଳ,ଅଭିରାମ ସାହୁ, ସୁକାନ୍ତ ବେହେରା,ଅରକ୍ଷୀତ ପ୍ରଧାନ,ବ୍ରହ୍ମାନନ୍ଦ ଲେଙ୍କା, ଶିବାନନ୍ଦ ରାଉତ,ଜୟୀରାମ ସେଠୀ, ପାଣ୍ଡବ ଲେଙ୍କା,ଉମେଶ ଲେଙ୍କା, ଅଲେଖ ସାହୁ,ବାପି ସାହୁ (ସାନ)ସୁମନ୍ତ ବେହେରା,ହାଡିଆ ସୁତାର, ଧ୍ରୁବ ଲେଙ୍କା, ବୁଲା ସାହୁ, ଅନାଦି ରାଉତ,ପ୍ରମୁଖ ଏହି ପବିତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଭାଗବତ ପାରାୟଣର ମୁଖ୍ୟ ପୂଜକ ବୈକୁଣ୍ଠ ନନାଙ୍କ ଭାଗବତ ପୋଥି ପଢାରେ ଶ୍ରୋତା ସ୍ୱର୍ଗତ ହରେକୃଷ୍ଣ ସାହୁଙ୍କ ଧର୍ମ ପତ୍ନୀ ଉପସ୍ଥିତ ରହିଥିବା ବେଳେ ଭାଗବତ ଓ ସଂକୀର୍ତ୍ତନର ସମସ୍ତ ପୂଜାରେ ସହଯୋଗ କରି ଶୃଙ୍ଖଳିତ କରିଥିଲେ ବାତରା ଚନ୍ଦ୍ର ଦାସ।ତାଳଚୁଆ ଅଞ୍ଚଳର କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା କଳସ ଯାତ୍ରା ବଜାର ପରିକ୍ରମା ସାରି ପୂଜା ମଣ୍ଡପରେ ସ୍ଥାପନା କରି କୀର୍ତ୍ତନ ମଣ୍ଡଳୀ ମଣ୍ଡପ ରେ ନିଶି ପ୍ରହରୀ ପାଳନ କରିଥିଲେ। ଏହାକୁ ଦେଖିବାକୁ ଶତାଧୀକ ନରନାରୀ ଉପସ୍ଥିତ ରହି ହରିନାମ ଶ୍ରବଣ କରୁଥିଲେ। ରାତି ୪ଟାରେ ପାରମ୍ପରିକ ଡଙ୍ଗି ଭସାଇ ଆ କା ମା ବ ଇ, ପାନଗୁଆ ଖାଇ ମାସକ ଧରମ ଡୋର ଦିନକ ଧର୍ମ ମୋର ପ୍ରକାଶ କରିଥିଲେ। ପରେ ଦେବାଳୟ ଓ କୀର୍ତ୍ତନ ମଣ୍ଡଳୀ ବୁଲି ଦର୍ଶନ କରି ଆଶୀଷ ଭିକ୍ଷା କରିଥିଲେ। ଅପରପକ୍ଷରେ ଦାଣ୍ଡର କ୍ରୀଷ୍ଣା ରୟାଲ କ୍ଲବର ଯୁକ ମାନେ କାର୍ତ୍ତିକଶ୍ୱର ପୂଜାକୁ ଆକଷଣୀୟ କରୁଥିବା ବେଳେ ଏହି ଦାଣ୍ଡର ସେଠୀ ସାହିରେ ମଧ୍ୟ କାର୍ତ୍ତିକଶ୍ୱର ସହିତ କୀର୍ତ୍ତନ ହୋଇଥିଲେ ବି ସାହିର ଅନ୍ୟ ଏକ ବ୍ରାହ୍ମଣ ଦାଣ୍ଡରେ କାର୍ତ୍ତିକେଶ୍ୱର ପୂଜା ପାଉଛନ୍ତି। ସେହିପରି ବଡଦାଣ୍ଡରେ ମଧ୍ୟ ସପନେଶ୍ୱର ଓ ବଟେଶ୍ୱରୀଙ୍କ ପୀଠ ନିକଟରେ କାର୍ତ୍ତିକେଶ୍ୱର ଓ ସଂକୀର୍ତ୍ତନ ଏବଂ ହରିହାଟ ହୋଇ ହରିନାମ ଭକ୍ତି ଭାବରେ ଦାଣ୍ଡ କମ୍ପୁଥିଲା। ଦୁର୍ଗାମନ୍ଦିର ନିକଟରେ କାର୍ତ୍ତିକଶ୍ୱର ସହ କୀର୍ତ୍ତନରେ କମ୍ପୁଛି ମାଛ ମାର୍କେଟ। ସର୍ବୋପରି ରାଜନଗର ଅଞ୍ଚଳଟି ଭକ୍ତମୟ ପରିବେଶରେ କମ୍ପୁଛି।

ମହାଲକ୍ଷ୍ମୀ ପୂଜା ପାଇଁ ଶୁଭ ଖୁଣ୍ଟି ସ୍ଥାପନ

ମୁନିଗୁଡ଼ା, (ଭାସ୍କର ନ୍ୟୁଜ): ରାୟଗଡ଼ା ଜିଲ୍ଲା ମୁନିଗୁଡାର ବହୁ ପୁରାତନ ତଥା ଆକର୍ଷଣୀୟ ମାର୍ଗଶୀର ମାସର ମା' ମହାଲକ୍ଷ୍ମୀଙ୍କ ଯାତ୍ରା ୩୭ବର୍ଷରେ ପଦାର୍ପଣ କରୁଥିବା ବେଳେ ବୁଧବାର ଦିନ ପୂଜକ ଜଗବନ୍ଧୁ ପଣ୍ଡା ଏବଂ ତାଙ୍କ ପୂଜକ ଟିମ୍‌ଙ୍କ ପୂଜାର୍ଚ୍ଚନାରେ ମା'ଙ୍କ ଯାତ୍ରାର ଶୁଭଖୁଣ୍ଟି ସ୍ଥାପନ କରାଯାଇଛି । ଦୀର୍ଘ ୨୭ ବର୍ଷର ଏହି ପୂଜା କମିଟିର ସଭାପତି ପୂର୍ଣ୍ଣଚନ୍ଦ୍ର ଗୌଡ଼ ସୁଚାରୁ ରୂପେ ମା' ମହାଲକ୍ଷ୍ମୀଙ୍କ ଯାତ୍ରା ସୂଚାରୁ ରୂପେ ଚଳାଇ ଆସୁଥିଲେ । ଶ୍ରୀ ଗୌଡ ତାଙ୍କର ବ୍ୟକ୍ତିଗତ ସମସ୍ୟା ଯୋଗୁ ଏହି ଲକ୍ଷ୍ମୀ ପୂଜା କମିଟିରୁ ଅବସର ନେଇ ନୂତନ ସଭାପତି ଅଜିତ କୁମାର ନାୟକଙ୍କୁ ସମସ୍ତ ଦାୟିତ୍ୱ ସମର୍ପିତ କରିଛନ୍ତି । ଏଣିକି କମିଟିର ପୁରୁଣା କର୍ମକର୍ତ୍ତାଙ୍କୁ ପରିବର୍ତ୍ତନ କରି ସାହିର ଯୁବକମାନେ ଏହି ବର୍ଷ ଠାରୁ ମହାଲକ୍ଷ୍ମୀଙ୍କ ଯାତ୍ରାର ଦାୟିତ୍ୱ ଗ୍ରହଣ କରିଛନ୍ତି । ସେଥିପାଇଁ ଗତକାଲି ବିଜୁ ପଟ୍ଟନାୟକ ଯୁବକ ସଂଘ ଗୃହରେ ବୈଠକ ବସି ନୂତନ କମିଟି ଗଠନ କରାଯାଇ ନୂତନ ସଭାପତି ଭାବେ ଅଜିତ କୁମାର ନାୟକ(କାଳିଆ), ଉପସଭାପତି ରମାକାନ୍ତ ମାର୍ଥା, ସଂପାଦକ ଚନ୍ଦନ କୁମାର ସାହୁ(ରିଣ୍ଟୁ), ସହ ସଂପାଦକ ବାଦଲ କୁମାର ସାହୁ, କୋଷାଧକ୍ଷ ଅମିତି ପଟ୍ଟନାୟକ, ମନୋନୀତ ହୋଇଥିବା ବେଳେ ଲୁଲୁ, ମନୁ, ମୁକେଶ, ଝୁଲୁଆ, ରାଜେଶ ପ୍ରମୁଖ ବହୁ ଯୁବକ ଉପସ୍ଥିତ ଥିଲେ । ପାଇକ ସାହି ପକ୍ଷରୁ ନୂତନ ଯୁବ କର୍ମକର୍ତ୍ତାଙ୍କୁ ସ୍ୱାଗତ ଓ ଶୁଭେଚ୍ଛା ଜଣାଇବା ସହ ଆଶା କରାଯାଇଛି । ଏହି ନୂତନ ଯୁବକମାନଙ୍କ ଉତ୍ସାହରେ ଚଳିତବର୍ଷ ପୂଜା ବହୁ ଆକର୍ଷଣୀୟ ହେବା ସହ ଅତ୍ୟାଧୁନିକ ମେଡ଼ ଓ ତୋରଣ ସାଙ୍ଗକୁ ଦାମି ଅପେରା, ମିନାବଜାର, ରାମ ଦୋଳି, ସର୍କସ, ମେଜିକ୍, ବ୍ରେକ୍ ଡ୍ୟାନ୍ସ, ଡ୍ରାଗନ ଆଦି ମନୋରଞ୍ଜନ ଖେଳ ପଡିଆ ସହିତ ପିଲାମାନଙ୍କ ଆନନ୍ଦ ପାଇଁ ଖେଳ ପଡିଆର ଯଥେଷ୍ଟ ସମ୍ଭାବନା ରହିଛି । ଏତଦ୍ ବ୍ୟତୀତ ପ୍ରାୟ ୨୦୦ ରୁ ଊର୍ଦ୍ଧ୍ୱ ଷ୍ଟଲ ପଡିବାର ଆଶା କରାଯାଉଛି ବୋଲି ସାଧାରଣରେ ମଧ୍ୟ ଏସବୁର ମଜା ନେବାକୁ ଅପେକ୍ଷା କରିଛନ୍ତି ।

ଘୁମୁସର ବିକାଶ ପରିଷଦର ଜରୁରୀ ବୈଠକ

ଭଞ୍ଜନଗର(ଭାସ୍କର ନ୍ୟୁଜ): ସ୍ଥାନୀୟ ନାୟକ ଭବନ ଠାରେ ଶନିବାର ଘୁମୁସର ବିକାଶ ପରିଷଦର ଏକ ଜରୁରୀ ବୈଠକ ଆଗାମୀ ବିଧାନସଭା ଶୀତ କାଳୀନ ଅଧିବେଶନ ପରିପ୍ରେକ୍ଷୀରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ଶ୍ରୀଯୁକ୍ତ ସୋମନାଥ ନାୟକ ଅଧକ୍ଷତା କରିଥିଲେ। ପରିଷଦର ଅନ୍ୟତମ ନ୍ୟାସୀ ସଦସ୍ୟ ଦିବଂଗତ ହରିକୃଷ୍ଣ ସାହୁଙ୍କ ଅକାଳ ବିୟୋଗରେ ଦୁଇ ମିନିଟ ନୀରବ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ସମ୍ପାଦକ ପ୍ରକାଶ ଚନ୍ଦ୍ର ସାହୁ ଗତ ବୈଠକ ର ବିବରଣୀ ପାଠ କରିଥିଲେ ଓ ତାହା ଗୃହୀତ ହୋଇଥିଲା। ବିଧାୟକ ପ୍ରଦ୍ୟୁମ୍ନ ନାୟକ ଭଞ୍ଜନଗର ରେ ଶୀତଳ ଭଣ୍ଡାରର ଶିଳାନ୍ୟାସ କରି ଘୁମୁସର ଚାଷୀମାନଙ୍କ ବହୁବର୍ଷର ଦାବୀ ପୂରଣ କରିଥିବାରୁ ପରିଷଦ ତରଫରୁ ବିଶେଷ ଧନ୍ୟବାଦ ଅର୍ପଣ କରାଯାଇଥିଲା। ବିଧାୟକଙ୍କ ପୂର୍ଣ୍ଣ ସହାୟତା ରେ ଭଞ୍ଜନଗର ଓକିଲ ସଂଘ ଦୀର୍ଘ ଚାଳିଶ ବର୍ଷପରେ ଭଞ୍ଜନଗର ରେ ଓଡିଶା ଓକିଲ ସଂଘ ବାର୍ଷିକ ଅଧିବେଶନ ଆସନ୍ତା ଡିସେମ୍ବର ୩୦,୩୧ ଦୁଇଦିନ ଧରି ପାଳନ କରୁଥିବାରୁ ସ୍ୱାଗତ କରାଯାଇଥିଲା।ଘୁମୁସର ଜିଲ୍ଲା ଦାବୀ କିପରି ଶୀଘ୍ର ପୂରଣ ହେବ ସେ ଦିଗରେ ଆଶୁ ପଦକ୍ଷେପ ନେବାକୁ ବିଧାୟକ ମହୋଦୟଙ୍କୁ ଅନୁରୋଧ ଜଣାଇ ପ୍ରସ

ଖଡ଼ିଆଳ(ଓଡିଶା ଭାସ୍କର): ନୂଆପଡ଼ା ଜିଲ୍ଲା ଖଡିଆଳ ସହର ଠାରେ ଶିଖ ସମ୍ପ୍ରଦାୟ ପକ୍ଷରୁ ୫୫୫ ତମ ଗୁରୁ ନାନକ ଜୟନ୍ତୀ ପାଳିତ ହୋଇଯାଇଛି ।ଏହି ଅବସରରେ ନଅ ଦିନ ଧରି ସକାଳ ସମୟରେ ଖଡ଼ିଆଳ ସହରର ବିଭିନ୍ନ ସାହି ଓ ୱାର୍ଡରେ ପ୍ରଭାତ ଫେରି ହୋଇଥିବା ବେଳେ ଖଡିଆଳ ଗୁରୁଦ୍ୱାର ଠାରେ ଗୁରୁଙ୍କ ସ୍ୱତନ୍ତ୍ର ପୂଜା ବ୍ୟବସ୍ଥା ହୋଇଥିଲା ଓ ଲଙ୍ଗର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଖଡ଼ିଆଳ ସହରର ବହୁ ବ୍ୟକ୍ତି ଯୋଗ ଦେଇ ହଙ୍ଗର ଗ୍ରହଣ କରିଥିଲେ । ଦିନ ତମାମ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିବା ବେଳେ ଅପରାହ୍ନରେ ଗୁରୁ ଗ୍ରନ୍ଥ ସାହେବକୁ ଏକ ସୁସଜ୍ଜିତ୍ ରଥରେ ନଗର ପରିକ୍ରମା କରିଥିଲେ । ନଗର ପରିକ୍ରମାବେଳେ ମହିଳା ଏବଂ ପୁରୁଷ ମାନେ ମିଳିତ ରୂପେ ପବିତ୍ର ଜଳରେ ରାସ୍ତାକୁ ଧୋଇ ଶୋଭାଯାତ୍ରାରେ ଗ୍ରନ୍ଥ ସାହେବାକୁ ନେଇ ପରିକ୍ରମା କରିଥିଲେ । ଶିଖ ସମ୍ପ୍ରଦାୟର ସଭାପତି ସତପାଲ ସିଂ ଛାବଡା, ସମ୍ପାଦକ ଅମୃତ ସିଂ ଖଣ୍ଡୁଜା, କୁଳଦୀପ ସିଂ ଖଣ୍ଡୁଜା, ରବୀନ୍ଦ୍ର ସିଂ ଖଣ୍ଡୁଜା, ବଳବିନ୍ଦର ସିଂ ଖଣ୍ଡୁଜା, ମଜିତ ସିଂ ଖଣ୍ଡୁଜା, ସମେତ ଶତାଧିକ ଶିଖ ସମ୍ପ୍ରଦାୟର ମହିଳା ଓ ପୁରୁଷ ମାନେ ସାମିଲ ହୋଇଥିଲେ ।

ଅଗ୍ନିଶମ ବିଭାଗର ତତ୍ପରତା ପାଇଁ ବର୍ତ୍ତିଗଲା ୮ ଧାନଗଦା

କୋଷାଗୁମୁଡା(ଭାସ୍କର ନ୍ୟୁଜ): ଚାଷୀ ସଦାବେଳେ କଷ୍ଟ ସହ୍ୟ କରି ଧାନ ଅମଳ କରିଥାଏ । ଧାନ ଅମଳ କଲା ପରେ ବି ସେ ଯନ୍ତ୍ରଣା ପାଇଥାଏ। ବର୍ତ୍ତମାନ ଧାନ ଅମଳର ସମୟ। ସମସ୍ତ ଚାଷୀ ଧାନ କାଟି ନିଜ ଜମିରେ ଧାନ ଗଦା କରି ସାଇତିରେ ରଖୁଛନ୍ତି। ଠିକ ସେମିତି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ମୋତିଗାଁ ପଞ୍ଚାୟତ ର ଲାଲାଗୁଡା ଗ୍ରାମର ଚାଷୀ ସମାରୁ ଭତ୍ରା, ମଦନ ଭତ୍ରା, ଖଗୁ ଭତ୍ରା, ତୁଳାରାମ ଭତ୍ରା, ରୁକ ଧର ଭତ୍ରା, ଧନୁର ଭତ୍ରାଙ୍କ ଅମଳ ଧାନକୁ ନିଜ ଚାଷ ଜମିରେ ଗଦା କରି ରଖିଥିଲେ। ପ୍ରାୟ ବଡ଼ ବଡ଼ ୮ ଟି ଧାନ ଗଦା ଖଳାରେ ଗଦା କରି ରଖିଥିଲେ। ଦୁର୍ଭାଗ୍ୟବଶତଃ ତାଙ୍କର ଗଦା ରହିଥିବା ଧାନରେ କୋଣସି କାରଣ ବଶତଃ ଆଜି ଅପରାହ୍ନ ୨ ଘଣ୍ଟା ସମୟରେ ନିଆଁ ଲାଗି ଯାଇଥିଲା ।ଏହା ଦେଖି ଗ୍ରାମ ପରିବାର ଲୋକେ କୋଷାଗୁମୁଡା ଅଗ୍ନିଶମ ବିଭାଗ କୁ ଖବର ଦେଇଥିଲେ। ତତ୍କ୍ଷଣାତ ଅଗ୍ନିଶମ ବିଭାଗର ଟିମ ପହଂଚି ନିଆକୁ ଆୟତ୍ତ କରିଥିଲେ ଏବଂ ଗ୍ରାମ ଲୋକେ ମଧ୍ୟ ନିଆ ଲିଭେଇବାରେ ସହାୟତା କରିଥିଲେ। ଅଗ୍ନିଶମ ବାହିନୀଙ୍କ ତତ୍ପରତା ଏବଂ କଠିନ ପରିଶ୍ରମ ପାଇଁ ଆଜି ଚାଷୀର ଅମଳ କରିଥିବା ପ୍ରାୟ ୮୦ ଭାଗା ଧାନ ବଞ୍ଚିଯାଇଛି । ଅଗ୍ନିଶମ ବିଭାଗର ହାବିଲଦାର ଜଗଦୀଶ ମାଝୀ, ଫାୟାର ମେନ ସୁଶାନ୍ତ ବାବୁ, ପ୍ରଭଞ୍ଜନ ବାବୁ, କ୍ଷୀରୋଦ ବାବୁ, ଡ୍ରାଇଭର ଏଚ. କେ. ପ୍ରଧାନଙ୍କ ଟିମ ସହାୟତାରେ ଆଜି ଏହି ବଡ଼ ବିପତ୍ତିରୁ ଚାଷୀର ଧାନ ବର୍ତ୍ତିଯାଇଛି । ଯାହାକି ଅଞ୍ଚଳରେ ଅଗ୍ନିଶମ ବିଭାଗର ତତ୍ପରତା ପାଇଁ ସମସ୍ତ ଟିମ କୁ ଅଞ୍ଚଳ ବାସି ସାଧୁବାଦ ଜଣେଇଛନ୍ତି ଏବଂ ଚାଷୀର କ୍ଷତି ପୂରଣ ବାବଦକୁ ପ୍ରଶାସନର ତରଫରୁ ସହାୟତା ଯୋଗେଇ ଦେବାପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି ଜଣେଇଛନ୍ତି ।

ଦୁର୍ଘଟଣାରେ ଜଣେ ମୃତ

ଉମରକୋଟ(ଭାସ୍କର ନ୍ୟୁଜ୍): ବାଇକ୍ ଦୁର୍ଘଟଣା ରେ ଜଣେ ବ୍ୟକ୍ତି ମୃତ୍ୟୁବରଣ କରିଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ଠାରୁ ଝରିଗାଁ ଯିବା ରାସ୍ତାରେ। ମୃତ ବ୍ୟକ୍ତି ଜଣକ ହେଲେ ଉମରକୋଟ ଥାନା ଅନ୍ତର୍ଗତ ସୁନାବେଡ଼ା ପଞ୍ଚାୟତ ସାହେବ ଗୁଡା ଗ୍ରାମର ଦୁର୍ଯ୍ୟ ପୂଜାରୀ (୪୦)। ମିଳିଥିବା ସୂଚନା ଅନୁସାରେ ଦୁର୍ଯ୍ୟ ଓ ହେମନ୍ତ ପୂଜାରୀ (୨୦) ଦୁହେଁ ମିଶି ବାଇକ୍ ଯୋଗେ ନବରଙ୍ଗପୁର ଯାଇ ଘରକୁ ଫେରୁଥିଲେ। ଏହି ସମୟରେ ଝରିଗାଁ ରୋଡ଼ ସ୍ଥିତ ପେଟ୍ରୋଲ ପମ୍ପ ନିକଟରେ ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ବାଇକ୍‌କୁ ଧକ୍କା ଦେଇଥିଲେ। ଫଳରେ ଦୁହେଁ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଖବର ପାଇ ପୋଲିସ ଏସଆଇ ଅକ୍ଷୟ ମିଶ୍ର, ପୂର୍ଣ୍ଣିମା ଟେଟେ ଏବଂ ପୋଲିସ ଯବାନ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଉମରକୋଟ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତରଖାନାରେ ଡାକ୍ତର ଦୁର୍ଯ୍ୟଙ୍କୁ ମୃତ ଘୋଷଣା କରିଥିଲେ। ହେମନ୍ତ ପୂଜାରୀ ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି। ଦୁର୍ଘଟଣାଗ୍ରସ୍ତ ହୋଇଥିବା ଦୁଇ ବାଇକକୁ ପୋଲିସ ଜବତ କରିଛି।

■ ଜନଜାତୀୟ ଗୌରବ ଦିବସ

ଯୋଗ ଦେଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

ମାଲକାନଗିରି (ଭାସ୍କର ନ୍ୟୁଜ୍): ଧରତୀ ଆବା ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜୟନ୍ତୀ ଅବସରରେ ଡିଏନ୍‌କେ ଖେଳପଡିଆ ଠାରେ ଜିଲ୍ଲା ସ୍ତରୀୟ ଜନ ଜାତୀୟ ଗୌରବ ଦିବସ ଅନୁଷ୍ଠିତ ହୋଇଯାଇଛି । ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଭାସୀ ମାଧ୍ୟମରେ ଯୋଗ ଦେଇ ସଭାକୁ ସମ୍ବୋଧିତ କରିଥିଲେ । ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ମାଲକାନଗିରି ବିଧାୟକ ନରସିଂହ ମାଡକାମୀ, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ସମାରୀ ତାଙ୍ଗୁଲ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ଓ ସାଂସଦ ପ୍ରତିନିଧି ସଞ୍ଜୟ ସରକାର ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ଼. ମହାଲିଙ୍ଗ ବିର୍ସା ମୁଣ୍ଡାଙ୍କ ବୀରତ୍ୱର ଗାଥା ମନେ ପକାଇଥିଲେ। ଏହି ଅବସରରେ ଜିଲ୍ଲା ଆଦିବାସୀ ମହସଂଘ ସମେତ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଜନଜାତି ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଜୟଶ୍ରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ତପନ ନାରାୟଣ ରଥ, ଜିଲ୍ଲା ମଙ୍ଗଳ ଅଧିକାରୀ, ଶ୍ରୀନିବାସ ଆଚାରୀ ଓ ଅର୍ଥ ପରିଚାଳକ ମାନସ ମିଶ୍ର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ ପରିଚାଳନା କରିଥିଲେ।

ଯୁବ ସମାଜସେବୀ ସୁବ୍ରତ ଚିନ୍ଦ୍ରାଙ୍କୁ ସୂର୍ଯ୍ୟ ପ୍ରକାଶ ମହାପାତ୍ର ସ୍ମୃତି ସମ୍ମାନ

ବରଗଡ(ଭାସ୍କର ନ୍ୟୁଜ): ଶିଶୁ ଦିବସ ଅବସରରେ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ, ବରଗଡ଼ଠାରେ ଓଡିଶା ଜନତା ସଂଘର୍ଷ ସମିତି ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବରପାଲିର ଯୁବ ସମାଜସେବୀ ଶ୍ରୀମାନ ସୁବ୍ରତ ଚିନ୍ଦ୍ରାଙ୍କୁ ୨୦୨୪ ବର୍ଷ ନିମନ୍ତେ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଯୋଗୁଁ ସୂର୍ଯ୍ୟ ପ୍ରକାଶ ମହାପାତ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି । ପ୍ରକାଶ ଥାଉକି, ୨୦୧୨ ମସିହା ଠାରୁ ଆରମ୍ଭ ହୋଇଥିବା ଏହି ସମ୍ମାନ ବରଗଡ଼ ଜିଲ୍ଲାର ପ୍ରତି ବ୍ଲକରୁ ପ୍ରତି ବର୍ଷ ଜଣେ ସମାଜସେବୀଙ୍କୁ ପ୍ରଦାନ କରାଯାଇଥାଏ । ବରପାଲିର ସୁବ୍ରତ ଚିନ୍ଦ୍ରା ଅସହାୟ, ଗରିବ, ରୋଗୀ ଓ ଛାତ୍ର ଛାତ୍ରୀଙ୍କୁ ସାହାଯ୍ୟ ସହଯୋଗ କରିବା ସହିତ ସେ ବୃକ୍ଷରୋପଣ, ରକ୍ତଦାନ ତଥା ବିଭିନ୍ନ ଧର୍ମାନୁଷ୍ଠାନ ଓ ସାଂସ୍କୃତିକ ଅନୁଷ୍ଠାନମାନଙ୍କୁ ଆର୍ଥିକ ସହଯୋଗ ଦେଇ ଆସୁଛନ୍ତି । ତାଙ୍କୁ ଉତ୍ସାହିତ କରିବା ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି । ସମିତି ସଭାପତି ଶ୍ରୀମାନ କିଶୋର ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ପ୍ରିତମ ସିଂଙ୍କ ସମେତ ବିଭିନ୍ନ ବିଶିଷ୍ଟ ବ୍ୟକ୍ତିଗଣ ଯଥା : ପବିତ୍ର ଦେହେରୀ,ଭଗବାନ ପଧାନ, ପ୍ରଦୀପ ଥପା, ପ୍ରଦୀପ୍ତଭାନୁ ମହାନ୍ତି, ଉମେଶ ବିଶ୍ୱାଳ, ଭାବନା ଅଗ୍ରୱାଲ, ପ୍ରିୟଙ୍କା ଶର୍ମା, ସିମାଞ୍ଚଳ ସାହୁ, ଦିଲ୍ଲୀପ କୁମାର ପଣ୍ଡା, ସମିତିର ଉପସଭାପତି ମେଘନାଦ ସାହୁ, ସମ୍ପାଦକ ଅଭୟ କୁମାରଦବ ଜାଲ, ହେମନ୍ତ ପଧାନ,ଶରତ ସାହୁ ଓ ଡାକ୍ତର ବିଶି ମଞ୍ଚାସୀନ ଥିଲେ । ସମ୍ପାଦକ ସମିତିର ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ଆଲୋକପାତ କରିଥିବା ବେଳେ ଉପସଭାପତି ଅତିଥି ପରିଚୟ ପ୍ରଦାନ କରିଥିଲେ । ସଭ୍ୟ ଦୁଃଖୀସେବକ ସାହୁ ମାନପତ୍ର ପଠନ କରିଥିଲେ। କାର୍ଯ୍ୟକ୍ରମରେ ସମିତିର ସଭ୍ୟ ସନାତନ ସାହୁ,ପ୍ରମୋଦ ସାହୁ, ସୂର୍ଯ୍ୟ କୁମାର ସେଠ, ତ୍ରିଲୋଚନ ସାହୁ,କାମଦେବ ବେହେରା, ଗଣେଶ ବର୍ଗେ,ସୁଶୀଳା ପଶାୟତ ଓ ଶିବାୟନୀ ପଣ୍ଡା ସହଯୋଗ କରିଥିଲେ । ପରିଶେଷରେ ସହ ସମ୍ପାଦକ ନେପାଳ ଦୁଆନ ଧନ୍ୟବାଦ ଅର୍ପଣ କରିଥିଲେ।

ବାଲିମେଳା-ଚିତ୍ରକୋଣ୍ଡା ରାସ୍ତା ମରାମତି ଦାବି

କୋରୁକୋଣ୍ଡ (ଭାସ୍କର ନ୍ୟୁଜ୍): । : ବାଲିମେଳା ଠାରୁ ଚିତ୍ରକୋଣ୍ଡାକୁ ସଂଯୋଗ କରୁଥିବା ମୁଖ୍ୟ ରାଜରାସ୍ତାର ଉଭୟ ପାର୍ଶ୍ୱରେ ଖାଲଖମା ଦେଖିବାକୁ ମିଳିଛି। ମାଲକାନଗିରି ଜିଲ୍ଲା ଠାରୁ ଚିତ୍ରକୋଣ୍ଡା ବ୍ଲକ୍ ସଦରମହକୁମା ଓ ସୀମାନ୍ତ ରାଜ୍ୟ ଆନ୍ଧ୍ର ପ୍ରଦେଶକୁ ଯୋଗାଯୋଗ ନିମନ୍ତେ ଏହି ଏକ ମାତ୍ର ରାସ୍ତା ଉପରେ ନିର୍ଭରଶୀଳ। ଏହି ରାସ୍ତା ଦେଇ ଦୈନିକ ଶତାଧିକ ଯାନବାହନ ବିପଦଜନକ ଭାବେ ଯାତାୟତ କରୁଛନ୍ତି। ଏହା ଏକ ଘାଟି ରାସ୍ତା ହୋଇଥିବା ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଖାଲ ସୃଷ୍ଟି ହୋଇଛି, ଯାହାକି ଦୁର୍ଘଟଣା ର ମୁଖ୍ୟ କାରଣ ପାଲଟିଛି। ଏପରିକି କିଛି ଖାଲ ର ଗଭୀର ୧ ଫୁଟ୍ ରୁ ଊର୍ଦ୍ଧ୍ୱ ହୋଇଥିବା ଦେଖିବାକୁ ମିଳିଛି। ରାସ୍ତାର ଏଭଳି ଅବସ୍ଥା ଯୋଗୁଁ ପ୍ରତ୍ୟେକ ଦିନ ଯାତାୟତ କରୁଥିବା ଯାତ୍ରୀମାନେ କଷ୍ଟସାଧ୍ୟ ଓ ବିପଦଜନକ ଯାତ୍ରା କରୁଛନ୍ତି ବୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ପୂର୍ତ୍ତ ବିଭାଗର କନଷ୍ଟ ଯନ୍ତ୍ରୀ ସଂଗ୍ରାମ ମାରାଣ୍ଡିଙ୍କୁ ପଚାରିବାରୁ ସେ ଉକ୍ତ ଘଟଣାକୁ ସ୍ୱୀକାର କରିବା ସହ ଏହାର ଟେଣ୍ଡର ପ୍ରକ୍ରିୟାକରଣ ହୋଇସାରିଛି ଏବଂ ଖୁବ ଶୀଘ୍ର ଏହାର ମରାମତି କରିବା ନିମନ୍ତେ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମତ ପ୍ରକାଶ କରିଛନ୍ତି।

ଚର୍ଚ୍ଚାରେ ନୂଆପଡ଼ା ଜିଲ୍ଲାପାଳଙ୍କ ସେଲ୍ଫି

ଖଡ଼ିଆଳ (ଭାସ୍କର ନ୍ୟୁଜ): ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାସ କ୍ଷେତ୍ର ପରିଦର୍ଶନ ସମୟରେ ନୂଆପଡା ଜିଲ୍ଲା କୋମନା ବ୍ଲକର ପଏର ଗାଁ ର ଏକ ଛୋଟ ନରସିଂହନାଥ ଝରଣାର ଏକ ସେଲଫି ଫଟୋ ଚିତ୍ର ବେଶ୍ ଚର୍ଚ୍ଚାର ପରିସରକୁ ଆସିଛି। ଏଥିରେ ଖଡ଼ିଆଳ ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡିଙ୍କ ସହ ଜିଲ୍ଲାର ଅନ୍ୟ ବ୍ଲକର ଉପାଧ୍ୟକ୍ଷମାନେ ଥିବାବେଳେ ସାଧାରଣ ଲୋକେ ମଧ୍ୟ ସେଲଫି ଫଟୋରେ ଅଛନ୍ତି। ଜିଲ୍ଲାପାଳ ସାଧାରଣ ଲୋକଙ୍କ ସହ ବସିବା, ଲୋକଙ୍କ ଅଭିଯୋଗ ଠିଆ ଠିଆ ଗ୍ରହଣ କରିବା, ସାଧାରଣ ଲୋକଙ୍କ ସହ ହାତ ମିଳେଇବା ଭଳି ଦୃଶ୍ୟ ଲୋକଙ୍କ ମନକୁ ଖୁବ ଆକୃଷ୍ଟ କରିଛି। ନୂଆପଡା ଜିଲ୍ଲାର ଖଟିଖିଆ, ମଜୁରିଆ ଲୋକଠାରୁ ନେଇ ସମସ୍ତେ ଜିଲ୍ଲାପାଳ ଙ୍କ ଏଭଳି କାର୍ଯ୍ୟକୁ ଜିଲ୍ଲାରେ ଖୁବ ବେଶ୍ ପ୍ରଶଂସା କରୁଥିବାବେଳେ ବିଭିନ୍ନ ମହଲରେ ବହୁତ ଚର୍ଚ୍ଚା ହେଉଛି ଓ ପ୍ରଶଂସା କରାଯାଉଛି। ଜିଲ୍ଲାକୁ ଅନେକ ଜିଲ୍ଲାପାଳ ଆସିଛନ୍ତି ଓ ଜିଲ୍ଲାରେ କେନ୍ଦ୍ରୀୟ ଓ ରାଜ୍ୟ ପୁରସ୍କାର ପାଇ ଯାଉଛନ୍ତି ହେଲେ ଏଭଳି ଲୋକଙ୍କ ସହ ମିଳାମିଶା ନୂଆପଡା ଜିଲ୍ଲାରେ ରେ ପ୍ରଥମ ଥର। ଯିଏକି ନୂଆପଡା ଜିଲ୍ଲାର ଉନ୍ନତି ଓ ଲୋକଙ୍କ ଉନ୍ନତି ପାଇଁ ନିଜକୁ ଲୋକଙ୍କ ସହ ସବୁବେଳେ ଜଡିତ ରହିଛନ୍ତି।

ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ

ନୂଆପଡ(ଭାସ୍କର ନ୍ୟୁଜ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଧରତି ଆବା ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ସମାରୋହ କୋମନା ବ୍ଲକ୍ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ସମ୍ମାନୀୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିହାର ଯାମୁଇ ଠାରେ ଏକ ବିଶାଳ ଆଦିବାସୀ ସମାରୋହରେ ଯୋଗଦେଇ ସେମାନଙ୍କ ପାଇଁ ନିର୍ମିତ ୬୦୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଗୁଡ଼ିକର ଉଦ୍ଘାଟନ ଓ ଶିଳାନ୍ୟାସ କରିଛନ୍ତି । ଏବେ ଦେଶରେ ଆଗାମୀ ୫ ବର୍ଷ ଧରି ଧରତୀ ଆବା ଜନଜାତି ଗ୍ରାମୀଣ ଉତ୍କର୍ଷ ଅଭିଯାନ ଚାଲିବ। ଏହି ଯୁଗାନ୍ତକାରୀ ଘଟଣାବଳିର ସମୁଚିତ ପ୍ରଚାର ପ୍ରସାର ପାଇଁ ନୂଆପଡ଼ା ଜିଲ୍ଲା କୋମନା ବ୍ଲକ୍ ପଡ଼ିଆରେ ଆଜି ହଜାର ହଜାର ଆଦିବାସୀ ଏବଂ ଆଦିମ ଜନଜାତି ମାନଙ୍କ ଏକ ବିଶାଳ ସାଧାରଣ ସଭାର ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏଇ ସମାରୋହରେ ନୂଆପଡ଼ା ବିଧାୟକ ରାଜେନ୍ଦ୍ର ପ୍ରସାଦ ଢୋଲକିଆ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଏହି ସମାରୋହରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧଗୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ଜିଲ୍ଲା ପରିଷଦ ସଦସ୍ୟ ଭାନୁ ମାଝୀ, ଆଦିବାସୀ ପ୍ରତିନିଧି ହୋମ ସିଂ ମାଝୀ, ଦୃଷ୍ଟି ମାଝୀ, ମୁରଲୀ ଭୋଇ, ସାଂସଦ ପ୍ରତିନିଧି ପ୍ରେମ୍ ଅଗ୍ରୱାଲ ପ୍ରମୁଖ ଯୋଗଦେଇ ମହାତ୍ମା ଗାନ୍ଧୀ ଓ ବିର୍ସା ମୁଣ୍ଡା ଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପାଞ୍ଜଳି ପ୍ରଦାନ କରିଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀ ଦୀପ୍ତିମନ୍ତ ଭୋଇ ଓ କୋମନା ବିଡିଓ ସିତାଂଶୁ ସାମଲ ସମାରୋହ ପରିଚାଳନା କରିଥିଲେ । ଏହି ଜନଜାତି ଉତ୍ଥାନ କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲାର ଯେଉଁ ଗ୍ରାମରେ ଜନ ସଂଖ୍ୟାର ୫୦ ପ୍ରତିଶତ ରୁ ଅଧିକ ଆଦିବାସୀ ଅଛନ୍ତି ସେହିପରି ୨୬୦ ଟି ଗ୍ରାମକୁ ସାମିଲ୍ କରାଯାଇଛି । ପର୍ଯ୍ୟାୟକ୍ରମେ ୫ ବର୍ଷ ଧରି ଏହି ବିକାଶ କାର୍ଯ୍ୟକ୍ରମରେ କେନ୍ଦ୍ର ସରକାରଙ୍କ ୧୭ ଟି ମନ୍ତ୍ରାଳୟ ଓ ରାଜ୍ୟର ୧୩ ଟି ମନ୍ତ୍ରାଳୟ ଭାଗନେବେ। କୋମନା ବ୍ଲକ୍ ପଡ଼ିଆରେ ଆୟୋଜିତ ହୋଇଥିବା ଏଇ ବିଶାଳ ମେଳା ତଥା ସମାରୋହରେ ସ୍ୱାସ୍ଥ୍ୟ ସେବା, ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ, ଆଧାର କାର୍ଡ , ପ୍ରଧାନମନ୍ତ୍ରୀ ଜନଧନ ଖାତା, ପିଏମ୍ କିଷାନ୍, ଜାତି ପ୍ରମାଣପତ୍ର, ଖାଉଟି କାର୍ଡ ଇତ୍ୟାଦି ସେବା ଯୋଗାଇଦେବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗ ଷ୍ଟଲ୍ ଖୋଲିଥିଲେ । ଜାମୁଇ ଠାରେ ହେଉଥିବା ପ୍ରଧାନମନ୍ତ୍ରୀ ଙ୍କ ବିଶାଳ କାର୍ଯ୍ୟକ୍ରମର ସିଧାପ୍ରସାରଣ ଏଠାରେ ପ୍ରଦର୍ଶିତ ହେବା ସହିତ ଚକୋଟିଆ ଭୂଞ୍ଜିଆ ଆଦିବାସୀ ସଂପ୍ରଦାୟ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ସମ୍ମାନୀୟ ବିଧାୟକ, ଜିଲ୍ଲାପାଳ ଓ ଅତିଥିମାନେ ଜନଜାତି ବିକାଶ ର ବାର୍ତ୍ତା ଘରେ ଘରେ ପହଞ୍ଚାଇବା ପାଇଁ ଏକ ପ୍ରଚାର ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଆଦିବାସୀ ପୁରୁଷ ଏବଂ ମହିଳାମାନଙ୍କୁ ଘର ତିହ ପଙ୍ଗା ବଣ୍ଟନ କରିଥିଲେ । ସଭାରେ ଜିଲ୍ଲାର ବିଭିନ୍ନ ଲୋକପ୍ରତିନିଧିଙ୍କ ସହିତ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲ୍ଲା ଶିଳ୍ପକେନ୍ଦ୍ର ମ୍ୟାନେଜର ସମୀର ମୁଦୁଲି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସଂଗୀତା ପାତ୍ର, ଏଲ ଡି ଏ

ଭାପୁର(ଭାସ୍କର ନ୍ୟୁଜ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ସଦର ମହକୁମାରେ ଅବସ୍ଥିତ ପୂର୍ବ ବିଭାଗ ଡାକ ବଙ୍ଗଳା ପରିସରରେ 'ଭାପୁର ପ୍ରେସ କ୍ଲବ', ଭାପୁରର ନବମ ବାର୍ଷିକ ଉତ୍ସବ ଓ ଜାତୀୟ ସାମ୍ବାଦିକତା ଦିବସ କ୍ଲବର ସଭାପତି ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ନୀରାଡ଼ମ୍ବର ସହକାରେ ପାଳିତ ହୋଇଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ସାମ୍ବାଦିକ ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ କଟକ ସାଂସଦଙ୍କ ନୟାଗଡ଼ ଜିଲ୍ଲା ପ୍ରତିନିଧି ଗୟାଧର ପରିଡା, ଭାପୁର ତହସିଲଦାର ଅର୍ଜୁନ ପ୍ରଧାନ, ଫତେଗଡ଼ ଥାନା ଅଧିକାରୀ ପଞ୍ଚାନନ ପରିଡା, ଭାପୁର ବିଟ୍ ହାଉସ୍ ଅଧିକାରୀ ସଞ୍ଜୟ କୁମାର ପରିଡ଼ା, କଟକ ସାଂସଦଙ୍କ ଭାପୁର ବ୍ଲକ ପ୍ରତିନିଧି ତୋଫାନ କୁମାର ପ୍ରଧାନ, ଭାପୁର ବ୍ଲକ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ନାୟକ, ବାଲୁଙ୍କେଶ୍ୱରଦେବ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ ଚିକିରିପଡ଼ାର ଅଧ୍ୟକ୍ଷ ସାରଙ୍ଗଧର କର, ପ୍ରହ୍ଲାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଦ୍ମାବତୀର ଅଧ୍ୟକ୍ଷ ରବିନ୍ଦ୍ର କୁମାର ମଲ୍ଲ, ଭାପୁର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର ସମ୍ପାଦକ ସନ୍ତୋଷ ପ୍ରଧାନ, ଭାପୁର ବରିଷ୍ଠ ନାଗରିକ ସଂଘର ସମ୍ପାଦକ ପ୍ରଭାକର ସାହୁ, ଭାପୁର ବଣିକ ସଂଘ ସଭାପତି କାର୍ତ୍ତିକ ଚନ୍ଦ୍ର ନାୟକ ଓ ସମ୍ପାଦକ ସନାତନ ସାହୁ, ସୋସିଆଲ ମିଡ଼ିଆ ସଂଘର ସଭାପତି ଶଶୀଭୂଷଣ ରାଉତରାୟ, ଭାପୁର ବନପାଳ ବନମାଳୀ ରାଉତ, ଆଞ୍ଚଳିକ ସାମ୍ବାଦିକ ସଙ୍ଘ ଖଣ୍ଡପଡ଼ାର ସମ୍ପାଦକ ଭବାନୀଶଙ୍କର ସିଂହ ସାମନ୍ତ, ଭାପୁର ପ୍ରେସ କ୍ଲବର ଉପଦେଷ୍ଟା ତଥା କବିରାଜ ଚିନ୍ତାମଣି ସରକାରୀ ଉଚ୍ଚ ବିଦ୍ୟାଳୟ ବାରବାଟି, ନୂଆଗାଁର ପ୍ରଧାନ ଶିକ୍ଷକ ମନୋଜ କୁମାର ଶତପଥୀ, ସମାଜସେବୀ ପ୍ରଫୁଲ୍ଲ କୁମାର ସାହୁ, ଭାପୁର ପ୍ରେସ କ୍ଲବର ପୂର୍ବତନ ସଭାପତି ତଥା ଅଧ୍ୟାପକ ଜ୍ଞାନରଞ୍ଜନ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।

କ୍ୟାନ୍ସର ଚିକିତ୍ସା ପଦ୍ଧତି ଆହୁରି ବ୍ୟାପକ ହେବ: ସ୍ୱାସ୍ଥ୍ୟ ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବର୍ତ୍ତମାନ ସମୟରେ ବିଭିନ୍ନ କାରଣରୁ କର୍କଟ ରୋଗ ବଢୁଥିବା ଦେଖାଯାଇଛି । ଏହାକୁ ଦୃଷ୍ଟିରେ ରଖି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସଚେତନତା କାର୍ଯ୍ୟ ଜୋରଦାର କରିଦେଇଛନ୍ତି । ଏପରିକି ସାରା ଦେଶରେ ଉନ୍ନତମାନର ଚିକିତ୍ସା ସୁବିଧା ମଧ୍ୟକରାଯାଇଛି । ଆବଶ୍ୟକସ୍ଥଳେ କ୍ୟାନ୍ସର ଚିକିତ୍ସା ପଦ୍ଧତି ଆହୁରି ବ୍ୟାପକ ହେବ ବୋଲି ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ କହିଛନ୍ତି । ଭୁବନେଶ୍ୱରରେ ଆୟୋଜିତ କ୍ୟାନ୍ସର ଅପଡେଟ-୩ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କର୍କଟ ରୋଗ ଯେଭଳି ଦେଶରେ ଆଉ ବ୍ୟାପିବ ନାହିଁ ସେ କ୍ଷେତ୍ରରେ ବ୍ୟାପକ ପଦକ୍ଷେପ ନିଆଯାଉଛି ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡାକ୍ତର ଆଶୁତୋଷ ବିଶ୍ୱାସ, ଏମ୍ସର ଅନ୍ୟ ଜଣେ ଡାକ୍ତର ଦିଲିପ କୁମାର ପରିଡା, ସନ୍ଦିପ କୁମାର ବାରିକ, ଦୀପକ କୁମାର ଦାସ ପ୍ରମୁଖ ଯୋଗଦେଇ କ୍ୟାନ୍ସର ରୋଗର କାରଣ ଏବଂ ନିରାକରଣ ସଂପର୍କରେ ଆଲୋକପାତ କରିଥିଲେ । ଭୁବନେଶ୍ୱର ଏମ୍ସର କର୍କଟ ରୋଗ ବିଭାଗ ଏବଂ କ୍ୟାନ୍ସର କେୟାର ଏଜୁକେସନ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ଏଥିରେ ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡାକ୍ତର ସରୋଜ କୁମାର ଦାସ ମଜୁମଦାର ମଞ୍ଚ ପରିଚାଳନା କରିଥିଲେ । ରାଜ୍ୟର ପ୍ରମୁଖ ହସ୍ପିଟାଲ ଗୁଡିକରେ କାର୍ଯ୍ୟରତ ପ୍ରାୟ ୪୦ଜଣ କର୍କଟ ରୋଗ ବିଭାଗ ଡାକ୍ତର ଏଥିରେ ଯୋଗଦେଇ ନିଜର ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ ।

ତାଳଚେର ପ୍ରେସ୍ କ୍ଲବ୍ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ

ତାଳଚେର(ଭାସ୍କର ନ୍ୟୁଜ): ତାଳଚେର ପ୍ରେସ୍ କ୍ଲବ୍ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି । ହାଟତୋଟାସ୍ଥିତ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରେସ୍ ଦିବସରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ମହେଶ ସାହୁ ଯୋଗଦେଇ ଗଣତନ୍ତ୍ରରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ଶ୍ରୀ ସାହୁ ଜାତୀୟ ପ୍ରେସ ଦିବସ ପାଳନର ତାତ୍ପର୍ଯ୍ୟ ଓ ଏକ ସୁସ୍ଥ ସମାଜ ଗଠନରେ ସାମ୍ବାଦିକମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ରାଜ୍ୟର ଅଭିବୃଦ୍ଧି ଦିଗରେ ଗଣମାଧ୍ୟମ ପ୍ରତିନିଧିମାନେ ନିଜର ଲେଖନୀ ଚାଳନା ମାଧ୍ୟମରେ ଥିବା ବିଭିନ୍ନ ଦୋଷ ତ୍ରୁଟିକୁ ଦର୍ଶାଇବା ସହିତ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ଗୁଡ଼ିକର ଆଶୁ ସମାଧାନ କରିବା ତଥା ସାଲିସ୍‌ବିହୀନ ସାମ୍ବାଦିକତାରେ ବ୍ରତୀ ହୋଇ ସମାଜ ଗଠନରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ । ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରେସ ଦିବସରେ ମୁଖ୍ୟବକ୍ତା ଭାବେ ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ସୁବ୍ରତ କୁମାର ଦାସ ଓ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନ୍‌ଜୀବୀ ଦେବୀ ପ୍ରସାଦ ରଥ ଓ ପୂର୍ବତନ ନଗରପାଳ କେଶବ ଭୂତିଆ ଯୋଗଦେଇ ଜନତା, ଲୋକପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ସୁସ୍ଥ ସମାଜ ଗଠନ ପାଇଁ ଗଣମାଧ୍ୟମର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ପ୍ରେସ୍ କ୍ଲବ୍‌ର ଉପସଭାପତି ଦେବୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରାରମ୍ଭରେ ସଂଘର ପ୍ରତିଷ୍ଠାତା ସାମ୍ବାଦିକ ଗୌରବ ସ୍ୱର୍ଗତ ଦିବାକର ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ପ୍ରେସ୍ କ୍ଲବ୍‌ର ସାଧାରଣ ସମ୍ପାଦକ ଡ.ରଶ୍ମିରଞ୍ଜନ ମିଶ୍ରଙ୍କ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧିନ ଥିବା ଯୋଗୁଁ ତାଙ୍କର ଆଶୁ ଆରୋଗ୍ୟ କାମନା କରାଯାଇଥିଲା । ଏହି ଅବସରରେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି, ଆଇନ୍‌ଜୀବୀ, ବୁଦ୍ଧିଜୀବୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ମହିଳା ସଂଗଠନ ଓ ସମାଜସେବୀଙ୍କୁ ମୁଖ୍ୟଅତିଥି ପୂର୍ବତନ ସାଂସଦ ଶ୍ରୀ ସାହୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

ବୋଡୋଲ୍ୟାଣ୍ଡ୍ ମହୋତ୍ସବ ଏବଂ ବିବିଭା କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବିକଶିତ ଭାରତ ଗଠନରେ ଭାରତର ଯୁବକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତାଙ୍କ ଶକ୍ତି ଏବଂ ସୃଜନଶୀଳତା ଭାରତକୁ ନୂତନ ଉଚ୍ଚତାକୁ ନେବାର ସାମର୍ଥ୍ୟ ରଖିଛି ବୋଲି ଶନିବାର ନୂଆଦିଲ୍ଲୀରେ ଆୟୋଜିତ ବୋଡୋଲ୍ୟାଣ୍ଡ୍ ମହୋତ୍ସବ ଏବଂ ହରିୟାଣା ଗୁରୁଗ୍ରାମ ସ୍ଥିତ ଏସଜିଟି ବିଶ୍ୱବିଦ୍ୟାଳୟରେ ଆୟୋଜିତ ପୃଥକ କାର୍ଯ୍ୟକ୍ରମ 'ବିବିଭା ୨୦୨୪'ରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଯୁବପିଢ଼ିଙ୍କ ମଧ୍ୟରେ ଗବେଷଣାର ଜାଗରଣ ସୃଷ୍ଟି କରିବା ପାଇଁ ଭାରତୀୟ ଶିକ୍ଷଣ ମଣ୍ଡଳର ଯୁବକମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଜିର ଯୁବପିଢ଼ି ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, କୃଷି, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ନିଜର ଅଂଶଗ୍ରହଣ ଦ୍ୱାରା ଦେଶକୁ ଆତ୍ମନିର୍ଭରଶୀଳତା ଏବଂ ବିଶ୍ୱ ନେତୃତ୍ୱ ଆଡକୁ ନେଇପାରିବେ । ଜାତୀୟ ଶିକ୍ଷା ନୀତି-୨୦୨୦ ଏ ଦିଗରେ ଏକ ଐତିହାସିକ ପଦକ୍ଷେପ । ସେହିପରି ନୂଆଦିଲ୍ଲୀରେ ଆୟୋଜିତ ବୋଡୋଲ୍ୟାଣ୍ଡ୍ ମହୋତ୍ସବରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ବୋଡୋଲ୍ୟାଣ୍ଡ ଅଞ୍ଚଳର ସଂସ୍କୃତି, ଐତିହ୍ୟ, ଇତିହାସ ଏବଂ ଭାଷାର ଏହି ଅନନ୍ୟ ଉତ୍ସବ ରାଷ୍ଟ୍ରୀୟ ରାଜଧାନୀ ଦିଲ୍ଲୀରେ ଆୟୋଜନ ହେବା ଖୁସିର ବିଷୟ । ବୋଡୋଲ୍ୟାଣ୍ଡ ମହୋତ୍ସବ 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ଅନ୍ୟତମ ପ୍ରତୀକ । ବୋଡ଼ୋଲ୍ୟାଣ୍ଡ ଆମ ସଭ୍ୟତାର ଶକ୍ତି, ଅନନ୍ୟ ସଂସ୍କୃତି ଏବଂ ଜ୍ଞାନ ପରମ୍ପରାର ପ୍ରତୀକ ଭାବରେ ଉଭା ହୋଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରରେ ବୋଡୋଲାଣ୍ଡ ଅଞ୍ଚଳର ସାମଗ୍ରିକ ଏବଂ ସର୍ବାଙ୍ଗୀନ ବିକାଶ ଏକ ସର୍ବୋଚ୍ଚ ପ୍ରାଥମିକତା ରହିଛି ।

Appendix H, No. 4

BEFORE THE HON'BLE MEMBER, M.A.C.T, DISTRICT JUDGE NO. 1, MEHKAR.

In the Court of Shri. S. M. Chandagade, District Judge - 1 Mehkar, Tq. Mehkar, Dist. Buldhana

NOTICE TO SHOW CAUSE
(General Form)
M.A.C.P. No. 17/2023
Ahilyabai Sheshrao Kharabe -VS- M.S.R.T.C. and Others
NEXT DATE : 21/11/2024

To,
Mr. Vimal Kumar Sharma,
S/o. Damodar Prasad Sharma
R/o. Prafulla Nagar, Ward No. 12,
Baripada, Dist. Mayurbhanj, Orissa - 757001.

Whereas, in the above-named has made application to this Court for the notice against Respondent No. 2 by paper publication in "Dainik Bhaskar Orissa".

Thereby, you are hereby warned to appear in this Court in person or by a pleader duly instructed on **21.11.2024 at 11.00 O'clock in the forenoon**, to show cause against the application under Section 166 of Motor Vehicles Act, failing wherein, the said application will be heard and determine *ex-parte*.

Given under my hands and the seal of the Court, this on 21.11.2024.

District & Sessions Judge 1,
Mehkar

Duplicate will given on the date.

AFFIDAVIT

By virtue of an affidavit before Notary public Umerkote, I Sunita Suna, W/o- Ramesh Suna, resident of Village- Bhaluguda, Post- Bada Kumuli, Ps/District- Nabarangpur, declares that before marriage my name was Sunita Kumari which is mentioned on Bank Account. After marriage I am known as Sunita Suna as per Husband's surname. Sunita Kumari & Sunita Suna is same and one person myself. This affidavit is to be produced before concerned authority of Bank for necessary action.

Sd/-Sunita Suna

AFFIDAVIT

By virtue of an affidavit before the Executive Magistrate, Bhubaneswar on 16.11.2024, I Subhalaxmi Mohanty, D/o- Late Amiya Kumar Mohanty, W/o- Prasant Kumar Routray resident of N-4/226, IRC village, post-IRC Village, PS-Nayapalli, Bhubaneswar declares that my actual name before marriage was Subhalaxmi Mohanty and after getting married as per Hindu Custom with Prasant Kumar Routray, my surname has been changed as per my husband's surname from Mohanty to Routray. Henceforth I shall be known as Subhalaxmi Routray for all purposes and this affidavit is to used as and when required.

ଚୁଡଙ୍ଗଗଡ଼ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ବାରଙ୍ଗ(ଭାସ୍କର ନ୍ୟୁଜ): ବାରଙ୍ଗ ଐତିହ୍ୟ ସପ୍ତମ ବାର୍ଷିକ 'ଚୁଡଙ୍ଗଗଡ ମହୋତ୍ସବ -୨୦୨୪'ର ଦ୍ୱିତୀୟ ସନ୍ଧ୍ୟା ଶନିବାର ଅନୁଷ୍ଠିତ ହୋଇଯାଇଛି । ମେଡିକାଲ ଛକ ନିକଟରେ ଅନୁଷ୍ଠିତ ମହୋତ୍ସବରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଜ୍ଞାନ ଓ ବୈଷୟିକ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । କମିଟି ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ବକ୍ତା ଭାବେ କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ସନ୍ତୋଷ ପାଣି, ନଳିନୀ ରାୟ, ଅର୍ଜୁନ ମହାରଣା, ଅରୁଣ ସାହୁ, ସୁନିଲ ସିଂ, ବସନ୍ତ ପାଣି, ସୁନିଲ ସ୍ୱାଇଁ, ମଳୟ ଦାସ, ପ୍ରମୋଦ ବିଶୋଇ ଏବଂ ରାଜକିଶୋର ରାଉତ ପ୍ରମୁଖ ଯୋଗଦେଇ ଚୁଡଙ୍ଗଗଡର ମହନୀୟ ଓ ପ୍ରାଚୀନଦୀର ଐତିହ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ବାଙ୍କୀ ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ବା ଲୁଚି ରହିଥିବା ପ୍ରତିଭାଧାରୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ କମିଟିର ମୁଖ୍ୟ ଉପଦେଷ୍ଟା ବସନ୍ତ ମହାପାତ୍ର, ସମ୍ପାଦକ ଦିପକ ସ୍ୱାଇଁ, ସମାଜସେବୀ ଅମୂଲ୍ୟ ପାଣିଙ୍କ ସମେତ କମିଟିର କର୍ମକର୍ତ୍ତା ପରିଚାଳନରେ ସକ୍ରିୟ ସହଯୋଗ କରିଥିଲେ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ବରଦାସ୍ତ କରାଯିବନି...

ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କୁ ଅନୁରୋଧ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ । ଏଥିସହିତ ଜନସାଧାରଣଙ୍କୁ ଅବଗତ କରାଯାଉଅଛି ଯେ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଭୂସମ୍ପତ୍ତିର ଏଭଳି ବେଆଇନ୍ ହସ୍ତାନ୍ତର ସମ୍ପୂର୍ଣ୍ଣ ଭାବେ ଅବୈଧ । ଏହାଦ୍ୱାରା ନିଜେ ଠକେଇ ଶିକାର ହେବା ସହ ଆଇନ ଅନୁଯାୟୀ ଦଣ୍ଡନୀୟ ମଧ୍ୟ ହେବେ । ତେଣୁ ଏଭଳି ବେଆଇନ ହସ୍ତାନ୍ତରରୁ ବ୍ୟକ୍ତି କିମ୍ବା ଅନୁଷ୍ଠାନ କ୍ଷାନ୍ତ ରହିବାକୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସତର୍କ କରାଯାଇଛି ।

ନିଜ ଘରେ ବି...

ଅଢେଇ ବର୍ଷର କାର୍ଯ୍ୟକାଳ ଦ୍ୱାରା ମହାରାଷ୍ଟ୍ରର ଲୋକମାନେ ବହୁ ପ୍ରଭାବିତ ହୋଇଛନ୍ତି । ମୁଁ ଯୁଆଡ଼େ ଯାଉଛି ସେଠାରେ ସମ୍ମାନ ଓ ସ୍ନେହ ପାଉଛି । ମହାରାଷ୍ଟ୍ର ଲୋକେ ଚାହୁଁଛନ୍ତି ଯେ ଏହି ସରକାର ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ଜାରି ରହୁ । ସାରା ମହାରାଷ୍ଟ୍ରରେ ଏଭଳି ଚିନ୍ତାଧାରା ଦେଖିବାକୁ ମିଳିଥିବା ମୋଦୀ କହିଥିଲେ । ସେ କହିଥିଲେ, ଏହା ଆମ ସରକାର ଏବଂ ଆଗାମୀ ସରକାରଙ୍କ ମଧ୍ୟରେ ମୁଖ୍ୟ ପାର୍ଥକ୍ୟ ଓ ଲୋକମାନେ ଏହି ପାର୍ଥକ୍ୟକୁ ଭଲଭାବେ ଅନୁଭବ କରିପାରିବେ । ଆମ ସରକାର ସାମୂହିକ ପ୍ରଗତିର କଳ୍ପନା କରେ । ଯାହାଫଳରେ ସମସ୍ତେ ଆଗକୁ ବଢିବାର ସୁଯୋଗ ପାଇପାରନ୍ତି । କଂଗ୍ରେସ ଏହାର ଇତିହାସ ବିଷୟରେ ଭଲଭାବେ ଅବଗତ ରହିଛି । ଯେତେବେଳେ ଏସ୍‌ଟି,ଏସ୍‌ଟି ଓ ଓବିସି ସମ୍ପ୍ରଦାୟ କମ୍ ସଚେତନ ରହିଥିଲେ, ସେତେବେଳେ ସେମାନେ କେନ୍ଦ୍ରରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ସହ ସରକାର ଗଠନ କରିଥିଲେ । ତେବେ ଏହି ସମ୍ପ୍ରଦାୟଗୁଡ଼ିକ ଏକାଠି ହେବା ପରେ କଂଗ୍ରେସର ପ୍ରାଧାନ୍ୟ ହ୍ରାସ ପାଇଚାଲିଛି । ବର୍ତ୍ତମାନ ଏହି ସମ୍ପ୍ରଦାୟଗୁଡ଼ିକ ମଧ୍ୟରେ କଂଗ୍ରେସ ଏକ ବଡ଼ ବିଭେଦ ସୃଷ୍ଟି କରିବାକୁ ଚାହୁଁଛି ବୋଲି ମୋଦୀ କହିଥିଲେ ।

ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ

IDFC FIRST Bank

(ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)
ସିଆଇଏନ: ଏଲ୍୬୫୧୧୦ଟିଏନ୨୦୧୪ପିଏଲସି୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ-କେଆରଏମ୍ ଟାୱର,ଅଷ୍ଟମ ମହଲା, ହାଡିଂଟନ ରୋଡ,ଚେନ୍ନେଇ,ଟାମିଲନାଡୁ-୬୦୦୦୩୧
ଟେଲିଫୋନ:+୯୧ ୪୪ ୪୫୬୪ ୪୦୦୦ ଫାକ୍ସ :+୯୧ ୪୪ ୪୫୬୪ ୪୦୨୨

ସିକ୍ୟୁରାଇଜେସନ ଓ ରିକନଷ୍ଟ୍ରକସନ ଅଫ ଫାଇନାନସିଆଲ ଆସେଟ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟ୍ ଇଣ୍ଟ୍ରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅଧିନରେ ନୋଟିସ

ନିମ୍ନଲିଖିତ ଋଣଗ୍ରହିତା ଓ ସହ -ଋଣ ଗ୍ରହିତା ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (**ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ**)ରୁ ନିମ୍ନ ପ୍ରଦତ୍ତ ସିକ୍ୟୁରଡ ଋଣ ଉପଲବ୍ଧ କରିଥିଲେ । ନିମ୍ନ ଲିଖିତ ଋଣଗ୍ରହିତା ଓ ସହ- ଋଣ ଗ୍ରହିତାଙ୍କ ଋଣ ସେମାନଙ୍କର ସମ୍ପତ୍ତି ବନ୍ଧକ ଦ୍ୱାରା ସିକ୍ୟୁର୍ଡ ହୋଇଅଛି । ଯେ ହେତୁ ସେମାନେ ଋଣ ଚୁକ୍ତିନାମାର ଟର୍ମସ ଓ କଣ୍ଡିସନ ପାଳନ କରିବାରେ ବିଫଳ ହୋଇଛନ୍ତି ଓ ଏହା ନିୟମିତ ହୋଇଥିବା ଦୃଷ୍ଟିରୁ ସେମାନଙ୍କର ଋଣ ଆରବିଆଇ ଗାଇଡ ଲାଇନ ଅନୁଯାୟୀ ଏନପିଏ ଭାବେ କ୍ଲାସିଫାଇଡ ହୋଇ ଯାଇଛି । ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ (ପୂର୍ବରୁ କ୍ୟାପିଟାଲ ଫାଷ୍ଟ ଲିମିଟେଡ ,ଆଇଡିଏଫସି ବ୍ୟାଙ୍କ ଲିମିଟେଡ ସହିତ ମିଶ୍ରଣ ଓ ବର୍ତ୍ତମାନ ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ ଭାବେ ପରିଚିତ)କୁ ପୈଠ କରିବାକୁ ଥିବା ଦେୟ ଜାରି କରା ଯାଇଥିବା ନୋଟିସରେ ଉଲ୍ଲେଖ ସହିତ ନିମ୍ନଲିଖିତ ଟେବୁଲରେ ତାହା ପ୍ରଦତ୍ତ ହୋଇଛି ଓ ମୋଟ ଦେୟ ଉପରେ ପରବର୍ତ୍ତୀ ସୁଧ ପ୍ରଯୁଜ୍ୟ ହେବା ସହିତ ତାହା ଚୁକ୍ତି ରେଟ ଅନୁଯାୟୀ ସେମାନଙ୍କର ରେସପେକ୍ଟିଭ ତାରିଖ ଠାରୁ ଚାର୍ଜଡ ହେବ ।

| କ୍ର. ନଂ | ଋଣ ଆକାଉଣ୍ଟ ନଂ | ଋଣର ପ୍ରକାର | ଋଣ ଗ୍ରହୀତା ଓ ସହ ଋଣଗ୍ରହୀତାଙ୍କ ନାମ | ଧ

ନୂଆଦିଲ୍ଲୀ: ଆଜିକାଲି ସମସ୍ତଙ୍କୁ ଘାରିଛି ରିଲ୍ସ ନିଶା। ପିଲାଠୁ ଆରମ୍ଭ କରି ବୁଢ଼ା ସମସ୍ତେ ରିଲ୍ସ ମାୟାରେ ପାଗଳ । ତେବେ ଏହି ରିଲ୍ସ ବେଳେବେଳେ ସାଜୁଛି ଘାତକ। ଏଥିପାଇଁ ଅକାଳରେ ଚାଲିଯାଉଛି ଜୀବନ। କେତେବେଳେ ସୁରଜ ବିଲ୍ଡିଂରୁ ଝୁଲିବାକୁ ପଛାଉ ନାହାନ୍ତି ତ କେତେବଳେ ଚଳନ୍ତା ଟ୍ରେନ୍ ଆଗରେ ଛିଡ଼ା ହୋଇ କରୁଛନ୍ତି ରିଲ୍ସ। ମାତ୍ର ଚଳନ୍ତା ଟ୍ରେନ୍ ସମ୍ମୁଖରେ ବା ଟ୍ରାକ୍ ଉପରେ ରିଲ୍ସ କରିବା ଏବେ ମହଙ୍ଗା ପଡ଼ିବ। ଏପରି କରୁଥିବା ଲୋକଙ୍କ ବିରୋଧରେ ରୁଜୁ ହେବ ମାମଲା। ଏନେଇ କେନ୍ଦ୍ର ସରକାର ଶକ୍ତ ଆଭିମୁଖ୍ୟ ଆପଣାଇଥିବା ବେଳେ ରେଳୱେ ବୋର୍ଡ ବିଜ୍ଞପ୍ତି ଜାରି କରିଛି। ଭାଇରାଲ ହେବା ମୋହରେ କେତେବେଳେ ଟ୍ରାକ୍ ଉପରେ ଯୁବପିଢ଼ି ଶୋଇ ପଡ଼ି ରିଲ୍ କରୁଛନ୍ତି ତ କେତେବେଳେ ଚଳନ୍ତା ଟ୍ରେନ୍ ଆଗରେ ଶୁଟ୍ କରୁଛନ୍ତି ଭିଡିଓ । ଫଳରେ ଅକାଳରେ ଚାଲି ଯାଉଛି ବହୁ ଜୀବନ । ଏଥିସହ ବହୁ ରେଳ ଯାତ୍ରୀଙ୍କ ଜୀବନ ବିପଦ ମୁହଁକୁ ଠେଲି ହେଉଥିବା ବେଳେ ରେଳବିଭାଗର ବି କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହେଉଛି। ହେଲେ ଏହାକୁ ଆଉ ବରଦାସ୍ତ କରାଯିବନି । ଏଥିନେଇ ଜିରୋ ଟଲେରାନ୍ସ ନୀତି ଆପଣାଇଛନ୍ତି ସରକାର। ଏପରି କଲେ ରୁଜୁ ହେବ ମାମଲା ଓ ନିଆଯିବ କଡ଼ା କାର୍ଯ୍ୟାନୁଷ୍ଠା। ଏନେଇ ରେଲୱେ ପକ୍ଷରୁ ସବୁ ଜୋନ୍‌କୁ ନିର୍ଦ୍ଦେଶ ଦିଆଯାଇଛି।

ନାଇଜେରିଆ, ବ୍ରାଜିଲ୍ ଏବଂ ଗୁୟାନାକୁ ପ୍ରଧାନମନ୍ତ୍ରୀଙ୍କ ପାଞ୍ଚଦିନିଆ ଗସ୍ତ

ନୂଆଦିଲ୍ଲୀ: ନାଇଜେରିଆ, ବ୍ରାଜିଲ ଏବଂ ଗୁୟାନାକୁ ପାଞ୍ଚ ଦିନିଆ ଗସ୍ତରେ ଯାଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ । ରାଷ୍ଟ୍ରପତି ବୋଲା ଅହମ୍ମଦ ତିନୁବୁଙ୍କ ଆମନ୍ତ୍ରଣ କ୍ରମେ ମୋଦୀଙ୍କର ଏହା ପ୍ରଥମ ନାଇଜେରିଆ ଗସ୍ତ । ଏହି ଗସ୍ତକୁ ନେଇ ମୋଦୀ କହିଛନ୍ତି ଯେ ଆମର ରଣନୀତିକ ସହଭାଗିତା ଯାହାକି ଗଣତନ୍ତ୍ର ଓ ବହୁଳବାଦର ପାରସ୍ପରିକ ବିଶ୍ୱାସ ଆଧାରିତ ତାକୁ ସୁଦୃଢ଼ କରିବା ପାଇଁ ମୋର ଗସ୍ତ ଏକ ସୁଯୋଗ। ସେହିପରି ମୋଦୀ ବ୍ରାଜିଲରେ ୧୯ ତମ ଜି-୨୦ ଶିଖର ସମ୍ମିଳନୀରେ ଟ୍ରୋଇକା ସଦସ୍ୟ ଭାବେ ଯୋଗ ଦେବେ । ଏନେଇ ମୋଦୀ କହିଛନ୍ତି ଯେ ଗତବର୍ଷ ଭାରତ ସଫଳତାର ସହ ଅଧ୍ୟକ୍ଷତା କରିବା କରି ଜି-୨୦କୁ ଜନସାଧାରଣଙ୍କ ଜି-୨୦ ଭାବେ ଶୀର୍ଷକୁ ନେଇଥିଲା ଏବଂ ଗ୍ଲୋବାଲ ସାଉଥର ଅଗ୍ରାଧିକାରକୁ କାର୍ଯ୍ୟସୂଚୀରେ ସାମିଲ କରିପାରିଥିଲା । ଚଳିତବର୍ଷ ବ୍ରାଜିଲ ଏହେ ପରମ୍ପରାକୁ ଆଗକୁ ନେବ । ଗୋଟିଏ ପୃଥିବୀ, ଗୋଟିଏ ପରିବାର, ଗୋଟିଏ ଭବିଷ୍ୟତ ଦୃଷ୍ଟିକୋଣ ଅନୁଯାୟୀ ଫଳପ୍ରଦ ଆଲୋଚନାକୁ ମୁଁ ଅପେକ୍ଷା କରି ରହିଛି । ଅନ୍ୟାନ୍ୟ ନେତାମାନଙ୍କ ସହ ଦ୍ୱିପାକ୍ଷିକ ସହଯୋଗ ସମ୍ପର୍କରେ ଭାବ ବିନିମୟ କରିବାକୁ ମଧ୍ୟ ଏହି ସୁଯୋଗର ମୁଁ ସଦ୍‌ବ୍ୟବହାର କରିବି । ସେହିପରି ରାଷ୍ଟ୍ରପତି ମହମ୍ମଦ ଇରଫାନ ଅଲ୍ଭୀଙ୍କ ଆମନ୍ତ୍ରଣ କ୍ରମେ ମୋଦୀ ଗୁୟାନା ଗସ୍ତ ମଧ୍ୟ କରିବେ । ବିଗତ ୫୦ ବର୍ଷ ମଧ୍ୟରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଗୁୟାନା ଗସ୍ତ ହେବ । ଏହି ଗସ୍ତ ନେଇ ମୋଦୀ କହିଛନ୍ତି ଯେ ଐତିହ୍ୟ, ସଂସ୍କୃତି ଓ ନୈତିକତା ଆଧାରରେ ଆମର ସ୍ୱତନ୍ତ୍ର ସମ୍ପର୍କକୁ ରଣନୀତିକ ଦିଗକୁ ନେବାକୁ ଆମେ ଭାବ ବିନିମୟ କରିବୁ । ଭାରତର ଏକ ପୁରାତନ ସମୁଦାୟ ଯେଉଁମାନେ କି ୧୮୫ ବର୍ଷ ପୂର୍ବେ ଗୁୟାନା ଚାଲି ଯାଇଥିଲେ ସେମାନଙ୍କୁ ମୁଁ ସମ୍ମାନ ଜଣାଇବି ଏବଂ ଲୋକତନ୍ତ୍ରର ସାଥୀ ଭାବେ ସଂସଦରେ ମୁଁ ଉଦ୍‌ବୋଧନ ଦେବି ।

ଜମ୍ମୁ-କଶ୍ମୀରରେ ରେକର୍ଡ ଭାଙ୍ଗିଲା ବେକାରୀ ସମସ୍ୟା

୩.୫୨ ଲକ୍ଷ ବେରୋଜଗାର

ଶ୍ରୀନଗର: ଜମ୍ମୁ କଶ୍ମୀରରେ ବେକାରୀ ହାରରେ ବୃଦ୍ଧି ଘଟିଛି। ଜମ୍ମୁ କଶ୍ମୀର ସରକାରଙ୍କ ନିଯୁକ୍ତି ନିର୍ଦ୍ଦେଶାଳୟର ତଥ୍ୟ ଅନୁଯାୟୀ ୨୦୨୪ର ପ୍ରଥମ ତ୍ରୟମାସିକରେ ରାଜ୍ୟରେ ୩.୫୨ ଲକ୍ଷ ଯୁବକ ବେକାର ଅଛନ୍ତି। ଏଥିମଧ୍ୟରୁ ୧.୦୯ଲକ୍ଷ ଯୁବକ ସ୍ନାତକ ଏବଂ ପୋଷ୍ଟ ଗ୍ରାଜୁଏଟ ଯେଉଁମାନେ ରାଜ୍ୟରେ ୩୧% ବେକାର ଅଛନ୍ତି। ସେଣ୍ଟର ଫର ମନିଟରିଂ ଇଣ୍ଡିଆନ ଇକୋନୋମିର ରିପୋର୍ଟ ଅନୁଯାୟୀ ଜମ୍ମୁ କଶ୍ମୀରରେ ବେକାରୀ ହାର ୨୩.୧% ଅଟେ, ଯାହା ସମଗ୍ର ଭାରତରେ ସର୍ବାଧିକ। ଏହି ଆକଳନ ରାଜ୍ୟରେ ବେକାରୀ ସମସ୍ୟାକୁ ଦର୍ଶାଉଛି। ରୋଜଗାର ନିର୍ଦ୍ଦେଶକ ନିସାର ଅହମ୍ମଦ ୱାନୀଙ୍କ ଅନୁଯାୟୀ, ୨୦୨୩ର ଶେଷ ତ୍ରୟମାସରେ ବେକାର ସ୍ନାତକ ଏବଂ ପୋଷ୍ଟ ସ୍ନାତକ ସଂଖ୍ୟା ୧୦,୦୦୦ବୃଦ୍ଧି ପାଇଛି। ତେବେ ଜମ୍ମୁ କଶ୍ମୀର ସରକାରଙ୍କ ୨୦୨୩ର ଅର୍ଥନୈତିକ ସର୍ଭେରେ ବେକାରୀ ହାରରେ ହ୍ରାସ ଘଟିଛି। ଏହା ୨୦୧୯-୨୦ରେ ୬.୭% ରୁ ୨୦୨୧-୨୨ରେ ୫.୨% କୁ ହ୍ରାସ ପାଇଛି । ଅକ୍ଟୋବର-ଡିସେମ୍ବର ୨୦୨୨ପାଇଁ ତ୍ରୟମାସିକ ସହରୀ ବେକାରୀ ହାର ୧୩.୫% ରେକର୍ଡ ହୋଇଥିବା ବେଳେ ଜାତୀୟ ହାରାହାରି ୮.୨% ଥିଲା। ଶିକ୍ଷା, ଆଇନ ପ୍ରଣୟନ ଏବଂ ସାଧାରଣ ପ୍ରଶାସନ ଭଳି କ୍ଷେତ୍ରରେ ୩ଲକ୍ଷରୁ ଅଧିକ ଖାଲି ପଦବୀ ଥାଇ ମଧ୍ୟ ବେକାରୀ ସମସ୍ୟା ଜାରି ରହିଛି। ଯୋଗ୍ୟ ପ୍ରାର୍ଥୀମାନେ ଏହି ଖାଲି ପଦବୀକୁ ଦୀର୍ଘ ସମୟ ଧରି ଅପେକ୍ଷା କରି ରହିଛନ୍ତି।

୨୦୫୦ ସୁଦ୍ଧା ବିଶ୍ୱରେ ୨ ଗୁଣା ପ୍ଲାଷ୍ଟିକ୍ ବର୍ଜ୍ୟ !

ନୂଆଦିଲ୍ଲୀ: ସାରା ବିଶ୍ୱରେ ପ୍ଲାଷ୍ଟିକ୍ ବର୍ଜ୍ୟ ପରିମାଣ ୨୦୫୦ ବେଳକୁ ଦୁଇଗୁଣା ହୋଇପାରେ। ଏହାର ସମାଧାନ ପାଇଁ ଉପଯୁକ୍ତ ନୀତି ପ୍ରଣୟନ ନିମନ୍ତେ ଗବେଷକମାନେ ପ୍ରସ୍ତାବ ଦେଇଛନ୍ତି। ପୁନଃଚକ୍ରଣଯୋଗ୍ୟ ପ୍ଲାଷ୍ଟିକ୍‌ର ବ୍ୟବହାର ଏବଂ ବର୍ଜ୍ୟ ପରିଚାଳନାରେ ପୁଞ୍ଜି ନିବେଶ ଦ୍ୱାରା ପ୍ଲାଷ୍ଟିକ୍ ବର୍ଜ୍ୟ ୯୦ ପ୍ରତିଶତରୁ ଅଧିକ ହ୍ରାସ ପାଇବା ସହ ଏ ସମ୍ପର୍କିତ ଉତ୍ସର୍ଜନକୁ ଏକ-ତୃତୀୟାଂଶ କମାଯାଇପାରିବ ବୋଲି ଏକ ନୂଆ ଅଧ୍ୟୟନରେ କୁହାଯାଇଛି। ଜାତିସଂଘ ପ୍ଲାଷ୍ଟିକ୍ ଚୁକ୍ତିନାମା ସ୍ୱାକ୍ଷର ହେବା ପୂର୍ବରୁ ସାଇନ୍ସ ପତ୍ରିକାରେ ଉକ୍ତ ଅଧ୍ୟୟନ ପ୍ରକାଶ ପାଇଛି। ପ୍ଲାଷ୍ଟିକ୍ ବର୍ଜ୍ୟ ଉପରେ ବିଶ୍ୱର ପ୍ରଥମ ଚୁକ୍ତିନାମା ଖୁବ୍‌ଶୀଘ୍ର ସ୍ୱାକ୍ଷର ହେବାକୁ ଯାଉଛି। ଏନେଇ ଚୂଡ଼ାନ୍ତ ବୁଝାମଣା ପାଇଁ ନଭେମ୍ବର ୨୫ରୁ ଡିସେମ୍ବର ୧ ପର୍ଯ୍ୟନ୍ତ କୋରିଆର ବୁସନଠାରେ ସମ୍ମିଳନୀ ଅନୁଷ୍ଠିତ ହେବ, ଯେଉଁଥିରେ ୧୯୦ରୁ ଊର୍ଦ୍ଧ୍ୱ ଦେଶର ପ୍ରତିନିଧି ଯୋଗଦେବେ। ଏହା ପୂର୍ବରୁ ଗତ ଏପ୍ରିଲରେ କାନାଡାର ଓଟାୱାଠାରେ ଏଭଳି ଏକ ବୈଠକ ବସିଥିଲା। ପ୍ଲାଷ୍ଟିକ୍ ସଙ୍କଟର ମୁକାବିଲା ନିମନ୍ତେ ଉପରୋକ୍ତ ଅଧ୍ୟୟନ ଏକ ଗୁରୁତ୍ୱପୂର୍ଣ୍ଣ ନୀଳନକ୍ସା ପ୍ରଦାନ କରିପାରିବ ବୋଲି ଆମେରିକାର କାଲିଫର୍ନିଆ ୟୁନିଭର୍ସିଟିର ଗବେଷକ କହିଛନ୍ତି। ପ୍ରଦୂଷଣ ସୃଷ୍ଟି କରୁଥିବା ପ୍ଲାଷ୍ଟିକ୍ ବର୍ଜ୍ୟ କୁପରିଚାଳନା ହ୍ରାସ କରିବା ପାଇଁ ୪ଟି ନୀତି ଯଥେଷ୍ଟ। ତାହା ହେଲା ୪୦ ପ୍ରତିଶତ ବ୍ୟବହାର ପରବର୍ତ୍ତୀ ରିସାଇକ୍ଲଡ୍ ପ୍ଲାଷ୍ଟିକ୍‌ରେ ନୂଆ ପ୍ଲାଷ୍ଟିକ୍ ସାମଗ୍ରୀ ତିଆରି ହେଉ, ନୂଆ ପ୍ଲାଷ୍ଟିକ୍ ଉତ୍ପାଦନକୁ ୨୦୨୦ ସ୍ତରରେ ସୀମିତ କରାଯାଉ, ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନାରେ ପର୍ଯ୍ୟାପ୍ତ ନିବେଶ ହେଉ ଏବଂ ପ୍ଲାଷ୍ଟିକ୍ ପ୍ୟାକେଜିଂ ଉପରେ ଦେୟ ଧାର୍ଯ୍ୟ ହେଉ। ପ୍ଲାଷ୍ଟିକ୍ ବର୍ଜ୍ୟର ବର୍ତ୍ତମାନର ଧାରା ଜାରି ରହିଲେ ଏହା ସହ ଜଡ଼ିତ ସବୁଜଗୃହ ବାଷ୍ପ ନିର୍ଗମନ ୨୦୨୦ ସ୍ତର ତୁଳନାରେ ୩୭ ପ୍ରତିଶତ ବୃଦ୍ଧି ପାଇ ୨୦୫୦ର ୩.୩୫ ଗିଗାଟନ୍ ଅଙ୍ଗାରକାମ୍ଳ ସମତୁଲ୍ୟ ହେବ ବୋଲି ଗବେଷକମାନେ କହିଛନ୍ତି। ମେଶିନ୍ ଲର୍ନିଂ ଦ୍ୱାରା କରାଯାଇଥିବା ପୂର୍ବାନୁମାନ ଅନୁଯାୟୀ ୨୦୫୦ ବେଳକୁ ବାର୍ଷିକ କୁପରିଚାଳିତ ପ୍ଲାଷ୍ଟିକ୍ ୱେଷ୍ଟ ପରିମାଣ ପାଖାପାଖି ୨ ଗୁଣା ହୋଇ ୧୨୧ ଟନ୍‌ରେ ପହଞ୍ଚିବ। ପ୍ଲାଷ୍ଟିକ ବର୍ଜ୍ୟ ମାଇକ୍ରୋ ଏବଂ ନାନୋ ପ୍ଲାଷ୍ଟିକ୍‌ରେ ପରିଣତ ହୋଇ ପରିବେଶକୁ ନଷ୍ଟ କରିବା ସହ ସ୍ୱାସ୍ଥ୍ୟ ପ୍ରତି ବିପଦ ବଢ଼ାଇଛି।

ରାହୁଲ ଗାନ୍ଧିଙ୍କ ବ୍ୟାଗ୍ ଯାଞ୍ଚ କଲେ ନିର୍ବାଚନ ଆୟୋଗ

ଅମରାବତୀ: ନିର୍ବାଚନ ଆୟୋଗ ଅଧିକାରୀମାନେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କ ବ୍ୟାଗ୍ ଯାଞ୍ଚ କରିଛନ୍ତି। ମହାରାଷ୍ଟ୍ରର ଅମରାବତୀରେ ନିର୍ବାଚନୀ ପ୍ରଚାରକୁ ଯିବା ସମୟରେ ରାହୁଲ ଗାନ୍ଧିଙ୍କ ବ୍ୟାଗରେ ଖାନତଲାସୀ କରିଛନ୍ତି। ଗତକାଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ହେଲିକପ୍ଟର ଏବଂ ଏଥିରେ ଥିବା ବ୍ୟାଗଗୁଡ଼ିକର ଯାଞ୍ଚ କରାଯାଇ ଥିବାବେଳେ ଶନିବାର ରାହୁଲ ଗାନ୍ଧିଙ୍କ ବ୍ୟାଗ୍ ଯାଞ୍ଚ କରିଛନ୍ତି ନିର୍ବାଚନ ଆୟୋଗ। ସୂଚନା ଅନୁସାରେ, ଅମରାବତୀରେ ରାହୁଲ ଗାନ୍ଧିଙ୍କ ହେଲିକପ୍ଟର ଅବତରଣ କରିବା ବେଳେ ନିର୍ବାଚନ ଆୟୋଗର କିଛି ଅଧିକାରୀ ସେଠାକୁ ଯାଇ ରାହୁଲ ଗାନ୍ଧିଙ୍କ ବ୍ୟାଗ୍ ଯାଞ୍ଚ କରିଥିଲେ। ଏହି ସମୟରେ ରାହୁଲ ଗାନ୍ଧି ମଧ୍ୟ ସେହି ସ୍ଥାନରେ ଉପସ୍ଥିତ ଥିଲେ। କିନ୍ତୁ କିଛି ସମୟ ପରେ ସେ ସେଠାରୁ ଚାଲି ଯାଇଥିଲେ। ରାହୁଲ ଗାନ୍ଧିଙ୍କ ବ୍ୟାଗ୍ ଯାଞ୍ଚ ହେଉଥିଲେ ମଧ୍ୟ ସେ ସେଠାରୁ ଚାଲିଯାଇ ଦଳୀୟ କର୍ମକର୍ତ୍ତାଙ୍କ ସହ ବାର୍ତ୍ତାଳାପ କରୁଥିବା ଭିଡିଓରେ ଦେଖିବାକୁ ମିଳୁଛି। ପ୍ରଚାର ସମୟରେ ରାଜନେତାମାନେ ଯେପରି ଭୋଟରଙ୍କୁ ଟଙ୍କା କିମ୍ବା ଅନ୍ୟାନ୍ୟ ସାମଗ୍ରୀ ଦେଇ ପ୍ରଲୋଭିତ ନ କରନ୍ତି, ସେଥିପାଇଁ ଏପରି ଯାଞ୍ଚ ଆରମ୍ଭ କରିଛି ନିର୍ବାଚନ ଆୟୋଗ। ନିକଟରେ ନିର୍ବାଚନ ଅଧିକାରୀମାନେ ଶିବସେନାର ମୁଖ୍ୟ ଉଦ୍ଧବ ଠାକରେଙ୍କ ହେଲିକପ୍ଟର ଓ ବ୍ୟାଗକୁ ଯାଞ୍ଚ କରିଥିଲେ। ଏହାର ଭିଡିଓ ଉଦ୍ଧବ ରେକର୍ଡ କରିବା ସହ କ'ଣ ଅଧିକାରୀମାନେ ପ୍ରଧାନମନ୍ତ୍ରୀ ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ବ୍ୟାଗକୁ ଯାଞ୍ଚ କରୁଛନ୍ତି କି ବୋଲି ପ୍ରଶ୍ନ କରିଥିଲେ। ଏହାପରେ ନିର୍ବାଚନ ହେବାକୁ ଥିବା ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ରକୁ ଗସ୍ତ କରୁଥିବା ନେତାଙ୍କ ବ୍ୟାଗ୍ ଯାଞ୍ଚ କରୁଛି ନିର୍ବାଚନ ଆୟୋଗ। ଗତକାଲି ଅମିତ ଶାହ, ଏହା ପୂର୍ବରୁ ଦେବେନ୍ଦ୍ର ଫଡନାଭିସ, ଏକନାଥ ସିନ୍ଦେ, ଅଜିତ ପାୱାର ଏବଂ ଅନ୍ୟମାନଙ୍କ ହେଲିକେପ୍ଟର ଏବଂ ବ୍ୟାଗ୍ ମଧ୍ୟ ଯାଞ୍ଚ କରାଯାଇଛି।

ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍କର୍ଷତା ପାଇଁ ୧୪ ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ଏନ୍‌କ୍ୟୁଏଏସ୍ ସାର୍ଟିଫିକେଟ୍

ରାୟପୁର: ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉତ୍କର୍ଷତା ପାଇଁ ଛତିଶଗଡ଼ର ୧୪ଟି ହସ୍ପିଟାଲକୁ ଜାତୀୟ ଉତ୍ତମତା ପ୍ରତି ପରାୟଣ ଷ୍ଟାଣ୍ଡାର୍ଡ ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି । ରୋଗୀଙ୍କ ସେବା କ୍ଷେତ୍ରରେ ଏହି ୧୪ଟି ହସ୍ପିଟାଲ ସେମାନଙ୍କ ଦକ୍ଷତା ପ୍ରତିପାଦିତ କରିବାରେ ସଫଳ ହୋଇପାରିଛନ୍ତି । ଏଥିରେ ୧୦ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସାମିଲ୍ ରହିଥିବା ବେଳେ ୩ଟି ପ୍ରାଇମେରୀ ହେଲ୍‌ଥ ସେଣ୍ଟର ଓ ଗୋଟିଏ ସହରାଞ୍ଚଳ ପ୍ରାଇମେରୀ ହେଲ୍‌ଥ ସେଣ୍ଟର ସାମିଲ ରହିଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଅଧିକାରୀମାନେ ଗତ ଅକ୍ଟୋବର ଓ ନଭେମ୍ବର ପ୍ରଥମ ସପ୍ତାହରେ ଏହିସବୁ ହସ୍ପିଟାଲର ଗୁଣବତ୍ତା ଯାଞ୍ଚ କରିଥିଲେ । ଏହି ଅବସରରେ ଛତିଶଗଡ଼ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ୟାମବିହାରୀ ଜୟସ୍ୱାଲ ହସ୍ପିଟାଲର କର୍ତ୍ତୃପକ୍ଷଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ଶାସନ କାଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବିକାଶ ଘଟିଥିବା ସ୍ୱାସ୍ଥ୍ୟମନ୍ତ୍ରୀ କହିଥିଲେ । ମହାସମୁନ୍ଦ ଜିଲ୍ଲାର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଉପସ୍ୱାସ୍ଥ୍ୟକେନ୍ଦ୍ର ୯୧.୨୯ ପ୍ରତିଶତ ନମ୍ବର ପାଇଥିବା ବେଳେ ବଡେଟେମରି ୯୦.୨୭ ପ୍ରତିଶତ, ଝଲାପ ୯୧.୯୩ ପ୍ରତିଶତ, ନୟାପଡ଼ା ଅର୍ବାନ ପ୍ରାଇମେରୀ ହେଲଥ୍ ସେଣ୍ଟର ୯୮.୮୯ ପ୍ରତିଶତ, ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ନଭପରକଳା ୭୬.୦୯ ପ୍ରତିଶତ ଏବଂ ଧରମପୁର ସ୍ୱାସ୍ଥ୍ୟକେନ୍ଦ୍ର ୮୭.୭୫ ପ୍ରତିଶତ ନମ୍ବର ପାଇଛନ୍ତି । ସେହିପରି କାଙ୍କେର ଜିଲ୍ଲାର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ୯୪.୨ ପ୍ରତିଶତ, ପିଭି-୮୯ ୮୫.୫୮ ପ୍ରତିଶତ, କୋଡଗାଁ ୯୩.୩୬ ପ୍ରତିଶତ ଏବଂ ମକରିଖୁନା ୮୧.୫୪ପ୍ରତିଶତ ନମ୍ବର ପାଇଛନ୍ତି । ସେହିପରି ବାଲୋଦା ବଜାରର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ୮୬.୮୩ ପ୍ରତିଶତ, ରାଇଗଡ଼ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ୮୨.୩୯ ପ୍ରତିଶତ, ବସ୍ତରର ଯମୋଡ଼ାଦା ସେଣ୍ଟର ୮୮.୯୯ ପ୍ରତିଶତ ଏବଂ ରାୟପୁରର ସିଲିଆରୀ ସେଣ୍ଟର ୮୮.୧୫ ପ୍ରତିଶତ ନମ୍ବର ପାଇଛନ୍ତି ।

ମଣିପରୁ ହିଂସା ଘଟଣା

ନିଖୋଜ ୬ ଜଣଙ୍କ ମୃତଦେହ ଉଦ୍ଧାର

ମଣିପୁର: ମଣିପୁରରେ ଚାଲିଥିବା ହିଂସା ମଧ୍ୟରେ ଆଉ ତିନିଜଣଙ୍କ ମୃତଦେହ ଉଦ୍ଧାର ହୋଇଛି। ଗତ ପାଞ୍ଚ ଦିନ ତଳେ କୁକି ବିଦ୍ରୋହୀ ସନ୍ଦିଗ୍ଧମାନେ ମେତେଇ ସମ୍ପ୍ରଦାୟର ୬ଜଣଙ୍କୁ ଅପହରଣ କରି ବନ୍ଧକ ରଖିଥିଲେ। ସେମାନଙ୍କ ମଧ୍ୟରୁ ଗତକାଲି ୩ ଜଣଙ୍କ ମୃତଦେହ ଉଦ୍ଧାର ହୋଇ ଥିବାବେଳେ ଶନିବାର ଆଉ ତିନିଜଣଙ୍କ ମୃତଦେହ ମିଳିଛି। ମୃତକଙ୍କ ମଧ୍ୟରେ ତିନିଜଣ ମହିଳା ଥିବାବେଳେ ତିନିଜଣ ଶିଶୁ ଅଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ୮ ମାସର ଶିଶୁ ମଧ୍ୟ ଥିଲା। ବନ୍ଧକ ଭାବେ ନେଇଯିବାର ପାଞ୍ଚଦିନ ପରେ ସେମାନଙ୍କ ମୃତଦେହ ମିଳିଛି। ଗତକାଲି ମଣିପୁର-ଆସାମ ସୀମା ଅଞ୍ଚଳରୁ ଜଣେ ମହିଳା ଏବଂ ଦୁଇଜଣ ପିଲାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଏହା ପରେ ଶନିବାର ସକାଳେ ଆଉ ତିନିଜଣଙ୍କ ମୃତଦେହ ମିଳିଛି। ପ୍ରକାଶଥାଉ କି, ଗତବର୍ଷ ମେ ମାସରୁ ମଣିପୁରରେ କୁକି ଏବଂ ମେତେଇ ସମ୍ପ୍ରଦାୟ ମଧ୍ୟରେ ଆରମ୍ଭ ହୋଇଥିବା ବିବାଦ ଥମିବାର ନାଁ ନେଉନି। ଏଥିରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟି ଥିବାବେଳେ ଅନେକ କ୍ଷୟକ୍ଷତି ହୋଇଛି। କିଛି ଦିନ ହେବ ବିବାଦ ଥମିଥିଲା। ମାତ୍ର ନିକଟରେ ପୁଣି ଥରେ ମଣିପୁରର ଜିରିବାମରେ ସୁରକ୍ଷାକର୍ମୀ ଓ ଉଗ୍ରବାଦୀ ମୁହାଁମୁହିଁ ହୋଇଥିଲେ। ଉଗ୍ରବାଦୀମାନେ ସ୍ଥାନୀୟ ପୋଲିସ ଷ୍ଟେସନ ଉପରେ ଆକ୍ରମଣ କରିବାରୁ ଏହାର ଜବାବରେ ସୁରକ୍ଷାକର୍ମୀ ବଡଧରଣର ହାମଲା କରିଥିଲେ।ଏଥିରେ ୧୧ ଜଣ କୁକି ସଂପ୍ରଦାୟର ସନ୍ଦିଗ୍ଧ ଉଗ୍ରବାଦୀଙ୍କ ମୃତ୍ୟୁ ହୋଇଥିଲା। ଏହି ଆକ୍ରମଣର ଦିନକ ପରେ ଉକ୍ତ ଅଞ୍ଚଳରୁ ମେତେଇ ସମ୍ପ୍ରଦାୟର ୩ ଜଣ ମହିଳା ଓ ୩ ଜଣ ଛୋଟ ଛୁଆ ନିଖୋଜ ହୋଇଯାଇଥିଲେ। କୁକି ଉଗ୍ରବାଦୀ ଏମାନଙ୍କୁ ଅପହରଣ କରି ନେଇଥିବା ଚର୍ଚ୍ଚା ହେଉଥିଲା। ପାଞ୍ଚଦିନ ପରେ ସେମାନଙ୍କ ମୃତଦେହ ମିଳିଛି।

ବାଣିଜ୍ୟ

Modicare

ମୁମ୍ବାଇ: ଅନ୍ତର୍ଜାତୀୟ ପୁରୁଷ ଦିବସ ଅବସରରେ ମୋଦିକେୟାର ଲିମିଟେଡ ପକ୍ଷରୁ ପୁରୁଷମାନଙ୍କ ଗ୍ରୁମିଂ, ୱେଲନେସ ଓ ଷ୍ଟାଇଲ ଆବଶ୍ୟକତା ପୂରଣ କରିବା ଲାଗି ବିଭିନ୍ନ ଉତ୍ପାଦ ଉପସ୍ଥାପନ କରାଯାଇଛି। ସମ୍ଭ୍ରାନ୍ତ ହାତଘଣ୍ଟାଠାରୁ ଆରମ୍ଭ କରି ସୁଗନ୍ଧଭରା ପରଫ୍ୟୁମ ପର୍ଯ୍ୟନ୍ତ ପୁରୁଷଙ୍କ ଲାଗି ଦରକାର ବିଭିନ୍ନ ଉତ୍ପାଦ ମୋଦିକେୟାର ଯୋଗାଉଛି। ଅତି ଯତ୍ନର ସହ ସଂଗ୍ରହ କରାଯାଇଥିବା ଏହି ଉତ୍ପାଦଗୁଡ଼ିକ ପୁରୁଷଙ୍କ ବିଶ୍ୱାସ ଓ ଆକର୍ଷଣ ବଢ଼ାଇବା ସହ ସେମାନଙ୍କ ଶାରିରୀକ ଓ ମାନସିକ କଲ୍ୟାଣରେ ସାହାଯ୍ୟ କରିବ। ମୋଦିକେୟାରର ୱେଲ ମଲଟି ଭିଟାମିନ ମଲଟି ମିନେରାଲ ମେନ ପୁରୁଷଙ୍କ ଆବଶ୍ୟକ ପୋଷଣ ପ୍ରଦାନ କରିବ। ଏହାର ମୂଲ୍ୟ ୯୯୯ ଟଙ୍କା ରହିଛି। ସେଥିରେ ୮ ପ୍ରକାର ଭିଟାମିନ, ୧୦ ପ୍ରକାର ମିନେରାଲ, ୪ ଆମିନୋ ଏସିଡ ଓ ୪ ଜଡ଼ିବୁଟିର ଉପାଦାନ ସହିତ ୨

ଶିଫିଲ୍ଡ: ଇଂଲିଶ ସ୍ନୁକର ଖେଳାଳି ମାର୍କ କିଙ୍ଗ୍‌ଙ୍କୁ ଶୁକ୍ରବାର ୫ ବର୍ଷ ବାସନ୍ଦ କରାଯାଇଛି। ମ୍ୟାଚ ଫିକ୍ସିଂ କରିବା ଓ ଟୁର୍ଣ୍ଣାମେଣ୍ଟର ଭିତିରି ତଥ୍ୟ ଯୋଗାଇ ଦେବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ୫୦ ବର୍ଷୀୟ କିଙ୍ଗ୍ ୨୦୦୩ରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ର୍ୟାଙ୍କିଙ୍ଗ ୧୧ଶ ସ୍ଥାନ ହାସଲ କରିଥିଲେ। ଗତବର୍ଷ ଫେବୃଆରୀ ୧୩ରେ ଖେଳାଯାଇଥିବା ଓ୍ୱେଲ୍ସ ଓପନରେ ଜୋ ପେରୀଙ୍କ ବିପକ୍ଷ ଏକ ମ୍ୟାଚ ବେଳେ ସେ ବେଟିଂ ସିଣ୍ଡିକେଟ୍ ସହ ଯୋଗାଯୋଗରେ ଥିଲେ ବୋଲି ସନ୍ଦେହ ସୃଷ୍ଟି ହୋଇଥିଲା। ଏହାର ଏକ ମାସରେ ସ୍ନୁକର ପରିଚାଳନା ପରିଷଦ କିଙ୍ଗ୍‌ଙ୍କୁ ସସ୍‌ପେଣ୍ଡ କରିଥିଲା। ଅଭିଯୋଗର ତଦନ୍ତ ପାଇଁ ଏକ ସ୍ୱାଧୀନ ଶୃଙ୍ଖଳା କମିଟି ଗଠନ କରାଯାଇଥିଲା। ତଦନ୍ତ ପରେ ଜଣାପଡ଼ିଥିଲା ଯେ, କିଙ୍ଗ ବେଟିଂ ଉଦ୍ଦେଶ୍ୟରେ ମ୍ୟାଚ୍ ସମ୍ପର୍କରେ ଭିତିରି ତଥ୍ୟ ପ୍ରଦାନ କରିଥିଲେ। ତାଙ୍କ ବିରୋଧରେ ଅଣାଯାଇଥିବା ଏହି ଅଭିଯୋଗକୁ ସେତେବେଳେ ସେ ଖଣ୍ଡନ କରିଥିଲେ। କିଙ୍ଗ୍‌ଙ୍କ ବାସନ୍ଦ ଦଣ୍ଡ ୨୦୨୮ ମାର୍ଚ୍ଚ ୧୭ରେ ଶେଷ ହେବ। ତାଙ୍କୁ ଆହୁରି ମଧ୍ୟ ୬୮,୦୦୦ ପାଉଣ୍ଡ (୮୬,୦୦୦ ଡଲାର) ଜରିମାନା କରାଯାଇଛି। ମ୍ୟାଚ୍ ଫିକ୍ସିଂରେ ଦୋଷୀ ସାବ୍ୟସ୍ତ ହୋଇ ଚାଇନିଜ ଖେଳାଳି ଲିଆଙ୍ଗ ଓ୍ୱେନ୍‌ବୋ ଓ ଲି' ହାଙ୍ଗ୍‌ଙ୍କୁ ସ୍ନୁକରରୁ ଆଜୀବନ ବାସନ୍ଦ କରାଯାଇଛି।

୧୪ତମ ହକି ଇଣ୍ଡିଆ ସିନିୟର ପୁରୁଷ ଜାତୀୟ ଚାମ୍ପିଅନସିପ୍

ଓଡ଼ିଶା ହକି ଦଳର ଐତିହାସିକ ବିଜୟ

- ଓଡ଼ିଶା ଜିତିଲା ସ୍ୱର୍ଣ୍ଣ ପଦକ
- କ୍ୟାପ୍‌ଟେନଙ୍କୁ ଶୁଭେଚ୍ଛା ଜଣାଇଲେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ

ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ୧୪ତମ ହକି ଇଣ୍ଡିଆ ସିନିୟର ପୁରୁଷ ଜାତୀୟ ଚମ୍ପିୟାନସିପ୍‌ରେ ଓଡ଼ିଶା ହକି ଦଳ ଆଜି ସ୍ୱର୍ଣ୍ଣ ପଦକ ହାସଲ କରିଛି। ଚେନ୍ନାଇର ମେୟର ରାଧାକ୍ରିଷ୍ଣନନ୍ ହକି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହୋଇଥିବା ଆଜିର ମ୍ୟାଚ୍‌ରେ ଟିମ୍ ହରିୟାଣାକୁ ପରାସ୍ତ କରି ଟିମ୍ ଓଡ଼ିଶା ଏହି ଐତିହାସିକ ବିଜୟ ହାସଲ କରିଛି। ଆଜି କଳିଙ୍ଗ ଷ୍ଟାଡିୟମ୍‌ରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ବିଭାଗର ବରିଷ୍ଠ ଅଧିକାରୀ, ଭାରତୀୟ ପୋଲିସ ସେବାର ଶିକ୍ଷାନବିସ, ହାଇ ପରଫର୍‌ମାନ୍ସ ସେଣ୍ଟର ଓ କ୍ରୀଡ଼ା ଛାତ୍ରବାସର କ୍ରୀଡ଼ାବିତ୍ ମାନେ ଆଭାସୀ ମାଧ୍ୟମରେ ଆଜି ଓଡ଼ିଶା ଓ ହରିୟାଣା ମଧ୍ୟରେ ହେଉଥିବା ଫାଇନାଲ ମ୍ୟାଚ୍ ଦେଖିଥିଲେ। ଓଡ଼ିଶା ଟିମ୍‌ର ଏହି ଐତିହାସିକ ବିଜୟ ପରେ କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ଟିମ୍‌ର କ୍ୟାପଟେନ୍ ଦୀପ୍ତନ୍ ତର୍କୀଙ୍କୁ ଟିମ୍ ଓଡ଼ିଶାର ବିଜୟ ପାଇ ଆଭାସୀ ମାଧ୍ୟମରେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। କ୍ରୀଡାମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି ଯେ, ପ୍ରଥମଥର ପାଇଁ ଟିମ୍ ଓଡ଼ିଶା ହକି ଇଣ୍ଡିଆ ସିନିୟର ପୁରୁଷ ଜାତୀୟ ଚମ୍ପିୟାନସିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହା ଆମ ପାଇଁ ଗର୍ବ ଓ ଗୌରବର ବିଷୟ। ଆଜି ଓଡ଼ିଶା କ୍ରୀଡା ଜଗତ ପାଇଁ ଏକ ଐତିହାସିକ ଦିନ। ଟିମ୍ ଓଡ଼ିଶାର ଏହି ବିଜୟ ଆଗାମୀ ଦିନରେ ଓଡ଼ିଶାର ଅନେକ ଯୁବ କ୍ରୀଡ଼ାବିତ୍‌ମାନଙ୍କୁ ପ୍ରେରଣା ଯୋଗାଇବ ବୋଲ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଶନିବାର ଅନୁଷ୍ଠିତ ହୋଇଥିବା ମ୍ୟାଚ୍‌ରେ ଟିମ୍ ଓଡ଼ିଶା ୫-୧ ଗୋଲ୍‌ରେ ଟିମ୍ ହରିୟାଣାକୁ ପରାସ୍ତ କରି ଏହି ଐତିହାସିକ ବିଜୟ ହାସଲ କରିଛନ୍ତି। ଟିମ୍ ଓଡ଼ିଶାର କ୍ରୀଡ଼ାବିତ୍ ଶିଲାନନ୍ଦ ଲାକ୍ରା ଓଡ଼ିଶା ପାଇଁ ହ୍ୟାଟ୍ରିକ ଗୋଲ୍ କରିଥିବା ବେଳେ କ୍ରୀଡ଼ାବିତ୍ ରଜତ ଆକାଶ ତିର୍କୀ ଓ ପ୍ରତାପ ଲାକ୍ରା ଉଭୟ ଗୋଟିଏ ଗୋଟିଏ ଗୋଲ୍ କରିଥିଲେ। ନିଜର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କ୍ରୀଡ଼ାବିତ୍ ଶିଲାନନ୍ଦ ଲାକ୍ରାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ୍ ଭାବେ ମଧ୍ୟ ଘୋଷଣା କରାଯାଇଛି। ଟିମ୍ ଓଡ଼ିଶାର କୋଚ୍ ବିଜୟ କୁମାର ଲାକ୍ରା ଦଳର ଐତିହାସିକ ବିଜୟ ପାଇଁ ଖୁସିବ୍ୟକ୍ତ କରିଥିବା ବେଳେ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟରେ ଟିମ୍ ଓଡ଼ିଶାର ଏହି ବିଜୟଗାଥା ଜାରି ରହୁ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ଟିମ୍‌ର କ୍ୟାପଟେନ୍ ଦିପ୍ତନ୍ ତିର୍କୀ ଟିମ୍‌ର ସଫଳତା ପାଇଁ ଖୁସି ଥିବାବେଳେ ଦୀର୍ଘ ଦିନରୁ ଜାର ରହଥିବା ପରିଶ୍ରମର ଫଳ ଆଜ ଟିମ୍‌କୁ ମିଳିଛି ବୋଲି କହିଛନ୍ତି। ହକି ପ୍ରମୋସନ୍ କାଉନସିଲ୍‌ର ସିଇଓ ଦୀପଙ୍କର ମହାପାତ୍ର ମଧ୍ୟ ଟିମ୍ ଓଡ଼ିଶାର କ୍ରୀଡ଼ାବିତ୍‌ଙ୍କୁ ଆଭାସୀ ମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି।

ଆଇପିଏଲ୍ ନିଲାମୀରେ ୫୭୪ ଖେଳାଳି

ଜେମ୍ସ ଆଣ୍ଡରସନ୍ ବୟୋଜ୍ୟେଷ୍ଠ, ସୂର୍ଯ୍ୟବଂଶୀ ସର୍ବକନିଷ୍ଠ

ନୂଆଦିଲ୍ଲୀ: ଚଳିତ ମାସରେ ହେବ ଆଇପିଏଲ୍-୨୦୨୫ ମେଗା ଅକ୍ସନ। ଏବେ ଆସିଛି ବୃତ୍ତାନ୍ତ ତାଲିକା। ଅକ୍ସନରେ ରେଜିଷ୍ଟେସନ୍ କରିଥିଲେ ୧୫୭୪ ଭାରତୀୟ। ବୃତ୍ତାନ୍ତ ହୋଇଛନ୍ତି ମାତ୍ର ୫୭୪ଜଣ ଖେଳାଳି। ଏମାନଙ୍କ ମଧ୍ୟରେ ୩୬୬ଜଣ ଭାରତୀୟ ଓ ୨୦୮ ଜଣ ବିଦେଶୀ ଓ ୩ଜଣ ଆଇସିସି ଅସ୍ଥାୟୀ ସଦସ୍ୟ ରାଷ୍ଟ୍ରର ଖେଳାଳି ରହିଛନ୍ତି। ତେବେ ଅନ୍ତର୍ଜାତୀୟ କ୍ରିକେଟ୍ ଖେଳିନଥିବା ପ୍ଲେୟାରଙ୍କ ଲିଷ୍ଟରେ ରହିଛନ୍ତି ମୋଟ୍ ୩୩୦ ଖେଳାଳି। ଏଥିରୁ ୩୧୮ ଜଣ ଭାରତୀୟ ଓ ୧୨ ଜଣ ରହିଛନ୍ତି ବିଦେଶୀ ଖେଳାଳି। ମହେନ୍ଦ୍ର ସିଂହ ଧୋନି, ମୋହିତ ଶର୍ମା ଓ ସନ୍ଦିପ ଶର୍ମା ମଧ୍ୟ ଏହି ତାଲିକାରେ ରହିଛନ୍ତି। ୮୧ଜଣ ଖେଳାଳିଙ୍କ ବେସ୍ ପ୍ରାଇସ୍ ଅର୍ଥାତ୍ ସର୍ବାଧିକ ଦାମ୍ ୨କୋଟି ରହିଛି। ସେହିପରି ୧.୫କୋଟି ଲିଷ୍ଟରେ ୨୭ ଖେଳାଳି, ୧.୨୫ କୋଟି ଟଙ୍କା ଲିଷ୍ଟରେ ୧୮, ୧କୋଟି ବେସ୍ ପ୍ରାଇସ୍‌ରେ ୨୩, ୭୫ ଲକ୍ଷ ଲିଷ୍ଟରେ ୯୨ଜଣ , ୫୦ ଲକ୍ଷ ଟଙ୍କା ଲିଷ୍ଟରେ ୮, ୪୦ଲକ୍ଷ ଟଙ୍କା ଲିଷ୍ଟରେ ୪ ଓ ୩୦ଲକ୍ଷ ଟଙ୍କା ତାଲିକାରେ ୩୨୦ ଜଣ ପ୍ଲେୟରଙ୍କ ନାଁ ରହିଛି। ମାର୍କି ଖେଳାଳି ତାଲିକାରେ ୧୨ଜଣଙ୍କ ନାମ ରହିଛି । ଭାରତର ଶ୍ରେୟାସ ଆୟର, ଋଷଭ ପନ୍ତ, କେଏଲ ରାହୁଲ, ଅର୍ଶଦୀପ ସିଂହ, ମହମ୍ମଦ ସାମି, ୟୁଝବେନ୍ଦ୍ର ଚହଲ, ମହମ୍ମଦ ସିରାଜ, ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ, ଇଂଲଣ୍ଡର ଜୋସ୍ ବଟଲର୍, ଲାଏମ ଲିଭିଙ୍ଗଷ୍ଟୋନ, ଦକ୍ଷିଣ ଆଫ୍ରିକାର ଡେଭିଡ୍ ମିଲର ଓ କାଗିସୋ ରାବାଡା ରହିଛନ୍ତି। ନିଲାମ ତାଲିକାରୁ ବାଦ୍ ପଡ଼ିଥିବା ଖେଳାଳିଙ୍କ ମଧ୍ୟରେ ଇଂଲଣ୍ଡର ଜୋଫ୍ରା ଆର୍ଚର, ଅଷ୍ଟ୍ରେଲିଆର କାମେରନ ଗ୍ରୀନ ପ୍ରମୁଖ ବଡ଼ ନାମ ରହିଛି। ନିକଟରେ ଅବସର ନେଇଥିବା ଇଂଲଣ୍ଡର ପ୍ରସିଦ୍ଧ ପେସ୍ ବୋଲର ଜେମ୍ସ ଆଣ୍ଡରସନ୍ ପ୍ରଥମ କରି ଆଇପିଏଲ୍ ଖେଳିବାକୁ ମନ ବଳାଇଛନ୍ତି ଓ ତାଙ୍କୁ ବୃତ୍ତାନ୍ତ ତାଲିକାରେ ସ୍ଥାନ ମିଳିଛି। ଆଣ୍ଡରସନଙ୍କ ମୂଳ ମୂଲ୍ୟ ଦେଢ କୋଟି ଟଙ୍କା ରହିଛି। ତାଲିକାରେ ସେ ବୟୋଜ୍ୟେଷ୍ଠ। ସେହିପରି କନିଷ୍ଠ ଖେଳାଳି ଭାବେ ତାଲିକାରେ ସ୍ଥାନ ପାଇଛନ୍ତି ବିହାରର ବାମହାତୀ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ। ତାଙ୍କ ବୟସ ୧୩ ବର୍ଷ। ସେ ଇତିମଧ୍ୟରେ ୫ଟି ରଣଜୀ ଟ୍ରଫି ମ୍ୟାଚ୍ ଖେଳିସାରିଛନ୍ତି। ଭାରତର ୧୯ବର୍ଷରୁ କମ୍ ଦଳରେ ସ୍ଥାନ ପାଇ ସେ ଅଷ୍ଟ୍ରେଲିଆ ୧୯ବର୍ଷରୁ କମ୍ ଦଳ ବିପକ୍ଷରେ ଶତକ ଅର୍ଜନ କରି ଫ୍ରାଞ୍ଚାଇଜଙ୍କୁ ଆକର୍ଷିତ କରିଥିଲେ। ଶ୍ରୀଲଙ୍କାର ଜଣେ ୧୯ବର୍ଷରୁ କମ୍ ଖେଳାଳି ବୃତ୍ତାନ୍ତ ତାଲିକାରେ ରହିଛନ୍ତି। ତାଙ୍କ ନାମ ଡୁମିଣ୍ଡୁ ସେମ୍ବିମା। ୧୨ଜଣ ମାର୍କି ଖେଳାଳିଙ୍କୁ ୨ଭାଗ କରାଯାଇଛି। ଉଭୟ ଭାଗରେ ୬ଜଣ ଲେଖାଏଁ ସ୍ଥାନ ପାଇଛନ୍ତି। ପ୍ରଥମ ଭାଗରେ ବଟଲର, ଆୟର, ପନ୍ତ, ରାବାଡା, ଅର୍ଶଦୀପ ଓ ଷ୍ଟାର୍କ ରହିଛନ୍ତି। ସେହିପରି ଦ୍ୱିତୀୟ ଭାଗରେ ଚହଲ, ଲିଭିଙ୍ଗଷ୍ଟୋନ, ମିଲର, ରାହୁଲ, ସାମି ଓ ସିରାଜଙ୍କୁ ସ୍ଥାନ ମିଳିଛି।

ନରେନ୍ଦ୍ର ଭୋଇ ମେମୋରିଆଲ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ

ମର୍ଣ୍ଣିଂ କ୍ଲବ୍‌କୁ ହରାଇ ଝାରକୁଣ୍ଡାମାଲ ଚାମ୍ପିଅନ୍

ଜୁନାଗଡ଼ (ଭାସ୍କର ନ୍ୟୁଜ୍): ଜୁନାଗଡ଼ ସହରର ଗୋଟିପଡ଼ା ଠାରେ ଅନୁଷ୍ଠିତ ନରେନ୍ଦ୍ର ଭୋଇ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଏହି ଫୁଟବଲ ଖେଳ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବହୁଜନ ସଂଗ୍ରାମ ସମିତି ସଭାପତି ରଞ୍ଜନ କୁମାର ଜାଲ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ହିମାଂଶୁ ଶେଖର ବରାଡ, ଉଦ୍ଧବ ସାହୁ, ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର ଖିଡି, ଉଗ୍ରସେନ କନ୍ଦପାନ, ଶରତ ଶବର ପ୍ରମୁଖ ଉପସ୍ଥିତ ରହିଥିଲେ। ଆଜିର ଏହି ଫୁଟବଲ୍ ଖେଳ ପ୍ରତିଯୋଗିତାରେ ଝାରକୁଣ୍ଡାମାଲ ଏଫ୍‌ସି ଓ ମର୍ଣ୍ଣିଂ କ୍ଲବ୍ ଭବାନିପାଟଣା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଝାରକୁଣ୍ଡାମାଲ ଏକ ଗୋଲ ବ୍ୟବଧାନରେ ବିଜୟ ଲାଭ କରିଥିଲେ। ସମ୍ପୃକ୍ତ ଫୁଟବଲ କାର୍ଯ୍ୟକ୍ରମର ସଭାପତି ମନୋଜ ନାଏକ, ସମ୍ପାଦକ ମୁନା ଦଣ୍ଡସେନା, କୋଷାଧ୍ୟକ୍ଷ ସୁମେଶ ବରାଡ, ବରିଷ୍ଠ ଖେଳାଳି ସଚ୍ଚିଦାନନ୍ଦ ବରାଡ, ଜନ୍ମେଜୟ ବୈଠାରୁ, ପରମାନନ୍ଦ ଭୋଇ, ହିତେଶ ମହମ୍ମଦ, ରମେଶ କୁମାର ରାଉତ, ଦୁର୍ଗା ସିଂ, ହରିଶଙ୍କର ଭୋଇ, ଅରବଜ୍ ନାଥ ସାହୁ ସମେତ ଅନୁଷ୍ଠାନର ଅନେକ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ। ସମାଜ ସେବୀରଞ୍ଜନ ଜାଲ ତଥା ଉପସ୍ଥିତ ଅତିଥିମାନେ ଉପସ୍ଥିତ ଖେଳାଳି ତଥା କ୍ରୀଡ଼ାପ୍ରେମୀଙ୍କୁ ଉତ୍ସାହିତ କରିଥିଲେ। ସମାଜସେବୀ ରଞ୍ଜନ ଜାଲ ସବୁବେଳେ ସମାଜର ସେବା କରି ବିଭିନ୍ନ ଅନୁଷ୍ଠାନ ସହ ଜଡିତ ହୋଇ ରହିଥିବାରୁ ଆୟୋଜକ ମଣ୍ଡଳୀ ବେଶ୍ କୃତଜ୍ଞ ରହିଥିବା ପ୍ରକାଶ କରିଥିଲେ। ଏହି ଫାଇନାଲ ଖେଳ ଦେଖିବା ପାଇଁ ହଜାର ହଜାର କ୍ରୀଡାପ୍ରେମୀ ଉପସ୍ଥିତ ହୋଇ ଏହି ଚିତ୍ତାକର୍ଷକ ଖେଳ ଉପଭୋଗ କରିଥିଲେ।

ପୁଣି ବାପା ହେଲେ ରୋହିତ୍ ଶର୍ମା

ନୂଆଦିଲ୍ଲୀ: ପୁଣି ଥରେ ବାପା ହେଲେ ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ରୋହିତ ଶର୍ମା। ପୂର୍ବରୁ ତାଙ୍କର ଝିଅ ଥିବା ବେଳେ ଏବେ ସେ ଏକ ପୁତ୍ର ସନ୍ତାନର ବାପା ହୋଇଛନ୍ତି। ଏ ବିଷୟରେ ରୋହିତ ଓ ତାଙ୍କ ପତ୍ନୀ ରିତିକା ସଜଦେହ ଘୋଷଣା କରିନଥିଲେ ବି ଦୁହିଁଙ୍କ ସହ ଜଡ଼ିତ ଜଣେ ସମ୍ପର୍କୀୟଙ୍କ ସୂତ୍ରରୁ ଏହି ଖବର ମିଳିଥିବା ଜାତୀୟ ଗଣମାଧ୍ୟମରେ ଦାବି କରାଯାଉଛି। ଏହି ଖବର ଭାଇରାଲ ହେବା ପରେ ରୋହିତଙ୍କ ପ୍ରଶଂସକମାନେ ରୋହିତ ଏବଂ ରିତିକାଙ୍କୁ ଶୁଭେଚ୍ଛା ଦେବା ଆରମ୍ଭ କରିଛନ୍ତି। ତେବେ ଏପର୍ଯ୍ୟନ୍ତ ରୋହିତ କିମ୍ବା ରିତିକା ଅଧିକାରୀକ ଭାବେ କିଛି ସୂଚନା ଦେଇନଥିବାରୁ ଖବରଟି ସ୍ପଷ୍ଟ ହୋଇପାରିନାହିଁ। ଟିମ୍ ଇଣ୍ଡିଆକୁ ଅଷ୍ଟ୍ରେଲିଆ ବିପକ୍ଷରେ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ହେବ। ଏଥିପାଇଁ ବିରାଟ କୋହଲିଙ୍କ ସମେତ ଅନେକ ବରିଷ୍ଠ ଖେଳାଳି ଅଷ୍ଟ୍ରେଲିଆରେ ପହଞ୍ଚିଛନ୍ତି। କିନ୍ତୁ ରୋହିତ ଏପର୍ଯ୍ୟନ୍ତ ସେଠାରେ ପହଞ୍ଚିନାହାନ୍ତି। ପତ୍ନୀଙ୍କ ପ୍ରସବ ପାଇଁ ରୋହିତ ବିସିସିଆଇକୁ ଛୁଟି ମାଗିଛନ୍ତି ବୋଲି ଖବର ଆସିଥିଲା। ବର୍ତ୍ତମାନ ଗଣମାଧ୍ୟମ ରିପୋର୍ଟରେ ଚର୍ଚ୍ଚା ହେଉଛି ଯେ ରିତିକା ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ରିତିକା ପୂର୍ବରୁ ରୋହିତଙ୍କ ମ୍ୟାନେଜର ଥିଲେ। ଏହା ପରେ ଦୁହେଁ ଭଲ ବନ୍ଧୁ ହେଲେ ଏବଂ ବନ୍ଧୁତା ପ୍ରେମରେ ପରିଣତ ହେଲା। କିଛି ମାସର ପ୍ରେମ ସମ୍ପର୍କ ପରେ ରୋହିତ ଏବଂ ରିତିକା ବିବାହ କରିବାକୁ ନିଷ୍ପତ୍ତି ନେଇ ୨୦୧୫ରେ ବିବାହ କରିଥିଲେ। ଏହା ପରେ ଡିସେମ୍ବର ୨୦୧୮ରେ ରିତିକା କନ୍ୟା ସନ୍ତାନ ସମାଇରାଙ୍କୁ ଜନ୍ମ ଦେଇଥିଲେ।

ମାଇକ୍ ଟାଇସନ୍‌ଙ୍କୁ ହରାଇ ବାଜି ମାରିଲେ ଜ୍ୟାକ୍ ପଲ୍

ଉତ୍ତରପ୍ରଦେଶ: ବିଶ୍ୱର ମହାନ ବକ୍ସର ମାଇକ ଟାଇସନ। ୧୭ ବର୍ଷୀୟ ବକ୍ସର ଜ୍ୟାକ୍ ପଲ୍‌ଙ୍କଠାରୁ ହାରିଲେ। ଐତିହାସିକ ମ୍ୟାଚରେ ଟାଇସନକୁ ପରାସ୍ତ କରିଛନ୍ତି ସେ। ଜ୍ୟାକ୍ ପଲ୍ ସମଗ୍ର ମ୍ୟାଚରେ ଟାଇସନ୍ ଉପରେ ଆରମ୍ଭରୁ ଜାହିର କରିଥିଲେ ଦବ୍‌ଦବା। ସେ ତାଙ୍କ ଶରୀର ଏବଂ ମୁହଁରେ ଅନେକ ଶକ୍ତିଶାଳୀ ପଞ୍ଚ ମାରି ୭୮-୭୪ରେ ମ୍ୟାଚ୍ ଜିତିଥିଲେ। ଶେଷରେ ପରାଜୟ ପରେ ପଲ ଟାଇସନଙ୍କ ଆଗରେ ନତମସ୍ତକ ହୋଇ ତାଙ୍କୁ ସମ୍ମାନ ଜଣାଇଲେ। ମ୍ୟାଚ୍ ଆରମ୍ଭରେ ୫୮ ବର୍ଷୀୟ ଭେଟେରାନ୍ ବକ୍ସର ଜବରଦସ୍ତ ଆରମ୍ଭ କରିଥିଲେ। କିନ୍ତୁ ପଲ ଚତୁରତାର ସହ ମ୍ୟାଚ୍‌କୁ ନିଜ କବ୍‌ଜା କରିଥିଲେ। ବାରମ୍ବାର ଆଟାକ୍ ପରେ ସେ କ୍ଲାନ୍ତ ହୋଇପଡିଥିଲେ। ପରେ ସେ ଆଟାକ୍ କରି ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ତାଙ୍କ ଉପରେ ପ୍ରାଧାନ୍ୟ ବିସ୍ତାର କରିଥିଲେ। ମାଇକ୍ ଟାଇସନ୍ ପ୍ରଥମ ରାଉଣ୍ଡରେ ସେ ପଲ୍‌ଙ୍କୁ ସବୁ ଦିଗକୁ ଆଟାକ୍ କରିଥିଲେ। ମାରିଚାଲିଥିଲେ ପଞ୍ଚ ପରେ ପଞ୍ଚ। ପଲ୍ କିମ୍ବଦନ୍ତୀ ବକ୍ସରଙ୍କ ସାହସର ସହିତ ସାମ୍ନା କରିବାକୁ ଲାଗିଲେ। ତା'ପରେ ଦ୍ୱିତୀୟ ରାଉଣ୍ଡ ଆରମ୍ଭ ହେଲା, ଯେଉଁଥିରେ ଟାଇସନ୍ ଦୁଇଟି ପଞ୍ଚ ମାରିଥିଲେ। ଏହା ପରେ, ପଲ୍ ରିଙ୍ଗରେ ବହୁତ କ୍ଷିପ୍ର ଗତିରେ କମ୍‌ବ୍ୟାକ୍ କରିଥିଲେ। ଯୋଜନା ଅନୁଯାୟୀ, ଟାଇସନ୍ ଥକିଯିବା ପରେ ସେ ଭଲ ମୁଥ୍ ମାରିଥିଲେ। ତୃତୀୟ ରାଉଣ୍ଡ ଏବଂ ଚତୁର୍ଥ ରାଉଣ୍ଡରେ ଟାଇସନ୍ ଯଥେଷ୍ଟ ପ୍ରତିରକ୍ଷା ଦେଖାଯାଉଥିଲା। ତେବେ ଭେଟେରାନ ବକ୍ସର ପଞ୍ଚମ ରାଉଣ୍ଡରେ ପ୍ରତ୍ୟାବର୍ତ୍ତନ କରିଥିଲେ। ଉଭୟଙ୍କ ମଧ୍ୟରେ ଏକ ଜବରଦସ୍ତ ପ୍ରତିଯୋଗିତା ହୋଇଥିଲା। ଉଭୟ ଖେଳାଳି ଖେଳ ଶେଷ ପର୍ଯ୍ୟନ୍ତ ନେବାକୁ ସ୍ଥିର କଲେ। ଷଷ୍ଠ ରାଉଣ୍ଡ ପର୍ଯ୍ୟନ୍ତ କୌଣସି ନକ୍‌ଆଉଟ୍ ନଥିଲା। ଯଦିଓ ପଲ ଏଥିରୁ ଉପକୃତ ହୋଇଥିଲେ, ଟାଇସନ ତାଙ୍କ ବୟସ ଦ୍ୱାରା ପ୍ରଭାବିତ ହୋଇଥିଲେ। ଏହିପରି ଭାବରେ, ଶେଷରେ ସେ ସର୍ବସମ୍ମତିକ୍ରମେ ଏକ ଐତିହାସିକ ବିଜୟ ହାସଲ କଲେ। ରିପୋର୍ଟ ଅନୁଯାୟୀ, ଏହି ମ୍ୟାଚ୍ ପାଇଁ ଜ୍ୟାକ୍ ପଲ ୪୦ ମିଲିୟନ୍ ଆମେରିକୀୟ ଡଲାର୍ (୩୩୭ କୋଟି ଟଙ୍କା) ପାଇବେ। ଏଥିସହିତ ହାରିଯିବା ସତ୍ତ୍ୱେ ଟାଇସନଙ୍କୁ ୨୦ ନିୟୁତ ଆମେରିକୀୟ ଡଲାର (୧୬୮ କୋଟି ଟଙ୍କା) ପ୍ରଦାନ କରାଯିବ।

ରୋହିତ୍‌ଙ୍କ ବଡ଼ ରେକର୍ଡ ଭାଙ୍ଗିଦେଲେ ତିଳକ ବର୍ମା

ସେଞ୍ଚୁରିୟନ୍: ତିଳକ ବର୍ମା ଦକ୍ଷିଣ ଆଫ୍ରିକା ବିପକ୍ଷରେ ବିସ୍ଫୋରକ ପ୍ରଦର୍ଶନ କରି କ୍ରମାଗତ ଦ୍ୱିତୀୟ ଶତକ ହାସଲ କରିଛନ୍ତି। ଟି-୨୦ ସିରିଜର ଚତୁର୍ଥ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ପାଇଁ ବ୍ୟାଟିଂ କରି ତିଳକ ଶତକ ହାସଲ କରିଥିଲେ। ଏହି ଇନିଂସ ସମୟରେ ସେ ୬ଟି ଚୌକା ମାରିଥିଲେ। ତିଳକଙ୍କ ସହ ସଞ୍ଜୁ ସାମ୍‌ସନ ମଧ୍ୟ ଏକ ଶତକ ହାସଲ କରିଥିଲେ। ଏହି ମ୍ୟାଚରେ ତିଳକ ରୋହିତ ଶର୍ମାଙ୍କ ଏକ ସ୍ୱତନ୍ତ୍ର ରେକର୍ଡ ଭାଙ୍ଗିଛନ୍ତି। ଟିମ୍ ଇଣ୍ଡିଆ ପାଇଁ ତିଳକ ତୃତୀୟ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିଲେ। ୪୭ ବଲର ସମ୍ମୁଖୀନ ହୋଇ ସେ ଅପରାଜିତ ୧୨୦ ରନ ସ୍କୋର କରିଥିଲେ। ଏହି ଇନିଂସରେ ସେ ୧୦ ଛକା ଓ ୯ ଚୌକା ମାରିଥିଲେ। ତାଙ୍କ ସହ ସାମ୍‌ସନ୍ ମଧ୍ୟ ଶତକ ହାସଲ କରିଥିଲେ। ସାମସନ ଅପରାଜିତ ୧୦୯ ରନ ସଂଗ୍ରହ କରିଥିଲେ। ଉଭୟ ଶତକର ସହାୟତା

ଓଡ଼ିଶା ଭାସ୍କର
ODISHA BHASKAR
ସାହିତ୍ୟ

ସାକ୍ଷାତ ଦେବୀ ସ୍ୱରୂପିଣୀ

ନିରଞ୍ଜନ ସାହୁ

ତୁମେ ମହୀୟସୀ ଗୋଟାପଣେ ସତୀ
ତୁମେ ବଡ଼ ଦୟାବାନ
ତୁମେ ମହନୀୟା ଦରଦୀ ହୃଦୟା
କରେ ତୁମ ଗୁଣଗାନ ।

ସମାଜସେବିକା ମଙ୍ଗଳକାରିକା
କରୁଣାର ଅବତାର
ଦୟା, କୃପା, ଶ୍ରଦ୍ଧା, ଶାନ୍ତି, ମମତାର
ଗୋଟାପଣେ ରୂପକାର
ପର ଉପକାରୀ , ନିତ୍ୟ ସଦାଚାରୀ
ତୁମେ ଅଟ ମହୀୟାନ ।

ଧର୍ମ, କର୍ମ, ନ୍ୟାୟ, ସତ୍ୟ,
ସେବା, ତ୍ୟାଗ
ସ୍ନେହ, ପ୍ରେମ, ଭାବ, ଭକ୍ତି
ସବୁ ସଦଗୁଣେ ପରିପୂର୍ଣ୍ଣା ତୁମେ
ପ୍ରେରଣାଦାୟିନୀ ଶକ୍ତି
ମାତୃ ସ୍ୱରୂପାର ମୂର୍ତ୍ତିମନ୍ତ ଦେବୀ
ମୁହିଁ କିନ୍ତୁ ହୀନିମାନ ।

ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ
ମୋ-୯୯୩୮୭୪୧୫୮୩

କିଛି ବି ଅସମ୍ଭବ ନୁହେଁ

ସୁଧାଂଶୁ ଶେଖର ଦ୍ୱିବେଦୀ

ଥରେ ଗୋଟେ ଗାଁରେ ସର୍ବସମ୍ମତିକ୍ରମେ ଘୋଡା ଦୌଡ଼ ପ୍ରତିଯୋଗିତା କରିବାକୁ ଯୋଜନା ପ୍ରସ୍ତୁତ କରାଗଲା ।ଉଦ୍ଦେଶ୍ୟ ଏହା ଥାଏ ଯେଉଁ ଗାଁର ଘୋଡା ବିଜୟୀ ହେବ ସେ ଗାଁର ଲୋକଙ୍କୁ ସବୁଠୁ ଅଧିକ ଦକ୍ଷତା ସମ୍ପନ୍ନ ଲୋକ ବୋଲି ଘୋଷଣା କରାହେବ ।

ଘୋଷଣା ଶୁଣି ଆଖପାଖ ଗାଁର ଲୋକମାନେ ଘୋଡା ବନ୍ଦୋବସ୍ତ ରେ ଲାଗିପଡିଲେ ।ସମସ୍ତେ ନିଜ ନିଜ ଗାଁର ପ୍ରଶଂସା କରିବା ସହିତ ପ୍ରଥମ ସ୍ଥାନ ଅଧିକାର କରିବ ବୋଲି ମନେ ମନେ ଘିଅ ଚାଟୁଥାନ୍ତି । ଗୋଟେ ଗାଁର ଲୋକମାନେ ଘୋଡା ଦୌଡ଼ରେ ସାମିଲ ହେବା ସକାଶେ ଅନେକ ଖୋଜିବା ପରେ ଘୋଡା କି ଘୋଡ଼ି କିଛି ବି ପାଇଲେ ନାହିଁ । ଘୋଡା ଦୌଡ଼ ପ୍ରତିଯୋଗିତାରେ ତାଙ୍କ ଗାଁ ଭାଗ ନେଇପାରିବନାହିଁ ଜାଣିବା ପରେ ସମସ୍ତେ ଚିନ୍ତାରେ ବିବ୍ରତ ହେଉଥାନ୍ତି । ଗ୍ରାମବାସୀଙ୍କ ବିବ୍ରତ ଅବସ୍ଥା ଦେଖି ଜଣେ ବୟସ୍କ ବ୍ୟକ୍ତି କହିଲେ-ଏବେ ଘୋଡା କି ଘୋଡି ଖୋଜିବାକୁ ଆମ ପାଖରେ ବେଳନାହିଁ । ଗୋଟେ କାମ କଲେ ଆମେ ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇପାରିବା ।ସମସ୍ତେ ଦେଖିଥିବ ଆମ ଗାଆଁରେ ଗୋଟେ ବଡ଼ ବଡ଼ ଗୋଡ଼ ଥିବା ଗଧଟିଏ ଅଛି । ଯିଏ ଦୂରରୁ ଅବିକଳ ଘୋଡା ଭଳି ଦେଖାଯାଏ ।ତାକୁ ହିଁ ଦୌଡ଼ ପ୍ରତିଯୋଗିତାରେ ଭାଗ ନେବା ଲାଗି ପ୍ରସ୍ତୁତ କରିବାକୁ ପଡିବ ।

କେତେକ ଗ୍ରାମବାସୀ ବୟସ୍କ ବ୍ୟକ୍ତିଙ୍କ ପ୍ରସ୍ତାବକୁ ସ୍ୱୀକାର କଲେ ଆଉ କେତେକ ଅସ୍ୱୀକାର କରି ସମାଲୋଚନାର ଶରବ୍ୟ ସୃଷ୍ଟି କଲେ । ଅଥଚ ସେମାନଙ୍କ ନିକଟରେ ଆଉ କୌଣସି ଉପାୟ ନଥାଏ । ଦୌଡ଼ ପ୍ରତିଯୋଗିତା ହେବାକୁ ଆଉ ମାତ୍ର ୫ ଦିନ ବାକିଥାଏ । ସର୍ବସମ୍ମତିକ୍ରମେ ବୟସ୍କ ବ୍ୟକ୍ତିଙ୍କ ପ୍ରସ୍ତାବକୁ ସ୍ୱୀକାର କରି ଗଧକୁ ଘୋଡାରେ ପରିବର୍ତ୍ତନ କରିବା ଲାଗି ସମସ୍ତେ ଏକମତ ହେଲେ । ଗଧକୁ ଖୋଜା ପଡିଲା । କ୍ଷେତ, ବଗିଚା, ନଦୀ କୂଳ, ଘରର ଓଳି କଡ଼ ସବୁଠି ଦରାଣ୍ଡିଲେ । ଅନ୍ତିମ ପର୍ଯ୍ୟାୟରେ ଜଣେ ଚାଷୀର କ୍ଷେତର ହିଡରେ ଘାସ ଚରୁଥିବା ଅବସ୍ଥାରେ ଗଧଟି ମିଳିଗଲା । ଲୋକଙ୍କ ଭିଡ଼ ଭିତରେ ବୟସ୍କ ବ୍ୟକ୍ତି ଗଧକୁ ସଂପୂର୍ଣ୍ଣ କାହାଣୀ ଶୁଣେଇ କହିଲେ-ତୋତେ ହିଁ ଆମ ଗାଁ ତରଫରୁ ଦୌଡ଼ ପ୍ରତି ଯୋଗିତାରେ ଭାଗ ନେବାକୁ ହେବ ।

ଗଧ ଦୌଡ଼ ପ୍ରତିଯୋଗିତା କଥା ଶୁଣି ଡରି ଥରି କହିଲା-ତୁମେ ଏ କଣ କହୁଛ ମୁଁଗୋଟେ ଗଧ ଘୋଡା ନୁହେଁ । ଘୋଡାଙ୍କ ସମକକ୍ଷ ମୁଁତୀବ୍ର ଗତିରେ ଦୌଡ଼ିପାରିବିନାହିଁ । ଗ୍ରାମବାସୀ ତାକୁ ଅନେକ ପ୍ରକାର କଥା ଛଳରେ ବୁଝେଇବାକୁ ଚେଷ୍ଟା କଲେ । ହେଲେ ସେ କାହାରି କଥା ମାନିଲା ନାହିଁ ।

ବୟସ୍କ ବ୍ୟକ୍ତିଙ୍କ ମୁଣ୍ଡରେ କିଛି ବୁଦ୍ଧି ତୁକୁ ନଥାଏ । ହଠାତ୍ ସେ ଗଧ କାନ ପାଖରେ କହିଲେ-ତୁ ଗଧ ନୁହେଁ ଘୋଡା । ତୋ ପୂର୍ବଜମାନେ ଘୋଡା ଥିଲେ । ଅଳ୍ପ ବୁଦ୍ଧି ନିମନ୍ତେ ତୁମ୍ଭମାନଙ୍କୁ ସେମାନଙ୍କ ଠାରୁ ବାଛନ୍ଦ କରା ହୋଇଛି । ତୁ ନିଶ୍ଚୟ ଘୋଡାଙ୍କ ଭଳି ତୀବ୍ର ଗତିରେ ଦୌଡିପାରିବୁ । ଗଧର ମଗଜରୁ ହାରିଯାଇଥିବା ସାହାସ ଓ ଆତ୍ମବିଶ୍ୱାସକୁ ବୟସ୍କ ବ୍ୟକ୍ତି ଜାଗୃତ କରିଦେଲେ । ଗ୍ରାମବାସୀ ମଧ୍ୟ ପ୍ରେରଣା ଦେଇ କହିଲେ-ହଁ-ହଁ ତୁ ଦୌଡ଼ି ପାରିବୁ । ତୁ ଗଧ ନୁହେଁ ଘୋଡା । ଆମ ଗାଁର ମାନ ସମ୍ମାନର କଥା । ତୋତେ ଯେମିତିହେଉ ଦୌଡ଼ିବାକୁ ପଡିବ ।

ଗ୍ରାମବାସୀଙ୍କର ପ୍ରେରଣା, ପ୍ରୋତ୍ସାହନ ଗଧ ପ୍ରତି ଏତେ ପ୍ରଭାବ ପକେଇଲା ଯେ ଦୌଡ ପ୍ରତିଯୋଗିତାରେ ଭାଗ ନେବା ପାଇଁ ରାଜି ହୋଇ ହୁଙ୍କାର ମାରି କହିଲା-ହଁ-ହଁ ମୁଁ ଦୌଡିବି;ଘୋଡାଙ୍କ ଭଳି ଦୌଡିବି ।ଅଭିଜ୍ଞ ପ୍ରଶିକ୍ଷକ ମାନେ ତାକୁ ଦୌଡ଼ିବାର କୌଶଳ ଶିଖାଇଦେଲେ । ଗଧ ଘୋଡାଙ୍କ ଭଳି ଦୌଡ଼ିବାକୁ ସକ୍ଷମ ହେଇଗଲା ।

ଶେଷରେ ଦୌଡ଼ ପ୍ରତିଯୋଗିତା ହେବାପାଇଁ ଧାର୍ଯ୍ୟଦିନ ଆସିଗଲା ।

ଆଖପାଖ ଗ୍ରାମର ଲୋକମାନେ ଫୁସୁର ଫାସର ହେଉଥାନ୍ତି-ଆରେ ସେ ଗାଁର ଲୋକମାନଙ୍କୁ ଦୌଡ଼ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଘୋଡାଟିଏ ମିଳୁ ନଥିଲା, କୋଉଠୁ ଏମିତି ମିଳିଗଲା ?

ଅନ୍ୟ ଗ୍ରାମବାସୀମାନେ ପ୍ରଶ୍ନ ବାଚକ ନେତ୍ରରେ ଘୋଡାରେ ପରି ବର୍ତ୍ତିତ ହୋଇଥିବା ଗଧକୁ ତନ୍ନ ତନ୍ନ କରି ଦେଖୁଥାନ୍ତି ।ତା' ଗୋଡ଼ ଠାରୁ ମୁଣ୍ଡ ଯାଏ ପରଖୁଥାନ୍ତି ।

ଦୌଡ଼ ପ୍ରତିଯୋଗିତା ଆରମ୍ଭ ହେଲା ।ଘୋଡା ତ ଘୋଡା ଥିଲେ ।କିଛି କ୍ଷଣ ମଧ୍ୟରେ ପବନ ଭଳି ତୀବ୍ର ଗତିରେ ଦୌଡ଼ିବାକୁ ଲାଗିଲେ । ଗଧ ବି ନିଜର ପୂରା ଶକ୍ତି ଲଗେଇ ଆତ୍ମବିଶ୍ୱାସରେ ଦୌଡ଼ିବାର ପ୍ରୟାସ ଜାରି ରଖିଥାଏ । ଘୋଡାମାନେ ଆଗେ ଆଗେ ଦୌଡୁଥାନ୍ତି ଗଧ ପଛେ ପଛେ ଦୌଡୁଥାଏ । ଗଧର ଅନ୍ତରାତ୍ମାରେ ବାରମ୍ବାର ନିଜ ଗାଁର ମାନ ସମ୍ମାନର ପ୍ରଶ୍ନ ଉଙ୍କି ମାରୁଥାଏ । ତଥାପି ନିଜ ପାରୁ ପର୍ଯ୍ୟନ୍ତ ଦୌଡ଼ିବାରେ ଲାଗିଥାଏ । ସେ ଜିତିଗଲେ ଗାଁର ମାନ ସମ୍ମାନ ଅକ୍ଷୁର୍ଣ୍ଣ ରହିବ । ବୟସ୍କ ବ୍ୟକ୍ତି ଗଧର ସାହାସ ବଢ଼େଇ ବାକୁ ଖୁବ ଜୋର ଚିତ୍କାର କରି କହିଲେ-ତୁ ପାରିବୁ; ତୁ ନିଶ୍ଚୟ ବିଜୟୀ ହେବୁ । ତୁ ଅନ୍ୟ ଘୋଡାଙ୍କୁ ଅତିକ୍ରମ କରି ବିଜୟୀ ହେବୁ । ଦୃଢ଼ ସଂକଳ୍ପ ଏବଂ କଠିନ ପରିଶ୍ରମ କେବେ ବ୍ୟର୍ଥ ହୁଏନାହିଁ । ଗଧ ପୂର୍ବପରି ଦୌଡୁଥାଏ । ଆଗକୁ ଆହୁରି ଆଗକୁ ଦୌଡୁଥାଏ । ଗୋଟେ ପରେ ଗୋଟେ ଘୋଡା ପଛରେ ରହି ଯାଉଥାନ୍ତି ।ଗଧ ଆଗକୁ ବଢି ଚାଲିଥାଏ । ସମସ୍ତେ ଆଶ୍ଚର୍ଯ୍ୟ ଚକିତ ହୋଇ ଦୌଡ଼ ପ୍ରତିଯୋଗିତାକୁ ଉପଭୋଗ କରୁଥାନ୍ତି ।ଫିନିସିଙ୍ଗ ଲାଇନକୁ କ୍ରସ କରିବା ପରେ ବି ଗଧ ପୂର୍ବବତ ଦୌଡୁଥାଏ । ଥରେ ଯାହା ମନରେ ଆଗକୁ ବଢିବାର ଉତ୍ସାହ ଜାଗ୍ରତ ହୋଇଯାଏ ସେ ଅଟକିଯାଏ ନାହିଁ ।ଗ୍ରାମବାସୀ କୌଣସି ପ୍ରକାରେ ଗଧକୁ କାବୁ କଲେ । ଉକ୍ତ ଗାଁକୁ ଘୋଡା ଦୌଡ଼ ପ୍ରତିଯୋଗିତାର ପ୍ରଥମ ପୁରସ୍କାର ପ୍ରାପ୍ତ ହେଲା । ଅସମ୍ଭବକୁ ସମ୍ଭବ କରିପାରିଥିବାରୁ ଉଲ୍ଲାସ ମନରେ ସଭିଏଁ ଗଧର ଗୁଣଗାନ କରୁଥାନ୍ତି । କିଏ ତାକୁ ସ୍ନେହର ପରସରେ ଆଉଁସି ଦେଉଥାଏ । କିଏ ତା' ଗଳାରେ ତୁମା ମାରୁଥାଏ ।ଗଧ ବି ସଭିଙ୍କ ଆନନ୍ଦରେ ସ୍ୱୟଂ ଆତ୍ମବିଭୋର ହେଉଥାଏ ।

ବିସି-୭୪, କଲକାତା-୬୪
ମୋ-୯୬୮୧୩୭୩୫୧୨

ଖବର ଏବେ ଏବେ ଯାହା କହିବି ସତ କହିବି

ନଖିଆ ଭାଇଙ୍କ ଏକ୍ସକ୍ଲୁସିଭ୍ ରିପୋର୍ଟ...

ନମସ୍କାର, ମୋ ନାଁ ଆଙ୍କା ନଖିଆ । ଗାଁ ମଳିମୁଣ୍ଡିଆ ଲୋକ ହେଲେ କ'ଣ ହେଲା ମୁଁ ସବୁକଥା ବୁଝିପାରେ । ଏ ଧୋବଧାଉଳିଆ ବାବୁମାନେ ଭାବନ୍ତି ମୁଁ ଗାଉଁଲି ରିପୋର୍ଟର, ମୁର୍ଖଟା । ତେଣୁ ତାଙ୍କ ପାଖରେ ଥିଲେ ବି ସେମାନେ ବହୁ କଥା ଖୋଲାଖୋଲି ମୋ ଆଗେର ଆଲୋଚନା କରନ୍ତି, ହସାହସି ବି ହୁଅନ୍ତି । ସେମାନେ ଜାଣନ୍ତି । ଏବେ ସେମାନେ କିନ୍ତୁ ଜାଣିଲେଣି ଯେ ମୁଁ ଲେଖାଲେଖି କରେ । ସେମାନଙ୍କ ଅପେକ୍ଷା ସମସ୍ୟାକୁ ଅଧିକ ଗଭିରତାର ସହିତ ତର୍ଜମା କରେ । ସେଥିପାଇଁ ଏବେ ସେମାନେ ମୋତେ ତାଙ୍କର ପାଖ ପୂରାଇ ଦେଉନାହାନ୍ତି । କିନ୍ତୁ ମୁଁ ଜାରି ରଖିଛି ମୋ ଖବର ଏବେ ଏବେ । ଆଗକୁ ବି ରଖିବି । ଯାହା ଦେଖିବି, ଶୁଣିବି, ଜାଣିବି ତାକୁ ଲେଖିବି ଆଉ ଜନତା ଜନାର୍ଦ୍ଦନଙ୍କୁ ଜଣାଇବି । ସେଥିରେ ମୋର ଜାନ୍ ଗଲେ ବି ପରବାୟ ନାହିଁ । ଏ ଫେଟୁଆ ଦୁର୍ନୀତିଖୋର୍ ଅଫିସର ଓ ନେତାଙ୍କ ରାଣଖାଇ କହୁଛି ଯାହା କହିବି ସତ କହିବି ।

ପୂର୍ବରୁ ତ ଆଇନ୍ ସଂଶୋଧନର ଗୁମର କଥା ଓ ସମବାୟ ସପ୍ତାହକୁ ଯେମିତି ହାଇଜାକ୍ କରି ନେଇଯାଆନ୍ତି ସେ କଥା ଜନତା ଜନାର୍ଦ୍ଦନଙ୍କ ଆଗରେ ପର୍ଦ୍ଦାଫାସ୍ କରିଦେଲି ବୋଲି ମତେ ଗୁଡେ ଧମକ୍‌ଚମକ୍ ମିଳିଲା । ମୋର କିନ୍ତୁ ସେଥିରେ କିଛି ଯାଏଆସେ ନାହିଁ । ମୁଁ ଜାଣିଛି ମୋ ଭଳି ଗୋଟେ ନଖିଆ ରିପୋର୍ଟର ମରିଗଲେ ଆହୁରି ହଜାରେ ନଖିଆ ଜନ୍ମ ନେବେ । କହୁକହୁ ଗୁଡ଼େ ଇମୋସ୍‌ନାଲ୍ କଥା କହିଗଲି । ହଉ ଏଥର ଗୁମର କଥାଟା ଶୁଣିବା ହୁଅନ୍ତୁ ।

ସମବାୟ ସଂସ୍କାର ନିର୍ବାଚିତ ପରିଷଦଗୁଡ଼ିକ ଭାଙ୍ଗିଦେବା ପାଇଁ ଷଡ଼ଯନ୍ତ୍ର ହୋଇଗଲାଣି କିନ୍ତୁ ସରକାର ନିର୍ବାଚନ କରାଇ ପାରିବେ ନା' ଦଳୀୟ କର୍ମୀମାନଙ୍କୁ ଥଇଥାନ କରିବେ ଏଥିପାଇଁ ପ୍ରତ୍ୟେକ ଦିନ କବାଟ କିଳା ଆଲୋଚନା ହେଉଛି । ଏହାର ଗୁମର କଥାଟା ବୁଝିବା ପାଇଁ ସେଦିନ ମୋହନ ନିବାସ ଯାଇପହଞ୍ଚିଲି । ସବୁଠି ଖାଲି ମାଳମାଳ ଧଳା ହାତୀଗୁଡ଼ାକ ବୁଲୁଥାନ୍ତି । ମୁଁ ଗଛତଳିଆ ଛାଇ ଦେଖି ଦୁଇଟି ଛୋଟ ଧଳା ହାତୀଙ୍କ ପଛକୁ ମୁହଁକରି ବସିଲି । ଛୋଟ ଧଳାହାତୀ ଦୁଇଟି ଟୁପୁରୁଟାପୁରୁ ହେଉଥାନ୍ତି । ପ୍ରଥମ ଧଳାହାତୀ ଦ୍ୱିତୀୟ ଧଳାହାତୀକୁ ପଚାରିଲା- ଆରେ ଭାଇ, ତମମ ସହିଦନଗର ଆଡ଼େ ଯାଇଥିଲ କି ? ଦ୍ୱିତୀୟ ଧଳାହାତୀ ତରକି ତରକି ଏପଟ ସେପଟ ଚାହିଁ ଚୁପିଚୁପି କହିଲା - ହଁ, ଯାଇଥିଲିରେ ଭାଇ ! ସେଠିକୁ ଏବେ ଯିବା ପୁରା ରିସ୍କି ହୋଇଗଲାଣି । ସେଥିପାଇଁ ଲୁଚିଛପି ଯିବାକୁ ପଡୁଛି । ଯଦି ଧରା ପଡ଼ିଗଲୁ ତେବେ କଥା ସରିଲା । ପ୍ରଥମ ଧଳାହାତୀ ପୁଣି ପଚାରିଲା ଆଉ ଆମ ସମବାୟ ନିର୍ବାଚନକୁ ନେଇ ସେଠିକାର ହାଲ୍‌ଚାଲ୍ କ'ଣ ? ଦ୍ୱିତୀୟ ଧଳାହାତୀ କହିଲା - ଆରେ ଭାଇ ! ସେପଟେ ଦଳୀୟ ସଭାପତିଙ୍କ ଯଜ୍ଞକୁଣ୍ଡରେ ତ ଆମ ସମବାୟର ମୁଖ୍ୟ ନେତା ଯଜ୍ଞେଶ୍ୱର ବାବୁ ଡ଼େଇଁ ପଡ଼ିଛନ୍ତି । ତାଙ୍କୁ ତ ସମବାୟର ଟିକିନିଖି ହାଲ୍‌ଚାଲ ଜଣା । ତେଣୁ ସେମାନେ ଖାଲି ଅପେକ୍ଷା କରିଛନ୍ତି ସରକାର ଭାଙ୍ଗିବା ପାଇଁ ତୁରୀ ଫୁଙ୍କିଲେ ମଳିମୁଣ୍ଡିଆଙ୍କ ସମବାୟ ନିର୍ବାଚନକୁ ମୁଖ୍ୟ ନିର୍ବାଚନଠାରୁ ଅଧିକା ଘମାଘୋଟିଆ କରିଦେବ । ସେଥିପାଇଁ ଗେମ୍‌ପ୍ଲାନ୍ ବି ରେଡ଼ି । ଏତକ କହିସାରି ଦ୍ୱିତୀୟ ଧଳାହାତୀ ଟିକେ ନିଃଶ୍ୱାସ ମାରି ପ୍ରଥମ ଧଳାହାତୀକୁ ପଚାରିଲା ଆଉ ଏପଟ କଥାଟା କ'ଣ ? ପ୍ରଥମ ଧଳାହାତୀ କହିଲା ଏପଟ କଥାଟା ତ ସମସ୍ତଙ୍କୁ ଜଣା ଆଉ ପଚାରୁଛ କ'ଣ ? ସହିଦନଗର ପଟୁ ମଝିରେ ମଝିରେ ଏମିତି ବାଣ ଫୁଟୁଛି ଯେ, ସମବାୟ ଫମବାୟ ଭଳି ଛୋଟ ଛୋଟ କଥାରେ ସାମନ୍ତ ବାବୁ ଏବେ ମୁଣ୍ଡ ପୁରାଇବାକୁ ଚାହୁଁନାହାନ୍ତି । ଗୋଟେପଟ ସମ୍ଭାଳିଲେ ତ ଆଉଗୋଟେ ପଟ କଥା ବୁଝିବେ । ଆଉ ଯଜ୍ଞେଶ୍ୱର ବାବୁଙ୍କର ସେପଟକୁ ଡେଇଁ ପଡ଼ିବା କଥାଟା କାହିଁକି, ସାମନ୍ତ ବାବୁଙ୍କୁ ବିଲ୍‌କୁଲ୍ ହଜମ ହେଉନାହିଁ । ବର୍ତ୍ତମାନ ରାଜ୍ୟ ରାଜନୀତିରେ ଯେଭଳି କାଦୁଅଫିଙ୍ଗା ଫୋପଡ଼ା ଚାଲିଛି ସେଥିରେ ବର୍ତ୍ତମାନ କିଛି କରିବା ମୁଡରେ ସାମନ୍ତ ବାବୁ ନାହାନ୍ତି । ସେଥିପାଇଁ କାଳେ ବିଭିନ୍ନ ଆଳ ଦେଖାଇ ଯେନେତନ ପ୍ରକାରରେ ଶଙ୍ଗ ଦଳର ସମସ୍ତଙ୍କୁ ମିଶାଇ ଦେବାକୁ ସରକାରୀ ମହଲରୁ ଚେଷ୍ଟା ଚାଲିଛି । ଆଉ ବିରୁଡ଼ି ବସାରେ ବର୍ତ୍ତମାନ ହାତଟା ମାରିଦେଲ ପୁଣି ବିପରୀତ ହେବାର ସମ୍ଭାବନା ବି ଅଛି । ସେଥିପାଇଁ କାଳେ ପଞ୍ଚାୟତ ନିର୍ବାଚନ ପର୍ଯ୍ୟନ୍ତ ସମବାୟ ସଂସ୍ଥାକୁ ଭାଙ୍ଗିବା ପାଇଁ ଯେଉଁ ଗେମ୍ ପ୍ଲାନ୍ ଚାଲିଛି ତାହା ସାଧାରଣ ନିର୍ବାଚନ ଠିକ୍ ୬ କି ୭ ମାସ ପୂର୍ବରୁ ଖେଳଟା ଆରମ୍ଭ ହେବ । ସହିଦନଗରବାଲାଙ୍କୁ କିଛି ବୁଝିବାକୁ ଫୁରସତ ବି ଦିଆଯିବନି । ସମବାୟ ନିର୍ବାଚନ ଆଉ ସାଧାରଣ ନିର୍ବାଚନକୁ ଏମିତି ଗୋଳେଇଘାଣ୍ଟି ଦିଆଯିବ ଯେ, ସହିଦନଗର ବାଲାଏ କେଉଁ କଥାଟିକୁ ଆଗ ବୁଝିବେ ସେକଥା ଠିକ୍ କରିପାରିବେ ନାହିଁ । ଆଉ ତା' ଭିତରେ ସରକାରୀ କଳକୁ ପୂରା ଦମ୍‌ରେ ଲଗେଇ ବାଜିମାରି ନେବେ । ଏତେ ସମୟ ଧରି ସେମାନଙ୍କର ଟୁପୁରୁଟାପୁରୁ କଥା ଶୁଣିବାରେ ଏତେ ଭୋଳ ହୋଇଯାଇଥିଲି ଯେ, ମୋ ପାଟିରୁ ହଠାତ୍ ବାହାରି ପଡ଼ିଲା ଆରେ... ଗୁମର କଥାଟା ତା' ହେଲେ ଏଇଠି । ହଠାତ୍ ଧଳାହାତୀ ଦୁଇଟା ମୋ କଥା ଶୁଣି ଚମକି ପଡ଼ିଲେ । ଆଉ ମୋ ହାତରେ କାଗଜ କଲମ ଦେଖି ସେଠାରୁ ନଅ ଦୁଇ ଏଗାର ହେଇଗଲେ । ଜାଣିଲେ ଏବେ ଖବର ଏବେ ଏବେରେ ଓଡ଼ିଶା ଶୁଣିବ ନଖିଆ ଭାଇଙ୍କ ପେଶାଲ ରିପୋର୍ଟ ।

ରଞ୍ଜନ କୁମାର ଦାସ
ଅଧକ୍ଷ, ନିଖିଳ ଓଡ଼ିଶା ସମବାୟ ସଂଘ



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com

ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik

ଡେରାବିଶ (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ରତାଦିଆ ଖଣ୍ଡସାହି ପଞ୍ଚାୟତ ଅନ୍ତର୍ଗତ ବାୟାକଶ ସ୍କୁଲ ପଡ଼ିଆରେ ପଞ୍ଚାୟତ ସ୍ତରୀୟ ଚତୁର୍ଥ ବାର୍ଷିକ ମୁରୁଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତର ସରପଞ୍ଚ ଶିଶିର ସାମଲଙ୍କ ଉଦ୍ୟମରେ ଆୟୋଜିତ ଏହି ମୁରୁଜ ପ୍ରତିଯୋଗିତାରେ ପଞ୍ଚାୟତର ମୋଟ ୧୭ଟି ଦଳ ଭାଗ ନେଇଥିଲେ । ବିଚାରକମଣ୍ଡଳୀ ଦ୍ୱାରା ଶ୍ରେଷ୍ଠ ତିନୋଟି ଦଳକୁ ପୁରସ୍କୃତ କରାଯାଇଥିଲା । ପ୍ରଥମ ହୋଇଥିବା ଦଳରେ ରଶ୍ମିତା ଷଣ୍ଢ, ଭାଗ୍ୟଶ୍ରୀ ସାହୁ ଓ ପୂଜାରିଣୀ ସାହୁ ଭାଗନେଇଥିବା ବେଳେ ଦ୍ୱିତୀୟ ହୋଇଥିବା ଦଳରେ ପୂର୍ଣ୍ଣିମା ମହାରଣା ଓ ମଧୁସ୍ମିତା ବେହେରା ଭାଗ ନେଇଥିଲେ । ସେହିପରି ଗାୟତ୍ରୀ ଦ୍ୱିବେଦୀ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଶେଷରେ କୃତୀ ଦଳଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ସମସ୍ତ ପ୍ରତିଯୋଗୀଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ୱାର୍ଡ଼ ସଭ୍ୟ କୈଳାସ ଚନ୍ଦ୍ର ସାହାଣୀ, ରାଜବଲ୍ଲଭ ସାହୁ, ଆର୍ତତ୍ରାଣ ଜେନା, ସମବାୟବିତ୍ ବିମଳକାନ୍ତ ତ୍ରିପାଠୀ, ସୌମେନ୍ଦ୍ର ସାହୁ, ମିଶନଶକ୍ତିର ସଭାପତି, ସମ୍ପାଦିକା, ଏମ୍‌ବିକେ, ବ୍ୟାଙ୍କମିତ୍ର ଓ ସିଆରସିସିମାନେ ପରିଚାଳନା କରିଥିଲେ । ସୁଧାକର ସାହୁ, ଉମେଶ ଷଣ୍ଢ, ଅକ୍ଷୟ ଷଣ୍ଢ, ପ୍ରମୋଦ ସାହୁ, ଚକ୍ରଧର ସାହୁ ପରିଚାଳନାରେ ସହଯୋଗ କରିଥିଲେ । ଜଜ୍‌ଭାବେ ବନଜା ଭଦ୍ର, ନିରଞ୍ଜନ ତ୍ରିପାଠୀ, ରଶ୍ମିତା ନାୟକ କାର୍ଯ୍ୟ ନିର୍ବାହ କରିଥିଲେ ।

ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

ଗଣମାଧ୍ୟମ ହେଉଛି ସମାଜର ଦର୍ପଣ: ବିଧାୟକ

ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ଗଣମାଧ୍ୟମ, ପ୍ରଶାସନ ମଧ୍ୟରେ ସମନ୍ୱୟ ଜରୁରୀ: ଜିଲ୍ଲାପାଳ

ଜଗତସିଂହପୁର (ଭାସ୍କର ନ୍ୟୁଜ୍): ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦ୍‌ଭାବନା ସମ୍ମିଳନୀ କକ୍ଷଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ଜିଲ୍ଲାପାଳ ଜେ ସୋନାଲ୍‌ଙ୍କ ଅଧ୍ୟକ୍ଷତାରେ ମହା ଆନନ୍ଦ ସହକାରେ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ମାନ୍ୟବର ବିଧାୟକ, ଜଗତସିଂହପୁର ଅମରେନ୍ଦ୍ର ଦାସ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରେସ ଦିବସର ଶୁଭେଚ୍ଛା ଜଣାଇବା ସହ କହିଥିଲେ ଗଣମାଧ୍ୟମ ହେଉଛି ସମାଜର ଦର୍ପଣ, ସମାଜରେ ଘଟୁଥିବା ପ୍ରତ୍ୟେକ ନୀତି-ଅନୀତି, ଉନ୍ନତି-ଅବନତି ଏବଂ ବିଭିନ୍ନ ବିଷୟ ଉପରେ ଦେଖାଯାଉଥିବା ମତ ଓ ଭିନ୍ନମତକୁ ଲୋକଲୋଚନକୁ ଆଣିବା ହେଉଛି ଗଣମାଧ୍ୟମର ଦାୟିତ୍ୱ । ଏହି ଦାୟିତ୍ୱକୁ ଯେଉଁ ଗଣମାଧ୍ୟମ ସଠିକ୍ ଭାବେ ତୁଲାଇ ଜନସମାଜର ବିକାଶ ସହିତ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ସହାୟକ ହୁଅନ୍ତି, ସେମାନେ ହେଉଛନ୍ତି ବାସ୍ତବରେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ । ସେମାନେ କୌଣସି ଭାବରେ ପ୍ରଭାବିତ ନ ହୋଇ ସତ୍ୟର ଅନୁସନ୍ଧାନ ସଠିକ୍ ଖବର ପହଞ୍ଚାଇବାକୁ ଉପଦେଶ ଦେଇଥିଲେ । ଏଥିସହିତ ଗଣମାଧ୍ୟମ ପ୍ରତିନିଧି ମାନଙ୍କ ମଧ୍ୟରେ ଥିବା ଲୁକ୍କାୟିତ ସୁବକ୍ତାଙ୍କୁ ହୃଦୟଙ୍ଗମ କରି ବିଧାୟକ ଜିଲ୍ଲାର କୌଣସି ବୃହତ୍ତର ମଞ୍ଚରେ ମଧ୍ୟ ସେମାନଙ୍କୁ କହିବାର ସୁଯୋଗ ଦେବାଭଳି ସୁନ୍ଦର ପ୍ରସ୍ତାବ ଉପସ୍ଥାପନ କରିଥିଲେ । ଆଗାମୀ ବର୍ଷ ଆହୁରି ବଡ ଆକାରରେ ପ୍ରେସ୍ ଦିବସ ପାଳନ ସହ ଅଭିଜ୍ଞ ସାମ୍ବାଦିକମାନଙ୍କୁ ସମ୍ବର୍ଦ୍ଧିତ କରିବାକୁ ପ୍ରସ୍ତାବ ଦେଇଥିଲେ । ଗଣମାଧ୍ୟମର ପ୍ରତିନିଧିମାନଙ୍କ ନିବେଦନ ଅନୁଯାୟୀ ଆଗାମୀ ଦିନରେ ଜିଲ୍ଲାରେ ପ୍ରେସ ଭବନ ନିର୍ମାଣ କରିବା ପାଇଁ ଜିଲ୍ଲାପାଳଙ୍କୁ କହିଥିଲେ ବିଧାୟକ ଶ୍ରୀ ଦାସ । ସଭାରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଜେ ସୋନାଲ ଚଳିତ ବର୍ଷର ବିଷୟବସ୍ତୁ 'ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୂପ' ସାମ୍ପ୍ରତିକ ନୂତନ ଡିଜିଟାଲ/ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଯୁଗରେ ବିଭିନ୍ନ ଡିଜିଟାଲ ଉପକରଣର ବ୍ୟବହାର କରି ସୂଚନାକୁ ଯଥାଶୀଘ୍ର ଲୋକଙ୍କୁ ପରିବେଷଣ କରିବା ସହ ସାମ୍ବାଦିକତାର ବିକାଶ ଉପରେ ଆଲୋକପାତ କରିଥିଲେ । ବିଭିନ୍ନ ପରିବର୍ତ୍ତନ ସତ୍ତ୍ୱେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ହୋଇ ସଠିକ ତଥ୍ୟ ଲୋକଲୋଚନକୁ ଆଣିବା ସହ ଜନସାଧାରଣଙ୍କ ଆଗରେ ସତ୍ୟତା ପ୍ରତିପାଦନ କରିବା ହେଉଛି ସାମ୍ବାଦିକତାର ମୂଳମନ୍ତ୍ର । ତେଣୁ ସମସ୍ତଙ୍କୁ ସାମ୍ବାଦିକତାର ଦର୍ଶନାତ୍ମକ ଚିନ୍ତାଧାରା ବିଷୟରେ ସମ୍ୟକ୍ ନିଦର୍ଶନ ଦେଇଥିଲେ ଜିଲ୍ଲାପାଳ । ଯେଉଁ ମୂଳମନ୍ତ୍ରକୁ ପାଥେୟ କରି କାର୍ଯ୍ୟ କରିବା ସହ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଶାସନ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବା ଉଭୟଙ୍କ ପାଇଁ ନିହାତି ଜରୁରୀ । କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ସମ୍ବାଦିକତା ମାଧ୍ୟମରେ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ସମ୍ପ୍ରଦାୟକୁ ସଂଯୋଗ କରିବା ସହ ସମାଜକୁ ଅବଗତ କରାଇବାରେ ଗଣମାଧ୍ୟମ ପରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ, ତେଣୁ ନିର୍ଭୀକତାର ସହ ସତ୍ୟର ସାରଥୀ ଭାବେ କାର୍ଯ୍ୟ କରିବାକୁ ଉପଦେଶ ଦେଇଥିଲେ । ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି ସମ୍ବାଦିକତାର ଗାରିମାକୁ ବଜାୟ ରଖିବା ଏବଂ ଏକତ୍ରିତ ହୋଇ ପ୍ରସାଶନ ସହ ସମନ୍ୱୟ ରଖି କାର୍ଯ୍ୟ କରିବା ପାଇଁ କହିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ ଚୌଧୁରୀ, ଅମର ଜ୍ୟୋତି ସାହୁ, ମନୋଜ କୁମାର ଦାଶ, ପ୍ରମୋଦ ନାୟକ,ଅମରେନ୍ଦ୍ର ପରିଡ଼ା, ରାଧାକାନ୍ତ ମିଶ୍ର, ଶୁଭଙ୍କର ଜେନା, ସରୋଜ ସାହୁ, ନାରାୟଣ ପ୍ରସାଦ ନନ୍ଦ, ରମାକାନ୍ତ ଦାଶ, ଯୁବ ସାମ୍ବାଦିକ ସୌମ୍ୟ ରଞ୍ଜନ ନାୟକ, ଅସ୍ମିତା ମହାନ୍ତି ନିଜର ଅଭିବ୍ୟକ୍ତି ରଖିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ବିଶିଷ୍ଟ ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ପରେ ଜିଲ୍ଲାପାଳ ସାମ୍ବାଦିକ ମାନଙ୍କ ସହିତ ମଧ୍ୟାହ୍ନ ଭୋଜନ କରିଥିଲେ ।

କଣିହାଁ ପ୍ରେସ୍ କ୍ଲବ୍ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ

କଣିହାଁ (ଭାସ୍କର ନ୍ୟୁଜ୍): ଅନୁଗୋଳ ଜିଲ୍ଲା କଣିହାଁ ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ସଂଘ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ଶନିବାର ସକାଳେ କ୍ଲବର ସଭାପତି ଭୂପେନ କୁମାର ଗଡ଼ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରେସ ଦିବସ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସୁମନ୍ତ କୁମାର ପଟେଲ, କଣିହାଁ ବାନାଞ୍ଚଳ ଅଧିକାରୀ ଦାୟିତ୍ୱରେ ଥିବା ଏଏସିଏଫ ନିଳମଣି ଦେହୁରୀ, କଣିହାଁ ମହାବିଦ୍ୟାଳୟ +୩ର ଅଧ୍ୟକ୍ଷ ମନୋଜ କୁମାର ସ୍ୱାଇଁ, ଅଧ୍ୟାପକ ଧନେଶ୍ୱର ସାହୁ, ବରିଷ୍ଠ ସାମ୍ବାଦିକ ଧନେଶ୍ୱର ମହାନ୍ତି ପ୍ରମୁଖ ଯୋଗଦେଇ ଜାତୀୟ ପ୍ରେସ ଦିବସର ଉଦ୍ଦେଶ୍ୟ ଓ ସାମ୍ବାଦିକ ମାନଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିବା ପରିପ୍ରେକ୍ଷୀରେ ସାମ୍ବାଦିକମାନେ ନିର୍ଭୀକ ଓ ନିରପେକ୍ଷ ରହିଲେ ରାଜ୍ୟ ତଥା ଦେଶର ବିକାଶ ହୋଇପାରିବ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ପ୍ରେସ କ୍ଲବର ସାଧାରଣ ସମ୍ପାଦକ ରଞ୍ଜନ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ ଓ ସାମ୍ବାଦିକ ଅଲେଖ ଭୂତିଆ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କ୍ଲବର ସଦସ୍ୟ ତଥା ସାମ୍ବାଦିକ କଷ୍ଟୁଚରଣ ସାମଲ, ଜ୍ୟୋତିରଞ୍ଜନ ଧର, ଟୁନା ସାହୁ, ନୀଳକଣ୍ଠ ବେହେରା, ସୂର୍ଯ୍ୟମଣି ସାହୁ, ନିର୍ମଳ ସାହୁ, ନିରୋଜ କୁମାର ପ୍ରଧାନ, ଯୁଗଳ କିଶୋର ସାହୁ, ମହେଶ୍ୱର ନାଏକ, ସିମାଞ୍ଚଳ ସାବତ, ରୁଦ୍ରମୋହନ ଗଡ଼ନାୟକ, ଦେବେନ୍ଦ୍ର ବେହେରା, ଲକ୍ଷ୍ମୀଧର ସାହୁ, ଦୀପକ ବେହେରା, ଜିତେନ ମିଶ୍ର, ଜଳଧର ବେହେରା, ଶିଶିର ସାମଲ, ସୁଶିଲ ନାଏକ ପ୍ରମୁଖ ଉପସ୍ଥିତ ଥିଲେ । ଦିବସରେ ଅନ୍ୟମାନଙ୍କ ମଧ୍ୟରେ ବୁଦ୍ଧିଜୀବୀ ଗଣେଶ୍ୱର ସାହୁ, କ୍ଷତ୍ରିୟ ସମାଜର ସଭାପତି ବିଶିକେଶନ ମହାନ୍ତି, ଗୋବର୍ଦ୍ଧନ ସାମଲ, ମକୁଦ ସାହୁ ପ୍ରମୁଖ ଅନେକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

ବରିଷ୍ଠ ଅଧିକାରୀଙ୍କ ବିୟୋଗରେ ଶୋକ

କେନ୍ଦୁଝର (ଭାସ୍କର ନ୍ୟୁଜ୍): କେନ୍ଦୁଝର ପୌରପାଳିକା ଅନ୍ତର୍ଗତ ବଡହଳ କଲୋନୀର ବାସିନ୍ଦା କ୍ଷିରୋଦ ଚନ୍ଦ୍ର ମହାନ୍ତିଙ୍କର ୭୫ବର୍ଷ ବୟସରେ ବ୍ରେନ୍ ଷ୍ଟ୍ରୋକ୍‌ରେ ଦେହାନ୍ତ ହୋଇଯାଇଛି । ସ୍ୱର୍ଗତ ମହାନ୍ତି ୧୯୫୦ ମସିହା ଜୁଲାଇ ମାସରେ ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା କଣ୍ଟାବଣିଆ ଗ୍ରାମରେ ଜନ୍ମଗ୍ରହଣ କରି ପାଠ ପଢା ଶେଷ ପରେ ୧୯୭୨ ମସିହାରେ କୋଅପରେଟିଭ୍ ଇନ୍ସପେକ୍ଟର ଭାବେ ସମବାୟ ବିଭାଗରେ ଯୋଗଦେଇ ଜୁଲାଇ ୨୦୦୮ ମସିହାରେ ସେରିକଲଚର ବିଭାଗରୁ ଅଫିସର ହିସାବରେ ଅବସର ଗ୍ରହଣ କରିଥିଲେ । ସେ ଜଣେ ପରୋପକାରୀ, ବନ୍ଧୁବତ୍ସଳ ଓ ମିଷ୍ଟଭାସୀ ଲୋକ ଥିଲେ । ତାଙ୍କର ଦେହାନ୍ତରେ କେନ୍ଦୁଝର ଟାଉନ ଥାନା ବଡହଳ ଅଞ୍ଚଳ ଏବଂ ନିଜ ଗ୍ରାମ କଣ୍ଟାବଣିଆଠାରେ ଶୋକ ପ୍ରକାଶ ପାଇଛି । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ପତ୍ନୀ, ସାନପୁଅ, ଝିଅ, ଜ୍ୱାଇଁ, ୨ ବୋହୂ, ନାତି, ନାତୁଣୀ ଓ ଆତ୍ମିୟସ୍ୱଜନ ଉପସ୍ଥିତ ଥିଲେ ।

ଟାଙ୍ଗୀ ସାମ୍ବାଦିକ ସଂଘ ପକ୍ଷରୁ ପ୍ରେସ୍ ଡେ'

ଟାଙ୍ଗୀ (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ଅଗ୍ରଣୀ ସାମ୍ବାଦିକ ସଂଘ ଭାବରେ ସବୁଠି ପରିଚିତ ଥିବା ଟାଙ୍ଗୀ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ସାମ୍ବାଦିକତା ଦିବସ ଟାଙ୍ଗୀ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ପରିସରରେ ପାଳିତ ହୋଇଯାଇଛି । ଟାଙ୍ଗୀ ମିଡ଼ିଆ ସେବା ସଂଘ ପକ୍ଷରୁ ଆୟୋଜିତ ହୋଇଥିଲା ଏହି ପ୍ରେସ୍ ଡେ' । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ସଂଘ ସଭାପତି ରବୀନ୍ଦ୍ର କୁମାର ରଣାଙ୍କ ପୌରହିତ୍ୟ କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ରଘୁନାଥ ସାହୁ, ସଂଗ୍ରାମ କେଶରୀ ପଟ୍ଟନାୟକ ଓ ସଂଘର ଉପଦେଷ୍ଟା ଭାଗିରଥୀ ଛୋଟରାୟ ନିଜର ସାମ୍ବାଦିକତା ଜୀବନର ସଂଘର୍ଷମୟ କାହାଣୀ ବର୍ଣ୍ଣନା କରିଥିଲେ । ଅତିଥି ଭାବରେ ଟାଙ୍ଗୀ ଥାନା ନିରୀକ୍ଷକ ସୁଶାନ୍ତ କୁମାର ବେହେରା ଯୋଗଦେଇ ସାମ୍ବାଦିକମାନଙ୍କୁ ସମାଜର ଜାଗ୍ରତ ପ୍ରହରୀ ଏବଂ ଗଣତନ୍ତ୍ରର ରକ୍ଷା କବଚ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଦେବେଶ ପରିଡ଼ା, ଅଶ୍ୱିନୀ କୁମାର ପରିଡ଼ା, ବୈକୁଣ୍ଠ ପ୍ରଧାନ, ପ୍ରଦୀପ କୁମାର ସାହୁ, ବିଷ୍ଣୁ ଖୁଣ୍ଟିଆ, ପ୍ରତାପ ମହାରଣା, ରମେଶ କୁମାର ନାଇଡୁ, ବିଜୟ କୁମାର ବାହୁବଳେନ୍ଦ୍ର, ପ୍ରସନ୍ନ କୁମାର ସ୍ୱାଇଁ, ଦେବୀ ପ୍ରସାଦ ଦାସ, ଯୋଗେନ୍ଦ୍ର ରାମ, ଅଶୋକ କୁମାର ନାୟକ ପ୍ରମୁଖ ସାମିଲ ହୋଇ ନିଜ ନିଜର ସାମ୍ବାଦିକତା କ୍ଷେତ୍ରରେ ଅତିବାହିତ ସମୟର କାହାଣୀ ବଖାଣି ଥିଲେ । ସଂଘର ସମ୍ପାଦକ ସନ୍ତୋଷ ଚୌଧୁରୀ ଓ ସହ-ସମ୍ପାଦକ କାହ୍ନୁ ଚରଣ ବେହେରା ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହିତ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ । ଏକ ବର୍ଣ୍ଣାଢ୍ୟ ପରିବେଶରେ ଟାଙ୍ଗୀ ସାମ୍ବାଦିକ ସଂଘ ପକ୍ଷରୁ ପାଳିତ ହୋଇଥିଲା ଏହି ସାମ୍ବାଦିକତା ଦିବସ ।

ଧର୍ମଶାଳାରେ ଜାତୀୟ ପ୍ରେସ୍ ଦିବସ ପାଳିତ

ବେତନଟୀ (ଭାସ୍କର ନ୍ୟୁଜ୍): ବେତନଟୀ ଧର୍ମଶାଳା ଠାରେ ବେତନଟୀ ବ୍ଲକ ସାମ୍ବାଦିକ ସଂଘ ତରଫରୁ ଜାତୀୟ ପ୍ରେସ ଦିବସ- ୨୦୨୪ ଶନିବାର ପାଳିତ ହୋଇଯାଇଛି । ସଙ୍ଗଠନର ସଭାପତି ସର୍ବେଶ୍ୱର ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ବାବେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗ ଦେଇଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ଲୋକପ୍ରିୟ ବଡସାହି ବିଧାୟକ ସନାତନ ବିଜୁଳି, ମୁଖ୍ୟ ବକ୍ତା ଭାବରେ ବରିଷ୍ଠ ସାମ୍ବାଦିକ ଡ. ବିଜୟ କୁମାର ଅଗ୍ରୱାଲ, ସମ୍ମାନିତ ଅତିଥି ଭାବରେ ପଦ୍ମମାଳୀ ମହିଳା ସଙ୍ଗଠନର ସଭାପତି ତଥା ବେତନଟୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ସଂଯୁକ୍ତା ଜୀ, କୃଷ୍ଣଚନ୍ଦ୍ରପୁର ଜୁନିୟର କଲେଜର ଅଧ୍ୟକ୍ଷା ଡ. ମନ୍ଦାକିନୀ ସାହୁ, ସମୟଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା, ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ନାୟକ, ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦଗୋସ୍ୱାମୀ ପ୍ରମୁଖ ଉପସ୍ଥିତ ରହି ସମାଜରେ ସାମ୍ବାଦିକର ଭୂମିକା ସମ୍ପର୍କରେ ନିଜ ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ସର୍ବପ୍ରଥମେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ସଙ୍ଗର ପ୍ରତିଷ୍ଠାତା ସଭାପତି ସ୍ୱର୍ଗତ ରଞ୍ଜନ କୁମାର ମହାନ୍ତି ଓ ସ୍ୱର୍ଗତ ସଂଘର ପୂର୍ବତନ ସମ୍ପାଦକ ମଧୁସୂଦନ ଦାଶଙ୍କ ପାଇଁ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସଂଘର ସମ୍ପାଦକ ଅନୁପ କୁମାର ଦଣ୍ଡପାଟ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ସଂଘର ଉପଦେଷ୍ଟା ଆଶିଷ କୁମାର ଦାସ ମଞ୍ଚ ପରିଚାଳନା କରିଥିଲେ । ଏହି ସଭାରେ ବେତନଟୀ ବ୍ଲକର ଶ୍ରେଷ୍ଠ ଆଶାଦିଦି ସୁଶିଳା ବାରିକ, ଶ୍ରେଷ୍ଠ ଅଙ୍ଗନୱାଡି ଦିଦି ଜୟନ୍ତୀ ପଣ୍ଡା, ଶ୍ରେଷ୍ଠ ଆଇନଜୀବୀ ଭାବରେ ହୁସନା ନେସନ, ଶ୍ରେଷ୍ଠ ସାମ୍ବାଦିକ ଭାବରେ ଅମିୟ କୁମାର ବଳା, ଶ୍ରେଷ୍ଠ ଲେଖକ ଭାବରେ ପର୍ଶୁରାମ ସାହୁ, ଶ୍ରେଷ୍ଠ ପୋଲିସ ଅଧିକାରୀ ଭାବରେ ସସ୍ମିତା ମହାନ୍ତଙ୍କୁ ବେତନଟୀ ବ୍ଲକ ସାମ୍ବାଦିକ ସଂଘ ତରଫରୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଓଡିଶା ଜର୍ଣ୍ଣାଲିଷ୍ଟ ୟୁନିୟନର ରାଜ୍ୟ ଉପସଭାପତି ଦୀପକ କୁମାର ନାୟକ, ଓଜେୟୁ ମୟୂରଭଞ୍ଜ ଜିଲ୍ଲା ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ବାରିକ, ସଏଦ ସିରାଜୁଦ୍ଦିନ, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଜୟନ୍ତ କୁମାର ପଟ୍ଟନାୟକ, ଏବିଇଓ ରମାକାନ୍ତ ମହାନ୍ତ, ରାଗଧା ଜୁନିୟର କଲେଜର ଅଧ୍ୟକ୍ଷ ଅନନ୍ତ ନାରାୟଣ ମିଶ୍ର, ଅଧ୍ୟାପକ ଦୀପ୍ତିପ୍ରକାଶ ମହାନ୍ତ, ସାଂସଦଙ୍କ ପ୍ରତିନିଧି ପ୍ରଦୀପ କୁମାର ପରିଡା, ମଣ୍ଡଳ ସଭାପତି ରାଜକିଶୋର ଶାହା, ସମ୍ପାଦକ ଜୀବନ କୁମାର ପରିଡା, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଅମ୍ବିକା ବାରିକ, ପୂର୍ବତନ ବ୍ଲକ ବିଜେଡି ସଭାପତି ସୁନ୍ଦରମୋହନ ମହାନ୍ତ, ପଦ୍ମମାଳୀ ମହିଳା ସଙ୍ଗଠନର ସମ୍ପାଦିକା ପ୍ରଭାତୀ ମହାନ୍ତି, କାର୍ଯ୍ୟକାରୀ ସଭାପତି ଗୀତାଞ୍ଜଳୀ ଭୂୟାଁ, ଉପସଭାପତି ସୋନା ଖାତୁନ, ମୀନାକ୍ଷୀ ପରିଡା, ରଞ୍ଜିତା କର, ଅନିନ୍ଦିତା ସାହୁ, ବିନୋଦିନୀ ମହାନ୍ତ, ପଦ୍ମଶ୍ରୀ ଦେ, ମନୋରମା ସାହୁ, ହରପ୍ରିୟା ଦାସ ଓ ବେତନଟୀ ବ୍ଲକ ସାମ୍ବାଦିକ ସଂଘର ସମସ୍ତ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସଂଘର ଉପସଭାପତି ଗତିକୃଷ୍ଣ ମହାନ୍ତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଭାଗବତ ତତ୍ତ୍ୱ ପ୍ରବଚନ ଉଦ୍‌ଯାପିତ

ବୋଲଗଡ଼ (ଭାସ୍କର ନ୍ୟୁଜ୍): ବୋଲଗଡ଼ ସଦର ମୁଖ୍ୟାଳୟସ୍ଥିତ ଚାଲିଥିବା ୩୫ତମ ପରାୟଣ ଭାଗବତ ତତ୍ତ୍ୱ ସପ୍ତାହ ଶୁକ୍ରବାର ତଥା କାର୍ତ୍ତିକପୂର

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ ଓ ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ତରାସାହି ପଞ୍ଚାୟତର ମିଳିତ ଆୟୋଜନରେ ଚଳିତ ବର୍ଷଠାରୁ ଆୟୋଜିତ ଆଞ୍ଚଳିକ ବୋଇତ ବନ୍ଦାଣ ଉତ୍ସବ ୨୦୨୪ ଦେବୀ ନଦୀପଠାରେ ଶୁକ୍ରବାର ପ୍ରତ୍ୟୁଷରୁ ଉଦଘାଟିତ ହୋଇଥିବା ବେଳେ ଶନିବାର ଦ୍ୱିତୀୟ ସନ୍ଧ୍ୟାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସବ ମଞ୍ଚକୁ ଦୁଲୁକାଇ ଦେଇଛି । ବିଶେଷ କରି ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର କୁନି କୁନି ପ୍ରତିଭାଙ୍କ ନୃତ୍ୟ ସହ ପାରାଦ୍ୱୀପର ସାଗରିକା କଳାନିକେତନ କଳାକାରଙ୍କ ସ୍ୱରରେ ତାଳଦା ଓ ତରାସାହି ସମେତ ଆଖପାଖ ଅଞ୍ଚଳବାସୀ ଶୀତ ସତ୍ତ୍ୱେ ବେଶ ଝୁମିଛନ୍ତି । କଳାକାର ଅଭିନୟ ଉପସ୍ଥିତ ଦର୍ଶକଙ୍କୁ ବେଶ ସମୟ ଧରି ବାନ୍ଧି ରଖିଥିବା ଦେଖିବାକୁ ମିଳିଥିଲା । ଏହି ଅବସରରେ ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ସଭାରେ ଆଞ୍ଚଳିକ ବୋଇତ ବନ୍ଦାଣ ଉତ୍ସବ ସଭାପତି ବିଜୟ କୁମାର ପଡିୟାରୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ବାଲିକୁଦା -ଏରସମା ବିଧାୟକ ସାରଦା ପ୍ରସାଦ ଜେନା, ଜଗତସିଂହପୁର ଜିଲ୍ଲାପରିଷଦ ଅଧକ୍ଷ ମନୋଜ କୁମାର ଭୋଇ, ବାଲିକୁଦା ବ୍ଲକ ଅଧକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ନାଉଗାଁ ବ୍ଲକ ଅଧକ୍ଷା ତୃଷ୍ଣା ଲେଙ୍କା, ଜିଲ୍ଲାପରିଷଦ ସଭ୍ୟା ରୁନିଲତା ବେହେରା ପ୍ରମୁଖ କହିଥିଲେ ଯେ, ଉତ୍ସବ ଲୋକମାନଙ୍କ ମଧ୍ୟରେ ଭାଇଚାରା ଭାବ ଆଦାନ ପ୍ରଦାନ ସହ ଏକ ସୂତ୍ରରେ ବାନ୍ଧି ରଖିବା ପ୍ରୟାସକୁ ଗୁରୁତ୍ୱରୋପ ହୋଇଛି ।

ଜାତୀୟ ପ୍ରେସ୍ ଦିବସର ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଜାତୀୟ ପ୍ରେସ ଦିବସର ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟପାଳ ରଘୁବର ଦାସ । ଏକ୍ସ ହ୍ୟାଣ୍ଡେଲରେ ରାଜ୍ୟପାଳ କହିଛନ୍ତି ଯେ, ଜାତୀୟ ପ୍ରେସ ଦିବସ ଅବସରରେ ମିଡିଆର ସମସ୍ତ ବନ୍ଧୁମାନଙ୍କୁ ଶୁଭକାମନା । ମିଡିଆର ସ୍ୱାଧୀନତାରୁ ଗଣତନ୍ତ୍ର ସୁଦୃଢ ହୋଇଥାଏ । ଆମେ ଏଥିପାଇଁ ପ୍ରତିବଦ୍ଧ ଅଟୁ । ସେହିପରି ଜାତୀୟ ପ୍ରେସ୍ ଦିବସର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜାତୀୟ ପ୍ରେସ ଦିବସ ଅବସରରେ ଅନେକ ଚ୍ୟାଲେଂଜ ସତ୍ତ୍ୱେ ସତ୍ୟକୁ ବାହାରକୁ ଆଣିବାକୁ ଉତ୍ସଗୀକୃତ କାର୍ଯ୍ୟ କରୁଥିବା ସାମ୍ବାଦିକଙ୍କୁ ଆମେ ସାଲ୍ୟୁଟ କରୁଛୁ । ସେହିପରି ଉପ ମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଜାତୀୟ ସାମ୍ବାଦିକ ଦିବସ ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି, ଜାତୀୟ ସାମ୍ବାଦିକ ଦିବସ ଅବସରରେ ସମସ୍ତଙ୍କୁ ମୋର ଶୁଭେଚ୍ଛା। ଗଣତନ୍ତ୍ରର ଆତ୍ମାକୁ ବଜାୟ ରଖିବାରେ ସାମ୍ବାଦିକମାନଙ୍କର ନିରନ୍ତର ଉଦ୍ୟମ ପାଇଁ ପ୍ରେସ୍ ଏବଂ ମିଡିଆ ବନ୍ଧୁମାନଙ୍କୁ ମୋର ହୃଦୟରୁ କୃତଜ୍ଞତା ଜଣାଉଛି ।

ଏସ୍‌ସିବିରେ ସୁଶ୍ରୁତ ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ର ଉଦ୍‌ଘାଟନ କଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଶନିବାର ଦିନ କଟକ ସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଉତ୍କଳ ବିପନ୍ନ ସହାୟତା ସମିତି ଦ୍ୱାରା ପରିଚାଳିତ ସୁଶ୍ରୁତ ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ରର ଶୁଭ ଉଦ୍‌ଘାଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ କଟକ ସଦରର ବିଧାୟକ ଇଂ. ପ୍ରକାଶ ଚନ୍ଦ୍ର ସେଠୀ, ଏସବିସି ମେଡିକାଲ କଲେଜର ଅଧକ୍ଷା ଡ଼ା.ଲୁସି ଦାସ, ଉତ୍କଳ ବିପନ୍ନ ସହାୟତା ସମିତିର ସଭାପତି ଇଂ ଅକ୍ଷୟ କୁମାର ବିଟ ପ୍ରମୁଖ ଉପସ୍ଥିତ ଥିଲେ। ଏହା ପୂର୍ବରୁ ସେ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ, କଟକ ପରିସରରେ ଥିବା ଓଡ଼ିଶାର ବରପୁତ୍ର, ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର କର୍ଣ୍ଣଧାର ମହାରାଜ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ସ୍ମରଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସ୍ୱାଧୀନତା ସଂଗ୍ରାମୀ ପ୍ରାଣନାଥ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏକ୍ସ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ମହାନ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକଙ୍କ ଜୟନ୍ତୀରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ।

ଭରତପୁର ଥାନା ମାମଲା ତଦନ୍ତ କରୁଥିବା କମିଶନଙ୍କ କାର୍ଯ୍ୟକାଳ ବୃଦ୍ଧି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭରତପୁର ଥାନା ମାମଲାର ତଦନ୍ତ କରୁଥିବା କମିଶନ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କ କାର୍ଯ୍ୟକାଳ ବୃଦ୍ଧି କରାଯାଇଛି। ଏନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ୩୧ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟକାଳ ବୃଦ୍ଧି ହୋଇଥିବା ସୂଚନା ମିଳିଛି। ୨୨ ନଭେମ୍ବରରେ ସରୁଥିଲା ତଦନ୍ତ କମିଶନଙ୍କ କାର୍ଯ୍ୟକାଳ।

ଏସ୍‌ସିବିରେ ପ୍ରଥମଥର ପାଇଁ ହେବ ହୃତ୍‌ପିଣ୍ଡ ପ୍ରତିରୋପଣ: ମନ୍ତ୍ରୀ

କଟକ (ଭାସ୍କର ନ୍ୟୁଜ୍): ଓଡ଼ିଶାବାସୀଙ୍କୁ ଉନ୍ନତ ଏବଂ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲ, କଟକରେ ହୃତପିଣ୍ଡ ପ୍ରତିରୋପଣ ପାଇଁ ପ୍ରଥମ ରୋଗୀଙ୍କ ସ୍କ୍ରିନିଂ ପ୍ରକ୍ରିୟା ଚାଲୁଅଛି । ଓଡ଼ିଶାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼ଃ ମୁକେଶ ମହାଲିଙ୍ଗ ଆଜି ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନରେ ଯାଇ ହୃତପିଣ୍ଡ ପ୍ରତିରୋପଣ ହେବାକୁ ଥିବା ପ୍ରଥମ ରୋଗୀଙ୍କ ସହ ସାକ୍ଷାତ କରି ତାଙ୍କର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ଚିକିତ୍ସକମାନଙ୍କ ସହ ଏ ସମ୍ପର୍କରେ ବିଷଦ ଆଲୋଚନା କରିଛନ୍ତି । ଏହା ସହ ହୃତପିଣ୍ଡ ପ୍ରତିରୋପଣର ସଫଳତା ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ୧୦ମ ଶିଶୁ ସାହିତ୍ୟ ମହୋତ୍ସବ ଉଦ୍‌ଘାଟିତ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ୧୦ମ ଶିଶୁ ସାହିତ୍ୟ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ବିଶିଷ୍ଟ ଅଭିନେତ୍ରୀ ତଥା ଲେଖିକା ସୋହା ଅଲ୍ଲୀ ଖାଁ, ଲେଖିକା ପ୍ରୀତି ସେନୋୟ, କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଚେୟାରପର୍ସନ ଡ. ମୋନାଲିସା ବଳ, ଅଧକ୍ଷ ଡ. ସଞ୍ଜୟ ସୁଆର ଯୋଗଦେଇ ଥିବା ବେଳେ ଆଭାସୀରେ ବିଶିଷ୍ଟ ଶିଶୁ ସାହିତ୍ୟିକ ରସ୍କିନ୍ ବଣ୍ଡ ଓ ଅଭିନେତା ବିକ୍ରାନ୍ତ ମାସେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ପଦ୍ମଶ୍ରୀ ରସ୍କିନ୍ ବଣ୍ଡ ନିଜ ବାର୍ତ୍ତାରେ ପୁସ୍ତକ ପାଠ ଉପରେ ଗୁରୁତ୍ୱାରୋପ କରି କହିଲେ, କେବଳ ବହି ହିଁ ଛାତ୍ରଛାତ୍ରୀଙ୍କ ସାରା ଜୀବନ ବନ୍ଧୁ ହୋଇ ରହିବ। ପୁସ୍ତକ ପଠନ ପ୍ରତି ଶିଶୁମାନଙ୍କ ଆଗ୍ରହ ବଢ଼ାଇବା ଦିଗରେ ଏଭଳି ସାହିତ୍ୟ ମହୋତ୍ସବ ବେଶ ଗୁରୁତ୍ୱ ରହିଛି ବୋଲି ଶ୍ରୀ ବଣ୍ଡ କହିଥିଲେ। ଅନ୍ୟତମ ଅତିଥି ତଥା ଲେଖିକା ପ୍ରୀତି କହିଲେ, ପିଲାମାନେ ଯେତେ ଅଧିକରୁ ଅଧିକ ବହି ପଢ଼ିବ ତୁମର ଜ୍ଞାନ ସେତେ ଅଧିକ ବଢ଼ିବ। ତେଣୁ ପୁସ୍ତକ ପଠନ ତୁମମାନଙ୍କୁ ପ୍ରକୃତ ମନୋରଞ୍ଜନ ଓ ଜ୍ଞାନ ଦେଇପାରିବ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ବିକ୍ରାନ୍ତ ଛାତ୍ରଛାତ୍ରୀଙ୍କୁ ନିଜ ବାର୍ତ୍ତାରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଛୋଟ ପିଲାଙ୍କ ପାଇଁ ଏଭଳି ସାହିତ୍ୟ ମହୋତ୍ସବ ଆୟୋଜନ କରିଥିବାରୁ ସେ ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ। ସ୍କୁଲ୍‌ର ଇଣ୍ଟରନ୍ୟାସ୍‌ନାଲ୍ କରିକୁଲମ ମୁଖ୍ୟ ମାର୍କ ଏଲ୍ କୋଲେମନ କହିଲେ, ଶିକ୍ଷା ଏକ ଯାତ୍ରା ଏବଂ ଏହା ଏକ ଲକ୍ଷ୍ୟ ନୁହେଁ। ପୁସ୍ତକ ପଠନ ଆମ ଜୀବନର ଏକ ଅଂଶ ହେବା ଉଚିତ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମକୁ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ ଉଦ୍‌ଘାଟନ କରିଥିବା ବେଳେ ସ୍କୁଲ୍‌ର ଚେୟାରପର୍ସନ ତଥା ଇଂରାଜୀ ପତ୍ରିକା କ୍ଲାଉଡ୍-୯ର ସମ୍ପାଦିକା ଡ. ମୋନାଲିସା ବଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍କୁଲ୍‌ର ଅଧକ୍ଷ ଡ. ସଞ୍ଜୟ ସୁଆର ଧନ୍ୟବାଦ ଅର୍ପଣ କରିଥିଲେ।

ପାଳନ ହେବ ଭାରତୀୟ ନୌସେନା ଦିବସ ପୋଲିସ ଡିଜିଙ୍କ ଅଧକ୍ଷତାରେ ସମୀକ୍ଷା ବୈଠକ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ଡିସେମ୍ବର ୪ ତାରିଖରେ ପୁରୀସ୍ଥିତ ବ୍ଲୁ ଫ୍ଲାଗ ବିଚରେ ଭାରତୀୟ ନୌସେନା ଦିବସ ପାଳିତ ହେବାକୁ ଯାଉଛି । ଏହି ଉତ୍ସବରେ ନୌସେନାର ବୈଷୟିକ ଦକ୍ଷତା ଏବଂ ରଣନୈତିକ ପ୍ରସ୍ତୁତି ପ୍ରଦର୍ଶନ ସହିତ ଆକର୍ଷଣୀୟ ପରେଡ୍, ଅପରେସନ୍ ପ୍ରଦର୍ଶନ ଏବଂ ନୌସେନା ସାମର୍ଥ୍ୟ ପ୍ରଦର୍ଶିତ ହେବାକୁ ଯାଉଛି । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସମେତ ରାଜ୍ୟପାଳ ରଘୁବର ଦାସ, କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଭାରତୀୟ ନୌସେନାର ବରିଷ୍ଠ ଅଧିକାରୀଙ୍କ ସମେତ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହି ଅବସରରେ ଶନିବାର ଭୁବନେଶ୍ୱରଠାରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହା ସହ ଏହି ଦିବସକୁ ଶୃଙ୍ଖଳିତ ଭାବେ ପାଳନ କରାଯିବା ଉପରେ ଡିଜିପି ବରିଷ୍ଠ ପୋଲିସ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ଗୁଇନ୍ଦା ନିର୍ଦ୍ଦେଶକ, ଆର. ପି. କୋଚେ, ନିର୍ଦ୍ଦେଶକ, ସଞ୍ଜୀବ ପଣ୍ଡା, ରେଳବାଇ ଓ ଉପକୂଳ ସୁରକ୍ଷା, ଅରୁଣ ବୋଥ୍ରା, ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର, ଟ୍ରାନ୍ସପୋର୍ଟ କମିଶନର, ଅମିତାଭ ଠାକୁର, (ମୁଖ୍ୟାଳୟ) ଦୟାଲ ଗଙ୍ଗୱାର, (ଏସଏପି) ରାଜେଶ କୁମାରଙ୍କ ସମେତ ଭାରତୀୟ ନୌସେନା ଏବଂ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

କଟକ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ

କଟକ(ଭାସ୍କର ନ୍ୟୁଜ୍): ଜାତୀୟ ପ୍ରେସ ଦିବସ ଅବସରରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ, କଟକ ଦ୍ୱାରା ଆୟୋଜିତ ଜିଲ୍ଲାସ୍ତରୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ପ୍ରେସ୍ କାଉନସିଲ ଅଫ ଇଣ୍ଡିଆ ପକ୍ଷରୁ ଚଳିତ ବର୍ଷ ପ୍ରେସ ଦିବସର ସ୍ଥିରୀକୃତ ଆଲୋଚ୍ୟ ବିଷୟବସ୍ତୁ 'ଗଣମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପ' ଉପରେ ଆଲୋଚନା ପୂର୍ବକ ସମାରୋହର ମୁଖ୍ୟଅତିଥି ଭାବରେ ଯୋଗଦେଇ ଅତିରିକ୍ତ ଜିଲ୍ଲାପାଳ ଶିବ ଟୋପୋ କହିଲେ ଯେ, କଟକରେ ସାମ୍ବାଦିକତାର ନିଆରାପଣ ରହିଛି। ଏବେ ସମ୍ବାଦପତ୍ର ଓ ବୈଦ୍ୟୁତିକ ଗଣମାଧ୍ୟମର ସଂଖ୍ୟା ବୃଦ୍ଧି ପାଇଥିବାବେଳେ ସାମାଜିକ ଗଣମାଧ୍ୟମର ମଧ୍ୟ ଗୁରୁତ୍ୱ ବଢିଛି। ସମସ୍ତ ପ୍ରକାରର ଖବରକୁ ଓଜନଦାର ଓ ମହତ୍ୱପୂର୍ଣ୍ଣ କରିବାର ଦାୟିତ୍ୱ ମଧ୍ୟ ଗଣମାଧ୍ୟମରେ ସମାନ ଭାବରେ ବୃଦ୍ଧି ପାଇଛି। ସୁସ୍ଥ ବାତାବରଣ ନିମନ୍ତେ ବିଭିନ୍ନ ବର୍ଗର ସାମ୍ବାଦିକମାନେ ନିଆରା ଢଙ୍ଗରେ ସମ୍ବାଦ ପରିବେଷଣ କରିବାର ଆବଶ୍ୟକତା ରହିଛି। ମୁଖ୍ୟବକ୍ତା ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଡ. ଦେବୀଲାଲ ମିଶ୍ର ଯୋଗଦେଇ ସାମ୍ବାଦିକ ମାନଙ୍କର ଏକ ଭିନ୍ନ ଦୃଷ୍ଟିକୋଣ ରହିଥାଏ ବୋଲି କହିବା ସହ ଖବର ପ୍ରସ୍ତୁତି ଠାରୁ ଆରମ୍ଭ କରି ଏହାକୁ ପରିବେଷଣ କରିବା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସାମ୍ବାଦିକମାନେ ସେମାନଙ୍କର ନିଜସ୍ୱ ଦୃଷ୍ଟିଭଙ୍ଗୀକୁ ଉପସ୍ଥାପନ କରିଥାନ୍ତି ବୋଲି କହିଥିଲେ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ ସ୍ୱାଗତ ଭାଷଣ ପ୍ରଦାନ ପୂର୍ବକ ଆଲୋଚ୍ୟ ବିଷୟବସ୍ତୁ ଗଣମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପ ସମ୍ବନ୍ଧରେ ନିଜର ମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ ପ୍ରଫୁଲ୍ଲ କୁମାର ମହାନ୍ତି, କୈଳାଶ ଜେନା, ଜୟ ମହାନ୍ତି, ଇମରାନ ଖାନ, ଦିପେଶ ମହାପାତ୍ର, ଅଜୟ କୁମାର ଦାସ, ପ୍ରଭାତ କୁମାର ବିଶୋଇ ପ୍ରମୁଖ ଆଲୋଚନାର ବିଷୟବସ୍ତୁ ଉପରେ ନିଜର ମତାମତ ପ୍ରକାଶ କରିବା ସହ ସାମ୍ବାଦିକମାନେ ସର୍ବଦା ସତ୍ୟକୁ ସମାଜ ଆଗରେ ପରିବେଷଣ କରିବାର ଦାୟିତ୍ୱ ନିର୍ବାହ କରିବା ଉଚିତ୍ ବୋଲି କହିଥିଲେ। ଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସହକାରୀ ସୂଚନା ଅଧିକାରୀ ସ୍ୱାଗତିକା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ସାନିଟାରୀ ନାପକିନ୍ ଭେଣ୍ଡିଂ ମେସିନ୍ ଓ ଡିସ୍‌ପୋଜେବଲ୍ ମେସିନ୍‌ର ଉଦ୍‌ଘାଟନ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଲୋକସେବା ଭବନରେ ମହିଳା କର୍ମଚାରୀଙ୍କ ପାଇଁ ଆଶ୍ୱସ୍ତି । ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ଲୋକସେବା ଭବନରେ ସାନିଟାରୀ ନାପକିନ୍ ଭେଣ୍ଡିଂ ମେସିନ୍ ଓ ସାନିଟାରୀ ନାପକିନ୍ ଡିସପୋଜେବଲ ମେସିନ୍ ସ୍ଥାପନକୁ ଉଦ୍ଘାଟନ କରିଛନ୍ତି । ମହିଳା ଶୌଚାଳୟ କମ୍ପ୍ଲେକ୍ସ ଏବଂ ଲେଡିଜ୍ କମନ୍ ରୁମ୍ ସମେତ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏହି ମେସିନ୍ ଲଗାଯାଇଛି । ମହିଳାମାନଙ୍କ ପାଇଁ ସ୍ୱଚ୍ଛତା, ଅଧିକ ସମାବେଶୀ ଏବଂ ସହାୟକ କର୍ମକ୍ଷେତ୍ର ସୃଷ୍ଟି ଦିଗରେ ଏହା ଏକ ପ୍ରଗତିଶୀଳ ପଦକ୍ଷେପ । ଅଭିଯୋଗ ସମାଧାନ ପାଇଁ ପରିସରକୁ ଆସୁଥିବା ମହିଳାଙ୍କ ସୁବିଧାକୁ ସୁନିଶ୍ଚିତ କରିବ । ଖୁବ୍‌ଶୀଘ୍ର ସଚିବାଳୟ ବିଲ୍ଡିଂର ସମସ୍ତ ମହିଳା ଶୌଚାଳୟରେ ଏହି ସୁବିଧା ଉପଲବ୍ଧ ହେବ। ଏଥି ସହ ଲୋକସେବା ଭବନ ପରିସରରେ ଛୋଟ ପିଲାମାନଙ୍କ ପାଇଁ ଥିବା କ୍ରେଚ୍ ପରିଦର୍ଶନ କଲେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା । ଏହି କାର୍ଯ୍ୟକ୍ରମରେ ତାଙ୍କ ସହ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମା ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ

ପ୍ରଥମ ପର୍ଯ୍ୟାୟ କାର୍ତ୍ତିକେଶ୍ୱର ଭସାଣିରେ ୨୯ ମେଢ଼ ବିସର୍ଜିତ

କଟକ(ଭାସ୍କର ନ୍ୟୁଜ୍): ପାର୍ବଣର ଅନ୍ତିମ ପର୍ବ କାର୍ତ୍ତିକେଶ୍ୱର ଭସାଣି ଉତ୍ସବ ଶନିବାରଠାରୁ ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ୨୯ଟି ପୂଜା କମିଟିର ପ୍ରତିମା ବିସର୍ଜିତ ହୋଇଛନ୍ତି। ସକାଳୁ ପ୍ରତିମାଗୁଡ଼ିକ ସାହି ପରିକ୍ରମା କରି ବିରାଟ ଶୋଭାଯାତ୍ରାରେ ରୁଟକୁ ଆସିଥିଲେ । ପୂର୍ବାଞ୍ଚଳ ଓ ଚୌଧୁରୀ ବଜାରପଟୁ ଆସିଥିବା ପ୍ରତିମାଗୁଡ଼ିକ ବକ୍ସିବଜାର ଛକଠାରୁ କ୍ରମିକ ନଂ ଅନୁଯାୟୀ ମିଶନରୋଡ଼, ଚଣ୍ଡୀଛକ, କେନ୍ଦ୍ରିଜ ସ୍କୁଲ, ପିଏଚ୍‌ଡ଼ି କାର୍ଯ୍ୟାଳୟ ଓ ବାଉଁଶ ଡିପୋ ହୋଇ ଗଡ଼ଗଡ଼ିଆ ଘାଟ ନିକଟ କାର୍ତ୍ତିକେଶ୍ୱର ଗଡ଼ାରେ ବିସର୍ଜିତ ହୋଇଥିଲେ। ସେହିପରି କନିକାଛକ ଆଡୁ ଆସିଥିବା ପ୍ରତିମାଗୁଡ଼

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ କୋଲଣପୁର ଗ୍ରାମପଂଚାୟତ କୁଳିଆସ୍ଥିତ କେନ୍ଦୁପାଟଣା ନିୟନ୍ତ୍ରୀତ ବଜାର କମିଟିର ନବ ନିଯୁକ୍ତ ସମ୍ପାଦକଙ୍କୁ କାର୍ଯ୍ୟାଳୟ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । କେନ୍ଦୁପାଟଣା ନିୟନ୍ତ୍ରୀତ ବଜାର କମିଟିର ନୂତନ ସମ୍ପାଦକ ରୂପେ ନିରଞ୍ଜନ ସାମଲ ଯୋଗଦାନ କରିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ପୂର୍ବରୁ ଶ୍ରୀ ସାମଲ ଜଟଣୀ ଆରଏମସିରେ କାର୍ଯ୍ୟରତ ଥିଲେ । ନବ ନିଯୁକ୍ତ ସମ୍ପାଦକ ଶ୍ରୀ ସାମଲଙ୍କୁ ପରିଦର୍ଶକ କିଶୋର ଚନ୍ଦ୍ର ଦାସ, ବ୍ରଜମୋହନ ପଣ୍ଡା, ସେକ ଇଦ୍ରିସ ମହମ୍ମଦ,ଯୁବନେତା ପ୍ରଶାନ୍ତ କୁମାର ନାୟକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ତେବେ ନବ ନିଯୁକ୍ତ ସମ୍ପାଦକ ସ୍ଥାନୀୟ ବଜାର କମିଟି ଅଧିନରେ ଥିବା ସମସ୍ତ ସାପ୍ତାହିକ ହାଟ ଓ ବଜାରର ଉନ୍ନତି କରଣ ତଥା ରୂପାନ୍ତରିକରଣ କରିବା ସହ ଚାଷୀ ଓ ବ୍ୟବସାୟୀଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ କାର୍ଯ୍ୟ କରିବେ ବୋଲି ମତବ୍ୟକ୍ତ କରିଥିଲେ ।

ଢେଙ୍କାନାଳ ସଦର ବ୍ଲକ୍‌କୁ କବ୍ଜା କଲା ବିଜେପି

ଅନାସ୍ଥାରେ ପଦ ହରାଇଲେ ବିଜେଡି ଅଧ୍ୟକ୍ଷା ରାଜଶ୍ରୀ ନାୟକ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ଢେଙ୍କାନାଳ ସଦର ନିର୍ବାଚନ ମଣ୍ଡଳୀରେ ବିଜେଡି ସତା ହରାଇବସିଛି । କିଛିଦିନ ପୂର୍ବେ ଗଁଦିଆ ବ୍ଲକ୍ ଅଧ୍ୟକ୍ଷା ରୀନାରାଣୀ ଖଟୁଆ ବିଜେଡି ଛାଡି ନିଜର ସମର୍ଥକମାନଙ୍କ ସହ ବିଜେପିରେ ସାମିଲ୍ ହୋଇଥିଲେ । ଗଁଦିଆ ବ୍ଲକ୍ ବିଜେପି ଦଖଲ କରିଥିବାବେଳେ ବିଜେଡି ଦଖଲରେ ଥିବା ଢେଙ୍କାନାଳ ସଦର ପଞ୍ଚାୟତ ସମିତିକୁ କବ୍ଜା କରିଛି ବିଜେପି । ଶନିବାର ସଦର ବ୍ଲକ୍‌ରେ ଅନାସ୍ଥା ଭୋଟରେ ଅଧ୍ୟକ୍ଷା ପଦବୀ ହରାଇଛନ୍ତି ବିଜେଡି ଦଳୀୟ ଅଧ୍ୟକ୍ଷା ରାଜଶ୍ରୀ ନାୟକ । ଫଳରେ ସଦର ବ୍ଲକର ବିଜେପି ସମର୍ଥିତ ପ୍ରାର୍ଥୀ ହେବେ ନୂତନ ବ୍ଲକ ଅଧ୍ୟକ୍ଷା । ଗତ ୬ରେ ବିଜେଡି ସମର୍ଥିତ ବ୍ଲକ ଅଧ୍ୟକ୍ଷା ରାଜଶ୍ରୀଙ୍କ ବିରୁଦ୍ଧରେ ଅନାସ୍ଥା ଆଣିଥିଲେ ବିଜେପି ସମର୍ଥିତ ସମିତି ସଭ୍ୟ ଓ ସଭ୍ୟା । ଏହି ଅନାସ୍ଥା ବୈଠକ ଢେଙ୍କାନାଳ ସଦର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ତେବେ ଅଧ୍ୟକ୍ଷାଙ୍କ ବିରୋଧରେ ୪୪ଖଣ୍ଡ ଭୋଟ୍ ପଡିଥିବା ବେଳେ ସପକ୍ଷରେ ୧୭ ଭୋଟ ପଡିଥିଲା । ଫଳରେ ବିଜେଡ ଦଳୀୟ ଅଧ୍ୟକ୍ଷା ନିଜର ପଦବି ହରାଇଛନ୍ତି । ସୂଚନା ଥାଉକି, ସଦର ବ୍ଲକ୍ ମୋଟ ୩୦ଟି ପଞ୍ଚାୟତ ରହିଥିବା ବେଳେ ସେଥିରେ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀର ୯ଟି ପଞ୍ଚାୟତ ରହିଛି । ତେବେ କାଇମାଟି ପଞ୍ଚାୟତ ସମିତି ସଭ୍ୟଙ୍କର ପୂର୍ବରୁ ଅକାଳ ମୃତ୍ୟୁ ଘଟି ସାରିଛି । ତେବେ ଅନାସ୍ଥା ଭୋଟିଂରେ ସଦର ବ୍ଲକ୍‌ର କାମାକ୍ଷାନଗର ନିର୍ବାଚନ ମଣ୍ଡଳୀର ୯ଟି ପଞ୍ଚାୟତରୁ ୧୮ଜଣ ସଦସ୍ୟ ଓ ଢେଙ୍କାନାଳ ସଦର ନିର୍ବାଚନ ମଣ୍ଡଳୀର ୨୧ ପଞ୍ଚାୟତର ୪୨ଜଣ ସଦସ୍ୟଙ୍କ ମଧ୍ୟରୁ ମୋଟ୍ ସରପଞ୍ଚ ଓ ସମିତି ସଭ୍ୟ ମିଶି ୫୯ଜଣ ଉପସ୍ଥିତ ଥିଲେ । ଆଇନ ମୁତାବକ ସାଂସଦ ରୁଦ୍ର ନାରାୟଣ ପାଣି, କାମାକ୍ଷାନଗର ବିଧାୟକ ଶତ୍ରୁଘନ ଜେନା ଓ ଢେଙ୍କାନାଳ ବିଧାୟକ ତଥା ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଉପସ୍ଥିତିରେ ଅନାସ୍ଥା ଭୋଟ୍ ପାଇଁ ମୋଟ ୬୨ ଭୋଟ ରହିଥିଲା । ଭୋଟ୍‌ଦାନ ସମୟରେ ଜଣେ ସଦସ୍ୟଙ୍କ ଭୋଟ୍ ନାକଚ ହୋଇଥିବା ବେଳେ ୪୪ଜଣ ଅନାସ୍ଥା ସପକ୍ଷରେ ଭୋଟ୍ ଦେଇଥିଲେ । ୧୭ଜଣ ଅନାସ୍ଥା ବିରୁଦ୍ଧରେ ଭୋଟ୍‌ଦାନ କରିଥିଲେ ବୋଲି ଭୋଟ୍ ପରିଚାଳନା ଦାୟିତ୍ୱ ନିବାହ କରୁଥିବା ଢେଙ୍କାନାଳ ସଦର ତହସିଲଦାର ଲିତୁସ୍ମିତା ମିଶ୍ର ଘୋଷଣା କରିଛନ୍ତି ।

ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

ଢେଙ୍କାନାଳ(ଭାସ୍କର ନ୍ୟୁଜ): ସ୍ଥାନୀୟ ଜିଲ୍ଲାପାଳ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଶୁଭେଚ୍ଛା ଜଣାଇବ ସହ ଗଣମାଧ୍ୟମ ହେଉଛି ସମାଜର ଦର୍ପଣ, ସମାଜରେ ଘଟୁଥିବା ପ୍ରତ୍ୟେକ ନୀତି-ଅନୀତି, ଉନ୍ନତି-ଅବନତି ଏବଂ ବିଭିନ୍ନ ବିଷୟ ଉପରେ ଦେଖାଯାଉଥିବା ମତ ଓ ଭିନ୍ନମତକୁ ଲୋକଲୋଚନକୁ ଆଣିବା ହେଉଛି ଗଣମାଧ୍ୟମର ଦାୟିତ୍ୱ । ଏହି ଦାୟିତ୍ୱକୁ ଯେଉଁ ଗଣମାଧ୍ୟମ ସଠିକ୍ ଭାବେ ତୁଲାଇ ଜନସମାଜର ବିକାଶ ସହିତ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ସହାୟକ ହୁଅନ୍ତି, ସେମାନେ ହେଉଛନ୍ତି ବାସ୍ତବରେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ । ଉକ୍ତ ବର୍ଷର ବିଷୟବସ୍ତୁ ନ୍ତଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୂପନ୍ତ ସାମ୍ପ୍ରତିକ ନୂତନ ଡିଜିଟାଲ/ଆର୍ଟିଫିସିଆଲ ଇଂଟେଲିଜେନ୍ସ ଯୁଗରେ ବିଭିନ୍ନ ଡିଜିଟାଲ ଉପକରଣର ବ୍ୟବହାର କରି ସୂଚନାକୁ ଯଥାଶୀଘ୍ର ଲୋକଙ୍କୁ ପରିବେଷଣ କରିବା ସହ ସାମ୍ବାଦିକତାର ବିକାଶ ଉପରେ ଆଲୋକପାତ କରେ । ବିଭିନ୍ନ ପରିବର୍ତନଗୁଡିକ ସତ୍ତ୍ୱେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ହୋଇ ସଠିକ ତଥ୍ୟ ଲୋକଲୋଚନକୁ ଆଣିବା ସହ ଜନସାଧାରଣଙ୍କ ଆଗରେ ସତ୍ୟତା ପ୍ରତିପାଦନ କରିବା ହେଉଛି ସାମ୍ବାଦିକତାର ମୂଳମନ୍ତ୍ର । ତେଣୁ ପାଇଁ ସମସ୍ତ ଗଣମାଧ୍ୟମ ପ୍ରତିନିଧି ସାମ୍ବାଦିକତାର ମୂଳମନ୍ତ୍ରକୁ ପାଥେୟ କରି କାର୍ଯ୍ୟକରିବା ସହ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଶାସନ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବା ଉଭୟଙ୍କ ପାଇଁ ନିହାତି ଜରୁରୀ । ଆଜିର ଯୁଗରେ ଗଣମାଧ୍ୟମର ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ଅଟେ । ବର୍ତମାନର ପିଢ଼ି ସୋସିଆଲ ମିଡ଼ିଆ ଉପରେ ଅଧିକ ନିର୍ଭରଶୀଳ ଯାହାଫଳରେ ଛାପା ଗଣମାଧ୍ୟମ ବହୁକାଂଶର କ୍ଷତି ସହୁଛି । ତେଣୁ ପୁଣିଥରେ ଆଜିର ଯୁବପିଢ଼ିକୁ ଏହି ବିଷୟରେ ସଚେତନ କରାଇବା ଆମର କର୍ତବ୍ୟ ଅଟେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଭାବେ ପ୍ରଦ୍ୟୁମ୍ନ ରଥ, ଅମୀୟ ଚାନ୍ଦ, ପ୍ରତାପ ବରାଳ ଓ ଆଇଆଇଏମସିର ଆସୋସିଏଟ ପ୍ରଫେସର ଡ଼ଃ ବିରଂଚି ନାରାୟଣ ସେଠ ଜାତୀୟ ପ୍ରେସ ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ ବିଷୟରେ ବୁଝାଇ କହିବା ସହିତ ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧି ସମ୍ବାଦିକତାର ଗାରିମାକୁ ବଜାଇରଖିବା, ଦାୟିତ୍ୱ ସମ୍ପର୍ଣ୍ଣ ସାମ୍ବାଦିକତା କରିବା ଏବଂ ଏକତ୍ରିତ ହୋଇ ପ୍ରସାଶନ ସହ ସମନ୍ୱୟ ରଖି କାର୍ଯ୍ୟ କରିବା ପାଇଁ କହିଥିଲେ । ସୂଚନା ଓ ଲୋକସଂପର୍କ ଅଧିକାରୀ ଅଭିଷେକ ବେହେରା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ କିଛି ଗଣମାଧ୍ୟମ ପ୍ରତିନିଧି ଯଥା ସରୋଜ କୁମାର କର, ଜିତେନ୍ଦ୍ର ପଟ୍ଟନାୟକ, ଶକ୍ତିପ୍ରସାଦ ପାଣିଗ୍ରାହୀ, ଲିକୁନା ସେନାପତି, ଅମ୍ବିକା ପଟ୍ଟନାୟକ, ବିନୋଦ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

ଟ୍ରକ୍ ମାଲିକ ସଂଘର ସମାବେଶ ଓ ସମ୍ବର୍ଦ୍ଧନା ଉତ୍ସବ

ବଡ଼ଚଣା(ଭାସ୍କର ନ୍ୟୁଜ): ଶନିବାର ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ତରଫରୁ ଟ୍ରକ୍ ମାଲିକ ସମାବେଶ ଓ ସମ୍ବର୍ଦ୍ଧନା ଉତ୍ସବ ଚଣ୍ଡିଖୋଲ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହେଇଯାଇଛି । ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ସଭାପତି ପୁଷ୍କରାଜ୍ ନାୟକଙ୍କ ସଭାପତିତ୍ୱରେ ସଂପାଦକ କ୍ରିତୀରାଜ ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ କୋରେଇ ବିଧାୟକ, ଆକାଶ ଦାସ ନାୟକ ଟ୍ରକ ମାଲିକଙ୍କର ଦାବୀ ପ୍ରତି ମୁଁ ଅବଗତ । ସରକାରଙ୍କ ସହ ଆଲୋଚନା କରି ଏହାର ସମାଧାନ ଦିଗସଭାପତ୍ରେସ କାର୍ଯ୍ୟ କରିବା ସହ ଆଗମୀ ଦିନରେ ଯାଜପୁର ଜିଲ୍ଲା ଟ୍ରକ୍ ମାଲିକ ସଂଘର ସାମୂହିକ ସମସ୍ୟା ସମ୍ପର୍କରେ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ବଡଚଣା ବିଧାୟକ ଅମର କୁମାର ନାୟକ ଟ୍ରକ ମାଲିକ ସଂଘ ସମସ୍ୟା ପ୍ରତି ଅବଗତ ଅଛି, ସମସ୍ୟାକୁ ଗମ୍ଭୀରତାର ସହିତ ନେଇ ସରକାରଙ୍କ ସହିତ ଆଲେଚନା କରିବା ସହ ଶିଳ୍ପମନ୍ତ୍ରୀ ଓ ସୁକିନ୍ଦାର ବିଧାୟକ ତଥା ମନ୍ତ୍ରି ପ୍ରଦୀପ ବଳ ସାମନ୍ତଙ୍କ ସହ ଆଗମୀ ବିଧାନସଭାରେ ବିଭାଗୀୟ ମନ୍ତ୍ରୀ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟରେ ବ୍ୟବହାର ହେଉଥିବା ଏନ୍‌ଟିପିସିରୁ ବାହାରୁଥିବା ଡଷ୍ଟ ପରିବହନ କ୍ଷେତ୍ରରେ ଚଣ୍ଡିଖୋଲ ଟ୍ରକ ମାଲିକ ସଂଘର ଗାଡିଗୁଡିକୁ ସାମିଲ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଓଡ଼ିଶା ରାଜ୍ୟ ଟ୍ରକ ମାଲିକ ମହାସଂଘର ସାଧାରଣ ସଂପାଦକ ରବିନାରାୟଣ ଶତପଥୀ ପୂର୍ବ ସରକାରଙ୍କ ଅବହେଳା ଓ ଇଚ୍ଛାଶକ୍ତିର ଅଭାବ ଯୋଗୁ ଟ୍ରକ ମାଲିକଙ୍କର ସମସ୍ୟାର ସମାଧାନ ହୋଇପାରିଲା ନାହିଁ ବୋଲି କହିଥିଲେ । ସ୍ଥାନୀୟ ସରପଞ୍ଚ ଟ୍ରକ ମାଲିକ ବିଭିନ୍ନ ସମସ୍ୟା ସମାଧାନ ପାଇଁ ଅନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ । ସଂଘର ମୁଖ୍ୟ ଉପଦେଷ୍ଟା ଚନ୍ଦନ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଭାପତି ପୁଷ୍କରାଜ ନାୟକ ଧନ୍ୟ ବାଦ ଅର୍ପଣ କରିଥିଲେ । ଯାଜପୁର, କୁଆଖିଆ, ବ୍ରାହ୍ମଣୀ ବ୍ରିଜ, ମହାବିନାୟକ ଲଘୁ ଖଣିଜ ପରିବହନ ମାଲିକ ସଂଘର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂପାଦକ କ୍ରିତିରାଜ୍ ସ୍ୱାଇଁ କଳିଙ୍ଗ ନଗର ଶିଳ୍ପାଞ୍ଚଳରେ ଚଣ୍ଡିଖୋଲ ଟ୍ରକ ମାଲିକ ସଂଘକୁ ପରିବହନ କ୍ଷେତ୍ରରେ ଅଣଦେଖା, ଆଇରନ ଲୋଡ୍ କ୍ଷେତ୍ରରେ ଅନ୍ୟାୟ ମିତତଷ, ଫାଷ୍ଟ କମ୍ ଫାଷ୍ଟ ଲୋଡ୍ କ୍ଷେତ୍ରରେ ସ୍ଥାନୀୟ ଟ୍ରକ୍ ମାଲିକ ସଂଘର ଦାଦାଗିରି, ଦୀର୍ଘଦିନ ହେଲା ଟ୍ରକ୍ ମାଲ ପରିବହନ କ୍ଷେତ୍ରରେ ସର୍ବନିମ୍ନ ଭଡା ବୃଦ୍ଧି ନହେବା, ପରିବହନ କ୍ଷେତ୍ରରେ ବାହାର ରାଜ୍ୟର ଗାଡ଼ିଙ୍କୁ ଅଗ୍ରାଧିକାର ଦେବା, ରାମକୋ, ଓସିଏଲ୍ ସିମେଣ୍ଟ ପରିବହନ କ୍ଷେତ୍ରରେ ଚଣ୍ଡିଖୋଲ ଟ୍ରକ ମାଲିକ ସଂଘକୁ ପରିବହନ ପାଇଁ ସୁଯୋଗ ଦେବା ସହିତ ବାହାର ରାଜ୍ୟକୁ ସିମେଣ୍ଟ ପରିବହନ କରିବାକୁ ସୁଯୋଗ ଦେବା ଉପରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ସମାବେଶକୁ ଚଣ୍ଡିଖୋଲ ଟ୍ରକ ମାଲିକ ସଂଘର ଉପସଭାପତି ମାନସ ରଞ୍ଜନ ବଳ, ଉପଦେଷ୍ଟା ଦେବରଞ୍ଜନ ସ୍ୱାଇଁ ଉମେଶ ଜେନା, ମୁଖପାତ୍ର ସତ୍ୟବ୍ରତ ଖଣ୍ଡାୟୀ କୋଷାଧ୍ୟକ୍ଷ ଜାହିର ଖାଁ, ସହ ସମ୍ପାଦକ ବିଶ୍ୱଜିତ୍ ବିଶ୍ୱାଳ, ଏମ୍ ଡି, ଜସିମୁଦ୍ଦିନ୍ ପ୍ରମୁଖ ସହଯୋଗ, କରିଥିଲେ ।

ଶୃଙ୍ଖଳିତ ସମାଜ ଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

ପୁରୀ(ଭାସ୍କର ନ୍ୟୁଜ): ସାଧାରଣ ଲୋକଙ୍କ ଆଶା, ଭରସା ଓ ବିଶ୍ୱାସର ପ୍ରତୀକ ଗଣମାଧ୍ୟମ ହୋଇଥାଏ ବୋଲି କହିଛନ୍ତି ପୁରୀ ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା । ଜିଲ୍ଲା ସଂସ୍କୃତି ଭବନ ପରିସରରେ ପୁରୀ ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ ହୋଇଥିଲା । ଚଳିତ ବର୍ଷର ଆଲୋଚ୍ୟ ପ୍ରସଙ୍ଗ ନ୍ତଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୂପନ୍ତ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ବେହେରା ସମ୍ବାଦ ସଂଗ୍ରହ ଓ ପରିବେଷଣ ଶୈଳୀରେ ପୂର୍ବାପେକ୍ଷା ଅନେକ ପରିବର୍ତ୍ତନ ଘଟିଛି ।କିନ୍ତୁ ସମାଜକୁ ଶୃଙ୍ଖଳିତ ଓ ବିକଶିତ କରିବାରେ ଗଣମାଧ୍ୟମ ପୂର୍ବ ପରି ତାହାର ପ୍ରଚେଷ୍ଟା ଜାରି ରଖିଛି ।ସାଧାରଣ ଲୋକଙ୍କ ସମସ୍ୟା, ଆବଶ୍ୟକତାକୁ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇବା ଓ ସରକାରଙ୍କ ବିଭିନ୍ନ ଯୋଜନା, ପ୍ରକଳ୍ପ ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ ଓ ସଚେତନ କରାଇବାରେ ଗଣମାଧ୍ୟମର ଅବଦାନ ଅତୁଳନୀୟ । ସତ୍ୟ ଓ ନିରପେକ୍ଷ ସମ୍ବାଦ ପରିବେଷଣ ଗଣତନ୍ତ୍ରକୁ ମଜବୁତ କରିଥାଏ ବୋଲି କହିବା ସହ ଅନୁସନ୍ଧାନଧର୍ମୀ ଓ ବାସ୍ତବ ସମ୍ବାଦ ପରିବେଷଣ ଉପରେ ସେ ଗୁରୁତ୍ୱ ଦେଇଥିଲେ । ଗଣତନ୍ତ୍ରର ସୁରକ୍ଷା ଓ ସମୃଦ୍ଧି ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ସୂଚନା ଓ ଜନସମ୍ପର୍କ ଉତ୍ତର ପୂର୍ବାଞ୍ଚଳ ପରିଷଦର ପୂର୍ବତନ ନିର୍ଦ୍ଦେଶକ ମାନସ ରଞ୍ଜନ ମହାପାତ୍ର ଗଣତନ୍ତ୍ରକୁ ସୁଦୃଢ ସହ ଶୃଙ୍ଖଳା ଓ ବିକାଶରେ ଗଣମାଧ୍ୟମର ଅବଦାନ ସମ୍ପର୍କରେ ଆଲୋଚନା କରିବା ସହ ସତ୍ୟ, ଅନୁସନ୍ଧାନଧର୍ମୀ ନିରପେକ୍ଷ ଓ ଗୁଣାତ୍ମକ ସାମ୍ବାଦିକତା ଗଣତନ୍ତ୍ର ପାଇଁ ଶୁଭଙ୍କର ବୋଲି କହିଥିଲେ । ସାଧାରଣ ଲୋକଙ୍କ ସମସ୍ୟାକୁ ସରକାର ଓ ପ୍ରଶାସନ ନିକଟରେ ପହଞ୍ଚାଇ ସମାଧାନ କରିବାକୁ ଗଣମାଧ୍ୟମ ପ୍ରତିନିଧିମାନେ ବ୍ରତ ଭାବେ ଗ୍ରହଣ କରିବାକୁ ସେ ଅନୁରୋଧ କରିଥିଲେ । ପୁରୀ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରିବା ସହ ଗଣମାଧ୍ୟମ ସାଧାରଣ ଜନତାର ସ୍ୱର ହେବା ସହ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତରେ ସହଯୋଗ ରଖିଥାଏ ବୋଲି କହିଥିଲେ । ପୂର୍ବରୁ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାର ପ୍ରଥମ ଶ୍ରାବଣୀ ସାହୁ, ଦ୍ୱିତୀୟ ଓମ ଅଭିଶିଖା ଦାସ ଓ ତୃତୀୟ ହୋଇଥିବା ଆର୍ଯ୍ୟମାନ କରଙ୍କୁ ଅତିଥି ପୁରସ୍କୃତ କରିଥିଲେ । ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରଦୀପ୍ତ ସେନାପତି,ଏଆଇଓ ରାଜେନ୍ଦ୍ର କୁମାର ପାତ୍ର, ପ୍ରୋଜେକ୍ଟନିଷ୍ଠ ପ୍ରସନ୍ନ କୁମାର ସାହୁ, ମିନତୀ ଦାସ, ରବୀନ୍ଦ୍ର କୁମାର ଦାସ, ପ୍ରଦୀପ୍ତ ପଟ୍ଟନାୟକ, ସୁବ୍ରତ କୁମାର ସାହୁ, ତ୍ରୀନାଥ ପାତ୍ର, ପ୍ରତିମା ମହାନ୍ତି ପ୍ରମୁଖ କର୍ମଚାରୀ ସହଯୋଗ କରିଥିଲେ ।

ବୈଦିକ ରୀତିନୀତିରେ ପଡିଲା ଦେବଦମ୍ପତିଙ୍କ ହାତଗଣ୍ଠି

ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଆଳସାହି ପଞ୍ଚାୟତ ପାଟସୁନ୍ଦରପୁର ଗ୍ରାମରେ ଅନୁଷ୍ଠିତ ହୋଇଛି ରାଧାକୃଷ୍ଣଙ୍କ ବିବାହ ଉତ୍ସବ । ସମସ୍ତ ବୈଦିକ ରୀତିନୀତି ସହିତ ଆୟୋଜିତ ହୋଇଛି ଦେବଦମ୍ପତିଙ୍କ ପବିତ୍ର ବିବାହ ଉତ୍ସବ । ଗୋଷ୍ଠାଷ୍ଟମୀ ଠାରୁ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ କୃଷ୍ଣଙ୍କ ବିଭିନ୍ନ ନିତୀ ଅନୁଷ୍ଠିତ ହେବା ପରେ ପୂର୍ଣ୍ଣିମା ଦିନ ବର ମଙ୍ଗୁଳାଠାରୁ ଆରମ୍ଭ କରି ହାତ ଗଣ୍ଠି ପର୍ଯ୍ୟନ୍ତ ସମସ୍ତ ନିତୀ ଆଧାତ୍ମିକ ପରିବେଶରେ ସମାପନ ହୋଇଛି । ପାଞ୍ଚ ଦିନ ବ୍ୟାପି ଆୟୋଜିତ ଥିଲା ବିବାହ ଉତ୍ସବ । ଶୋଭାଯାତ୍ରା ଚାଲିଛି ଗାଡି ପଛକୁ ଗାଡି ଧାଡି କି ଧାଡି ଡିଜେ ତାଳେ ତାଳେ ନାଚୁଛନ୍ତି ବର ଯାତ୍ରୀ । ଆଉ ବରବେଶରେ ସୁସଜ୍ଜିତ ଗାଡ଼ିରେ ଶ୍ରୀକୃଷ୍ଣ । ବାଜା, ରୋଷଣୀରେ ଗାଁ କମ୍ପୁଛି ନଗର, ସଂକୀର୍ତ୍ତନ ସହ ବାଜୁଛି ଡିଜେ । ବାଜୁଛି ଘଣ୍ଟ ଘଣ୍ଟା, ପଡୁଛି ହୁଳହୁଳି । ବ୍ରାହ୍ମଣ ତଥା ପୂଜକ ରାକେଶ ପଣ୍ଡା ବେଦମନ୍ତ୍ରରେ ପ୍ରକମ୍ପିତ ହୋଇଥିଲା ସାରା ଅଞ୍ଚଳ । ପ୍ରଭୁ ଶ୍ରୀକୃଷ୍ଣ ଓ ମାତା ରାଧା ରୁକ୍ମିଣୀ ବେଶରେ ଦୀର୍ଘ ୨୫ବର୍ଷରୁ ଊର୍ଦ୍ଧ ହେବ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ପାଟସୁନ୍ଦରପୁର ଗ୍ରାମରେ ଏଭଳି ଦେବଦମ୍ପତି ଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହେଉଛି । ଧାର୍ଯ୍ୟ ତାରିଖ ପ୍ରତିବର୍ଷ ଗୋଷ୍ଠାଷ୍ଟମୀ ଠାରୁ ପ୍ରଭୁ ଶ୍ରୀକୃଷ୍ଣ

ନିଶ୍ଚିନ୍ତକୋଇଲି(ଭାସ୍କର ନ୍ୟୁଜ): ନିଶ୍ଚିନ୍ତକୋଇଲି ବ୍ଲକ ବଡଖିରସ୍ଥିତ ବିଜୁ ପଟ୍ଟନାୟକ କ୍ଲବର ଚତୁର୍ଥ ବାର୍ଷିକ ଉତ୍ସବ ରଙ୍ଗାରଙ୍ଗ ପରିବେଶରେ ଗତକାଲି ରାତ୍ରର ବିଳମ୍ବିତ ପ୍ରହରରେ ଉଦଯାପିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ବିନୋଦ କୁମାର ସାମଲ ସଭାପତିତ୍ୱକରିଥିଲେ। ଏଥିରେ ମୁଖ୍ୟ ଅତିଥିରୂପେ ନିଶ୍ଚିନ୍ତକୋଇଲି ପଂଚାୟତ ସମିତିର ଉପାଧ୍ୟକ୍ଷ ଅଶୋକ କୁମାର ଓଝା, ସମ୍ମାନିତ ଅତିଥିଭାବେ ବଡକ୍ଷାର ସରପଂଚ ହିମାଂଶୁ ନାରାୟଣ ମଲ୍ଲ, ବନ୍ଧକାଟିଆ ସମିତି ସଭ୍ୟ ବୈକୁଣ୍ଠ ଚରଣ ଶତପଥି, ଜିଲ୍ଲାପରିଷଦ ସଭ୍ୟ ବିପ୍ଳବ କେଶରୀ କାପ,ସାମ୍ବାଦିକ ବଲ୍ଲଭ ଚରଣ ପଲେଇ, ଫାଲଗୁନି ପ୍ରସାଦ ପଣ୍ଡା, ଜମରା ସରପଂଚଙ୍କ ପ୍ରତିନିଧି ଆଶୁତୋଷ ତ୍ରିପାଠୀ, ସରପଡା ସମିତି ସଭ୍ୟଙ୍କ ପ୍ରତିନିଧି ପ୍ରମୋଦ କୁମାର ସ୍ୱାଇଁ, ଶିକ୍ଷାବିତ ଜୟଦେବ ସାହୁ, ସମାଜସେବୀ ରାମଚନ୍ଦ୍ର ସାହୁ, ଫାର୍ମସିଷ୍ଟ ମନୋରଞ୍ଜନ ଦାସ, ମନୋଜ ପଣ୍ଡା, ରଞ୍ଜନ ସ୍ୱାଇଁ, କାଳନ୍ଦୀ ଚରଣ ବେହେରା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଅତିଥିରୂପେ ଯୋଗଦାନ କରି ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଓଏଏସ ପାଇଥିବା ବିନାୟକ ଚନ୍ଦ୍ର ରାଉଳଙ୍କୁ ପୁଷ୍ପଗୁଚ୍ଛ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନ ତରଫରୁ ୫ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳ କରାଇବାରେ କ୍ଲବର ସଭାପତି ପ୍ରଦିପ୍ତ କୁମାର ସାମଲ, ସନାତନ ସାମଲ, ବସନ୍ତ ସାମଲ, ପପୁନା ସାମଲ, ବିକ୍ରମ ସାମଲ ପ୍ରମୁଖ ପୂର୍ଣ୍ଣ ସହଯୋଗ କରିଥିଲେ।

ସୁନା ଗହଣା ଚୋରି ଅଭିଯୋଗରେ ୮ କୋର୍ଟଚାଲାଣ

ଉମରକୋଟ(ଭାସ୍କର ନ୍ୟୁଜ): ଘରେ କେହି ନଥିବାର ସୁଯୋଗ ନେଇ ଘରୁ ଲୁଟି ନେଇଥିଲେ ସୁନା ଅଳଙ୍କାର। ଏଭଳି ଏକ ଘଟଣା ଦେଖିବାକୁ ମିଳିଥିଲା ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଦଶରାପଦା ସାହିର ବିବେକ ନାୟକଙ୍କ ଘରେ। ଏତଲା ପ୍ରକାରେ ଚଳିତ ମାସ ୮ ତାରିଖ ଦିନ ବିବେକ ସପରିବାର ସହ ଘରେ ତାଲା ପକାଇ ବାହରକୁ ଯାଇଥିଲେ। ୧୨ ତାରିଖ ଦିନ ଘରକୁ ଫେରି ଆସି ଦେଖିଲା ବେଳକୁ ଘରର ତାଲା ଭାଙ୍ଗି ପଡ଼ିଛି। ଏନେଇ ବିବେକ ଉମରକୋଟ ଥାନାରେ ୧୨ ତାରିଖ ଦିନ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାକୁ ଗୁରୁତର ସହ ନେଇ ଘଟିଥିବା ଚୋରି ଘଟଣାରେ ସମସ୍ତ ଚୋରି ସୁନା ଅଳଙ୍କାର ଓ ଲେପଟପକୁ ପୋଲିସ ଉଦ୍ଧାର କରିବାରେ ସଫଳ ହୋଇଛି ଉମରକୋଟ ପୋଲିସ। ଏହି ଚୋରି ଘଟଣାରେ ସମ୍ପୃକ୍ତ ସମସ୍ତ ୮ ଜଣଙ୍କୁ ଶନିବାର କୋର୍ଟ ଚାଲାଣ କରିଛି ପୋଲିସ । ଗିରଫ ୮ ଜଣଙ୍କ ମଧ୍ୟରୁ ୪ ନାବାଳକ ଥିବାବେଳେ ୨ ଜଣ ଚୋରି ସାମଗ୍ରୀ କିଣିବା ଯୋଗୁ ଗିରଫ ହୋଇଛନ୍ତି। ଶନିବାର ଉମରକୋଟ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉମରକୋଟ ପୋଲିସ ଉପଖଣ୍ଡ ଅଧିକାରୀ ମଧୁଶିଲ୍ପା ମିଶ୍ର, ଥାନା ଆଇଆଇସି ତପନ କୁମାର ପତି ଓ ଘଟଣାର ତଦନ୍ତ ଅଧିକାରୀ ସବ ଇନ୍ସପେକ୍ଟର ସିବଜି ପଣ୍ଡା ସମସ୍ତ ସୁଚନା ପ୍ରଦାନ କରିଛନ୍ତି। ଏହି ଘଟଣାର ମୁଖ୍ୟ ଖଳନାୟକବିବେକଙ୍କ ସମ୍ପର୍କୀୟ ଅଟନ୍ତି ଯିଏ କି ୧୪ ବର୍ଷୀୟ ନାବାଳକ ଓ ତାକୁ ମଧ୍ୟ ଗିରଫ କରିଛି ପୋଲିସ। ଏହି ଯୁବକ ହିଁ ବିବେକଙ୍କ ଘରର ସମସ୍ତ ତଥ୍ୟ ଅନ୍ୟ ଅଭିଯୁକ୍ତଙ୍କୁ ପ୍ରଦାନ କରିବା ସହ ଚୋରି ଘଟଣାରେ ମଧ୍ୟ ସଂପୃକ୍ତି ଥିଲା। ଗିରଫ ୪ ନାବାଳକଙ୍କ ସମେତ ଟିକିରା ସାହିର ଟୁନା ଦାସ(୨୧), ଭଞ୍ଜ ଛକର ଶିବ ବାରିକ(୨୨) ଏବଂ ଚୋରି ସାମଗ୍ରୀ କିଣିବା ଅଭିଯୋଗ ରେ ରିତେଶ କରକରା ଲେପଟପ କିଣିଥିଲେ ଏବଂ ସୁନା ଅଳଙ୍କାର କିଣିବା ଅଭିଯୋଗରେ ଉମରକୋଟ ସନ୍ତୋଷୀ ନଗରର କିଶୋର ଗୌଡ଼ ରହିଛନ୍ତି । ପୋଲିସ ଏହି ଅଭିଯୁକ୍ତଙ୍କ ନିକଟରୁ ସୁନାହାର ୩ ଟା, କାନଫୁଲ ୮ ଟା, ମୁଦି ୧ , ମଙ୍ଗଳ ସୂତ୍ର ୧, ସୁନା ଚୁଡ଼ି ୬ ଟା, ଲେପଟପ୍ ୧ ଓ ୨ ଟା ରୂପା ଗୋଡଆଙ୍ଗୁଠି ଜବତ କରିଛି। ଯାହାର ସମସ୍ତ ମୂଲ୍ୟପ୍ରାୟ ୯ ଲକ୍ଷ ଟଙ୍କା ହେବ ବୋଲି କହିଛି ଉମରକୋଟ ପୋଲିସ। ସମସ୍ତ ସାମଗ୍ରୀକୁ ଉମରକୋଟ ପୋଲିସ ବିବେକ ନାୟକଙ୍କୁ ଫେରସ୍ତ କରି ଦେଇଛି। ତେବେ ଚୋରି ହୋଇଥିବା ସମସ୍ତ ସାମଗ୍ରୀ ଉଦ୍ଧାର ହୋଇଯାଇଛି । ଘଟଣାରେ ଆଉ କାହାର ସଂପୃକ୍ତି ନାହିଁ ବୋଲି ଘଟଣାର ତଦନ୍ତ ଅଧିକାରୀ ଶିବଜି ପଣ୍ଡା ସୁଚନା ପ୍ରଦାନ କରିଛନ୍ତି।

ଇନ୍ଦ୍ରାବତୀରୁ ବିଶାଖାପାଟଣା ବସ୍ ଚଳାଚଳ ନେଇ ବିଧାୟକଙ୍କୁ ଦାବିପତ୍ର

ତେନ୍ତୁଳିଖୁଣ୍ଟି (ଭାସ୍କର ନ୍ୟୁଜ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳି ଖୁଣ୍ଟି ବ୍ଲକ ଇନ୍ଦ୍ରାବତୀ ଠାରୁ ବିଶାଖାପାଟଣା ଆନ୍ଧ୍ର ସରକାରଙ୍କ ଏକ ଯାତ୍ରୀବାହୀ ବସ ଚଳାଚଳ କରୁଥିଲା । ତେନ୍ତୁଳି ଖୁଣ୍ଟି ବ୍ଲକରେ ବହୁତ୍ ତେଲୁଗୁ ସମ୍ପ୍ରଦାୟର ଲୋକେ ବସବାସ କରୁଛନ୍ତି । ତେଣୁ ଏହି ସମ୍ପ୍ରଦାୟର ଲୋକେ ପ୍ରାୟ ବିଶାଖାପାଟଣା ଯାତାୟାତ କରୁଛନ୍ତି । ଏଥି ସହ ତେନ୍ତୁଳି ଖୁଣ୍ଟି ବ୍ଲକର ଜନସାଧାରଣ ମଧ୍ୟ ବିଶାଖାପାଟଣା ଯାତାୟାତ କରିଥାନ୍ତି । ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ସହ ଚିକିତ୍ସା ପାଇଁ ବିଶାଖାପାଟଣା ଯିବାକୁ ପଡୁଛି । କିନ୍ତୁ କୌଣସି କାରଣରୁ ଏହି ବସ ବନ୍ଦ ରହିଛି । ତେଣୁ ଜନସାଧାରଣଙ୍କୁ ଚିକିତ୍ସା ଓ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ପାଇଁ ବହୁତ୍ ଅସୁବିଧା ହେଉଛି । ତେଣୁ ଇନ୍ଦ୍ରାବତୀରୁ ବିଶାଖାପାଟଣା ବସ ଚଳାଚଳକୁ ନେଇ ଶନିବାର ନବରଙ୍ଗପୁର ଜିଲ୍ଲା ତେନ୍ତୁଳୀଖୁଣ୍ଟି ବ୍ଲକ ଚରାମୁଲା ଗ୍ରାମ ବାସୀ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବିଶେଷ କରି ଚରାମୁଲା ଗ୍ରାମରେ ତେଲୁଗୁସମ୍ପ୍ରଦାୟ ପ୍ରାୟ ୭୦ପ୍ରତିଶତ ବସବାସ କରୁଥିବା ବେଳେ ଖାତିଗୁଡା, ଗୌଡ଼ ଗୁଡା, ତେନ୍ତୁଳୀଖୁଣ୍ଟି, ପୂଜାରୀଗୁଡା, ନରସିଂହ ଗୁଡା, ଭଳି ବହୁ ଗ୍ରାମରେ ଶତାଧିକ ତେଲୁଗୁ ସମ୍ପ୍ରଦାୟ ବସବାସ କରୁଛନ୍ତି । ଏମାନଙ୍କ ପାରିବାରିକ ସମ୍ପର୍କ ଆନ୍ଧ୍ର ସହ ଜଡିତଏବଂ ମେଡିକାଲ, ବାଣିଜ୍ୟ, କରିବାକୁ ହେଲେ ପଡୋଶୀ ରାଜ୍ୟ ଆନ୍ଧ୍ର ସହ ଜଡିତ। ଏମାନେ ଆନ୍ଧ୍ର ଯାତାୟାତ କରିବାକୁ ହେଲେ ତିନଟି ବସ୍ ବଦଳିବାକୁ ପଡୁଛି । ଫଳରେ ବହୁ ଅସୁବିଧାର ସମ୍ମୁଖୀନ ହୋଇବାକୁ ପଡୁଛି । ବର୍ତ୍ତମାନ ଆନ୍ଧ୍ର ବସ ତିନିବର୍ଷ ହେବ ବନ୍ଦ ହୋଇଯାଇଛି। ଓଡିଶା ପରିବହନ ପକ୍ଷରୁ ଇନ୍ଦ୍ରାବତୀ ବିଶାଖାପାଟଣା କ୍ଲଷ୍ଟକ୍ଷଷ୍ଟମ ବସ୍ ପରମିଟ ଥାଇ ମଧ୍ୟ ଇନ୍ଦ୍ରାବତୀ ନଯାଇ ନବରଙ୍ଗପୁରରେ ରହିଯାଉଛି। ଏ ନେଇ ବିଧାୟକ ଗୌରୀ ଶଙ୍କର ମାଝୀ ଆନ୍ଧ୍ର ବସ୍ ଚଳାଚଳ ପାଇଁ ପରିବହନ ମନ୍ତ୍ରୀଙ୍କ ସହ ଆଲୋଚନା କରି ତୁରନ୍ତ ସମସ୍ୟାର ସମାଧାନ କରାଇବି ବୋଲି ପ୍ରତିଶୃତି ଦେଇଛନ୍ତି ।

ପାରାଦୀପ ଫସ୍‌ଫେଟ୍ସ ଲିମିଟେଡ଼ ପକ୍ଷରୁ ବିଶ୍ୱ ଗୁଣବତ୍ତା ଦିବସ ପାଳିତ

ପାରାଦୀପ(ଭାସ୍କର ନ୍ୟୁଜ): ପାରାଦୀପ ଫସଫେଟ୍ସ ଲିମିଟେଡ଼ (ପିପିଏଲ୍) ପାରାଦୀପ ପ୍ଲାଣ୍ଟ ପରିସରରେ ସପ୍ତାହ ବ୍ୟାପି ବିଶ୍ୱ ଗୁଣବତ୍ତା ଦିବସ ଉଦଘାଟିତ ହୋଇଯାଇଛି । ଏହି ଅବସରରେ ପରିଚାଳନା ନିର୍ଦ୍ଦେଶକ ସୁରେଶ କ୍ରିଷ୍ଣନ ଗୁଣବତ୍ତା ପତାକା ଉତ୍ତୋଳନ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ପରିଚାଳନା ଅଧିକାରୀ ରାଜୀବ ନାମ୍ବିଆର, ମୁଖ୍ୟ ଅର୍ଥ ଅଧିକାରୀ ବିଜୟ କୁମାର ବିଶ୍ୱାଳ, ମୁଖ୍ୟ ଉତ୍ପାଦନ ଅଧିକାରୀ ପଲାନିସାମି ଭେଲୁସାମି, ମୁଖ୍ୟ ସାଧାରଣ ପରିଚାଳକ ସୁମିତ ସେନାପତିଙ୍କ ସମେତ ଅନ୍ୟ ବରିଷ୍ଠ କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତ ଥିଲେ । ପିପିଏଲର କର୍ପୋରେଟ ବ୍ୟାପାର ମୁଖ୍ୟ ସୁଧୀ ରଂଜନ ମିଶ୍ର ଉପସ୍ଥିତ ସମସ୍ତ କର୍ମଚାରୀଙ୍କୁ ଗୁଣାତ୍ମକ ପ୍ରତିଶ୍ରୁତିର ଶପଥ ପାଠ କରାଇଥିଲେ । ଚଳିତ ବର୍ଷ ବିଶ୍ୱ ଗୁଣବତ୍ତା ଦିବସର ବିଷୟବସ୍ତୁ ଥିଲା 'ଗୁଣବତ୍ତା ଠାରୁ କାର୍ଯ୍ୟକ୍ଷମତା ପର୍ଯ୍ୟନ୍ତ' ।ପରିଚାଳନା ନିର୍ଦ୍ଦେଶକ ଶ୍ରୀ କ୍ରିଷ୍ଣନ ତାଙ୍କ ଅଭିଭାଷଣରେ ପିପିଏଲ୍ ଦ୍ୱାରା ଉତ୍ପାଦିତ ଉତ୍ପାଦ ଏବଂ କମ୍ପାନୀ ଦ୍ୱାରା ପ୍ରଦତ୍ତ ସେବାରେ ସର୍ବୋଚ୍ଚ ଗୁଣବତ୍ତା ମାନ ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ଗୁଣାତ୍ମକ ଅଭିଯାନ-ଜ୍ଞାନ ବଣ୍ଟନ ଅଧିବେଶନ, କୃଷକମାନଙ୍କ ପାଇଁ ସଚେତନତା ସଭା ଏବଂ ଗୁଣାତ୍ମକ ମାନର ମହତ୍ତ୍ୱ ବିଷୟରେ ଆଲୋଚନା ଓ ସଚେତନତା ସୃଷ୍ଟି କରାଯାଇଥିଲା । ଏହି ଅବସରରେ ଆୟୋଜିତ ପ୍ରବନ୍ଧ, ସ୍ଲୋଗାନ୍ ଏବଂ କୁଇଜ୍ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ କମ୍ପାନୀ ଉପ ସାଧାରଣ ପରିଚାଳକ ସଂଜୀବ ତ୍ରିପାଠୀ ପରିଚାଳନା କରିଥିଲେ ।

ଜିଲ୍ଲା ସଡକ ସୁରକ୍ଷା କମିଟି ପକ୍ଷରୁ ସମୀକ୍ଷା ବୈଠକ

ପୁରୀ (ଭାସ୍କର ନ୍ୟୁଜ): ସଡକକୁ ସୁରକ୍ଷିତ ରଖାଯାଇପାରିଲେ ସଡ଼କ ସୁରକ୍ଷା ସହଜ ହୋଇପାରିବ। ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ। ପରସ୍ପର ସୁସମନ୍ୱୟ ରଖି କାର୍ଯ୍ୟ କଲେ ସଡକ ସୁରକ୍ଷା ସଫଳ ହେବା ସହ ଅନେକ ଜୀବନ ରକ୍ଷା ହୋଇପାରିବ ବୋଲି କହିଛନ୍ତି ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା। ସର୍କିଟ ହାଉସରେ ପରିବହନ ବିଭାଗ ପକ୍ଷରୁ ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଶ୍ରୀ ବେହେରା ସଡକ ସୁରକ୍ଷା ପାଇଁ ଥିବା ନିୟମ ଓ ମାର୍ଗଦର୍ଶିକାକୁ ଅନୁପାଳନ କରାଗଲେ ନିଶ୍ଚିତ ଭାବେ ଦୁର୍ଘଟଣା ହ୍ରାସ ପାଇବ । ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ, ପୋଲିସ ବିଭାଗ, ପରିବହନ ବିଭାଗ, ସ୍ୱାସ୍ଥ୍ୟ ବିଭାଗର ଯୁଗ୍ମ ଧରପଗଡ ଜାରି ରଖିବା, ଲୋକଙ୍କୁ ସଚେତନ କରାଇବା, ଦୁର୍ଘଟଣା ପ୍ରବଣ ସ୍ଥାନ ଓ କାରଣ ଚିହ୍ନଟ କରି ବୈଜ୍ଞାନିକ ପଦ୍ଧତିରେ ଏହାର ନିରାକରଣ ଉପରେ ସେ ଗୁରୁତ୍ୱ ଦେଇଥିଲେ। ପ୍ରାରମ୍ଭରେ ଆଞ୍ଚଳିକ ପରିବହନ ଅଧିକାରୀ ରବିନ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତ କରିବା ସହ ଜିଲ୍ଲାର ତଥ୍ୟ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ଅକ୍ଟୋବର ସୁଦ୍ଧା ୨୧୩୨ ବିନା ହେଲମେଟ ଯାତ୍ରା କରାଯାଇ ୭୫ ଲାଇସେନ୍ସ ସସପେଣ୍ଡ କରାଯାଇଥିବା ବେଳେ ଦ୍ରୁତ ଗତିରେ ଗାଡି ଚାଳନା କ୍ଷେତ୍ରରେ ୪୫୧୭ କେଶ ମଧ୍ୟରୁ ୭୦୧ ଲାଇସେନ୍ସ ସସପେଣ୍ଡ କରାଯାଇଛି। ସିଟବେଲ୍ଟ ଉଲ୍ଲଙ୍ଘନ କ୍ଷେତ୍ରରେ ୭୪ ଜଣ, ଗାଡି ଚାଳନା ବେଳେ ମୋବାଇଲ ବ୍ୟବହାର କ୍ଷେତ୍ରରେ ୧୩୪ ଜଣ, ମାଦକ ଦ୍ରବ୍ୟ ସେବନ କରି ଗାଡି ଚାଳନା କ୍ଷେତ୍ରରେ ୧୮୨ ଜଣଙ୍କୁ ଚିହ୍ନଟ କରାଯାଇଥିଲା। ଏହି ସମସ୍ତ ଘଟଣାରେ ମୋଟ ୭୦୫୮ କେଶ ମଧ୍ୟରୁ ୮୪୨ ଜଣଙ୍କ ଲାଇସେନ୍ସ ରଦ୍ଦ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ୨୦୨୪ ଅକ୍ଟୋବର ମାସ ସୁଦ୍ଧା ୧୨୬୫ ଚାଲାଣ କଟାଯାଇ ୫୨୯ ଫଏସଲା ହୋଇ ୩୨,୦୭,୧୪୨ ଟଙ୍କା ରାଜସ୍ୱ ଆଦାୟ ହୋଇଥିବା ବେଳେ ୭୩୬ ଟି ପେଣ୍ଡିଙ୍ଗ ରହିଛି ଓ ୮୧ ଜଣଙ୍କର ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଛି ବୋଲି ପରିବହନ ବିଭାଗ ସୂତ୍ରରୁ ପ୍ରକାଶ। ବୈଠକରେ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସିଡ଼ିଏମଓଙ୍କ ପ୍ରତିନିଧି ଡା ପବିତ୍ର ମୋହନ ମଲ୍ଲିକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମମତା ମିଶ୍ର, ରାଜ୍ୟ ବସ ମାଲିକ ସଂଘର ସଭାପତି ଲୋକନାଥ ପାଣି, ଟୁରିଷ୍ଟ ବସ ମାଲିକ ସଂଘ ସମ୍ପାଦକ ପ୍ରଦୀପ କୁମାର ଦାସ, ପୁରୀ ବେସରକାରୀ ବସ ମାଲିକ ସଂଘର ରାଜବଲ୍ଲଭ ମିଶ୍ର, ଏଡିଆଇଓ ଦୂର୍ଗା ପ୍ରସାଦ ଜେନା, ଟାଉନ ବସ ମାଲିକ ସଂଘର ପ୍ରତିନିଧି, ଜାତୀୟ ରାଜପଥ ପ୍ରତିନିଧି ବରଦାକାନ୍ତ ସାହୁ, ଅନ୍ୟାନ୍ୟ ବିଭାଗର ଅଧିକାରୀ, ବସ ମାଲିକ ସଂଘର ପ୍ରତିନିଧି ଓ ସଦସ୍ୟ ଅଂଶଗ୍ରହଣ ଥିଲେ। ପ୍ରାରମ୍ଭରେ ଜିଲ୍ଲା ପରିବହନ କାର୍ଯ୍ୟାଳୟ ସ୍ୱତନ୍ତ୍ର ଅଧିକାରୀ ରବିନ ପଟ୍ଟନାୟକ ସମସ୍ତଙ୍କୁ ସ୍ୱାଗତଯୋଗ୍ୟ କରିଥିଲେ। ଏମଭିଆଇ ଅମିତ କୁମାର ରଣା ଧନ୍ୟବାଦ ଅର୍ପଣ କରିଥିଲେ।

ଭଦ୍ରକ ଆରଏମ୍‌ସି ନୂତନ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ(ଭାସ୍କର ନ୍ୟୁଜ): ଭଦ୍ରକ ନିୟନ୍ତ୍ରିତ ବଜାର କମିଟି (ଆରଏମସି)ର ନୂତନ ସମ୍ପାଦକ ଭାବେ ମୃତ୍ୟୁଞ୍ଜୟ ପଣ୍ଡା ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ଆରଏମ ସିର କର୍ମଚାରୀଙ୍କ ପକ୍ଷରୁ ନୂତନ ସମ୍ପାଦକ ଶ୍ରୀ ପଣ୍ଡାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଓ ବଦଳି ସମ୍ପାଦକ ସଞ୍ଜୟ ଦାସଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ନୂତନ ସମ୍ପଦକ ଶ୍ରୀ ପଣ୍ଡା ବିଦାୟୀ ସମ୍ପାଦକ ଶ୍ରୀ ଦାସଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ । ଦାୟିତ୍ୱ ଗ୍ରହଣ ଅବସରରେ ନୂତବ ସମ୍ପାଦକ ଶ୍ରୀ ପଣ୍ଡା କହିଥିଲେ ଯେ, ସମସ୍ତଙ୍କ ସହଯୋଗରେ ଆରଏମସିର ଆର୍ଥିକ ଅବିବୃଦ୍ଧି କରିବା ସହ ଜନସାଧାରଣଙ୍କ ଉନ୍ନତି ଦିଗରେ ପଦକ୍ଷେପ ନିଆଯିବ । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଯୋଗ ଦେଇଥିବା ବେଳେ ଆରଏମସି କର୍ମଚାରୀ ଅକ୍ଷୟ ମଲ୍ଲିକ, ରଞ୍ଜିତ ଲେଙ୍କା, ସୋମନାଥ ଦାସ, ବଳରାମ ମିଶ୍ର, ସୁଧାକର ପଣ୍ଡା, ମୁକ୍ତିକାନ୍ତ ପରିଡ଼ା, ଗଦାଧର ବେହେରା ପ୍ରମୁଖ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

ହିନ୍ଦୋଳ ସାମ୍ବାଦିକ ସଂଘ ବାର୍ଷିକ ଉତ୍ସବରେ ଯୋଗଦେଲେ ସାଂସଦ

ରାସୋଲ(ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ଅନ୍ତର୍ଗତ ରାସୋଲ ଦାମିନୀ ପ୍ଲାଜା ସଭାଗୃହରେ ଜାତୀୟ ପ୍ରେସ ଦିବସରେ ହିନ୍ଦୋଳ ସାମ୍ବାଦିକ ସଂଘର ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ଡଃ ରବିନାରାୟଣ ପଣ୍ଡା, ଅବସରପ୍ରାପ୍ତ ଅଧ୍ୟାପକ ମହେଶ୍ୱର ପଟ୍ଟନାୟକ ଓ ରମେଶ ଚନ୍ଦ୍ର ସାହୁ, ପୂର୍ବତନ ବିଧାୟକ ମହେଶ୍ୱର ନାଏକ ଜାତୀୟ ପ୍ରେସ ଦିବସରେ ସାମ୍ବାଦିକଙ୍କୁ ମୁଲ୍ୟବାନ ଉପଦେଶ ପ୍ରଦାନ କରିବା ସହିତ ସାମ୍ବାଦିକଙ୍କର ସମସ୍ୟା ଗୁଡିକ ଉପରେ ଆଲୋଚନା କରିଥିଲେ। ସଭାକୁ ପରିଚାଳନା କରିଥିଲେ ହିନ୍ଦୋଳ ସାମ୍ବାଦିକ ସଂଘର ସଭାପତି ଶୁଶାନ୍ତ କୁମାର ପତି। ଜାତୀୟ ପ୍ରେସ ଦିବସରେ ହିନ୍ଦୋଳ ମାଟିର ଯେଉଁ ସୂଯୋଗ୍ୟ ସନ୍ତାନ ଦେଶପାଇଁ ସହିଦ ହୋଇଛନ୍ତି ସେହି ପରିବାରକୁ ପୁଷ୍ପଗୁଚ୍ଛ ଏବଂ ମାନପତ୍ର ଦେଇ ସମ୍ମାନୀତ କରିବା ସହିତ ହିନ୍ଦୋଳ ଉପଖଣ୍ଡରେ ବିଭିନ୍ନ ବିଭାଗରେ କୃତିତ୍ୱ ଏବଂ ସଫଳତା ଲାଭ କରିଥିବା ବ୍ୟକ୍ତି ବିଶେଷ ଏବଂ ଅନୁଷ୍ଠାନଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସଂଘର ସମ୍ପାଦକ ଦିଲ୍ଲୀପ ବେହେରା, ଏବଂ ସମସ୍ତ ସାମ୍ବାଦିକ ସହଯୋଗ କରିଥିଲେ। ଶେଷରେ ସମସ୍ତ ସାମ୍ବାଦିକଙ୍କୁ ଉପଢୌକନ ଏବଂ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ ସାଂସଦ ରୁଦ୍ରନାରାୟଣ ପାଣି।

ରାଉରକେଲାରେ ପାଳିତ ହେଲା ଜାତୀୟ ପ୍ରେସ୍ ଦିବସ

ରାଉରକେଲା(ଭାସ୍କର ନ୍ୟୁଜ): ସାରା ଦେଶରେ ଶନିବାର ପାଳନ ହୋଇଛି ଜାତୀୟ ପ୍ରେସ୍ ଦିବସ। ଏହି ଦିନ ଭାରତୀୟ ଗଣମାଧ୍ୟମ ପରିଷଦ ବା ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ ଗଠିତ ହୋଇଥିବାରୁ ଏହିଦିନଟିକୁ ଜାତୀୟ ପ୍ରେସ୍ ଦିବସ ଭାବେ ପାଳନ କରାଯାଇଥାଏ। ଏହି କ୍ରମରେ ରାଉରକେଲା ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ସହରର ଉଦିତ ନଗର ସ୍ଥିତ ଆଇଟିଡିଏ ସମ୍ମି

କଳା ଓ ସଂସ୍କୃତିର ମହାକୁମ୍ଭ 'ମହାବୀର ମହୋତ୍ସବ' ଉଦ୍‌ଯାପିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ମହାବୀର ସାଂସ୍କୃତିକ ଅନୁଷ୍ଠାନର ୬୦ତମ ଜନ୍ମ ବାର୍ଷିକ କାର୍ଯ୍ୟକ୍ରମ "ମହାବୀର ମହୋତ୍ସବ" ଗତ ନଭେମ୍ବର ୮ ତାରିଖ ଠାରୁ ଆରମ୍ଭ ହୋଇ ୧୪ ତାରିଖ ଗୁରୁବାର ଦିନ ଉଦ୍‌ଯାପିତ ହୋଇଯାଇଛି । ଏହି ସପ୍ତାହ ବ୍ୟାପି କାର୍ଯ୍ୟକ୍ରମରେ ରାଜ୍ୟସ୍ତରୀୟ ଲୋକନୃତ୍ୟ ମହୋତ୍ସବ, ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀ, ସମୂହ ଶିଶୁ ନୃତ୍ୟ ପ୍ରତିଯୋଗିତା, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ବକ୍ତୃତା, ଗଳ୍ପ ଓ କବିତା ରଚନା, କୁଇଜ୍, ଶିଶୁଶ୍ରୀ ତଥା ଅନ୍ୟାନ୍ୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ୧୨ ତାରିଖ ମଙ୍ଗଳବାର ସଂଧ୍ୟାରେ ଅନୁଷ୍ଠାନର ପ୍ରାକ୍ତନ ସଭାପତି ଜୟନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାହିତ୍ୟ ସଭାରେ ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠାନର ମୁଖପତ୍ର 'ଗିରିଝର'ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ ହୋଇଥିଲା । ଜାତୀୟ ପୁରସ୍କାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସନ୍ତୋଷ କୁମାର କର ଏବଂ ଅନୁଷ୍ଠାନର କୃତି ସଭ୍ୟ ତଥା ବରିଷ୍ଠ ଉଦଘୋଷକ ସୁଶୀଲ ଗହିରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ୧୩ ତାରିଖ ଦିନ "କଳାହାଣ୍ଡିର ପାରମ୍ପରିକ କୃଷି ବିଭବ" ସଂପର୍କରେ ଏକ ଆଲୋଚନା ଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା । ୧୪ ତାରିଖ ଦିନ ଉଦ୍‌ଯାପନୀ ଉତ୍ସବ ସମାରୋହରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମହାବୀର ସମ୍ମାନ-୨୦୨୪, ରାଜ୍ୟସ୍ତରୀୟ ପ୍ରଫେସର ଭୁବନେଶ୍ୱର ବେହେରା ସାହିତ୍ୟ ସମ୍ମାନ-୨୦୨୪, ରାଜ୍ୟସ୍ତରୀୟ ନାଟ୍ୟରଶ୍ମି ପ୍ରଫୁଲ୍ଲ କୁମାର ରଥ ନାଟ୍ୟ ସମ୍ମାନ-୨୦୨୪, ସୁଗୃଣୀ ସମ୍ମାନ-୨୦୨୪ ଓ କଳାହାଣ୍ଡି ଯୁବ ପ୍ରତିଭା ସମ୍ମାନ-୨୦୨୪ ଯୁବ ନୃତ୍ୟ ଶିଳ୍ପୀ ଏଲ୍.ଈଶ୍ୱର ରାଓଙ୍କୁ ପ୍ରଦାନ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବର ଉଦ୍‌ଘାଟକ ଭାବରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଯୋଗ ଦେଇଥିବାବେଳେ ମୁଖ୍ୟ ଅତିଥି ଭାବରେ ମୁଖ୍ୟ ପ୍ରକଳ୍ପ ଉନ୍ନୟନ ଅଧିକାରୀ କଳାହାଣ୍ଡି ଦୟାମୟ ପାଢୀଙ୍କ ସହ ବିଶିଷ୍ଟ ଅତିଥି ଭାବରେ ଖଡିଆଳର ବିଶିଷ୍ଟ ଶିକ୍ଷାବିତ୍ ଡ. ଫଣିନ୍ଦମ୍ ଦେଓ ଯୋଗ ଦେଇଥିଲେ । ଅନୁଷ୍ଠାନର ସଭାପତି ଶାନ୍ତନୁ କୁମାର ବେହେରା, ସମ୍ପାଦକ ସତ୍ୟ ନାରାୟଣ ସିଂହଙ୍କ ପରିଚାଳନାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଯୁଗ୍ମ ସଂପାଦକ ସଞ୍ଜୀବ କୁମାର ସିଂହ ଓ ଧନ୍ୟବାଦ ଅର୍ପଣ କରିଥିଲେ ଉପସଭାପତି ସଞ୍ଜୟ କୁମାର। ଚଳିତ ବର୍ଷ ସମ୍ମାନଜନକ ରାଜ୍ୟସ୍ତରୀୟ ମହାବୀର ସମ୍ମାନ-୨୦୨୪ ରେ ବର୍ଷିୟାନ୍ କ୍ରୀଡ଼ାବିତ୍ ଦୁର୍ଗାଚରଣ ମିଶ୍ର, ରାଜ୍ୟସ୍ତରୀୟ ପ୍ରଫେସର ଭୁବନେଶ୍ୱର ବେହେରା ସାହିତ୍ୟ ସମ୍ମାନ-୨୦୨୪ରେ ଡ. ପ୍ରୀତିଧାରା ସାମଲ, କୋରାପୁଟ, ନାଟ୍ୟରଶ୍ମି ପ୍ରଫୁଲ୍ଲରଥ ନାଟ୍ୟ ସମ୍ମାନ-୨୦୨୪ ନିର୍ଦ୍ଦେଶକ ଦେବବ୍ରତ ପଟ୍ଟନାୟକ ଭୁବନେଶ୍ୱର, ସୁଗୃହିଣୀ ସମ୍ମାନ-୨୦୨୪ ସଂଯୁକ୍ତା ବେହେରା ଜୁନାଗଡ ବ୍ଲକ, କଳାହାଣ୍ଡି ଯୁବ ପ୍ରତିଭା ସମ୍ମାନ-୨୦୨୪ ଏଲ୍. ଈଶ୍ୱର ରାଓଙ୍କୁ ଅତିଥିମାନେ ପ୍ରଦାନ କରିଥିଲେ । ପରେ ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତି ପର୍ଯ୍ୟନ୍ତ ପରିବେଷଣ କରାଯାଇଥିଲା । ସାଂସ୍କୃତିକ କାର୍ଯ୍ୟକ୍ରମକୁ କଳାହାଣ୍ଡିର ଅନ୍ୟତମ ଉଦ୍‌ଘୋଷକ ସୁଶିଲ ଗହିର ଓ ଅନୁଷ୍ଠାନର ନାଟ୍ୟ ସଂପାଦକ ସୁଶାନ୍ତ କୁମାର ସିଂହ ପରିଚାଳନା କରିଥିଲେ । ସପ୍ତାହ ବ୍ୟାପି ଚାଲିଥିବା କାର୍ଯ୍ୟକ୍ରମକୁ ଅନୁଷ୍ଠାନର ବରିଷ୍ଠ କର୍ମକର୍ତ୍ତା ଓ ସଦସ୍ୟମାନେ ପରିଚାଳନା କରିଥିଲେ ।

ଜାତୀୟ ଶିଶୁ ଚିତ୍ରକଳା ପ୍ରତିଯୋଗିତା ଓ ପ୍ରଦର୍ଶନୀ ଉଦ୍‌ଯାପିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ): ସ୍ଥାନୀୟ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଓ କଳାହାଣ୍ଡି ଆର୍ଟ ଫାଉଣ୍ଡେସନର ମିଳିତ ଉଦ୍ୟମରେ ଗତ ତିନିଦିନ ଧରି ଚାଲିଥିବା 'ଜାତୀୟ ଶିଶୁ ଚିତ୍ରକଳା ପ୍ରତିଯୋଗିତା-୨୦୨୪ ଓ ପ୍ରଦର୍ଶନୀ' ୧୪ ତାରିଖ ଗୁରୁବାର ଦିନ ଉଦ୍‌ଯାପିତ ହୋଇଯାଇଛି । ଏହି ଜାତୀୟ କାର୍ଯ୍ୟକ୍ରମକୁ ଓଡିଶା ଲଳିତ କଳା ଏକାଡେମୀର ପ୍ରାକ୍ତନ ସଚିବ ପଞ୍ଚାନନ ସାମଲ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ସଭାପତି ଭାବେ ବରିଷ୍ଠ ଶିଳ୍ପୀ ପ୍ରଭାସ ଚନ୍ଦ୍ର ମିଶ୍ର, ବିଶିଷ୍ଟ ଅତିଥି ଭାବେ ପିଏମ୍ ଶ୍ରୀ ମ୍ୟୁନିସିପାଲ ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ଇଲାରାଣୀ ମହାନ୍ତି, ଅନ୍ୟତମ ଅତିଥି ଭାବେ ଏମ୍‌ଏସ୍‌ଏର ସଭାପତି ଶାନ୍ତନୁ କୁମାର ବେହେରା, ସମ୍ପାଦକ ସତ୍ୟନାରାୟଣ ସିଂ, ଆର୍ଟ ଫାଉଣ୍ଡେସନ୍‌ର ପରିଚାଳକ ମୁକୁନ୍ଦ ରେଡ୍ଡି, ଗୋବିନ୍ଦ ରେଡ୍ଡି, ବିଜନ ରେଡ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ଦେଶର ଛତିଶଗଡ଼, ରାଜସ୍ଥାନ, କେରଳ, ଝାଡ଼ଖଣ୍ଡ, ତେଲେଙ୍ଗାନା, ପଶ୍ଚିମବଙ୍ଗ, ଆସାମ ଓ ଓଡ଼ିଶା ଇତ୍ୟାଦି ରାଜ୍ୟରୁ ୪୦୦୫ଜଣ ଶିଶୁ ଚିତ୍ରକର ଏହି ପ୍ରତିଯୋଗିତାରେ ଭାଗ ନେଇଥିଲା ବେଳେ ସେଥିମଧ୍ୟରୁ ୪୧୫ଟି ଚିତ୍ର ମନୋନୀତ ହୋଇ ଏହି ପ୍ରଦର୍ଶନୀରେ ସ୍ଥାନିତ ହୋଇଥିଲା । ଏହି ଅବସରରେ କୁନି କଳାକାରମାନଙ୍କର ଚିତ୍ର ଥିବା ଏକ ମନୋଜ୍ଞ କ୍ୟାଟଲଗ୍ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । କାର୍ଯ୍ୟକ୍ରମରେ ବିମଳା କନ୍‌ଭେଣ୍ଟ ସ୍କୁଲ, ଶ୍ରୀ ସତ୍ୟସାଇ ବିଦ୍ୟାମନ୍ଦିର ଭବାନୀପାଟଣା ଓ ଡିଏଭି ପବ୍ଲିକ ସ୍କୁଲ, ଛାଲ, ଛତିଶଗଡ଼କୁ କଳାଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା ବେଳେ ପ୍ରତିଯୋଗିତାର ସର୍ବୋତ୍ତମ ପୁରସ୍କାର ସରକାରୀ ଉଚ୍ଚ ବିଦ୍ୟାଳୟ, ଖଲିଆଭଟା, ଜୟପାଟଣାର ପ୍ରଧାନଶିକ୍ଷକ ଉମାଶଙ୍କର ପଣ୍ଡାଙ୍କୁ ପ୍ରଦାନ କରାଯାଇଥିଲା । ଏହି ପ୍ରଦର୍ଶନୀର ସଫଳତା ନିମନ୍ତେ ଶୋଭନ, ରୋହନ, ହରି, ଟଗର, ମାନସ ରଞ୍ଜନ ସେଠୀ, ନରସିଂହ ମାଝୀଙ୍କ ସହଯୋଗକୁ ମୁକୁନ୍ଦ ରେଡ୍ଡି ଧନ୍ୟବାଦ ଜଣାଇଥିଲେ ।

ଶେଷ ହେଲା କାର୍ତ୍ତିକ ପଞ୍ଚୁକ ବ୍ରତ

ନର୍ଲା, (ଭାସ୍କର ନ୍ୟୁଜ): ଭକ୍ତିମୟ ପରିବେଶ ମଧ୍ୟରେ ସମ୍ପନ୍ନ ହେଲା ନର୍ଲା ଅଞ୍ଚଳରେ କାର୍ତ୍ତିକ ପଞ୍ଚୁକ ବ୍ରତ । ହିନ୍ଦୁ ଶାସ୍ତ୍ର ଅନୁସାରେ ବର୍ଷର ବାର ମାସ ମଧ୍ୟରେ କାର୍ତ୍ତିକ ମାସକୁ ଧର୍ମ ମାସ ବୋଲି କୁହାଯାଏ । ଏହି ମାସରେ ନିରାମିଷ ଭୋଜନ କରି ପ୍ରଭୁଙ୍କ ପୂଜାର୍ଚ୍ଚନା କଲେ କୋଟି ଜନ୍ମର ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି । ସେଥିପାଇଁ ଆମ ରାଜ୍ୟର ଜଗନ୍ନାଥ ମନ୍ଦିରରେ ହବିଶିଆଳିଙ୍କ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଆୟୋଜନ କରିଥାନ୍ତି । ଦେଶର ବିଭିନ୍ନ ପ୍ରାନ୍ତରୁ ଭକ୍ତ ଆସି ପୁଣ୍ୟ ଅର୍ଜନ ସକାଶେ ପୁରୀରେ କାର୍ତ୍ତିକ ବ୍ରତ ପାଳନ କରିଥାନ୍ତି । ଏହି କାର୍ତ୍ତିକ ମାସର ଶେଷ ଦିନକୁ ଓଡ଼ିଶାର ନୌବାଣିଜ୍ୟ ପରମ୍ପରାକୁ ମନେ ପକେଇବା ଉଦ୍ଦେଶ୍ୟରେ ମଧ୍ୟ ବୋଇତ ବନ୍ଦାଣ ଉତ୍ସବ ଭାବରେ ପାଳନ କରାଯାଇ ଥାଏ । ଧର୍ମ ମାସ କାର୍ତ୍ତିକର ୩୦ ଦିନ ମଧ୍ୟରୁ ଶେଷ ପାଞ୍ଚ ଦିନକୁ ପଞ୍ଚୁକ ବା ଭୀଷ୍ମ ପଞ୍ଚୁକ ବୋଲି କୁହାଯାଏ । ଏହି ପଞ୍ଚୁକର ବିଶେଷ ମହତ୍ତ୍ୱ ରହିଛି । ଲୋକ କଥା ଅନୁସାରେ ଏହି ପଞ୍ଚୁକ ଏତେ ପବିତ୍ର ଯେ ବଗ ଭଳି ପ୍ରାଣୀ ମଧ୍ୟ ମାଛ ଖାଇବା ବନ୍ଦ କରି ମଣିଷକୁ ଶିକ୍ଷା ଦେଇଥାଏ । ସେଥିପାଇଁ କାର୍ତ୍ତିକ ପଞ୍ଚୁକକୁ ସମସ୍ତ ପୁରପଲ୍ଲୀରେ ଆନନ୍ଦ ଉଲ୍ଲାସ ସହିତ ଭକ୍ତିମୟ ପରିବେଶରେ ପାଳନ କରାଯାଇଥାଏ । ପଞ୍ଚୁକ ପାଞ୍ଚ ଦିନକୁ ଲୋକେ ନିଷ୍ଠାର ସହ ପାଳନ କରିଥାନ୍ତି । ପ୍ରତ୍ୟହ ଭୋର୍ ସମୟରେ ନିକଟସ୍ଥ ପୋଖରୀ କିମ୍ବା ନଈକୁ ଯାଇ ବୁଡ଼ ପକେଇ ତୁଳସୀ ମୂଳରେ ପାଣି ଦେବା ସହିତ ଧୂପ ଦୀପ ଦେଇ ପୂଜା କରିଥାନ୍ତି । ତା'ପରେ ମଣ୍ଡପକୁ ଯାଇ ପୂଜାର୍ଚ୍ଚନା ପରେ ପୁରାଣ ଶୁଣି ହବିସାର୍ଣ୍ଣ ଭୋଜନ କରିବା ସହିତ ପ୍ରଭୁଙ୍କ ପାଖରେ ନିଜକୁ ସମର୍ପଣ କରିଥାଆନ୍ତି । ଏହି ପଞ୍ଚୁକ ପାଳନ ଦ୍ୱାରା ମଣିଷ ଉପରେ କଣ ପ୍ରଭାବ ପଡ଼ିଥାଏ ତାର ବୈଜ୍ଞାନିକ କାରଣ ମଧ୍ୟ ରହିଛି । ଏହି କାର୍ତ୍ତିକ ମାସରେ ଧାନ ଫୁଲ ହୋଇଥାଏ, ଧାନରେ ଦେଉଥିବା ସାର ଓ କୀଟନାଶକ ଔଷଧ ଯୋଗୁଁ ଧାନଫୁଲ ବିଷାକ୍ତ ହୋଇଥାଏ, ତାକୁ ବିଲରେ ଥିବା ମାଛ ଖାଇଥାନ୍ତି । ସେହି ବିଷାକ୍ତ ମାଛକୁ ନଖାଇ ମାସେ କାଳ କାର୍ତ୍ତିକ ବ୍ରତ ପାଳନ କରିବା ସହିତ ହବିଷାର୍ଣ୍ଣ ଭୋଜନ କଲେ ମଣିଷ ସୁସ୍ଥ ରହିବାରେ ସହାୟକ ହୋଇଥାଏ।

କାମରେ ଆସୁନି ଲକ୍ଷ୍ମୀବସ୍ ଷ୍ଟପ୍

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ): ସରକାର ଲକ୍ଷ୍ମୀ ବସ୍ ଯୋଜନାରେ ବ୍ଲକରୁ ପ୍ରତି ପଞ୍ଚାୟତକୁ ବସ୍‌ଗୁଡ଼ିକ ଚଳାଇଥିବା ବେଳେ ସମସ୍ତ ପଞ୍ଚାୟତଗୁଡ଼ିକରେ ବସ୍‌ଷ୍ଟପଗୁଡ଼ିକ ଯାତ୍ରୀଙ୍କ ପାଇଁ ନିର୍ମାଣ କରାଯାଇଛି । ହେଲେ କେତେକ କ୍ଷେତ୍ରରେ କାମରେ ଆସୁନଥିବାର ମଧ୍ୟ ଦେଖିବାକୁ ମିଳିଛି । କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଗଣ୍ଡାମେର ଗ୍ରାମପଞ୍ଚାୟତ ତୁଳସୀପଡ଼ାର ବିଜୁ ଏକ୍ସପ୍ରେସ ରାସ୍ତା କଡ଼ରେ ନିର୍ମାଣ କରିଥିବା ଲକ୍ଷ୍ମୀ ବସ୍ ଷ୍ଟପ୍ କାମରେ ଆସୁନଥିବା ଲୋକଲୋଚନରେ ଚର୍ଚ୍ଚା ହେଉଛି । ଗୋଲାମୁଣ୍ଡା ବ୍ଲକରେ ୨୮ଗୋଟି ପଞ୍ଚାୟତକୁ ମୋଟ ୪ଟି ଲକ୍ଷ୍ମୀ ବସ୍ ଯୋଗାଇ ଦେଇଥିବା ବେଳେ ଗୋଲାମୁଣ୍ଡାରୁ ଜିଲ୍ଲା ସଦରମହକୁମା ଅଭିମୁଖେ ଆଜକୁ ତିନି ମାସ ହେବ ଲକ୍ଷ୍ମୀ ବସ୍ ଚଳାଚଳ ଠପ୍ ହୋଇରହିଛି । ଯାହାଫଳରେ ଅନେକ ଜନସାଧାରଣ ଓ କଲେଜ ଛାତ୍ରଛାତ୍ରୀ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି । ଏପଟେ ସରକାର ଜନସାଧାରଣଙ୍କ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ମଧ୍ୟ କାମରେ ଆସୁନି ତେବେ ପ୍ରଶାସନ ଓ ଠିକାଦାରଙ୍କ ପୋଷାନୀତି ଆପଣେଇଛନ୍ତି କି ବୋଲି ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଏ ନେଇ ବିଡ଼ିଓ ଶ୍ରୀଧର ପଣ୍ଡାଙ୍କୁ ଫୋନ କଲେ ତଦନ୍ତ କରି ସମାଧାନ ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଛନ୍ତି । ତୁରନ୍ତ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ବସ୍ ଚଳାଚଳ କରିବା ସଙ୍ଗେ ଗଣ୍ଡାମେର ବସ୍ ଷ୍ଟପ୍‌ରେ ଅଟକିବାକୁ ଶଙ୍କର ପଟେଲ, ଭାଗିରଥି ମେହେର, ଟୁନୁ ନାଏକ, ଜିତୁ ତୋଳଟିଆ ପ୍ରମୁଖ ଦାବି ହେଉଛି ।

ରାଜ୍ୟସ୍ତରୀୟ 'ଜାତୀୟ ନିର୍ମାଣ ପୁରସ୍କାର'ରେ ଦୁଇ ଶିକ୍ଷକ ସମ୍ମାନିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ): ଶିଶୁ ଦିବସ ପାଳନ ଅବସରରେ କଳାହାଣ୍ଡି ଜିଲ୍ଲାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ଖଲିଆ ଭଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉମାଶଙ୍କର ପଣ୍ଡା ଏବଂ ବରିଷ୍ଠ ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ଭୁବନେଶ୍ୱର ସ୍ଥିତ ବୁଦ୍ଧ ମନ୍ଦିର ସାଧାରଣ ପ୍ରକୋଷ୍ଠରେ ଓଡ଼ିଶା ସରକାର ଓ ଆନ୍ତର୍ଜାତିକ ସଂସ୍ଥା ରୋଟାରୀ କ୍ଲବ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ 'ଜାତୀୟ ନିର୍ମାଣ ପୁରସ୍କାର' ପ୍ରଦାନ କରାଯାଇଛି । କାର୍ଯ୍ୟକ୍ରମରେ ସେମାନଙ୍କୁ ମାନପତ୍ର ଓ ଟ୍ରଫି ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଛି । ଏହି ସମ୍ବର୍ଦ୍ଧନା ସଭାରେ ଭୁବନେଶ୍ୱରର ଦୁଇ ବିଧାୟକ ଅନନ୍ତ ନାରାୟଣ ଜେନା ଓ ସୁଶାନ୍ତ ରାଉତ ତଥା ରୋଟାରୀ କ୍ଲବର ସଭାପତି ବାସୁଦେବ ଭଟ୍ଟ, ପୂର୍ବତନ ଜିଲ୍ଲାପାଳ ଅନୀଲ କୁମାର ସାମଲ, ସାହିତ୍ୟିକ ଆଶିଷ ମହାନ୍ତି ଓ ଡାକ୍ତର ସଞ୍ଜୟ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଓଡ଼ିଶାର ୨୩ଟି ଜିଲ୍ଲାରୁ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ବିଦ୍ୟାଳୟରୁ ୫୦ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଏହି ଉତ୍ସବରେ ସମ୍ମାନିତ କରାଯାଇଥିଲା । ବିଭାଗୀୟ ବିଦ୍ୟାଳୟ ଗୁଡିକରେ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଶିକ୍ଷାଦାନ, ନିରାପତ୍ତା ଓ ସୁରକ୍ଷା ତଥା ଉତ୍ସର୍ଗୀକୃତ ସେବା ପାଇଁ ଏହି ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହା ଏକ ସମୟ ଉପଯୋଗୀ ପଦକ୍ଷେପ ଏବଂ ଏହାଦ୍ୱାରା ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କ ମନୋବଳ ସୁଦୃଢ଼ ହେବ ବୋଲି ଅତିଥିମାନେ ପ୍ରକାଶ କରିବା ସହ ସମ୍ବର୍ଦ୍ଧିତ ହୋଇଥିବା ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ଖବର ମିଳିବା ପରେ କଳାହାଣ୍ଡି ଜିଲ୍ଲାର ସଂପୃକ୍ତ ବିଭାଗୀୟ ବିଦ୍ୟାଳୟମାନଙ୍କର ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ତଥା ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି ।

କୁମ୍ଭାରୀ ବାଲିଘାଟରୁ ବେଧଡ଼କ ବାଲି ଚୋରାଚାଲାଣ

ନିରବଦ୍ରଷ୍ଟା ସାଜିଛି ପ୍ରଶାସନ

ଧର୍ମଗଡ଼, (ଭାସ୍କର ନ୍ୟୁଜ): ଚଳିତ ବର୍ଷର ବର୍ଷାରେ ନଦୀରେ ବନ୍ୟା ପାଣି ଆସିବା ପରେ ନଦୀକୂଳିଆ ଲୋକେ ଯେତେ ଚକିତ ଥିଲେ ସେତିକି ଉତ୍ସାହିତ ମଧ୍ୟ ଥିଲେ । ବର୍ଷା ଋତୁରେ ଆସିଥିବା ବନ୍ୟା ପାଇଁ ପ୍ରଚୁର ପରିମାଣରେ ବାଲି ନଦୀରେ ଭରପୂର ଥିବାବେଳେ ବାଲି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡ଼ିଛି । ସରକାରୀଙ୍କ ନିୟମକୁ ବେଖାତିର କରି ନଦୀଘାଟରୁ ବେଧଡ଼କ ବାଲି ଉଠାଣ ଚାଲିଛି । ଲିଜ୍‌ଧାରୀ ମାଲାମାଲ୍ । ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ ହେଉଥିବା ବେଳେ ସ୍ଥାନୀୟ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଶୂନ୍ । କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କୁମ୍ଭାରୀ ବାଲିଘାଟରୁ ଆସିଛି ଏଭଳି ସଂଗୀନ ଅଭିଯୋଗ । ସୂଚନା ଅନୁଯାୟୀ ଗୋଲାମୁଣ୍ଡା ତହସିଲ ଅଧିନସ୍ଥ କୁମ୍ଭାରୀ ତେଲ ନଦୀ ବାଲି ଘାଟରୁ ପ୍ରୋକଲିନ, ଜେସିବି ଓ ହାଇୱା ଦ୍ୱାରା ବେଧଡ଼କ ବାଲି ଉଠାଣ ଚାଲିଛି । କିନ୍ତୁ ପ୍ରଶାସନ ଚେଇଁ ଶୋଇଛି । ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ ଘଟୁଛି । ଅଭିଯୋଗରୁ ଜଣାଯାଏ ଯେ କୁମ୍ଭାରୀ ତେଲ ନଦୀ ଘାଟରୁ ବାଲି ଉଠାଣ ପାଇଁ ଜଣେ ବ୍ୟକ୍ତି ଲିଜ୍ ନେଇଥିବା ବେଳେ ପାଟନରସିପ୍‌ରେ ଆହୁରି ୩ଜଣ ବାଲି ମାଫିଆ ନିଜ ମନଇଚ୍ଛା ନଦୀରୁ ବାଲି ଉଠାଇ ଚୋରା ଚାଲାଣ କରୁଛନ୍ତି । ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଓ କଳାହାଣ୍ଡି ଖଣି ବିଭାଗ ଦୃଷ୍ଟି ଦେଉ ନଥିବାରୁ ବୈଦିକ ପ୍ରୋକଲିନ ଓ ଜେସିବି ସାହାଯ୍ୟରେ ଶହ ଶହ ହାଇୱା ଓ ଟ୍ରାକ୍ଟରରେ ବାଲି ବୋଝେଇ ହୋଇ ଗୋଲାମୁଣ୍ଡାରୁ ଭବାନୀପାଟଣା-ଜୟପାଟଣା ଏପରିକି ନବରଙ୍ଗପୁର, ଛତିଶଗଡ଼ ତଥା ରାଜ୍ୟ ବାହାରକୁ ବାଲି ଚାଲାଣ ହେଉଛି ଯାହାର ଫଳ ସ୍ୱରୂପ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ଘଟୁଥିବା ଅଭିଯୋଗ ହେଉଛି । ଅନ୍ୟପକ୍ଷରେ ଗୋଲାମୁଣ୍ଡା ବ୍ଲକରେ ପାଖାପାଖି ୧୫ରୁ ଊର୍ଦ୍ଧ୍ୱ ବାଲି ଘାଟ ରହିଛି । ହେଲେ କେତେ ବାଲି ଘାଟର ଲିଜ୍ ଅବଧି ସରି ଯାଇଥିବା ବେଳେ କଳାହାଣ୍ଡି ଖଣି ବିଭାଗକୁ ସଲାସୁତୁରା କରି ଅନେକାଂଶ ବାଲି ଘାଟ ବେଆଇନରେ ଚାଲୁଥିବା ଅଭିଯୋଗ ହୋଇଛି । ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ବେଆଇନ ବାଲି ଚାଲାଣ ବନ୍ଦ ହେବା ସହ ବହୁ ପରିମାଣର ରାଜସ୍ୱ ସରକାରଙ୍କ ରାଜକୋଷକୁ ଯିବ । ଏନେଇ କଳାହାଣ୍ଡି ଜିଲ୍ଲା ଖଣି ଡେପୁଟି ଡାଇରେକ୍ଟର ବି ସୋରେନଙ୍କୁ ପଚାରିବାରୁ ବାଲିଘାଟରେ ଲିଜ୍‌ଧାରୀଙ୍କୁ ମେସିନ ସାହାଯ୍ୟରେ ବାଲି ଉଠାଇବା ପାଇଁ ନିର୍ଦ୍ଦେଶ ରହିଛି ଯଦି ଚୋରାଚାଲାଣ ହେଉଥିବ ତା'ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

ଶ୍ରୀମଦ ଭାଗବତ କଥାମୃତ

କେସିଙ୍ଗା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକ ଅନ୍ତର୍ଗତ ନୁନମାଟ ପଞ୍ଚାୟତ ସ୍ଥିତ ନୁନମାଟ ଡି କେ ରାଇସ୍ ମିଲ୍‌ରେ ସା